RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-247 ◆FRIDAY ◆06 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪୭ ◆ଶୁକ୍ରବାର ◆୦୬ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସେମିରେ ସାମ୍ସନ୍ ଶ୍ରେଷ୍ଠ ଖେଳାଳି

▶ପୃଷ୍ଠା ୧୨ ଦେଖନ୍ତୁ...

## ସପ୍ତମ ଦିନରେ ମଧ୍ୟପ୍ରାଚ୍ୟ ଯୁଦ୍ଧ

# କମ୍ପୁଛି ଜଳ-ସ୍ଥଳ-ଆକାଶ



■ ତେହେରାନ/ତେଲ ଅଭିଭ୍, ୫।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଆହୁରି ଭୟଙ୍କର ହେବାରେ ଲାଗିଛି। ଯୁଦ୍ଧର ଷଷ୍ଠ ଦିନରେ ଇରାନ ପକ୍ଷରୁ ଇସ୍ରାଏଲ ଉପରକୁ ଶତାଧିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଅନ୍ୟପଟେ ଇସ୍ରାଏଲ ଓ ଆମେରିକା ମଧ୍ୟ ମିଳିତ ଭାବେ ଇରାନର ଅଭ୍ୟନ୍ତରୀଣ ସୁରକ୍ଷା ବାହିନୀ (ଆଇଆରଜିସି) ଓ ବାସିଜ ୟୁନିଟ୍ ଉପରେ ଆକ୍ରମଣ ଜାରି ରଖିଛନ୍ତି। ଇରାନ ପକ୍ଷରୁ ଏଭଳି ଅପ୍ରତ୍ୟାଶିତ ଆକ୍ରମଣକୁ ନେଇ ଆମେରିକା ବିଚଳିତ ହୋଇପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ ଇରାନ ଇସ୍ରାଏଲ ସମେତ ଉପସାଗର ଅଞ୍ଚଳରେ ଥିବା ବିଭିନ୍ନ ଦେଶରେ ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ଚଳାଇଛି। କାତାର ରାଜଧାନୀ ଦୋହାରେ ଆଜି ବିସ୍ଫୋରଣ ହୋଇଛି। ଦୋହାରେ ଶକ୍ତିଶାଳୀ ବିସ୍ଫୋରଣ ପରେ ଆମେରିକୀୟ ଦୂତାବାସ ନିକଟରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେହିପରି ବାହାରିନରେ ମଧ୍ୟ ଇରାନ ଆକ୍ରମଣ କରିଛି। କୁଏତ ଉପକୂଳରେ ଏକ ଟ୍ୟାଙ୍କର ବିସ୍ଫୋରଣ ଯୋଗୁଁ ସମୁଦ୍ରରେ ପ୍ରଚୁର ତେଲ ବୋହିଯାଇଛି, ଯାହା ପରିବେଶ ▶ପୃଷ୍ଠା-୧୦

**ଦୋହାରେ ବିସ୍ଫୋରଣ, ଆଜରବାଇଜାନ ବିମାନ ବନ୍ଦରରେ ଡ୍ରୋନ୍ ମାଡ଼**

**ଆମେରିକାର ସବୁଠାରୁ ବଡ଼ 'ରାଡାର'କୁ ଧ୍ୱଂସ କଲା ଇରାନ**

**ଆମେରିକା ତୈଳ ଟ୍ୟାଙ୍କର ଉପରେ ଇରାନର ଆକ୍ରମଣ**

**ଖାମେନେଇଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତକଲା ଭାରତ**

## ଇରାନୀୟ ଯୁଦ୍ଧଜାହାଜକୁ ବୁଡ଼ାଇଦେଲା ଆମେରିକା; ୮୭ ମୃତ

■ ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ଭାରତରେ ଆୟୋଜିତ ନୌସେନା ଅଭ୍ୟାସରେ ଯୋଗ ଦେଇ ଫେରୁଥିବା ଇରାନର ଯୁଦ୍ଧ ଜାହଜ 'ଆଇଆରଆଇଏସ୍ ଡେନା'କୁ ଆମେରିକା ଟର୍ପିଡୋ ମାଡ଼ କରି ବୁଡ଼ାଇ ଦେଇଛି। ଶ୍ରୀଲଙ୍କା ଉପକୂଳରେ ଘଟିଥିବା ଏହି ଆକ୍ରମଣରେ ଅତିକମ୍‌ରେ ୮୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୨ଜଣ ଆହତ ହୋଇଛନ୍ତି ଏବଂ ଅନେକ ନିଖୋଜ ଅଛନ୍ତି।

ଏହି ଯୁଦ୍ଧ ଜାହାଜଟି ଭାରତର ବହୁରାଷ୍ଟ୍ରୀୟ ନୌସେନା ଅଭ୍ୟାସ 'ମିଲାନ ୨୦୨୬'ରେ ଅଂଶଗ୍ରହଣ କରିଥିଲା। ଅଭ୍ୟାସ ଶେଷ କରି ଫେରିବା ବେଳେ ଶ୍ରୀଲଙ୍କାର ଗାଲେ ବନ୍ଦର ସହରର ପ୍ରାୟ ୪୦କିମି ଦକ୍ଷିଣରେ ଆକ୍ରମଣର ଶିକାର ହୋଇଥିଲା। ଶ୍ରୀଲଙ୍କା ନୌସେନା ଅଧିକାରୀଙ୍କ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୮୭ଟି ଶବ ଉଦ୍ଧାର କରାଯାଇଛି। ୩୨ ଜଣ ଜବତ ଏବେ ମଧ୍ୟ ୬୧ ଜଣ ନିଖୋଜ ଅଛନ୍ତି। ଜାହଜା ବୁଡ଼ିବା ପୂର୍ବରୁ ▶ପୃଷ୍ଠା-୧୦

## ଟି ୨୦ ବିଶ୍ୱକପ | ଫାଇନାଲରେ ଭାରତ

■ ମୁମ୍ବାଇ, ୫।୩ (ସମିସ): ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ରୋମାଞ୍ଚଭରା ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୭ ରନ୍‌ରେ ପରାସ୍ତ କରି ଭାରତ ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ପାଇଁ ଭାରତକୁ ଆମନ୍ତ୍ରଣ କରିଥିଲା। ଓପନର୍ ସଞ୍ଜୁ ସାମ୍ସନ୍‌ଙ୍କ ଧୂଆଁଧାର ୮୯ ରନ୍ ସହ ଇଶାନ୍ କିଶାନ୍‌ଙ୍କ ୩୯ ଏବଂ ଶିବମ୍ ଦୁବେଙ୍କ ୪୩ ରନ୍ ଭାଗିଦାରୀରେ ଭାରତ ଇଂଲଣ୍ଡ ଆଗରେ ୨୫୩ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲା। ଜବାବରେ ଇଂଲଣ୍ଡ ଲଢୁଆ ବ୍ୟାଟିଂ କରି ବିଜୟର ନିକଟତର ହୋଇଥିଲା। ଜାକବ୍ ବେଥାଲ୍ ୪୮ଟି ବଲ୍‌ରେ ୧୦୫ ରନ୍ କରି ଭାରତକୁ ଅଡୁଆରେ ପକାଇଥିଲେ। ତେବେ ଶେଷ ଭାଗରେ ମାପଚୁପ ବୋଲିଂ ବଳରେ ଭାରତ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଥିଲା। ଆସନ୍ତା ୮ ତାରିଖ (ରବିବାର) ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ରାଜ୍ୟସଭା ନିର୍ବାଚନ | ୪ ଆସନ ପାଇଁ ୬ ନାମାଙ୍କନ

### ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପଙ୍କ ଆବିର୍ଭାବ ପରେ ରୋଚକ ସ୍ଥିତିରେ ରାଜ୍ୟ ରାଜନୀତି





■ ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଗୁରବାର ନାମାଙ୍କନ ପତ୍ର ଦାଖଲର ଶେଷଦିନ ଥିବାବେଳେ ମୋଟ ୫ ଜଣ ନାମାଙ୍କନ ଭରିଛନ୍ତି। ବିଜେପିରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସୁଜିତ୍ କୁମାର ନାମାଙ୍କନ ଦାଖଲ କରିଥିବା ବେଳେ ବିଜେଡିରୁ ଡ. ସଂତୃପ୍ତ ମିଶ୍ର ମନୋନୟନ ପତ୍ର ଭରିଛନ୍ତି। ସେହିପରି ବିଜେଡି, କଂଗ୍ରେସ ଓ ସିପିଆଇ(ଏମ)ରୁ ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ଓ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହା ପୂର୍ବରୁ ଆନ୍ଧ୍ରପ୍ରଦେଶର ଜଣେ ପ୍ରାର୍ଥୀ ନାମାଙ୍କନ କରିଥିବାରୁ ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ▶ପୃଷ୍ଠା-୧୦

**ବିଜେଡିରୁ ସଂତୃପ୍ତ, ବିଜେପିରୁ ମନମୋହନ ଓ ସୁଜିତ୍ ଦାଖଲ କଲେ ପ୍ରାର୍ଥିପତ୍ର**

**ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମାଙ୍କନ**

### ସଂତୃପ୍ତ ଓ ଦତ୍ତେଶ୍ୱରଙ୍କ ବିଜୟ ହେବ: ନବୀନ

■ ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ବିଜୟ ନିଶ୍ଚିତ ବୋଲି କହିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ଉଭୟ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ନବୀନ ଯୋଗ ଦେବା ସହ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭରିଲେ ନାମାଙ୍କନ | ରାଜ୍ୟସଭା ଯିବେ ନୀତୀଶ

### ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ?



■ ପାଟନା/ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ବିହାର ରାଜନୀତିର ଚାଣକ୍ୟ କୁହାଯାଉଥିବା ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ରାଜ୍ୟସଭାକୁ ଯିବେ। ରାଜ୍ୟସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କରି ଆଜି ସେ କେବଳ ବିହାର ନୁହେଁ; ଜାତୀୟ ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ଧରି ବିହାରରେ ଶାସନ କ୍ଷମତାରେ ଥିବା ନୀତୀଶ ଗତ ନଭେମ୍ବର ମାସରେ ଦଶମ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଏମିତି କଣ ପରିସ୍ଥିତି ସୃଷ୍ଟି ହେଲା ଯେ ସେ ହଠାତ୍ ବିହାର ଛାଡ଼ି କେନ୍ଦ୍ର ରାଜନୀତିକୁ ଡେଇଁଛନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି। ଏବେ ତାଙ୍କ ସ୍ଥାନରେ କିଏ ମୁଖ୍ୟମନ୍ତ୍ରୀ ହେବ ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।

୭୫ ବର୍ଷୀୟ ନୀତୀଶ ବିହାର ଛାଡ଼ି ରାଜ୍ୟସଭାକୁ ଯିବେ ଗତକାଲି ଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଆଜି ନୀତୀଶ ବୃିବୃତି ଜାରି କରି ରାଜ୍ୟସଭା ଯିବା କଥା ସତ ବୋଲି ସ୍ପଷ୍ଟ କରିଦେଇଥିଲେ। ତେବେ ସେ ▶ପୃଷ୍ଠା-୧୦

## ଆଜି ଆସୁଛନ୍ତି ଅମିତ ଶାହ

### ଭୁବନେଶ୍ୱରରେ ନ୍ୟାୟ ସଂହିତା ପ୍ରଦର୍ଶନୀକୁ କରିବେ ଉଦ୍‌ଘାଟନ



■ ଭୁବନେଶ୍ୱର, ୫।୩ (ସମିସ): ଭୁବନେଶ୍ୱରରେ ଶୁକ୍ରବାର ଠାରୁ ଆୟୋଜିତ ହେବାକୁ ଥିବା "ନ୍ୟାୟ ସଂହିତା ପ୍ରଦର୍ଶନୀ"କୁ ଉଦଘାଟନ କରିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏହି ଅବସରରେ କଟକର ମୁଣ୍ଡଳି ସ୍ଥିତ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସ୍ଏଫ୍) ତାଲିମ ଅନୁଷ୍ଠାନର ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ଶାହ ପରେଡ୍ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ପୁଲିସ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ "ନ୍ୟାୟ ସଂହିତା ପ୍ରଦର୍ଶନୀ" ଆୟୋଜନ କରାଯାଉଛି। ନୂଆ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ▶ପୃଷ୍ଠା-୧୦






## ବଦଳିଲେ ୭ ରାଜ୍ୟପାଳ

■ ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଆଜି ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେହିପରି ଲଦାଖର ଉପ-ରାଜ୍ୟପାଳ କବିନ୍ଦର ଗୁପ୍ତା ମଧ୍ୟ ଇସ୍ତଫା ଦେଇଛନ୍ତି। ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବିଙ୍କୁ ପଶ୍ଚିମବଙ୍ଗର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ଆଜି ମୋଟ ୭ଟି ରାଜ୍ୟର ରାଜ୍ୟପାଳଙ୍କ ସମେତ ଦିଲ୍ଲୀ ଓ ଲଦାଖର ଉପ-ରାଜ୍ୟପାଳ ବଦଳିଛନ୍ତି।

**ଆର୍‌ଏନ୍ ରବିଙ୍କୁ ପଶ୍ଚିମବଙ୍ଗ ଦାୟିତ୍ୱ**

**ଲଦାଖ ଓ ଦିଲ୍ଲୀରେ ନୂଆ ଉପ-ରାଜ୍ୟପାଳ**

ଗୁରୁବାର ରାତିରେ ରାଷ୍ଟ୍ରପତି ଭବନରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ହିମାଚଳ ପ୍ରଦେଶ ରାଜ୍ୟପାଳ ଶିବ ପ୍ରସାଦ ଶୁକ୍ଳାଙ୍କୁ ତେଲଙ୍ଗାନା ରାଜ୍ୟପାଳ ନିଯୁକ୍ତ କରାଯାଇଥିବା ବେଳେ ତେଲଙ୍ଗାନା ରାଜ୍ୟପାଳ ଜେଡି ବର୍ମାଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଅବସ୍ଥାପିତ କରାଯାଇଛି। ମହାରାଷ୍ଟ୍ର ରାଜ୍ୟପାଳ ▶ପୃଷ୍ଠା-୧୦




# ଦୋଳଯାତ୍ରା ଓ ହୋଲି ଆନନ୍ଦ ଉଲ୍ଲାସରେ ପାଳିତ

**ଅନୁଗୋଳ,୫ ।୩(ସମିସ):** ଅନୁଗୋଳ ସହର ସମେତ କନ୍ୟାବେଢ଼ା, କୁଲାଡ଼, ଗିରାଙ୍ଗ, ବଳରାମପ୍ରସାଦ, ତୁରଙ୍ଗ, ଶୁସୁଡ଼ା, କୁମୁରସିଂଘା ଆଦି ଗ୍ରାମରେ ଦୋଳଯାତ୍ରା ମହା ସମାରୋହରେ ପାଳିତ ହୋଇଛି । ଗ୍ରାମ ପରିବେଶକୁ ଆନନ୍ଦର ମାହୋଲରେ ଭରିଦିଏ । ରାଧାକୃଷ୍ଣଙ୍କ ସୁସଜ୍ଜିତ ଦୋଳ ବିମାନ ମହା ପଟୁଆର ବାହାରି ଗ୍ରାମ ପରିକ୍ରମା କରି ଦୋଳମଣ୍ଡପରେ ପହଞ୍ଚିଥିଲେ । ଠାକୁରଙ୍କୁ ମେଳଣ ପଡ଼ିଆସ୍ଥ





ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଅପରାହ୍ନ ୫ଟାରେ ରାଧାକୃଷ୍ଣଙ୍କ ଯୁଗଳ ବିଗ୍ରହଙ୍କୁ ସୁସଜିତ ବିମାନରେ ବିରାଜିତ କରାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରଯାଇଥିଲା । ଦୋଳ ଯାତ୍ରାର ବିଶେଷତ୍ୱ ହେଲା ଗାଁକୁ ଗାଁ ବୁଲିବ ଦୋଳ ବିମାନ । ଦୋଳ ବିମାନ ଶୋଭାଯାତ୍ରାରେ ସାମିଲ ହେବ ଛତି, ତରାଶ, ଆଲଟ, ଚାମର, ଲଉଡ଼ି ଖେଳ ସାଙ୍ଗକୁ ପାଇକ ଆଖଡ଼ା, ଗଉଡ଼ ବାଡ଼ି, ଗୋପାଳ ନୃତ୍ୟ, ଘଣ୍ଟୁଆ, ସଂକୀର୍ତ୍ତନ ଦଳ । ଆଉ ସବୁଠୁ ଆକର୍ଷଣ ହେଲା ରାଜାରାଣୀ କଣ୍ଢେଇ ନାଚ । ଏ ସବୁ ମଣ୍ଡପରେ ବିଜେ କରଯାଇଥିଲା । ଏହି ଅବସରରେ ମେଳଣ ପଡ଼ିଆରେ ବିଭିନ ଦୋକାନ ବଜାର ଓ ଗ୍ରାମର ଦଣ୍ଡ ନୃତ୍ୟ ଦଳ ରାତିରେ ଦଣ୍ଡନୃତ୍ୟ ପ୍ରଦର୍ଶନ କରିଥିଲେ । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସବୁଠି ପୁଲିସ ନିୟୋଜିତ ହୋଇଥିଲେ ।

ଦୋଳ ପୂର୍ଣ୍ଣିମା ପରଦିନ ରଙ୍ଗର ପର୍ବ ହୋଲି ଅନୁଗୋଳରେ ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଛି । ଦୋକାନ ବଜାର ଗାଡ଼ିମଟର ସବୁ ବନ୍ଦ ରହିଥିଲା । ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ସମସ୍ତ ସଦସ୍ୟ ପରସ୍ପରକୁ ଅବିର, ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜ୍ଞାପନ କରି ଆନନ୍ଦ ଉତ୍ସାହ ସହ ହୋଲି ପାଳନ କରିଥିଲେ । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏହି ଉତ୍ସବରେ ସାମିଲ ହୋଇ ସଙ୍ଘରେ ଭାଇଚାରାର ସମ୍ପର୍କ ସୁଦୃଢ଼ ହେଉ ବୋଲି କାମନା କରିଥିଲେ । ସଂଘ ସଭାପତି ଅମରେଶ ସ୍ୱାଇଁ, ସାଧାରଣ ସମ୍ପାଦକ ରଜତ ମହାପାତ୍ର, ସହ ସମ୍ପାଦକ ମନୋଜ ଗୁପ୍ତା, ସୁଶୀଲ ସ୍ୱାଇଁ, ପ୍ରମୋଦ ବ୍ରହ୍ମା, ସୂର୍ଯ୍ୟକାନ୍ତ ସାମନ୍ତଙ୍କ ସମେତ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସଂଗ୍ରାମ ଦାସ, ବାଉରୀବନ୍ଧୁ ମହାପାତ୍ର, ବିଜୟ ମହାପାତ୍ର, ବିଜୁ ପଟ୍ଟନାୟକ, ଗଦାଧର ପ୍ରଧାନ ପ୍ରମୁଖ ବହୁ ସଦସ୍ୟ ଉତ୍ସବରେ ସାମିଲ ହୋଇଥିଲେ । ସେହିପରି ନାଲକୋ ନଗର ଅଞ୍ଚଳରେ ବିଭିନ୍ନ ଶ୍ରମିକ ୟୁନିୟନ କାର୍ଯ୍ୟାଳୟରେ ନାଲକୋ କର୍ମଚାରୀମାନେ ପରସ୍ପରକୁ ଅବିର, ରଙ୍ଗ ବୋଳୁ ହୋଲିର ଶୁଭେଚ୍ଛା ଜ୍ଞାପନ କରିଥିଲେ । ବିଭିନ୍ନ ସ୍ଥାନରେ ଯୁବଗୋଷ୍ଠୀ ଦଳ ଦଳ ହୋଇ ସାଙ୍ଗସାଥୀ ଗହଣରେ ହୋଲି ଉତ୍ସବ ପାଳନ କରି ଭରପୂର ମଜା ଉଠାଇଥିଲେ ।

# ଝାରବନ୍ଧଲୀ ଗାଁରେ ଗୁଳିମାଡ଼; ୨ ଗୁରୁତର

**କିଶୋରନଗର,୫ ।୩(ସମିସ):**

କିଶୋରନଗର ଥାନା ଧଉରାପାଲ୍ଲୀ ପଞ୍ଚାୟତ ଝାରବନ୍ଧଲୀ ଗାଁରେ ଠେଙ୍ଗାମାଡ଼ ଓ ଗୁଳିମାଡ଼ରେ ୨ଜଣ ଗୁରୁତର ଆହତ ହୋଇଛନ୍ତି । ଦୋଳଯାତ୍ରା ଦିନ ଝାରବନ୍ଧଲୀ ଗାଁର ୪/୫ଜଣ ଯୁବକ ବାମୁର ଦୋଳଯାତ୍ରା ଦେଖିବାକୁ

**● ୧ ପ୍ଲାଟୁନ ପୁଲିସ ମୁତୟନ**

ଯାଇଥିଲେ । ସେଠାରେ ମାଣିକପୁର ଗାଁର କିଛି ଯୁବକଙ୍କ ସହ ବଚସା ହୋଇ ମାରପିଟ ହୋଇଥିଲେ । ସେ ଦିନ ରାତିରେ ଥାନାରେ ଲିଖିତ ଅଭିଯୋଗ କରିବା ଥାନାରେ ବିକ୍ଷୋଭ କରିଥିଲେ । ପୁଲିସ ଅଭିଯୁକ୍ତଙ୍କୁ ଧରାଯିବ ବୋଲି କହିବାରୁ



ଉତ୍ୟକ୍ତ ଲୋକେ ଫେରିଯାଇଥିଲେ । ଗୁରୁବାର ମାଣିକପୁର ଗାଁର କିଛି ଯୁବକ ବନ୍ଧୁକ ଓ ଠେଙ୍ଗା ଧରି ଝାରବନ୍ଧଲୀ ଗାଁକୁ ଆସି ପୂର୍ବ ରାଗ ଶୁଝାଇବାକୁ ଯାଇ ଗାଁରେ ପଥର ମାଡ଼ ଓ ବନ୍ଧୁକରୁ ଗୁଳି ଫୁଟାଇଥିଲେ । ଏହି ସମୟରେ କିଶୋରନଗର ପୁଲିସ ପହଞ୍ଚିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ । ଝାରବନ୍ଧଲୀ ଓ ମାଣିକପୁର ଗ୍ରାମର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଝାରବନ୍ଧଲୀର ପ୍ରଶାନ୍ତ ମିର୍ଦ୍ଧା, ସୁଶାନ୍ତ ମିର୍ଦ୍ଧା, ଲମ୍ବୋଦର ମିର୍ଦ୍ଧା ଆହତ ହୋଇ ଚିକିତ୍ସା ପରେ ଘରକୁ ଫେରିଛନ୍ତି । ମାଣିକପୁର ଗାଁର ମଦନ ଓ ଲୋକନାଥଙ୍କୁ ପ୍ରଥମେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏଏସ୍‌ପି ରାଜୀବ ଲୋଚନ ପଣ୍ଡା ଝାରବନ୍ଧଲୀ ଗାଁରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି । ଗାଁରେ ୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରି ଶାନ୍ତି ଫେରିଆସିବାକୁ ଗ୍ରାମବାସୀଙ୍କୁ ବୁଝାସୁଝା କରିଛନ୍ତି ।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**ଅନୁଗୋଳ,୫ ।୩(ସମିସ):** ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଛି । ପ୍ରଥମେ ବିଜୁ ମଇଦାନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଚଣ୍ଡୀଖମଣରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି, ବିଜେଡି ରାଜ୍ୟ ପରିଷଦ ସଭ୍ୟ ମହେନ୍ଦ୍ର ବସ୍ତିଆ, ଅନୁଗୋଳ ନଗରପାଳ ଅକ୍ଷୟ ସାମନ୍ତ, ବଣ୍ଟଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, କାଉନସିଲର ସଦାନନ୍ଦ ପଣ୍ଡା, ରଞ୍ଜିତ୍ ମଣ୍ଡୋଠିଆ, ବଳରାମ ଜେନା, ଶଙ୍କର ସେଠୀ, ଜିଲ୍ଲା ବିଜେଡି ଉପ ସଭାପତି ଧରଣୀଧର ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଅନୁଗୋଳ ବ୍ଲକ ସଭାପତି



ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ସମ୍ପାଦକ ମୋହନ ସାହୁ, ନକୁଳ ସାହୁ, ଅଜିତ ଦ୍ୱିବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ପରିଷଦ ସଭ୍ୟ ତଥା ପ୍ରିୟଦର୍ଶୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଆଇନଜୀବୀ ସରୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଯୁବନେତା ଅରୁଣାଭ ସିଂହ ବୈଠକ ପରିଚାଳନା କରିଥିଲେ ।

# ଶ୍ରେଷ୍ଠ ୬ ଦଳରେ ଅନୁଗୋଳ ଜିଲ୍ଲା ବରିଷ୍ଠ କ୍ରିକେଟ ଦଳ



**ଅନୁଗୋଳ,୫ ।୩(ସମିସ):** କଳାହାଣ୍ଡି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ-ଡି ଲିଗ ମ୍ୟାଚରେ ଦଳଗତ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ଅନୁଗୋଳ ଜିଲ୍ଲା ସିନିୟର କ୍ରିକେଟ ଦଳ ଶ୍ରେଷ୍ଠ ୬ ଦଳରେ ସ୍ଥାନ ବଜାୟ ରଖିବା ସହ ଆଗାମୀ କ୍ୱାର୍ଟର ଫାଇନାଲ ଖେଳିବା ନିମନ୍ତେ ଯୋଗ୍ୟତା ହାସଲ କରିଛି । ଓଡ଼ିଶା କ୍ରିକେଟ ସଂଘ ଆନୁକୂଲ୍ୟରେ ଖେଳାଯାଇଥିବା ସମସ୍ତ ଲିଗ ମ୍ୟାଚରେ ଅନୁଗୋଳ ଦଳ ମୟୂରଭଞ୍ଜକୁ ଛାଡ଼ି ଭଦ୍ରକ, ପୁରୀ, ବରଗଡ଼ ଓ ଭୁବନେଶ୍ୱର-ବି ଦଳକୁ ପରାଜିତ କରି ଗ୍ରୁପ-ଡିର ଶୀର୍ଷ ସ୍ଥାନ ଦଖଲ କରିଛି । ଅନୁଗୋଳ ଜିଲ୍ଲା ସିନିୟର କ୍ରିକେଟ ଦଳ ପ୍ରଥମ ଥର ଏହି ଯୋଗ୍ୟତା ହାସଲ କରିଥିବାରୁ ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘ ସଭାପତି, ଓଡ଼ିଶା କ୍ରିକେଟ ସଂଘ ଆପେକ୍ସ କାଉନସିଲ ସଦସ୍ୟ ତଥା ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଶିକ୍ଷକ ଓ ମ୍ୟାନେଜମେଣ୍ଟ କମିଟିକୁ ଧନ୍ୟବାଦ ଜଣାଇଛନ୍ତି । ଏଥିପାଇଁ ବିଧାୟକ ପ୍ରଧାନ ଜିଲ୍ଲା କ୍ରିକେଟ ସଂଘର ସମସ୍ତ ସଦସ୍ୟଙ୍କୁ ଶ୍ରେୟ ଦେବା ସହ ଦଳ ଚୟନକର୍ତ୍ତାଙ୍କ ଅବଦାନ ଅତୁଳନୀୟ ବୋଲି ନିଜ ବ୍ୟକ୍ତବ୍ୟରେ କହିଛନ୍ତି । ଏହି ସଫଳତା ଆଗାମୀ ପ୍ରତିଭାମାନଙ୍କୁ ପ୍ରଭାବିତ କରିବା ସହ ଅନୁଗୋଳ ଜିଲ୍ଲା କ୍ରିକେଟରେ ଏକ ବୈପ୍ଳବିକ ପରିବର୍ତ୍ତନ ହେବା ନେଇ ସେ ଆଶା ପ୍ରକଟ କରିଛନ୍ତି । ଆଗାମୀ କ୍ୱାର୍ଟର ଫାଇନାଲରେ ଜିଲ୍ଲା ଦଳ ସଫଳ ହୋଇ ସେମିଫାଇନାଲ ଖେଳିବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି ।

# ଟ୍ରକ ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର



**କଣିହାଁ,୫ ।୩(ସମିସ):** କଣିହାଁ ବ୍ଲକ ଟାକୁଆ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଟାକୁଆ ଗ୍ରାମର ଶିବୁ ସାହୁ (୨୦)ଙ୍କ ମୃତ୍ୟୁ ଘଟିଥିବାବେଳେ ରାଜେଶ କୁମାର ସାହୁ (୨୦) ଗୁରୁତର ଆହତ ହୋଇଛନ୍ତି । ଶିବୁ ଓ ରାଜେଶ ଡେରଙ୍ଗରେ ଭଲିବଲ ମ୍ୟାଚ ଦେଖି ବାଇକ୍ ଯୋଗେ ଫେରୁଥିବା ବେଳେ ଜିନ୍ଦଲ ପ୍ଲାଣ୍ଟ ସଂଯୋଗ ରାସ୍ତାର ବନ୍ଧ ପାଖରେ କୋଇଲା ବୋଝେଇ ଟ୍ରକ ତାଙ୍କୁ ପଛରୁ ଧକ୍କା ଦେଇଥିଲା । ଗୁରୁତର

**● ରାତି ତମାମ ରାସ୍ତାରୋକ**

**● ୧୮ ଲକ୍ଷ ସହାୟତା ଘୋଷଣା**

ଅବସ୍ଥାରେ ଉଭୟଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା । ତେବେ ଡାକ୍ତର ଶିବୁଙ୍କୁ ମୃତ ଘୋଷଣା କରିଥିଲେ । ରାଜେଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ରାତି ସାଢ଼େ ୧୨ଟାରୁ ସକାଳ ପର୍ଯ୍ୟନ୍ତ ରାସ୍ତାରୋକ ଆନ୍ଦୋଳନ କରିଥିଲେ । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜେଇଆପିଏଲ ଅଧିକାରୀ ସୁରେଶ ବଂଶଲ, ପ୍ରଭାତ ବିଶ୍ୱାଳ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ପରେ କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ୧୮ ଲକ୍ଷ ଟଙ୍କା ଓ ମାସିକ ୧୫ ହଜାର ଟଙ୍କା ଭତ୍ତା ଘୋଷଣା କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଶିବୁଙ୍କ ବାପା କୁଶଧ୍ୱଜ ସାହୁଙ୍କ ଅଭିଯୋଗ ଆଧାରରେ କଣିହାଁ ଥାନାରେ ମାମଲା ରୁଜୁ ହୋଇଛି । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ବିଲମାଳରେ ଅଗ୍ନିକାଣ୍ଡ; ୩ ବାରହା ଗୁରୁତର

**ବଣ୍ଟଁରପାଳ,୫ ।୩(ସମିସ):** ବଣ୍ଟଁରପାଳ ଥାନା ନିକଟ ବନ୍ଧା ପଞ୍ଚାୟତ ଶିବ ମନ୍ଦିର ସାହି ବିଲମାଳରେ ଅଗ୍ନିକାଣ୍ଡ ଘଟି ତିନି ବାରହା ଗୁରୁତର ହୋଇଛନ୍ତି । ଗ୍ରାମର ଯୁବ ସମାଜସେବୀ ସେମାନଙ୍କୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି । ବନବିଭାଗ ସୂଚନା ମୁତାବକ ଗୁରୁବାର ଅପରାହ୍ନରେ କୌଣସି କାରଣରୁ ବିଲମାଳରେ ଅଗ୍ନିକାଣ୍ଡ ଘଟିଥିଲା । ଗ୍ରାମର ଯୁବକମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ତିନିଟି ବାରହା ଛୁଆ ସହ ମା' ପୋଡ଼ି ଯାଉଥିବା ଦେଖି କୌଶଳ କ୍ରମେ ଛୁଆ ତିନିଟିକୁ ଉଦ୍ଧାର କରିଥିଲେ । ମା' ସେଠାରୁ ପଳାଇ ଯାଇଥିଲା । ପରେ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ । ଉଦ୍ଧାର ବାରହା ଛୁଆଙ୍କୁ ଗ୍ରାମର ଯୁବକମାନେ ବନବିଭାଗକୁ ହସ୍ତାନ୍ତର କରିଥିଲେ । ବନବିଭାଗ ଗଣ୍ଡିଗାଡ଼ିଆ ବିଟ୍‌ରେ ସେମାନଙ୍କ ଚିକିତ୍ସା ଚାଲିଥିବା ନେଇ ଫରେଷ୍ଟର କୁଶଧ୍ୱଜ ନାଏକ ସୂଚନା ଦେଇଛନ୍ତି ।

# ବିପୁଳ ମଦ ଜବତ

**ତାଳଚେର,୫ ।୩(ସମିସ):** ତାଳଚେର ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଆତର୍କିତ ଚଢ଼ଉ କରାଯାଇ ୭୧.୫୫ ଲିଟର ବିଦେଶୀମଦ, ୧୨୫ଲିଟର ଦେଶୀମଦ, ୪୯ ହଜାର ୪ଶହ, ୭୦ଟଙ୍କା, ୩ଟି ସ୍କୁଟି ଏବଂ ଗୋଟିଏ ବାଇକ ଜବତ କରାଯାଇଛି । ଏ ନେଇ ଥାନା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି । ତାଳଚେର ଅଞ୍ଚଳର କାଳିଆ ଓରଫ ପ୍ରଦୀପ ସିଂହ ଓ ତାଙ୍କ ସ୍ତ୍ରୀ ରଶ୍ମିତା ସିଂହ ମଦ ବ୍ୟବସାୟ କରୁଥିବା ଖବର ପୁଲିସ ସେଠାରେ ଆତର୍କିତ ଚଢ଼ଉ କରିଥିଲା । ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦଘାଟିତ



**ଅନୁଗୋଳ,୫ ।୩(ସମିସ):** ପବିତ୍ର ହୋଲିରେ ରନ୍ତଲେଇ ପଞ୍ଚାୟତ ମୂଷାପାପୁଲି ଗ୍ରାମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏକ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଏବଂ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିର୍ମିତ ଗୋଷ୍ଠୀକେନ୍ଦ୍ର ଓ ଯାତ୍ରୀ ବିଶ୍ରାମାଗାର ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ପ୍ରମୋଦ ବେହେରା, ବାଙ୍କନିଧି ବେହେରା, ପୂର୍ବତନ ସମିତି ସଭ୍ୟ ସୁଜିତ ସାହୁ, ଗ୍ରାମ୍ୟ କମିଟି ସଭାପତି ଅର୍ଜୁନ ସାହୁ, ସମ୍ପାଦକ ସଂଗ୍ରାମ ସାହୁ, କୃଷ୍ଣ ସାହୁ, ଦିପୁ ସାହୁ, ସିଦ୍ଧୁ ସାହୁ, କୁନା ସାହୁ, ମଙ୍ଗୁଲୁ ସାହୁ, ଜମ୍ବେଶ୍ୱର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

**ଅନୁଗୋଳ,୫ ।୩(ସମିସ):** ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର "ମାଇଁ ଭାରତ ଓ ଜାତୀୟ ସେବା ଯୋଜନା' ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ସଂସଦ-୨୦୨୬' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସୋମେଶ ଦତ୍ତ ଦାସ ମୁଖ୍ୟଅତିଥି ଓ ପ୍ରଫେସର



ଡ. ଶାନ୍ତନୁ କୁମାର ସର ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ଭୂପେଶ ଚନ୍ଦ୍ର ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ସୁଧୀରେନ୍ଦ୍ର ପରିଜା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଶୀତିକଣ୍ଠ ରଥ, ଡ. ଗୌରୀଶଙ୍କର ଯୁଗ ପ୍ରକାଶ ଜେନା, ତପନ କୁମାର ସାମଲଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# କିଶୋରନଗରରେ ନୂତନ ବିଡିଓଙ୍କ ଯୋଗଦାନ



**କିଶୋରନଗର,୫ ।୩(ସମିସ):** କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡିଓ ଭାବେ ଗୁରୁବାର ଶୁଭକାନ୍ତ ନାଏକ କାର୍ଯ୍ୟରେ ଯୋଗଦେଇଛନ୍ତି । ପୂର୍ବରୁ ସେ କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକରେ କାର୍ଯ୍ୟରତ ଥିଲେ । କିଶୋରନଗର ବିଡିଓ ସୁବ୍ରତ ବେହେରାଙ୍କ ବାଲେଶ୍ୱର ଜିଲ୍ଲା ସୋର ବ୍ଲକକୁ ବଦଳି ହୋଇଛି । ବ୍ଲକରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ବିଶେଷ ଧ୍ୟାନ ଦେବେ ବୋଲି ନୂତନ ବିଡିଓ ନାଏକ ପ୍ରକାଶ କରିଛନ୍ତି ।

# ବିଭିନ୍ନ ସ୍ଥାନରେ ଦୋଳ ପୂର୍ଣ୍ଣିମା ପାଳିତ










**ଅନୁଗୋଳ,୫ ।୩(ସମିସ):**

ତାଳଚେର ବ୍ଲକ ଲିଙ୍ଗରାକଟା ଗ୍ରାମରେ ୪୫ତମ ଦୋଳ ମହୋତ୍ସବ ପାଳିତ ହୋଇଛି । ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯିବା ପରେ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଶୋଭାଯାତ୍ରାରେ ମା' ମଙ୍ଗଳା ଲଉଡ଼ି ସମାଜ ତରଫରୁ ଲଉଡ଼ି ଖେଳ ପ୍ରଦର୍ଶନ କରାଯାଇଥିଲା । ପୌରାଣିକ ବିଷୟବସ୍ତୁର ଚରିତ୍ର ବେଶଭୂଷାରେ କଳାକାରଙ୍କ ଅଭିନୟ ସମସ୍ତଙ୍କୁ ମନମୁଗ୍ଧ କରିଥିଲା । ସଂକୀର୍ତ୍ତନ ମଣ୍ଡଳୀ, ଢୋଲ ନିଶାଣ, ବ୍ୟାଣ୍ଡ ପାର୍ଟି ଓ ସାଉଣ୍ଡରେ ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା । ଠାକୁର ଦୋଳ ମଣ୍ଡପରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ନୂତନ ପାଞ୍ଜି ଉନ୍ମୋଚନ ଓ ପଠନ କରାଯାଇଥିଲା । ଯାତ୍ରା ପଡ଼ିଆରେ ପ୍ରବଳ ଜନସମାଗମ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ଗୁରୁଜାଙ୍ଗୁଲି ସରପଞ୍ଚ ଲୀନା ସାହୁ, କଳାସଂସ୍କୃତି ଜିଲ୍ଲା ସଂଯୋଜିକା ସବିତା ସିଂ, ଜିଲ୍ଲା କ୍ଷେତ୍ରୀୟ ମହାସଂଘ ସଭାପତି ନିରୋଧ ଦାସ, ତାଳଚେର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଶୋଭାଗିନୀ ଦେବୀ, ଅନୁଗୋଳ ଜିଲ୍ଲା ଉତ୍କଳ ଗୋପାଳ ସମାଜ ସଭାପତି ଚରଣ ବେହେରା, ଲିଙ୍ଗିରାକଟା ଉତ୍କଳ କ୍ଷେତ୍ରୀୟ ସଂଘ ସଭାପତି ପ୍ରତାପ ବିଶୋଇ, ବଣ୍ଟଁରପାଳ ବ୍ଲକ ଉତ୍କଳ ସମାଜ ସଭାପତି କୃତିବାସ ଭୁତିଆ, ସମ୍ପାଦକ ବଳରାମ ବେହେରା ଯୋଗଦେଇଥିଲେ । ଲିଙ୍ଗିରାକଟା ଗ୍ରାମ କମିଟି ସଭାପତି ଦୁଃଶାସନ ସାମଲ, ପ୍ରହଲ୍ଲାଦ ବେହେରା, ପ୍ରତାପ ବେହେରା, ପ୍ରକାଶ ବେହେରା, ମନୋଜ ବେହେରା, ଫକୀର ବେହେରା, ଦୋଳଗୋବିନ୍ଦ ବେହେରା, ହେମନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

**କଣିହାଁ:** କଣିହାଁ ବ୍ଲକ ଗୁଣ୍ଡୁରୀନାଲି, ବଡ଼ଗୁଣ୍ଡୁରୀ, ବଡ଼ତ୍ରିବିଡ଼ା, ବଜ୍ରକୋଟ, ଗଣ୍ଡବେରଣା, ଜୁଲିବନ୍ଧ, ଦଣ୍ଡସିଂହ, କାଟେଣୀ କରଡ଼େଇ, ପଥରମୁଣ୍ଡା, ବିରୁ ସମେତ ବିଭିନ୍ନ ଗ୍ରାମରେ ପବିତ୍ର ଦୋଳ ପୂର୍ଣ୍ଣିମା ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି । ଚନ୍ଦ୍ରଗ୍ରହଣ ଯୋଗୁଁ ଧାର୍ମିକ ବିଧିବିଧାନରେ କିଛି ପରିବର୍ତ୍ତନ ସହ ସମସ୍ତ ଗ୍ରାମରେ ପୂର୍ବବର୍ଷ ଭଳି ଏବର୍ଷ ମଧ୍ୟ ବିଧିକ୍ରମେ ପୂଜାପାଠ ସମ୍ପନ୍ନ ହୋଇଥିଲା । ଅପରାହ୍ନରେ ଭଗବାନ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ସୁସଜ୍ଜିତ ବିମାନରେ ପୂଜାର୍ଚ୍ଚନା କରାଯାଇଥିଲା । ମହାପୁରୁଷ ଅଚୁତାନନ୍ଦ ଦାସଙ୍କ ରଚିତ "ଗୋପାଳ ଉଗାଳ' ଗୀତର ସୁରେ ଗୋପାଳମାନେ ପାରମ୍ପରିକ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ । ବିଭିନ୍ନ ଗ୍ରାମରେ ବିରାଟ ତୋରଣ, ଆଲୋକ ସଜ୍ଜା, ସାଉଣ୍ଡ ବ୍ୟବସ୍ଥା ଓ ନାମ ସଂକୀର୍ତ୍ତନରେ ପରିବେଶ ଉତ୍ସବମୁଖର ହୋଇଥିଲା । ଗୁଣ୍ଡୁରୀନାଲି ଗ୍ରାମରେ ଦୋଳ ପୂର୍ଣ୍ଣିମା ପାଳନର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ । ଯାତ୍ରାର ଦୁଇଦିନ ପୂର୍ବରୁ କୁମ୍ଭପୂଜା ଆବାହନ କରି ମା' ମଙ୍ଗଳାଙ୍କ ଠାକୁରଘରେ ସ୍ଥାପନ କରାଯାଏ । ପୂଜକ ଦୁଃଖବନ୍ଧୁ ବେହେରାଙ୍କ ନେତୃତ୍ୱରେ ଢୋଲ, ଘଣ୍ଟ ଓ ମହୁରୀ ବାଦ୍ୟରେ ପଟୁଆର ଆୟୋଜିତ ହୋଇଥାଏ । ମଧ୍ୟାହ୍ନରୁ ପୂଜା ଆରମ୍ଭ ହୋଇ ଅପରାହ୍ନରେ ସମାପ୍ତ ହୋଇଥାଏ । ପରମ୍ପରା ଅନୁଯାୟୀ ନିକଟସ୍ଥ ଜରଡ଼ା ଗ୍ରାମରୁ ରାଧାକୃଷ୍ଣଙ୍କ ବିମାନ ଆଣାଯାଇ ଭୈରବୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଢୋଲ-ନିଶାନ, ଶଙ୍ଖ-ଘଣ୍ଟ ବାଦ୍ୟ ଓ ଆଲୋକ ସଜ୍ଜା ସହ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ସନ୍ଧ୍ୟାରେ ଦୋଳମଣ୍ଡପରେ କ୍ଷୀର ଓ ଲବଣୀ ଭୋଗ ଲାଗିଥିଲା । ଗ୍ରାମ ପରିକ୍ରମା ସମୟରେ ପ୍ରତ୍ୟେକ ଘରେ ମହିଳାମାନେ ଧୂପଦୀପ ସହ ବନ୍ଦାପନା କରି ରାଧାରାଣୀଙ୍କୁ ସ୍ୱାଗତ କରିଥିଲେ । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସାମାଜିକ କର୍ମୀ ସୁନୀଲ ପ୍ରଧାନ, ରଣଜିତ ସାମଲ, ରମେଶ ଚନ୍ଦ୍ର ସାମଲ, ଅଜିତ ସାମଲ, ଶିବପ୍ରସାଦ ରାଉତ, ମାନସ ପ୍ରଧାନ, ଲାଲୁ ପାଣି ପ୍ରମୁଖ ଯୋଗଦେଇଥିଲେ । ଗ୍ରାମ ସଭାପତି ମୁରଲୀଧର ସାମଲ ଓ ସମ୍ପାଦକ ବାପୁଜୀ ସାମଲଙ୍କ ସହ ସୁଶାନ୍ତ ସାମଲ, ଅକ୍ଷୟ ସାମଲ ସତ୍ୟାନନ୍ଦ ସାମଲ, ପ୍ରକାଶ ସାମଲ, ଗୁରୁଦେବ ସାମଲ, ଅମୂଲ୍ୟ ସାମଲ, ବାପୁଜୀ ଭୂତିଆ, ପ୍ରବୀଣ ଭୂତିଆ, ଟୁକୁନା ସାମଲ, ବିପିନି ସାମଲ ରଘୁନାଥ ସାମଲ, ଗଗନ ସାମଲ, ସରୋଜ ସାମଲ, ଛବିଳ ସାମଲ, ବିଜୟ ସାମଲ, ବିଦ୍ୟାଧର ସାମଲ ଗୋବର୍ଦ୍ଧନ ସାମଲ, ରାଜେଶ ଭୂତିଆ, ଗୋବିନ୍ଦ ଭୂତିଆ, ଦାଶରଥି ଭୂତିଆ, ପୀତବାସ ଭୂତିଆ, ସୁବୋଧ ସାମଲ, ମହେନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ ।

**ବଣ୍ଟଁରପାଳ:** ବଣ୍ଟଁରପାଳ ଥାନା ନୂଆହତା ପଞ୍ଚାୟତ ଜୁରାଗାଡ଼ିଆ ଗ୍ରାମରେ ଦୋଳ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି । ଦିନରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରି କରାଯାଇଥିଲା । ଚନ୍ଦ୍ରଗ୍ରହଣ ହୋଇଥିବାରୁ ସମସ୍ତ ନୀତିକାନ୍ତି ବନ୍ଦ ରହିଥିଲା । ଅପରାହ୍ନ ୪ଟାରେ ୬ଟି ଲଉଡ଼ି ଖେଳ ଦଳ, ଘଣ୍ଟୁଆ, ଡିଜେ, ଢୋଲ, କଳାକାରଙ୍କୁ ନେଇ ଗ୍ରାମରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ରାତି ୭ଟା ପରେ ଗ୍ରହଣ ଛାଡ଼ିବା ପରେ ଠାକୁର ଦିଅଁ ଘରୁ ବାହାରି ଗ୍ରାମ ପରିକ୍ରମା କରି ଦୋଳ ମଣ୍ଡପରେ ପୂଜା ପାଇଥିଲେ । ପ୍ରଥମ ଦିନରେ ରାମଲୀଳା, ଦ୍ୱିତୀୟ ଦିନ ଦଣ୍ଡବାଦ, ତୃତୀୟ ଦିନ ମହିଳା ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗ୍ରାମ ସଭାପତି ଦିଲୀପ ରାଉତ, ସମ୍ପାଦକ ବାବୁଲି ରାଉତ, ଉପସଭାପତି କମଳଲୋଚନ ରାଉତ, ବେହେରା ଭାବେ ଗୋବିନ୍ଦ ରାଉତ, କୀର୍ତ୍ତନ ରାଉତ, ବାବାଜୀ ରାଉତ, ସୁଜନ ରାଉତ, ଛବି ରାଉତ, ଲଉଡ଼ି ଖେଳ ପରିଚାଳକ ଗୋପବନ୍ଧୁ ରାଉତ, ରିଙ୍କୁ ରାଉତ, ବ୍ରଜବନ୍ଧୁ ରାଉତ, ପ୍ରଶାନ୍ତ, କାହ୍ନା, ଦୁଷ୍ମନ୍ତ ରାଉତ, ରାଜୀବ ରାଉତ ପ୍ରମୁଖ କାର୍ଯ୍ୟକରମ ପରିଚାଳନା କରିଥିଲେ । ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମାଜସେବୀ ଅଶୋକ ଧିର, ଶିଳ୍ପପତି ଟୁନା ରଞ୍ଜନ ଧୀର ପ୍ରମୁଖ ପୂଜାମଣ୍ଡପରେ ପହଞ୍ଚି ଆଶୀର୍ବାଦ ଗ୍ରହଣ କରିଥିଲେ ।

**ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ**

# ଓଡ଼ିଆ ଅସ୍ମିତାର ପ୍ରତୀକଙ୍କୁ 'ଭାରତରତ୍ନ' ପ୍ରଦାନ ଦାବି


କେନ୍ଦ୍ରାପଡ଼ା


ଡେରାବିଶ/ପଞ୍ଚୁପାଣ୍ଡବ


ମହାକାଳପଡ଼ା/ମାର୍ଶାଘାଇ

କେନ୍ଦ୍ରାପଡ଼ା,୫ା୩(ସମିସ):

ଆନ୍ତର୍ଜାତିକ ସମ୍ମାନସ୍ପଦ ନେତୃତ୍ୱ ଓ ଓଡ଼ିଆ ଅସ୍ମିତାର ପ୍ରତୀକ ପ୍ରବାଦ ପୁରୁଷ ରାଷ୍ଟ୍ରନାୟକ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ କେନ୍ଦ୍ରାପଡା ନଗର ଓ ବ୍ଲକ ବିଜୁ ଜନତା ଦଳ ଆନୁକୂଲ୍ୟରେ ସାନ୍ତସାହିସ୍ଥ ବଳଦେବଜୀଉ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ପ୍ରବାଦ ପୁରୁଷଙ୍କୁ ଭାରତରତ୍ନ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ସକାଳେ ସହରର ନୂଆ ବସ୍‌ଷ୍ଟାଣ୍ଡ ଓ ପୁରୁଣା ଚିକିତ୍ସାଳୟ ଛକରେ ସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ଅବଦାନକୁ ସ୍ମରଣ କରିଥିଲେ। ସେ କହିଥିଲେ, ବିଜୁବାବୁ ଓଡ଼ିଶାର ରାଜନୈତିକ ଓ ସାମାଜିକ ଇତିହାସରେ ଏକ ଅବିସ୍ମରଣୀୟ ନାମ। ମହିଳା ସଶକ୍ତିକରଣ ପାଇଁ ପଞ୍ଚାୟତ ଓ ପୌର ନିର୍ବାଚନରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣର ପଦକ୍ଷେପ ତାଙ୍କ ଦୂରଦର୍ଶୀ ଚିନ୍ତାଧାରାର ପ୍ରତୀକ। ଗାଁକୁ କାମ, ମା'କୁ ସମ୍ମାନ ନୀତିକୁ ଆଧାର କରି ସେ ଗ୍ରାମୀଣ ଉନ୍ନତି ଓ ସାମାଜିକ ସମତାରେ ନୂତନ ଦିଗ ଦେଇଥିଲେ। ସଭାରେ ଉପସ୍ଥିତ ଅତିଥିମାନେ ବିଜୁ ପଟ୍ଟନାୟକଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ "ଭାରତରତ୍ନ' ପ୍ରଦାନ କରାଯିବାକୁ ଦୃଢ଼ ଦାବି କରିଥିଲେ। ସେହିପରି କେନ୍ଦ୍ରାପଡା ନୂଆ ବସ୍‌ଷ୍ଟାଣ୍ଡରେ ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ବିଜୁବାବୁଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ ଅବଶିଷ୍ଟ କାର୍ଯ୍ୟ ପୌରପାଳିକା ପକ୍ଷରୁ ସମ୍ପାଦିତ ହେବ ବୋଲି ସୂଚନା ଦିଆଯାଇଥିଲା। ଏ ଅବସରରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ନଗରପାଳ ସରିତା ସାହୁ, ପୂର୍ବତନ ସଭାପତି ଧିରେନ ସାହୁ, ମାନସ ପରିଡା, ପ୍ରଦୀପ୍ତ ମହାନ୍ତି, ରାଜେଶ ଦାସ, ରଶ୍ମିତା ସେଠୀଙ୍କ ସହ ବହୁ ଜିଲ୍ଲା ଓ ବ୍ଲକ ନେତୃତ୍ୱ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ବିଜେଡି ନେତାଙ୍କ ସମନ୍ୱୟରେ ସୁଚାରୁ ଭାବେ ପରିଚାଳନା କରାଯାଇଥିବାବେଳେ ଶେଷରେ ଗଣେଶ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତୀ ଅବସରରେ କେନ୍ଦ୍ରାପଡା ସହରରେ ଦଳୀୟ କର୍ମକର୍ତ୍ତା ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଜୁବାବୁଙ୍କ ଆଦର୍ଶ ଓ ନେତୃତ୍ୱ ପ୍ରତି ଗଭୀର ଶ୍ରଦ୍ଧା ଓ ଉତ୍ସାହ ପ୍ରକାଶ ପାଇଥିଲା।

**ଡେରାବିଶ/ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଡେରାବିଶର ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ହଳଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି ସଂଯୋଜନା କରିଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର, ସଚିଦାନନ୍ଦ ରଥ, ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂ, ଭବାନୀ ଓଝା, ସରଳରେଖା ସାହୁ, ବିପିନବିହାରୀ ସାହୁ, ଶିକ୍ଷାବିତ୍ କରୁଣାକର ସ୍ୱାଇଁ, ପାଟକୁରା ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମହିଳା ସଶକ୍ତିକରଣର ଅନ୍ୟତମ ବିନ୍ଧାଣୀ ଥିଲେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜ ନାୟକ, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ, ରତାଦିଆ ସରପଞ୍ଚ ଶିଶିର ସାମଲ, ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ସମାଜସେବୀ ସତ୍ୟରଞ୍ଜନ ସାମଲ, ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

**ମହାକାଳପଡ଼ା/ମାର୍ଶାଘାଇ:** ଲୋକ କଲ୍ୟାଣ ଓ ରାଜ୍ୟର ଉନ୍ନତି ପାଇଁ ବିଜୁ ପଟ୍ଟନାୟକ ବିସ୍ତୃତ ବିକାଶର ନକ୍ସା ଆଙ୍କିଥିଲେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବକୁ ଉଜାଗର କରୁଥିଲା। ସେହି ବିକାଶ ପୁରୁଷଙ୍କ ୧୧୦ତମ ଜୟନ୍ତୀ ଅବସରରେ ମହାକାଳପଡା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ନେତା ଓ କର୍ମୀ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ମାର୍ଶାଘାଇ ବ୍ଲକ୍ ଅଙ୍ଗୁଳାଇସ୍ଥ ଆଲଫା ମଣ୍ଡପରେ ଆୟୋଜିତ ସାଧାରଣ ସଭାରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଝଡ଼ର ଇଗଲ ଓ କର୍ମବୀର ବିଜୁ ପଟ୍ଟନାୟକଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅତନୁ ସବ୍ୟସାଚୀ ନାୟକ କହିଥିଲେ, ବିଜୁ ପଟ୍ଟନାୟକ ଧୈର୍ଯ୍ୟ ଓ ସହନଶୀଳତାର ପ୍ରତୀକ ଥିଲେ। ଦ୍ୱୈତାରୀ-ପାରାଦୀପ ଜାତୀୟ ରାଜପଥ ଓ ପାରାଦୀପ ବନ୍ଦର ନିର୍ମାଣ ମାଧ୍ୟମରେ ସେ ଏହି ଅଞ୍ଚଳର ବିକାଶର ମୂଳଦୁଆ ପକାଇଥିଲେ। ଏହି ସଭାରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଭାରତୀ ଦଳାଇ କହିଥିଲେ, ବିଜେଡି ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ ଓ ସେମାନଙ୍କୁ ବିଦେଶ ଭ୍ରମଣ ପର୍ଯ୍ୟନ୍ତ ସୁଯୋଗ ଦେଇଥିଲେ। ବର୍ତ୍ତମାନର ଡବଲ୍ ଇଞ୍ଜିନ ସରକାର ମହିଳାଙ୍କୁ ପୁଣି ହାଣ୍ଡିଶାଳ ଓ ଛେଳି ଚରାଇବାରେ ବାଧ କରୁଥିବା ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି ବୋଲି କହିଥିଲେ। ମହାକାଳପଡା ନିର୍ବାଚନମଣ୍ଡଳୀରେ ଥାନା ମାଧ୍ୟମରେ ମାସିକିଆ ଚାନ୍ଦା ଆଦାୟ ହେଉଥିବା ନେଇ ମଧ୍ୟ ଅଭିଯୋଗ ଉଠୁଛି ବୋଲି ପୂର୍ବତନ ମନ୍ତ୍ରୀ ଅଭିଯୋଗ କରିଥିଲେ। ବିଜୟନଗର ପୋଲ ପାଇଁ ହେଉଥିବା ରାସ୍ତା କାମ, ମାର୍ଶାଘାଇ-ଜମ୍ବୁ କେନାଲ ରାସ୍ତା ଓ ତେରଗାଁ ସେତୁ ନିର୍ମାଣ କାମରେ ଚାନ୍ଦା ଆଦାୟ ହେଉଥିବାରୁ କଣ୍ଟ୍ରାକ୍ଟର କାମ କରିବାକୁ ବିମୁଖ ହେଉଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ମାର୍ଶାଘାଇ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଶର୍ମିଷ୍ଠା ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ରଥ, ଦୁର୍ଗାବତୀ ପ୍ରଧାନ, ପ୍ରତାପ ମଲ୍ଲିକ, ମୃତ୍ୟୁଞ୍ଜୟ ମଣ୍ଡଳ, ଅନୁରାଧା ସ୍ୱାଇଁ, ମହାକାଳପଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ମାର୍ଶାଘାଇ ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ବରିଷ୍ଠ ନେତ୍ରୀ ସୁରଭି ଜେନା, କବିତା ମଲ୍ଲିକ, ନଳିନୀପ୍ରଭା ଚୌଧୁରୀ, ସରୋଜିନୀ ସେଠୀ, ସରପଞ୍ଚ ବିକ୍ରମ କେଶରୀ ଦାଶ, ଅରବିନ୍ଦ ଜେନା, ପ୍ରଭାତ ରଞ୍ଜନ ଦାସ, ବାବାଜୀ ସ୍ୱାଇଁ, ପ୍ରତାପ ରାଉତ, ବରିଷ୍ଠ ନେତା ଅଶୋକ ମହାପାତ୍ର, ରବିନ୍ଦ୍ର ପାଲ, ବିଜୟ ଜେନା, ହେମନ୍ତ ସାହୁ, ମନୋଜ ପାତ୍ର, ସୁରେନ୍ଦ୍ର ବେହେରା ଓ ସର୍ବେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମାଧବାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜନଗର:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସ୍ୱର୍ଗତ ବିଜୁବାବୁ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ। ବିଜୁବାବୁଙ୍କ ସ୍ୱପ୍ନର ରାଜନଗର ନିର୍ମାଣ ପାଇଁ ତାଙ୍କ ଜନ୍ମ ଦିବସରେ ଆନ୍ଦୋଳନ ଆରମ୍ଭ ହେଲା। ଏହି ଆନ୍ଦୋଳନ ପ୍ରତ୍ୟେକ ପଞ୍ଚାୟତ, ୱାର୍ଡ ଓ ଗାଁ ଗଣ୍ଡାକୁ ବ୍ୟାପିବ। ଦଳୀୟ ନେତା ଓ କର୍ମୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ତ୍ରିନାଥ ବଜାରସ୍ଥିତ ବିଜୁ ପ୍ରମୋଦ ଉଦ୍ୟାନରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଦଳୀୟ କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଜେଡି ନେତା ବିଜୟ ନାୟକ, ଆର୍ତ୍ତବନ୍ଧୁ ମହାନ୍ତି, ଅଶୋକ ମହାନ୍ତି, ରଶ୍ମିରଞ୍ଜିତା ସ୍ୱାଇଁ, ପ୍ରମୋଦ ପ୍ରଧାନ, ସରୋଜ ରାଉତ, ଚିତ୍ତରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ମିଶ୍ର, ସୁଶ୍ରୀ ସଙ୍ଗୀତା ମିଶ୍ର, କୈଳାସ ପରିଡା, ପତିତପାବନ ପଣ୍ଡା, ଗିରିଶ ନାୟକ, ମନୋଜ ମଲ୍ଲିକ, ଲୋପାମୁଦ୍ରା ଜେନା, ବାଇଧର ସେଠୀ, ବାସନ୍ତୀ ଜେନା, ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ ଧନ୍ୟବାଦ ଅର୍ପଣ କରିଥିଲେ।


ରାଜନଗର

## ଟ୍ରକ୍-ଅଟୋ ମୁହାଁମୁହିଁ ଧକ୍କା, ନାବାଳିକା ମୃତ

ରାଜକନିକା,୫ା୩(ସମିସ): ରାଜକନିକା କଟକ-ଚାନ୍ଦବାଲି ରାସ୍ତାର ଗଡ଼ଗଡି ବ୍ରିଜ ଉପରେ ଗୁରୁବାର ସକାଳେ ଏକ ଟ୍ରକ-ଅଟୋ ମୁହାଁମୁହିଁ ଧକ୍କା ହେବା ଫଳରେ ୧୩ ବର୍ଷର ଝିଅ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଭାରିଗଦା ପଞ୍ଚାୟତ କେଶନଗର ଗାଁର ରାଜେନ୍ଦ୍ର କାଣ୍ଡିଙ୍କ ପତ୍ନୀ ଚିନାରାଣୀ କାଣ୍ଡି ଦୁଇ ଝିଅଙ୍କ ସହିତ ଅଟୋ ଯୋଗେ ତାଙ୍କ ବାପଘର ଗାଁ ବାଲକାଟୀ ଯାଉଥିବାବେଳେ ଗଡ଼ଗଡି ବ୍ରିଜ ଉପରେ କଟକ ଆଡୁ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋରେ ଥିବା ୧୩ ବର୍ଷ ଝିଅ ସାଧନା କାଣ୍ଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜକନିକା ପୁଲିସ ପହଞ୍ଚି ଦୁଇଟି ଗାଡିକୁ ଜବତ କରି ଥାନାରେ ଅଟକ ରଖିଥିବାବେଳେ ମାମଲା ରୁଜୁ କରି ତଦନ୍ତ କରୁଛି।

## ୬.୫ ଲକ୍ଷ ଟଙ୍କା ଠକି ନେଲେ ସାଇବର ଠକ

କେନ୍ଦ୍ରାପଡ଼ା, ୫ା୩(ସମିସ): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଗୁଲନଗର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଘର ନିର୍ମାଣ ପାଇଁ ଶସ୍ତା ଦରରେ ରଡ୍ ଓ ସିମେଣ୍ଟ ଯୋଗାଇ ଦେବାକୁ କହି ସାଇବର ଠକ ୬ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ଠକାମୀର ଶିକାର ହୋଇଥିବା ଖଗେଶ୍ୱର ସେଠୀ କଟକ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଖଗେଶ୍ୱରଙ୍କ ଘର ନିର୍ମାଣ କାମ ଆରମ୍ଭ କରିବାର ଯୋଜନା ଥିଲା। ଏହି ସମୟରେ ତାଙ୍କ ସାନ ଭାଇଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ଏକ ପ୍ରସିଦ୍ଧ ସିମେଣ୍ଟ କମ୍ପାନୀର ନିର୍ବାହୀ ଅଧିକାରୀ କୁଳଦୀପ ଅଗ୍ରୱାଲ ବୋଲି ପରିଚୟ ଦେଇଥିଲା ଓ ଶସ୍ତାରେ ରଡ୍ ଓ ସିମେଣ୍ଟ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱାସ କରି ଖଗେଶ୍ୱର ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬ ଲକ୍ଷ ୫୦ ହଜାର ଟଙ୍କା ଏନ୍‌ଇଏଫଟି ମାଧ୍ୟମରେ ଠକ ଦେଇଥିବା ଆକାଉଣ୍ଟକୁ ପଠାଇଥିଲେ। ଟଙ୍କା ପଠାଇବା ପରେ ଫୋନ ନମ୍ବର ସ୍ୱିଚ୍ ଅଫ୍ ହୋଇଯାଇଥିଲା। ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ପ୍ରଥମେ ସେ କେନ୍ଦ୍ରାପଡା ସଦର ଥାନାରେ ଯୋଗାଯୋଗ କରିଥିଲେ। ପରେ ସେ କଟକ ସାଇବର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଖରସ୍ରୋତାରେ ଭାସିଯାଇ ଯୁବକ ନିଖୋଜ

ଆଳି,୫ା୩(ସମିସ): ହୋଲି ଖେଳି ସାରି ସାଙ୍ଗ ପିଲାଙ୍କ ସହ ନଦୀରେ ଗାଧୋଉଥିବା ସମୟରେ ଆଳି ଥାନା ଅନ୍ତର୍ଗତ ଟୁଙ୍ଗା ପଞ୍ଚାୟତ ଟୁଙ୍ଗା ଗ୍ରାମର ପ୍ରକାଶ ବାରିକଙ୍କ ପୁଅ ଶୁଭ ସଂକଳ୍ପ ବାରିକ (୨୨) ଭାସିଯାଇ ନିଖୋଜ ହୋଇଯାଇଥିବା ଜଣାପଡିଛି। ପ୍ରାୟ ସାଢ଼େ ୪ଟା ସମୟରେ ଶୁଭସଂକଳ୍ପ ହୋଲି ଖେଳ ସାରି ସାଙ୍ଗଙ୍କ ସହ ନିକଟସ୍ଥ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ସାଙ୍ଗମାନେ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଆଳି ଦମକଳ ବାହିନୀ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶୁଭ ଉଦ୍ଧାର ହୋଇପାରି ନ ଥିବା ଜଣାପଡ଼ିଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୫ା୩(ସମିସ): ପଟ୍ଟାମୁଣ୍ଡାଇ ଶିକ୍ଷାମଣ୍ଡଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବତନ କାଉନସିଲର ଗୋବିନ୍ଦ ସେଠୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଆରସିସି ପ୍ରେମବାଳା ମହାପାତ୍ର, ମୁଖ୍ୟବକ୍ତା ଏବିଇଓ ସୁନୀତି ଦାଶ, ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ମଲ୍ଲିକ, ସୁଶାନ୍ତ କର, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣାଞ୍ଜଳି ଦାଶ ଓ ବନଲତା ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଗୋଲେଖ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ରାଜନଗର, ୫ା୩ (ସମିସ): ଖମାରସାହି ପଞ୍ଚାୟତ ନଳିତାପାଟିଆ ଗାଁର ରଘୁନାଥ ମଣ୍ଡଳଙ୍କ ଦେଢ଼ ବର୍ଷର ଶିଶୁପୁତ୍ର ରଞ୍ଜିତ ପୋଖରୀରେ ବୁଡି ପ୍ରାଣ ହରାଇଛି। ହୋଲି ଦିନ ପ୍ରାୟ ୯ ଘଟିକା ସମୟରେ ଏହି ଅଘଟଣ ଘଟିଛି। ଚାଲିବା ଆରମ୍ଭ କରିଥିବା ରଞ୍ଜିତ ଚାଲି ଚାଲି ବାଡି ପଛରେ ଥିବା ପୋଖରୀ ମଧ୍ୟକୁ ଚାଲିଯାଇଥିଲା। ଘର ଲୋକ ପୁଅକୁ ନ ପାଇ ପୋଖରୀରେ ଖୋଜାଖୋଜି କରି ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ।

## ଜଳିଗଲା ୨ ବଖରା

ଡେରାବିଶ,୫ା୩(ସମିସ): କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଡ଼ମଙ୍ଗରାଜପୁର ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୨ ବଖରା ପୋଡ଼ିଯାଇଛି। ଆଜି ମଧ୍ୟାହ୍ନରେ ମାଙ୍କଡ଼ମାନେ କାମୁଡ଼ା କାମୁଡ଼ି ହେଉଥିବାବେଳେ ବିଦ୍ୟୁତ୍ ଖୁଣ୍ଟ ଦୋହଲି ବିଦ୍ୟୁତ୍ ତାରରୁ ସଟସର୍କିଟ୍ ଘଟି ଅଗ୍ନିପିଣ୍ଡୁଳା ନିକଟସ୍ଥ ଅଶୋକ ପରିଡ଼ାଙ୍କ ଚାଳଘର ଉପରେ ପଡ଼ିଥିଲା। ନିଆଁ ତୁରନ୍ତ ଘରକୁ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ପରେ ଡେରାବିଶ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସାନଓର-ବରଗୁଡ଼ିଦଣ୍ଡା ରାସ୍ତାର ଶିଳାନ୍ୟାସ

ରାଜନଗର, ୫ା୩(ସମିସ): ରାଜନଗର ବ୍ଲକର ସାନଓର ଆରଆଣ୍ଡବି ରାସ୍ତାଠାରୁ ବରଗୁଡିଦଣ୍ଡା ପର୍ଯ୍ୟନ୍ତ ୩ କିମି ରାସ୍ତା ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ସାନଓରରୁ ବରଗୁଡିଦଣ୍ଡା ଯାଏଁ ରାସ୍ତା ନିର୍ମାଣ ହେବ। ୩ କୋଟି ୬୨ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହେବ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ସରପଞ୍ଚ ସଂଗୀତା ମହାପାତ୍ର, ସମିତି ସଭ୍ୟ ସୁମିତ୍ରା ସେଠୀ, ଅଶୋକ ମହାନ୍ତି, ନିରଞ୍ଜନ ରାଉତ, ଶୈଳେନ୍ଦ୍ର ମିଶ୍ର, ସସ୍ମିତା ମହାନ୍ତି, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ଦିଲ୍ଲୀପ ରାଉତ, କୈଳାସ ପରିଡ଼ା, ରଂଜନ ମହାନ୍ତି, ରାକେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



## ପୂର୍ବତନ ଅଧ୍ୟକ୍ଷ ଅତୁଲ ବଳଙ୍କ ପରଲୋକ

ରାଜନଗର,୫ା୩(ସମିସ): ରାଜନଗର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅତୁଲ କୁମାର ବଳଙ୍କ ପରଲୋକ ହୋଇଛି। କିଛି ମାସ ହେବ ସେ ଅସୁସ୍ଥ ଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ ନିଜ ଜନ୍ମସ୍ଥାନ ଆଳି ବ୍ଲକ ଗଭାଡିଆସ୍ଥ ନିଜ ବାସଭବନରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ, କଂଗ୍ରେସ ନେତା ଅଶୋକ ପ୍ରତିହାରୀ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ, ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ମିତା ରାଉତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



# ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଓ ହୋଲି ଉତ୍ସବ


କେନ୍ଦ୍ରାପଡ଼ା


ପଟ୍ଟାମୁଣ୍ଡାଇ


ରାଜନଗର


ଡେରାବିଶ

କେନ୍ଦ୍ରାପଡ଼ା, ୫ା୩(ସମିସ):

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ମହାନ୍ତିସାହିର ପ୍ରସିଦ୍ଧ ଓ ବହୁ ପୁରାତନ ଦୋଳ ମେଳଣ ଉତ୍ସବ ଆଡମ୍ବରର ସହ ଉଦଯାପିତ ହୋଇଛି। ଜିଲ୍ଲାର ଐତିହ୍ୟବାହୀ ମେଳଣ ମଧ୍ୟରୁ ଏହି ମେଳଣ ପ୍ରାୟ ୨୫୦ ବର୍ଷ ପୂର୍ବେ ପୂର୍ବଜଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି। ପରମ୍ପରାନୁସାରେ ବିଭିନ୍ନ ଅଞ୍ଚଳରୁ ୯ଟି ସୁସଜ୍ଜିତ ବିମାନ ବାଜାବାଣ ଓ ରୋଷଣୀ ସହ ମଧ୍ୟାହ୍ନ ସମୟରେ ମହାନ୍ତିସାହିରେ ପହଞ୍ଚିଥିଲା। ଥାନପତି ଶ୍ରୀଦଧିବାବନଜୀଉ ପ୍ରଥମେ ପହଞ୍ଚି ଆସ୍ଥାନ ଗ୍ରହଣ କରିବା ପରେ ଅନ୍ୟ ଶ୍ରୀଜୀଉମାନେ କ୍ରମେ ଆଗମନ କରିଥିଲେ। ପରେ ଭଜନ ସମାରୋହ ଓ ଭୋଗ ଲାଗି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଧାର୍ମିକ ଆନୁଷ୍ଠାନିକତା ପରେ ଶ୍ରୀଜୀଉ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉତ୍ସବର ସମ୍ପୂର୍ଣ୍ଣ ବ୍ୟବସ୍ଥା ସାହିର ମୁରବୀ ରମେଶ ମହାନ୍ତି, ରାଜକିଶୋର ମହାନ୍ତି, ଅବନୀ ମହାନ୍ତି, ରମାକାନ୍ତ ମହାନ୍ତି, ଜୟନ୍ତ ମହାନ୍ତି, କୁଞ୍ଜବିହାରୀ ମହାନ୍ତି, ଭଞ୍ଜକିଶୋର ମହାନ୍ତି, ଅନୁପ ମହାନ୍ତି, ପ୍ରଣବ ମହାନ୍ତି, ରେବନ୍ତ ମହାନ୍ତି, ରଜତ ମହାନ୍ତି, ପ୍ରଦୀପ ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି ଓ ଚିତ୍ତରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶାନ୍ତନୁ ମହାନ୍ତି, ଆଲୋକ ମହାନ୍ତି, ନବଜ୍ୟୋତି ମହାନ୍ତି, ଅମିତାଭ ମହାନ୍ତି, ଆଶିଷ ମହାନ୍ତି ଓ ବନ୍ଧନ ମହାନ୍ତି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦୋଳ ମେଳଣ ଓ ହୋଲି ଉତ୍ସବ ପାଳିତ ହୋଇଛି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଓ ଉତିକଣ ଅଞ୍ଚଳରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଛି। ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀ, ସମର୍ଥକ ଓ ବିଭିନ୍ନ ସରକାରୀ ପଦାଧିକାରୀ ହୋଲି ଉତ୍ସବରେ ସାମିଲ ହୋଇ ପରିବେଶକୁ ରଙ୍ଗୀନ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ଡ ଅଲେଖ ଜେନା, ଅଂଶୁମାନ ମହାନ୍ତି, ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ପଟ୍ଟାମୁଣ୍ଡାଇବାସୀଙ୍କୁ ହୋଲି ଶୁଭେଚ୍ଛା ଜ୍ଞାପନ କରିଥିଲେ। ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପରିସରରେ ବଣିକ ସଂଘ ପକ୍ଷରୁ ରାଜ ମେଳଣ ଆୟୋଜନ କରାଯାଇଥିଲା। ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁ, ମିଟୁ ମନୋଜ ନାୟକ, କିଶୋର ଜେନା, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ସୁଦର୍ଶନ ଦାଶ, ଅଚ୍ୟୁତାନନ୍ଦ ଜେନା, ସଞ୍ଜୟ ବର୍ମା, ବସନ୍ତ ପ୍ରଧାନ, ବାବୁଲି ସାହୁ, ଅଜୟ ପାଢ଼ୀ, ସମ୍ବିତ ଦାସ ଚିତ୍ତ ମହାରଣା, ଦିଲ୍ଲୀପ ଦାଶଙ୍କ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳର ବିମାନରେ ଆସି ଶ୍ରୀରାମମନ୍ଦିର ପରିସରରେ ଏକାଠି ହୋଇଥିଲେ। ଏଠାରେ ସମସ୍ତ ବମାନରେ ଭୋଗ ଲାଗି କରାଯାଇଥିଲା। ଏହି ରାଜମେଳଣରେ ମାଟିଆ ମଦନମୋହନଜୀଉ, ମଠସାହି ନୃସିଂହନାଥଜୀଉ, ପଟ୍ଟାମୁଣ୍ଡାଇ ରାଧାରମଣଜୀଉ, ବାଲିପଡ଼ା ନୃସିଂହନାଥଜୀଉଳ ପୋଖରୀଆପଡା ହରପାର୍ବତୀଜୀଉ, ଷଣ୍ଢପଲ୍ଲୀ କୁଞ୍ଜବିହାରୀଜୀଉ, ଗୁଲନଗର ରାଧାକୃଷ୍ଣଜୀଉ, ଭବାନୀଶଙ୍କରଜୀଉ, ବନ୍ଧପଡା ରାଧାକାନ୍ତଜୀଉ, ଅଧିକାରୀସାହି ଅନନ୍ତଶୟନଜୀଉ, ଗୋପୀନାଥଜୀଉ ଓ ବୃନ୍ଦାବନଜୀଉ, ଅଡାଖଣ୍ଡ ମଠସାହୀ କଳାକହେଁଇଜୀଉ, ବେଲତଳ ରାଧାକୃଷ୍ଣଜୀଉଙ୍କ ବିମାନ ସାମିଲ ହୋଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ମଧ୍ୟ ବିଭିନ୍ନ ବିମାନ ଯାଇ ଭୋଗ ଖାଇବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଥାନା ଅଫିସର ଓ କର୍ମଚାରୀ ପୂଜାର୍ଚ୍ଚନା କରିଥିଲେ।

**ରାଜନଗର:** ରାଜନଗର ଅଞ୍ଚଳରେ ଦୋଳ ମେଳଣ ଆଧ୍ୟାତ୍ମିକ ଓ ଧାର୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ରାଜନଗର ବ୍ଲକ ପରିସରକୁ ଆଲୋକମାଳାରେ ସଜାଇ ଦୋଳ ମଣ୍ଡପ କରାଯାଇଥିଲା। ରାଜନଗର ବ୍ଲକର ବିଭିନ୍ନ ସ୍ଥାନରୁ ୩୦ଟି ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତୀମାଙ୍କୁ ଭକ୍ତ ବାଜା, ବାଣ, ରୋଷଣି ମଧ୍ୟରେ ମେଳଣ ପଡିଆକୁ ଆଣିଥିଲେ। ଦୋଳପୂର୍ଣ୍ଣିମା ସନ୍ଧ୍ୟାରେ ରାଧାକୃଷ୍ଣ ମେଳଣ କମିଟି ସଭାପତି ତଥା ରାଜନଗର ଆଇଆଇସି ନରେଶ ସାହୁ ପୁରୋହିତଙ୍କ ବେଦମନ୍ତ୍ର ମଧ୍ୟରେ ଠାକୁରଙ୍କୁ ନିମନ୍ତ୍ରଣ କରିଥିଲେ। ପୁରୋହିତଙ୍କ ମନ୍ତ୍ରଧ୍ୱନି ମଧ୍ୟରେ ସଭାପତି ଶ୍ରୀ ସାହୁ ସସ୍ତ୍ରିକ ଉପସ୍ଥିତ ରହି ଦୋଳ ମଣ୍ଡପକୁ ବୈଦିକ ରୀତିନୀତି ଅନୁସାରେ ପ୍ରତିଷ୍ଠା କରିଥିଲେ। ମଣ୍ଡପ ପ୍ରତିଷ୍ଠା ପରେ ପ୍ରଥମେ ଥାନପତି ରାଜନଗର ଦଧିବାମନଜୀଉଙ୍କ ମନ୍ଦିରରୁ ଶ୍ରୀଜୀଉଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଥାନପତି ମଣ୍ଡପରେ ବିରାଜମାନ କରିବା ପରେ ରାଧାକୃଷ୍ଣ କମିଟି ସଭାପତି, ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ ଓ ପୁରୋହିତ ରାଜନଗର ଗ୍ରାମ ମୁଣ୍ଡରୁ କେରେଡାଗଡ, ରିଘାଗଡ, ପେଣ୍ଠ, ଭିତରଗଡ, ମହିଁଷାସୁର, ରାଜନଗର, ସାନବଡଗୋପାଳପୁର, ମହୁଲିଆ, କୁଇଣ୍ଟି, ମାଣପଡା, ବଡକୋଟ, ରାଜପୁର, ଗୋଖଣୀ, ଏଣ୍ଡୁଳାପୁର ପ୍ରଭୃତି ଗ୍ରାମର ମଠ ମନ୍ଦିରରୁ ଆସୁଥିବା ବିମାନକୁ ପାଛୋଟି ନେଇଥିଲେ। ମଣ୍ଡପରେ ବିମାନ ସ୍ଥାପନ ହେବା ପରେ ନୀତିପୂଜା, ଭୋଗ, ଧୂପ, ପାଟବସ୍ତ୍ର ଆଦି ପ୍ରଦାନ କରାଯାଇଥିଲା। ମଙ୍ଗଳବାର ରାତ୍ର ୧୦ଟାରୁ ବୁଧୁବାର ସକାଳ ୭ଟା ପର୍ଯ୍ୟନ୍ତ ବିମାନ ମେଳଣ ପଡିଆକୁ ଆସୁଥିବାର ଅପୂର୍ବ ଦୃଶ୍ୟ ଭକ୍ତଙ୍କୁ ବିମୋହିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ଶଙ୍କର୍ଷଣ ମିଶ୍ର ସଂଯୋଜନା କରିଥିଲେ। ମେଳଣ କମିଟିର ସଂପାଦକ ପ୍ରଭାତ ମିଶ୍ର, ଉପସଭାପତି ରମେଶ ଲାଲ, ସହସମ୍ପାଦକ ଚିତ୍ତରଞ୍ଜନ ଦାସ, କୋଷାଧ୍ୟକ୍ଷ ଅନିରୁଦ୍ଧ ପରିଡା, ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ରାଉତ, ନାରାୟଣ ମାହୁନ୍ତ, ବାବାଜୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଡେରାବିଶ:** ପ୍ରସିଦ୍ଧ ଓଲକଣା ମେଳଣ ସୋମବାର ରାତି ୨ଟାରେ ଶୃଙ୍ଖଳାର ସହ ଶେଷ ହୋଇଛି। କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଏହି ମେଳଣ ମଙ୍ଗଳବାର ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଗ୍ରହଣ ପାଇଁ ସୋମବାର ଚତୁର୍ଦ୍ଦଶି ତିଥିର ରାତି ୯ଟାରେ ଆରମ୍ଭ ହୋଇଥିଲା। ଏହି ମେଳଣର ପରମ୍ପରା ଅନୁଯାୟୀ ଆଳି ରାଜାଙ୍କ ଦୁଇଟି ବିମାନ ଡେରାବିଶ ବ୍ଲକ୍ ଅଧୀନସ୍ଥ ରାଜନଗରରୁ ପଞ୍ଚମୁଖି ବିମାନରେ ରାଧାକୃଷ୍ଣ ଓ ଦୁମୁକାହାଟସ୍ଥ ପ୍ରଭୁ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଆସୁଥିବା ମା' ଲକ୍ଷ୍ମୀ ଅନ୍ୟଏକ ବିମାନରେ ଆସି ପଡ଼ିଆରେ ପୂର୍ବରୁ ନିର୍ମିତ ହୋଇଥିବା ମାଟିର ତିଆରି କନକ ବେଦୀରେ ଉପବେଶନ କରିବା ପରେ ଅନ୍ୟ ତିନିଦ୍ୱାର ଦେଇ କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ୧୦୦ରୁ ଉର୍ଦ୍ଧ୍ୱ ବିମାନ ପ୍ରବେଶ କରିଥିଲେ। ଏହି ମେଳଣର ମୁଖ୍ୟ ଆକର୍ଷଣ ଥିଲା ମାହାଙ୍ଗା ବ୍ଲକ ଅଧୀନ ଶ୍ରୀଭଦ୍ରେଶ୍ୱରଙ୍କ ମନ୍ଦିରରୁ ଆସୁଥିବା ହରରୂପୀ ଶିବଶକ୍ତି। ଜନଶ୍ରୁତି ଅନୁସାରେ ଭକ୍ତ ବିଦୂରଙ୍କ ଶାଗଭାତ ନୈବିଦ୍ୟରେ ତୁଷ୍ଟ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ବରପ୍ରାପ୍ତି ହୋଇଥିବା ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହରଙ୍କ ମିଳନ ପର୍ବର ପ୍ରତୀକ ସ୍ୱରୂପ ଏହି ମେଳଣରେ ସମସ୍ତ ବିମାନରେ ଶ୍ରୀ ରାଧାକୃଷ୍ଣ ଆସୁଥିବାବେଳେ ଭଦ୍ରେଶ୍ୱରଙ୍କ ପୀଠରୁ ହରରୂପୀ ଶିବଶକ୍ତିର ପ୍ରତୀକ ଚୁଳମାଳ ଏକ ସ୍ୱତନ୍ତ୍ର ବିମାନରେ ସୋମବାର ରାତି ୧୨ଟାରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ୧୦୮ ଘଣ୍ଟ ପଟୁଆରରେ ଏକ ଆଳତି ଭଦ୍ରେଶ୍ୱରଙ୍କ ବିମାନ ନିକଟରୁ ଭକ୍ତ ବିଦୂରଙ୍କ ମନ୍ଦିରକୁ ଯିବା ପରେ ମେଳଣ ଶେଷ ହୋଇଥିଲା। ଚଳିତ ବର୍ଷ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେରାବିଶ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ଓ ଭଦ୍ରେଶ୍ୱର ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂଙ୍କ ନେତୃତ୍ୱରେ ୧୪ ଜଣ ଅଧିକାରୀ ଓ ୪ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

# ବ୍ଲକସ୍ତରୀୟ ୧୪ ପର୍ଯ୍ୟାୟ ଭୀମଭୋଇ ସାମର୍ଥ୍ୟ ଶିବିର

ନୀଳଗିରି, ୫।୩ (ସମିସ): ଗୁରୁବାର ସକାଳ ୮ଟା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ପରିସରରେ ବ୍ଲକ ସ୍ତରୀୟ ୧୪ପର୍ଯ୍ୟାୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ବ୍ଲକ ଉପାଧକ୍ଷ



ଜ୍ୟୋତିମୟ ପୋଥାଳ, ବିଡିଓ ବିକ୍ରମ କେଶରୀ ପରିଡ଼ା ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଉପସ୍ଥିତ ଥିଲେ। ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ବିଭିନ୍ନ ବର୍ଗରେ ଯଥା ମାନସିକ ଅନଗ୍ରସରରେ ୫୮ଜଣ, ଭେଷଜ, ଅସ୍ଥିଶଲ୍ୟ୨୭୮ଜଣ ଏବଂ ଚକ୍ଷୁରେ ୪୯ଜଣ ମୋଟ ୩୮୫ ଜଣ ହିତାଧିକାରୀ ନିଜ ନିଜର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କୁ ଅଭିଜ୍ଞ ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର, ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବ୍ୟାଙ୍କ୍ ଋଣ ସୁବିଧା, ଆୟ ପ୍ରମାଣ ପତ୍ର ସହିତ ଯାତାୟାତ ନିମନ୍ତେ ବସ୍, ରେଳ ପାସ ଯୋଗାଇ ଦିଆଯାଇଥିବା ସ୍ଥଳେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏହି ଶିବିରରେ ଉପଖଣ୍ଡ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଭିଜ୍ଞ ଚିକିତ୍ସା ବିଶେଷଜ୍ଞ ଗଣ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଗୋଷ୍ଠୀ ସାମାଜିକ ସଶକ୍ତି କରଣ ଅଧିକାରୀ ସଲିମା ରାଉତ, କାର୍ଯ୍ୟକ୍ରମ ସହାୟିକା ଭାରତୀ ପ୍ରଭା ଲେଙ୍କା ସମେତ ପଞ୍ଚାୟତ ସମିତିର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ସୂଚାରୁ ରୂପେ ସମ୍ପାଦନ ହୋଇଥିଲା।

# ତିନିଦିନ ହେଲା ଜଳୁଛି ସ୍ୱର୍ଣ୍ଣଚୂଡ଼ ପାହାଡ଼





ନୀଳଗିରି, ୫।୩ (ସମିସ)

ବାଲେଶ୍ୱର ଜିଲ୍ଲା ନୀଳଗିରିସ୍ଥିତ ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ନିଆଁଲାଗି ବହୁ ବୃକ୍ଷଲତା, କୀଟପତଙ୍ଗ ଓ ବନୌଷଧି ଭସ୍ମୀଭୂତ ହୋଇଯାଇଥିବା ଦେଖିବାକୁ ମିଳିଛି। ପବନର ବେଗ ବଢ଼ିବା ସହ ନିଆଁ ବ୍ୟାପିବାରେ ଲାଗିଥିଲା। ନିଆଁର ପ୍ରକୋପ ଏତେ ଅଧିକ ହୋଇଥିଲା ଯେ ଅଗ୍ନିଶମ ବାହିନୀଙ୍କୁ ଲିଭାଇବା ପାଇଁ କଷ୍ଟସାଧ ହୋଇଛି। ପ୍ରତିବର୍ଷ ଗ୍ରୀଷ୍ମଋତୁ ଆସିଲେ ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାହାଡ଼, କୁଲଡ଼ିହା ଅଭୟାରଣ୍ୟ ଓ ଅଭୟାରଣ୍ୟ ପାଦଦେଶ ଅଞ୍ଚଳ, ତିନିକୋଶିଆ ଏବଂ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳେ। ବିଶେଷକରି ଶୁଖିଲାପତ୍ରରେ ନିଆଁ ଲାଗିବା ଫଳରେ ହୁତୁହୁତୁ ହୋଇ ଜଳୁଥିବା ଜଙ୍ଗଲ ନିଆଁ ବନ ବିଭାଗକୁ ଲିଭାଇବାପାଇଁ ନାକେଦମ୍ ହେବାକୁ ପଡ଼ିଥାଏ।

## ନାକେଦମ୍ ହେଲେଣି ଅଗ୍ନିଶମ ବାହିନୀ

ସୂଚନା ଯୋଗ୍ୟ, ମଙ୍ଗଳବାର ମଧ୍ୟାହ୍ନରେ ନୀଳଗିରି ମଙ୍ଗଳାମନ୍ଦିର ପଛପଟରେ ଥିବା ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶରେ ନିଆଁଲାଗି ପାହାଡଉପରକୁ ବ୍ୟାପିଥିବା ବେଳେ ନିଆଁର ପ୍ରକୋପ ଏତେ ଭୟଙ୍କର ରହିଥିଲା ଯେ ବଡ଼ବଡ଼ ଗଛ ଏଥିରେ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ନୀଳଗିରି ବନବିଭାଗର କର୍ମଚାରୀ ଓ ନୀଳଗିରି ଅଗ୍ନିଶମ ବାହିନୀ ଓ ବାଲେଶ୍ୱର ଆଇ.ଟି.ଆର. ପକ୍ଷରୁ ଏକ ଅଗ୍ନିଶମବାହିନୀ ଗତ ମଙ୍ଗଳବାର ଓ ବୁଧବାର ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ପାହାଡର ତଳଭାଗରେ ଲାଗିଥିବା ନିଆଁ ଲିଭାଇବାରେ ସଫଳ ହୋଇଥିଲେ ମଧ, ଉପରଭାଗରେ ଲାଗିଥିବା ନିଆଁକୁ ଲିଭାଇବାରେ ସଫଳ ହୋଇନଥିଲେ, କାରଣ ଉପରଭାଗ ପାହାଡକୁ ଅଗ୍ନିଶମବାହିନି ପହଞ୍ଚି ପାରିନଥିଲା। ତେବେ ନିଆଁର ପ୍ରକୋପରେ ବଡ଼ବଡ଼ ଗଛ ସହିତ ଔଷଧୀୟ ଗୁଳ୍ମ ଜଳିଯାଇଥିବା ଦେଖାଯାଇଛି। ଯଦି ପାହାଡ଼ ନିଆଁକୁ ଆୟତ୍ତ କରାନଯାଏ ତେବେ ପାହାଡ଼ରେ ବସବାସ କରୁଥିବା ଅନେକ ବନ୍ୟଜୀବଙ୍କ ଜୀବନ ପ୍ରତି ବିପଦଥିବା ପରିବେଶବିତ୍ ମାନେ ଆଶଙ୍କା କରିଛନ୍ତି। ଗୁରୁବାର ବନ ବିଭାଗ କର୍ମଚାରୀଙ୍କ କହିବା ଅନୁସାରେ ନିଆଁ ସ୍?ର୍ଣ୍ଣଚୂଡ଼ ପାହାଡ଼ ର ଉପରମୁଣ୍ଡରେ ରହିଛି ଏବଂ ଏକାଧିକ କର୍ମଚାରୀ ମାନେ ବ୍ଲୋୟର୍ ଦ୍ୱାରା କିଛିଟା ନିଆଁକୁ ଆୟତ୍ତ କରିଛନ୍ତି। ଆଉ କିଛି ବଡ ବଡ ଗଛର ମୁଳ କୁହୁଳୁଛି ସେସବୁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରାଯାଉଛି।

# ପିଇବା ପାଣି ପାଇଁ ଗରା, ବାଲଟି ରଖି ରାଜରାସ୍ତାରେ ମହିଳା

ନୀଳଗିରି, ୫।୩ (ସମିସ): ଗ୍ରୀଷ୍ମଦିନ ନଆସୁଣୁ ପିଇବା ପାଣି ପାଇଁ ହନ୍ତସନ୍ତ ଜନଜୀବନ। ପ୍ରତିବର୍ଷ ବିଶେଷକରି ଖରାଦିନେ ପିଇବାପାଣିର ସମସ୍ୟା ଦେଖାଦେଉଥିବା ବେଳେ ଚଳିତବର୍ଷ ମଧ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଡାଳିମ୍ବପାଳ ଗ୍ରାମରେ



ବସୁଧା ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଉଥିବା ବେଳେ ଗତ ତିନିଦିନ ଧରି ଜଳଯୋଗାଣ ବନ୍ଦ ରହିଛି। ଫଳରେ ଲୋକେ ରାନ୍ଧିବା ଓ ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇନଥିବାରୁ ଗତ ମଙ୍ଗଳବାର ମିତ୍ରପୁର- ବରହମପୁର ମୁଖ୍ୟରାସ୍ତାର ଡାଳିମ୍ବପାଳ ଠାରେ ଶହଶହ ସଂଖ୍ୟାରେ ମହିଳାମାନେ ରାସ୍ତା ଅବରୋଧକରି ଧାରଣାରେ ବସିଥିଲେ। ଉଭୟପଟରେ ଯାତ୍ରୀବାହୀ ବସ ଓ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ପମ୍ପ ଚଳାଇବା କର୍ମଚାରୀଙ୍କୁ ତିନିମାସ ଧରି ଦରମା ମିଳିନଥିବାରୁ ସେ ପାଣିଯୋଗାଣକୁ ଆସୁନଥିବାରୁ ଗତ ସୋମବାର ସ୍ଥାନୀୟ ସରପଞ୍ଚ, ବିଭାଗୀୟ ଯନ୍ତ୍ରୀ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନ୍ୟଜଣକୁ ଅସ୍ଥାୟୀଭାବେ ଜଳଯୋଗାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାଙ୍କର ପାଉଣା ବାବଦକୁ ଗ୍ରାମରୁ ଅର୍ଥଆଦାୟ କରି ଦରମାଦେବାକୁ ନିଷ୍ପତ୍ତି ହୋଇଥିବା ବେଳେ ଗ୍ରାମବାସୀମାନେ ଏଥିରେ ଅରାଜି ହୋଇଥିଲେ। ଫଳରେ ଉକ୍ତକର୍ମଚାରୀ ଜଣକ ପାଣି ଛାଡିନଥିଲେ। ଏହାକୁ ନେଇ ଗ୍ରାମର ମହିଳାମାନେ ରାଜରାସ୍ତାରେ ଗରା, ବାଲତି ରଖି ଧାରଣା ଦେଇଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ଦୀପ୍ତିରାଣୀ ସିଂ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହିତ ପାଣି ଚାଲୁକରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ

ରାଜଘାଟ, ୫।୩(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପୁଟୁରା ଏବଂ ନାଇକୁଡ଼ି ପଞ୍ଚାୟତ ମିଳିତ ଆନୁକୂଲ୍ୟରେ ଶକ୍ତିକ୍ଷେତ୍ର ଚାରିଗାଁରେ ପତଞ୍ଜଳୀ ଯୋଗ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଯୋଗ ଗୁରୁ ତଥା ରାଜ୍ୟ କିଷାନ ପ୍ରଭାରୀ ସ୍ୱୟଂ ପ୍ରଭା ଦ୍ୱିତ ରଞ୍ଜନ ମହାପାତ୍ର ଉପସ୍ଥିତ ହୋଇ ଯୋଗ କରିବା ଦ୍ୱାରା ମନୁଷ୍ୟର ଶରୀର ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଜ୍ଞାନ ନେତ୍ର ଖୋଲେ ଏବଂ ଭଗବାନଙ୍କ ସହିତ ଯୁକ୍ତ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପ୍ରଭାରୀ କରୁଣାକର ଶିୟଳ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମହିଳା ପ୍ରଭାରୀ ଯଶୋମତୀ ଶିୟଳ, ଜିଲ୍ଲା କିଷାନ ପ୍ରଭାରୀ ଅକ୍ଷୟ କୁମାର ସାହୁ, ଗୋପ ଗୋବିନ୍ଦ ମଲ୍ଲିକ, ଯାମିନୀ କାନ୍ତ ପାତ୍ର, ମନ୍ମଥ କୁମାର ଦାସ ଅଧିକାରୀ, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଯୋଗ ଶିକ୍ଷକ ବସନ୍ତ କୁମାର ଦାସ, ଭକ୍ତ ବତ୍ସଳ ଦଳାଇ, ଶମ୍ଭୁନାଥ ଦେ, ଗୋବିନ୍ଦ ସାମନ୍ତ, ଅମୂଲ୍ୟ କୁମାର ଶାସମଲ, ସୁଶାନ୍ତ ବେହେରା, ରଜନୀକାନ୍ତ ସିଂହ, ସଞ୍ଜୟ ମହାନ୍ତି, ସନ୍ତୋଷ ବେହେରା, ସଞ୍ଜୟ କୁମାର ଗୋଛାୟତ, ରବୀନ୍ଦ୍ର ଦେ, ଗୋପାଳ ଘଡାଇ, ସମରେନ୍ଦ୍ର ହଟାଇ, ଅଶ୍ୱତ୍ଥମା ହଟାଇ ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରକ୍ ପଛକୁ ପିଟିଲା ଟ୍ରକ୍, ୨ ଆହତ



ରାଜଘାଟ, ୫।୩ (ସମିସ): ୧୬ ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଛିଡା ହୋଇଥିବା ସିମେଣ୍ଟ ବୋଝେଇ ଟ୍ରକକୁ ପଛପଟୁ ଧକ୍କା ଦେଲା ଡଷ୍ଟ ବୋଝେଇ ଟ୍ରକ୍। ଦୁର୍ଘଟଣାରେ ଦୁଇ ଟ୍ରକର ଡ୍ରାଇଭର ଗୁରୁତର ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ସିମେଣ୍ଟ ବୋଝେଇ ଟ୍ରକର ଚକା ଫାଟି ଯିବାରୁ ତାରିଣୀ ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିଲା। ଏହି ସମୟରେ ପଛପଟୁ ଆସୁଥିବା ଏକ ଡଷ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଛିଡା ହୋଇଥିବା ଟ୍ରକକୁ ପଛ ପଟୁ ଜୋରରେ ଧକ୍କା ଦେବା ଯୋଗୁଁ ଟ୍ରକର ଆଗ ପଟ ଭାଙ୍ଗି ସମ୍ପୂର୍ଣ୍ଣ ଚୂରମାର ହେବା ସହ ଟ୍ରକ ଭିତରେ ଡ୍ରାଇଭର ଫସି ରହିଥିଲେ। ଅନ୍ୟପଟେ ଧକ୍କା ହେବା ଯୋଗୁଁ ସିମେଣ୍ଟ ବୋଝେଇ ଟ୍ରକ୍‌ଟି ରାସ୍ତା ପାର୍ଶ୍ୱକୁ ଖସିପଡ଼ି ଥିଲା। ଖବରପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଭ୍ୟାନ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଦୁଇ ଜଣଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଟ୍ରକକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

# ହୋଲି ରଙ୍ଗରେ ରଙ୍ଗୀନ ହେଲେ ସଭିଏଁ







ଜଳେଶ୍ୱର ବ୍ଲକ, ୫।୩ (ସମିସ)







ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ନନ୍ଦିକା ଜଳେଶ୍ୱରଠାରେ ରଙ୍ଗର ଉତ୍ସବ ହୋଲିପର୍ବ ପାଳିତ ହୋଇଯାଇଅଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ ପୌରୋହିତ୍ୟ କରିଥିଲାବେଳେ ଅନୁଷ୍ଠାନର ବରିଷ୍ଠ ପରାମର୍ଶଦାତା ଦିଲ୍ଲୀପ କୁମାର ଗିରି, କୋଷାଧକ୍ଷ ସମରେଶ ଦିନ୍ଦା, ସଦସ୍ୟ ଅଶୋକ ଦାସ, ପ୍ରଧାନ ଶିକ୍ଷକ ଆଇଜାକ ପରିଡ଼ା, ଜଳେଶ୍ୱର ବିକାଶ ପରିଷଦର ସମ୍ପାଦକ ମନୋରଞ୍ଜନ ଦାସ, କାଶିଡିହା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର କର, ଜଳେଶ୍ୱର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ପାଠୀ, ଜଳେଶ୍ୱର ଟାଉନ କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ, ଇତିଶ୍ରୀ ଦତ୍ତ, ବିଜେପି ନଗର ସଭାପତି ତଥା କାଉନସିଲର ଶିବ ନାରାୟଣ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ସମର କରଣ, ବିଶ୍ୱଭୂଷଣ ଦାସ, ଦେବଜାନୀ ଅଣ୍ଡିଆ, ଅବସରପ୍ରାପ୍ତ ଅଧ୍ୟାପିକା ଇନ୍ଦୁମତୀ ଗିରି, ଅନନ୍ତ ଦାସ, ସତ୍ୟନାରାୟଣ କର, ବଲ୍ଲଭ ଘୋଷ, ମାନସ ଦାସ, ସୁମତୀ ରଣା, ମଞ୍ଜୁଳିକା ଘୋଷ, ମୁକ୍ତା ରାଣୀ ପାଲ, ନମିତା ଦାସ ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ସହିତ ହୋଲି ଖେଳି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ତତ୍ତ୍ୱାବଧାରକ ଆଶିଷ କୁମାର ମହାପାତ୍ର, ସହାୟକ ଯଦୁନାଥ ନାୟକ, ନନ୍ଦନ ଦେ, ଗୌରୀ ଶଙ୍କର ପ୍ରଧାନ, ଅରୁଣ ଦେ, ସହାୟିକା ଟୀନା ରାଣୀ ଦେ, ଧରିତ୍ରୀ ପରିଡ଼ା, ମାମୁନି ଦେ ସହଯୋଗ କରିଥିଲେ।

**ଓୟୁଜେ:** ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ହୋଲି ଉତ୍ସବ ପାଳିତ ହୋଇଯାଇଛି। ୟୁନିଅନର ସଦସ୍ୟ ମାନେ ପରସ୍ପର ମଧ୍ୟରେ ରଙ୍ଗ ଓ ଅଭିର ଖେଳ କରି ବେଶ ମଜା ନେଇଥଲେ। ଏଥି ସହିତ ସଦସ୍ୟ ମାନେ ପୃଥକ ପୃଥକ ଭାବେ ସରକାରୀ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ ଦତ୍ତ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀଙ୍କୁ ଭେଟି ସେମାନଙ୍କ ସହ ରଙ୍ଗ ଓ ଅଭିର ଆଦାନ ପ୍ରଦାନ କରିଥିଲେ।

**ନିଆରା ପରମ୍ପରା ଷଣ୍ଢ ନୃତ୍ୟ:** ଦୋଳ ପୂର୍ଣ୍ଣିମା ଏବଂ ହୋଲି ସମୟରେ ବାଲେଶ୍ୱରରେ ଅନେକ ପୁରାତନ ପରମ୍ପରା ଦେଖିବାକୁ ମିଳେ। ଏହା ଭିତରୁ ଷଣ୍ଢ ନାଚ ଅନ୍ୟତମ। ସହରର ପାଟରା ମନ୍ଦିର ନିକଟରୁ ଦୋଳ ପୂର୍ଣ୍ଣିମା ସନ୍ଧ୍ୟାରେ ଏହି ଷଣ୍ଢ ନାଚ ବାହାରି ସହର ପରିକ୍ରମା କରିଥାଏ। ପୂର୍ଣ୍ଣିମା ପୂର୍ବରୁ ପାଟରା ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିବର୍ଷ ବାଉଁଶ ଓ କନା ଦ୍ୱାରା ଧଳା ଓ ଲାଲ୍ ରଙ୍ଗର ଦୁଇଟି ଷଣ୍ଢ ପ୍ରସ୍ତୁତି କରାଯାଇଥାଏ। ଆଉ ଚାରି ଜଣ ଲୋକ ଏହାକୁ ନଚାଇ ନଚାଇ ଶୋଭାଯାତ୍ରାରେ ନେଇ ଥାଆନ୍ତି। ୧୯୫୬ ମସିହାରୁ ବାଲେଶ୍ୱର ସହରରେ ଏହି ଭଳି ଷଣ୍ଢନାଚ ଅନୁଷ୍ଠିତ ହୋଇ ଆସୁଛି।

**ରେମୁଣା :** ବାଲେଶ୍ୱରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଈଶ୍ୱର କୃପା ୱେଲଫାୟାର ଟ୍ରଷ୍ଟ ପକ୍ଷରୁ ଯୁବ ସାମ୍ବାଦିକ ସ୍ୱର୍ଗତ ଶୁଭଙ୍କର ପିରି ସ୍ମୃତିରେ ରେମୁଣା ବ୍ଲକ ଅନ୍ତର୍ଗତ ବାଲିଆ ଗ୍ରାମପଞ୍ଚାୟତ କୁକୁଡ଼ାପଦା ଠାରେ ଥିବା ଉତ୍ସର୍ଗ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ନେଇ ଫଗୁ ଉତ୍ସବ ପାଳନ କରାଯାଇଥିଲା। ଅତିଥି ଭାବେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ପୂର୍ବତନ ଏବିଓ ବିକର୍ତ୍ତନ ନାୟକ, ବାସ୍ତୁବିତ ଡ଼. ମନ୍ମଥ ମିଶ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ ସତ୍ୟଭାମା ମୁଦୁଲି, ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ନାୟକ, ଯୁବ ଡାକ୍ତର ଲକ୍ଷ୍ମଣ ସାମଲ, କଳ୍ପନା ନାୟକ ପ୍ରମୁଖ ଯୋଗଦେଇ ଅନ୍ତେବାସୀ ବାପା, ମା, ମାନଙ୍କୁ ଫଗୁ ବୋଳିବା ସହିତ ବର୍ତ୍ତମାନ ସମୟରେ ଯୁବଗୋଷ୍ଠୀ ବୃଦ୍ଧା ବାପା ମା'ଙ୍କୁ ଅବହେଳା କରିବା ସହିତ ନିର୍ଯ୍ୟାତନା ଦେଉଛନ୍ତି ସେମିତି ନ କରିବାକୁ ସମସ୍ତେ ସମାଜକୁ ବାର୍ତ୍ତା ଦେଇଥିଲେ। ଟ୍ରଷ୍ଟର ସଭାପତି ସାମ୍ବାଦିକ ସରୋଜ କୁମାର ସାହୁ, ମୁଖ୍ୟ ଟ୍ରଷ୍ଟି ସାମ୍ବାଦିକ ଲୋକନାଥ ପିରି, ସମ୍ପାଦିକା ଅମିତା ପିରି, ଶକ୍ତି କୁମାର ଦାସ, ମଞ୍ଜୁଲତା ଦାସ, ପ୍ରୀତିଲତା ପିରି, ଲଳିତା ପିରି ପ୍ରମୁଖ ଉପସ୍ଥିତ ରହି ବୃଦ୍ଧ ମା ବାପାଙ୍କୁ ପାଦରେ ଫଗୁ ଦେବା ସହିତ ମିଷ୍ଟାନ ଖୁଆଇ ଆଶୀର୍ବାଦ ନେଇଥିଲେ।

**କଇନଗରୀ ଦୋଳ ମହୋତ୍ସବ:** ବସ୍ତା ବ୍ଲକ ଅନ୍ତର୍ଗତ କଇନଗରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ କଇନଗରୀ କନକେଶ୍ୱର ମହାଦେବଙ୍କ ପୀଠରେ ଦୋଳ ଉପଲକ୍ଷେ ଶ୍ରୀ ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କ ଅଷ୍ଟମପ୍ରହରୀ ନାମ ସଂକୀର୍ତ୍ତନ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶହ ଶହ ଶ୍ରଦ୍ଧାଳୁ ପରସ୍ପରଙ୍କୁ ଅବିର ବୋଳି ହୋଲିର ମଜ୍ଜା ନେଇଥିଲେ। ପରେ ସମସ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଜୟଗୋପାଳ ସାମନ୍ତଙ୍କ ନେତୃତ୍ୱରେ ସତ୍ୟରଞ୍ଜନ ସି, ଗୋପୀକୃଷ୍ଣ ମହାନ୍ତି, ଆଶିଷ କୁମାର ସି, ଜ୍ୟୋତିରଞ୍ଜନ ଦାସ, ମାନସ କୁମାର କାମିଳା, ଦେବ କୁମାର ସି ଓ ରଞ୍ଜନ ସି ପ୍ରମୁଖ ଏ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କଥା ଓ କବିତାରେ ହୋଲି ପାଳିଲେ :** ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ପଳାସପୁର ଛକଠାରେ କଥା ଓ କବିତାରେ ହୋଲି ପାଳିଲେ ଅଞ୍ଚଳବାସୀ। ସ୍ଥାନୀୟ ସାମାଜିକ ଅନୁଷ୍ଠାନ ସୃଷ୍ଟି ଓ ଅଭ୍ୟୁଦୟମ ମିଳିତ ସହଯୋଗରେ ନିଆରା ଭାବରେ ପ୍ରଥମ ଥର ପାଇଁ ଗ୍ରାମୀଣ ପରିବେଶରେ ରଙ୍ଗର ପର୍ବ ହୋଲି ପାଳନ କରାଯାଇଛି। ଏହି ଅବସରରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ହୋଇ ଉଦବୋଧନ ଦେଇଥିଲେ। କୁରୁଡ଼ା ଛକଠାରୁ ଭାୟା ପଳାଶପୁର ଛକ ଦେଇ ମଠସାହି ପର୍ଯ୍ୟନ୍ତ ଚୌଡାଯୁକ୍ତ ରାସ୍ତା ଖୁବ୍ ନିକଟରେ ଆରମ୍ଭ ହେବ ବୋଲି କଥା ରଖିଥିଲେ। ଏହା ଅଞ୍ଚଳ ବାସୀଙ୍କୁ ହୋଲିର ଭେଟି ବୋଲି କଥା ଛଳରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ର, ଯୁବକବି ମଧୁସୂଦନ ମିଶ୍ର, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, ପ୍ରଭାକର ସାହୁ, ସୃଷ୍ଟିର ମୁଖ୍ୟ ସନତ କୁମାର ପରିଡ଼ା, ଜୟନ୍ତ ହଂସ ରାଜ, ଡାକ୍ତର ସମୀକ୍ଷା ଦାଶ, ଇଂ ଦେବେନ୍ଦ୍ର ଧିନ୍ଦା ପ୍ରମୁଖ ଉପସ୍ଥିତ ହୋଇ କଥା ଓ କବିତା ରଖିଥିଲେ। କବି ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଶକ୍ତି ପ୍ରସାଦ ରାଉତ ମଞ୍ଚ ଆହ୍ୱାନ ଓ ଦେବିପ୍ରସାଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରଜ ପରିଡ଼ା, ଦିବ୍ୟଜ୍ୟୋତି ରାଉତ, ସୁଧାକର ରାଉତ, ଭଗବାନ ସାହୁ, ରଜନୀକାନ୍ତ ସାହୁ, ପରମା ନନ୍ଦ ସିଂହ, ଶୁଭ୍ରାଂଶୁ ରାଉତ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

**ରାଜଘାଟ:** ବସ୍ତା ବ୍ଲକ ଭେଲୋରା ଦକ୍ଷିଣ ସାହିରେ ରାଧାକୃଷ୍ଣ ଦୋଳମହୋତ୍ସବ ଓ ୨୪ ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ଦୋଳମହୋତ୍ସବ ମଙ୍ଗଳବାର ଠାରୁ ଆରମ୍ଭ ହୋଇ ଗୁରୁବାର ସମାପନ ହେବା ସହିତ ମହାପ୍ରଭୁଙ୍କର ନାମ ସଂକୀର୍ତ୍ତନ ସମାପନ ହୋଇଯାଇଛି। ଏହି ଉପଲକ୍ଷେ ବିରାଟ ପ୍ରସାଦ ସେବନ ବ୍ୟବସ୍ଥା ହୋଇଯାଇଛି। ଏହି ମେଳଣ ତଥା ନାମସଂକୀର୍ତ୍ତନ ଦେଖିବା ନିମନ୍ତେ ଗ୍ରାମର ତଥା ଆଖପାଖ ଅଞ୍ଚଳର ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଆଜକୁ ଦୀର୍ଘ ୧୭ ବର୍ଷ ଧରି ଏହି ରାଧାକୃଷ୍ଣ ଦୋଳମହୋତ୍ସବ ପାଳିତ ହୋଇ ଆସୁଅଛି। କାର୍ଯ୍ୟକ୍ରମରେ ଗ୍ରାମର ରତ୍ନାକର ସାହୁ, ନାରୀଗୋପାଳ ସାହୁ ସଞ୍ଜୀବ ଗିରି, କାର୍ତ୍ତିକ ପ୍ରସାଦ ସାହୁ, ନରୋତ୍ତମ ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ।

**କାଳିପଦା :** ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ପକ୍ଷରୁ ବ୍ଲକ ଛକ ଏସ କେ ଜି ଟ୍ରଷ୍ଟ ପରିସରରେ ହୋଲି ମିଳନ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଆବାହକ ସୁକାନ୍ତ ଗିରି ଅଧକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସନ୍ୟାସୀ ବେହେରା, ମାର୍ଗଦର୍ଶକ ମନ୍ମଥ କୁମାର ସାହୁ, ଆରତୀ ପାତ୍ର, ଜ୍ୟୋତି ରଞ୍ଜନ ପଟ୍ଟାୟତ, ନମିତା ସାମଲ, ହରେକୃଷ୍ଣ ତ୍ରିପାଠୀ, ଶ୍ରୀହରି ମଣ୍ଡଳ, ଦିଲ୍ଲୀପ ଦାସ, ସଦାଶିବ ସେଠୀ, ଗୋପାଳ କୃଷ୍ଣ ବିଶ୍ୱାଳ, ସବିତା ଦାସ, ଜୟନ୍ତୀ ପଣ୍ଡା, କ୍ଷିତୀଶ ଜେନା, ସଞ୍ଜୁ ଲତା ଦାସ ଅଧିକାରୀ, କୁଞ୍ଜକାନ୍ତ ପାତ୍ର, ସୁଧୀର କୁମାର ଜେନା ପ୍ରମୁଖ ଯୋଗ ଦେଇ ହୋଲିର ମହାତ୍ମ୍ୟ ଓ ଉତ୍କଳୀୟ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପାତ୍ର, ସେକ ନିମାଜୀ, ଅନିତା ପରିଡ଼ା, କମଳ ଲୋଚନ ଦତ୍ତ, ସୁମିତ୍ରା ସାହୁ, ଶକୁନ୍ତଳା ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ରଙ୍ଗ ଅବିର ଲଗାଇ ଯେ ଯାହା ଶୁଭେଚ୍ଛା ଓ ଆଶୀର୍ବାଦ ନେଇ ଥିଲେ।

**ପ୍ରବାଦପୁରୁଷ ବିଜୁବାବୁଙ୍କ ଜୟନ୍ତୀ**

# ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ







ନୀଳଗିରି, ୫।୩ (ସମିସ)

ମହାନ ଜନନାୟକ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବହୁସଂଖ୍ୟାରେ ବିଜୁପ୍ରେମୀ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ନୀଳଗିରି ବାଇପାସ ନିକଟସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ବିଜେଡ଼ି କାର୍ଯ୍ୟାଳୟରେ ସମ୍ମିଳିତ ହୋଇଥିଲେ। ଏହି ଅବସରରେ ବିଜୁବାବୁଙ୍କ ଜୀବନୀକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ମହିଳା ବରିଷ୍ଠ ଉପସଭାନେତ୍ରି ସୁନିତୀ ସିଂ, ନୀଳଗିରି ବିଜେଡ଼ି ବ୍ଲକ ସଭାପତି ରାଜୀବ ଦାସବାବୁ, ନଗର ସଭାପତି ଅଚ୍ୟୁତ ପ୍ରଧାନ, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, କ୍ଷେତ୍ରମୋହନ ସିଂ, ଗଙ୍ଗାଧର ମିଶ୍ର, ଲୋକନାଥ ଦଳେଇ, ପୂର୍ବତନ ୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ମାଳତୀ ମାଝୀ, କମଳାମଣି ପରିଡ଼ା, ଯୁବନେତା ଉଦୟଜ୍ୟୋତି ମହାନ୍ତି, ବୁଦ୍ଧଦେବ ସରକାର ପ୍ରମୁଖ ଯୋଗଦେଇ ଓଡ଼ିଶା ମାଟିର ଏହି ମହାନ୍ ଜନନାୟକ ତଥା ପ୍ରବାଦପୁରୁଷ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମୃଦ୍ଧଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ ଏବଂ ତାଙ୍କର ପଦାଙ୍କ ଅନୁସରଣକରି ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାବାସୀଙ୍କୁ ସେବାଯୋଗାଇ ଦେଇଥିବା ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଅବଦାନ ବିଷୟରେ ଆଲୋଚିତ ହୋଇଥିଲା। ତେଣୁ ଆଗାମୀ ଦିନରେ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ପୁନର୍ଜୀବିତ କରିବାକୁ ତୃଣମୂଳ ସ୍ତରରେ କାର୍ଯ୍ୟକରିବାକୁ ଏହି ସଭାରେ ଆହ୍ୱାନ ଦିଆଯାଇଥିଲା।

**ଜଳେଶ୍ୱର:** ପ୍ରବାଦ ପୁରୁଷ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ କର୍ମୀ ସମ୍ମିଳନୀ ସ୍ଥାନୀୟ ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବ୍ଲକ ବିଜୁ ଜନତା ଦଳର ସଭାପତି ଦିଲ୍ଲୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜୟନ୍ତୀ ପାଳନ ଉତ୍ସବ ଓ କର୍ମୀ ସମ୍ମିଳନୀରେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଙ୍ଗୀତା ସେନାପତି, ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଅନାଦୀ ଚରଣ ଦାସ, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବଚନରେ ବିଜୁ ଜନତା ଦଳର କର୍ମୀ ମାନଙ୍କର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାତୟର ନିର୍ବାଚିତ ଜନପ୍ରତିନିଧି, ସରପଞ୍ଚ, ସମିତି ସଦସ୍ୟଙ୍କ ସହିତ ଜଳେଶ୍ୱର ପୌରପରିଷଦର ନିର୍ବାଚିତ ଜନ ପ୍ରତିନିଧି ଓ ବିଜୁ ଜନତା ଦଳର ନେତା ଓ କର୍ମୀ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



**ରେମୁଣା:** ରେମୁଣା ଏନଏସି ଅନ୍ତର୍ଗତ ହନୁମାନ କଲ୍ୟାଣ ମଣ୍ଡପଠାରେ ରେମୁଣା ନିର୍ବାଚନ ମଣ୍ଡଳୀ ତରଫରୁ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଆଜି ସକାଳ ୭ ଘଟିକା ସମୟରେ ରାଉତରାପୁରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବରେ ବିଜେଡିର ସାଧାରଣ ସମ୍ପାଦିକା ଡ. ରେଖାଶ୍ରୀ ସାମନ୍ତ ସିଂହାର ଯୋଗଦାନ କରି ବିଜୁ ବାବୁଙ୍କ ଭଳି ପ୍ରତିଭାବାନ ବ୍ୟକ୍ତିଙ୍କୁ ଭାରତ ରତ୍ନ ନ ମିଳିବା ଓଡ଼ିଶା ରାଜ୍ୟପାଇଁ ଘୋର ଅନ୍ୟାୟ ବୋଲି ମତ ପ୍ରକାଶ କରି ଓଡ଼ିଶା ପାଇଁ ତାଙ୍କ ଅବଦାନ ବିଷୟରେ ବଖାଣି ଥିଲେ। ଅନ୍ୟତମ ବକ୍ତା ଭାବେ ରେମୁଣା ଏନ. ଏ. ସି. ର ଅଧ୍ୟକ୍ଷା ତନୁଜା ଗିରି, ରେମୁଣା ଏନ. ଏ. ସି.ର ସଭାପତି ଆୟେସାନ ଖାନ, ବ୍ଲକ ଉପାଧ୍ୟକ୍ଷା ସୁମତି ବେହେରା, ବ୍ଲକ ସଭାପତି ଅଭିମନ୍ୟୁ ଧିନ୍ଦା, ଅଧ୍ୟାପକ ପ୍ରଶାନ୍ତ ବରାଳ, ଲକ୍ଷ୍ମୀକାନ୍ତ ଦାସ, ପ୍ରଫୁଲ୍ଲ ମଣ୍ଡଳ, ରାମ ନାରାୟଣ ବେହେରା, ଦୁଷ୍ମନ୍ତ କୁମାର ଦାସ, ଅମୀୟ ମହାନ୍ତି, ସନ୍ତୋଷ କୁମାର ବେହେରା, ଗୌରାଙ୍ଗ ଦାସ, ସରପଞ୍ଚ ଶରତ କୁମାର ପାଣି, ଚୈତନ୍ୟ ମାଝୀ, ଦୟାନିଧି ମହାପାତ୍ର, କପିଳେଶ୍ୱର ଦାସ, ଅନ୍ନପୂର୍ଣ୍ଣ ସିଂ, କୁନ୍ତଳା ତରେଇ, ପାନମଣୀ ମୁର୍ମୁ ଆଦି ବକ୍ତବ୍ୟ ରଖିଥିଲେ। ମାଧବାନନ୍ଦ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଚନ୍ଦନେଶ୍ୱର:** ମହାନ ଜନନାୟକ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ହାଟ ଠାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଯୋଗ ଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଭୋଗରାଇ ବିଜୁଜନତା ଦଳ ତରଫରୁ ଆୟୋଜିତ ଏହି ସଭାରେ ଭୋଗରାଇ ବିଜେଡି ସଭାପତି ରମାକାନ୍ତ କରଣ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ଜିଲ୍ଲା ବିଜେଡ଼ି ଉପସଭାପତି ତପନ କୁମାର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ର?ୀର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ପ୍ରାକ୍ତନ ଜିଲ୍ଲାପରିଷଦ ତଥା ବ୍ଲକ ବିଜେଡି ଉପସଭାପତି ପ୍ରଦୀପ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, କବିତା ମହାନ୍ତି, ନିବେଦିତା ମହାନ୍ତି, ଦମୟନ୍ତୀ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଶୋକ ସାହୁ, କୋଷାଧ୍ୟକ୍ଷ ନଗେନ୍ଦ୍ର ପାତ୍ର, ବ୍ଲକ ବିଜେଡି ସମ୍ପାଦକ ହେମନ୍ତ ବେହେରା, ସରପଞ୍ଚ ପ୍ରତ୍ୟାଶା ପାତ୍ର, ସମାଜସେବୀ ଶ୍ରୀହରି ଜେନା, ସୁଧୀର ପାତ୍ର, ଗୌରହରି ମଣ୍ଡଳ, ସଦସ୍ୟ ପ୍ରଦୀପ ଦାସ, ଟୁକୁରୀହାଜିରା ସରପଞ୍ଚ ଉପେନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ନଳିନୀ ସେଠୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଶ୍ରଦ୍ଧାପୁର ପୂର୍ବତନ ସଦସ୍ୟ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଜୁବାବୁଙ୍କ ଜୟନ୍ତୀ ଉପଲକ୍ଷେ ଆଜି ସକାଳେ ଦଳ ପକ୍ଷରୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ଡାକ୍ତର କମଳାକାନ୍ତ ଜେନା, ଡାକ୍ତର ସପନ କୁମାର ନାୟକ, ସରପଞ୍ଚ ?ରୁପାକ୍ଷ ଜେନା, ସମିତି ସଭ୍ୟ ଶିର୍ଷେନ୍ଦୁ ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୀପକ ଦାସ, ନଳିନୀକାନ୍ତ ସେଠୀ, ତରୁଣ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ସିମୁଳିଆ :** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତର ବଜାର ସାଇ କ୍ରିଷ୍ଣା ଚକ୍ଷୁ ଚିକତ୍ସାଳୟରେ ଏକ ସଭା ମଣ୍ଡପର ଆୟୋଜନ କରା ଯାଇଥିଲା। ମୁଖ୍ୟଅତିଥି ସିମୁଳିଆ-ଖଇରା ନିର୍ବାଚନ ମଣ୍ଡଳୀର ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଥିଲା। ମୁଖ୍ୟବକ୍ତା ନୀଳଗିରି ପୂର୍ବତନ ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇଥିଲେ। ବ୍ଲକ ସଭାପତି ଉମାକାନ୍ତ ମହାନ୍ତି, ଖଇରା ବ୍ଲକ ସଭାପତି ରାଜେନ୍ଦ୍ର ଦାଶ, ଜୟନ୍ତୀ ମହଲା ଉପସ୍ଥିତ ଥିଲେ।

## ଜଳିଗଲା ଇଭି କାର

ବାଲେଶ୍ୱର, ୫।୩ (ସମିସ): ପୁଲିସ୍ ଲାଇନ ଛକରେ ଏକ ଦୁର୍ଘଟଣା ଘଟିଛି। ରାସ୍ତାରେ ଚାଲୁ ଥିବା ଏକ ଇଭି କାର ଜଳିଯାଇଛି। ହେଲେ କାହାରି କିଛି କ୍ଷତି ହୋଇନଥିବା ଜଣା ଯାଇଛି। ଆଜି ସଂଧ୍ୟାରେ ଏକ ଇଭି କାର ହଟାତ୍ ଜଳି ଯାଇଛି। ଗାଡ଼ିର ବ୍ୟାଟେରୀ ଜଳିଯିବା ଫଳରେ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ଏହି ଗାଡି ରେ ଦୁଇଜଣ ଥିଲେ। ନିଆଁ ଲାଗିଯିବା ଫଳରେ ସେମାନେ ସୁରକ୍ଷିତ ଭାବେ ଗାଡ଼ିରୁ ବାହାରି ଆସିଥିଲେ। ତେବେ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ଖବର ପାଇ ଦମକଳ ବାହୀନି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛି।

## କାର ଧକ୍କାରେ ଇ-ରିକ୍ସା ଚାଳକ ଗୁରୁତର

ଚନ୍ଦନେଶ୍ୱର, ୫।୩ (ସମିସ): ବାଲେଶ୍ୱର ଜିଲା ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଜଗନ୍ନାଥପୁର ଛକଠାରେ ମଙ୍ଗଳବାର ମଧ୍ୟାହ୍ନରେ ଏକ କାର ସହିତ ଇ-ରିକ୍ସା ମୁହାଁମୁହିଁ ଧକ୍କା ହେବାରୁ ରିକ୍ସା ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ରିକ୍ସା ଚାଳକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ରେମୁଣାସ୍ଥିତ ଚିକତ୍ସାଳୟ ଏବଂ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ କାର ସହିତ ଇ ରିକ୍ସାକୁ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥି ଜବତ କରି ନେଇଯାଇଥିଲେ। ଦୁଇ ଜଣଙ୍କର ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ।

## ଦୁଇ ବେଆଇନ ପଥର ବୋଝେଇ ଡମ୍ଫର ଜବତ

ସୋର, ୫।୩ (ସମିସ): ସୋର ଥାନା ବାଗୁଡ଼ି ବଜାର ନିକଟରେ ସୋର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ କରାଯାଇଛି। ସୂଚନା ଅନୁସାରେ ବାଗୁଡ଼ି ଖାଦାନ ଅଞ୍ଚଳରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ରଙ୍କ ନିର୍ଦ୍ଦେଶରେ ସୋର ପୁଲିସ ଚଢ଼ାଉ କରିଥିଲା। ଏହି ସମୟରେ ପାଞ୍ଚଟି ଡମ୍ଫରକୁ ଅଟକାଇ ଗାଡିର କାଗଜ ପତ୍ର ଯାଞ୍ଚ କରିଥିଲେ। ସେଥିମଧ୍ୟରୁ ତିନୋଟି ଡମ୍ଫରର କାଗଜପତ୍ର ଠିକ ଥିବା ବେଳେ ଗାଡି ଗୁଡିକୁ ଛାଡି ଦେଇଥିବା ବେଳେ ଦୁଇଟି ଡମ୍ଫରକୁ ଜବତ କରିବା ସହିତ ଦୁଇ ଚାଳକଙ୍କୁ ଥାନାରେ ଅଟକ ରଖିଛନ୍ତି। ଏ ବାବଦରେ ଥାନାରେ ଦୁଇଟି ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ତାଲା ଭାଙ୍ଗି ତିନି ଦୋକାନରୁ ଚୋରି

କାଳିପଦା, ୫।୩ (ସମିସ): ବାଲିଆପାଳ ବ୍ଲକ ଦୈନିକ ସିମୁଳିଆ ମାର୍କେଟ ର ଦୁଇ ବଣିଆ ଦୋକାନ ଓ ଗୋଟିଏ ତେଜରାତି ଦୋକାନର ତାଲା ଭାଙ୍ଗି ବୁଧବାର ରାତିରେ ଚୋରି ହୋଇ ଯାଇଛି। ଚୋରି ହୋଇଥିବା ଦୁଇ ବଣିଆ ଦୋକାନର ମାଲିକ ହେଲେ ପ୍ରଶାନ୍ତ କୁମାର ସିଂ ଓ ଗୋଲକ ବିହାରୀ ଦାସ। ତେଜରାତି ଦୋକାନର ମାଲିକ ହେଲେ ଅନୀଲ କୁମାର ଜେନା। ଚୋର ମାନେ ଜିନିଷ ପତ୍ର ଓ ନଗଦ ଟଙ୍କା ଲୋଟି ନେଇ ଯାଇଛନ୍ତି। ସକାଳକୁ ତିନି ଦୋକାନର ମାଲିକ ଥାନାକୁ ଲିଖିତ ଭାବେ ଜଣାଇବା ପରେ ପୁଲିସ ତଦନ୍ତ କରି ଫେରିଛି।

## ବିଷପିଇ ମହିଳା ମୃତ

ସୋର, ୫।୩ (ସମିସ): ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ବେଳେ ଜଣେ ବିଷ ପିଇଥିବା ମହିଳାଙ୍କର ସୋର ମେଡିକାଲରେ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁସାରେ ବାଲିଆପାଳ ଥାନା ଅନ୍ତର୍ଗତ ବଡ଼ତାଳପଦା ଗ୍ରାମର ଅଖିନ ଦଳେଇଙ୍କ ସ୍ତ୍ରୀ ନିଲମ ଦଳେଇ (୩୭) ଗତକାଲି ଅପରାହ୍ନରେ ପାରିବାରିକ କଳହରୁ ବିଷ ପିଇ ଦେଇଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଲିଆପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ଅତି ଗୁରୁତ୍ତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ପରିବାର ଲୋକେ ତାଙ୍କୁ ଏକ ୧୦୮ ଆମ୍ବୁଲାନ୍ସରେ କଟକ ସ୍ଥାନାନ୍ତର କରୁଥିବା ବେଳେ ବିଳମ୍ବିତ ରାତିରେ ଉତ୍ତରେଶ୍ୱର ନିକଟରେ ତାଙ୍କ ଅବସ୍ଥା ଅତି ଗୁରୁତ୍ତର ହେବାରୁ ତାଙ୍କୁ ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଆଜି ସକାଳେ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ନିଆଁ ଲାଗି ଜଳିଗଲା ବାସଗୃହ



ଚନ୍ଦନେଶ୍ୱର, ୫।୩ (ସମିସ): ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତର ଦକ୍ଷିଣ ବଡ଼ପାହି ୬ ନମ୍ବର ୱାର୍ଡର ସୁଚିତ୍ରା ଦଲାଇଙ୍କ ଘରେ ନିଆଁ ଲାଗି ବାସଗୃହ ପୋଡି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ ଏହି ଗ୍ରାମର ସୁଚିତ୍ରାଙ୍କ ସ୍ୱାମୀ ମିଥୁନ ଦଲାଇଙ୍କ ମୃତ୍ୟୁ ପରେ ୯ ବର୍ଷର ଏକମାତ୍ର ପୁଅ କିରଣ ଦଲାଇର ମୁହଁକୁ ଚାହିଁ ମୁଲ ଲାଗି ବହୁ ଦୁଃଖ କଷ୍ଟରେ ଦିନ କାଟୁଥିଲେ। ଗାଁରେ ଠିକ ଭାବରେ କାମ ନ ମିଳିବାରୁ ବାଧ ହୋଇ ୨ ମାସ ପୂର୍ବରୁ ନିଜ ଗାଁ ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଘରେ ପୁଅ କିରଣ ସହିତ ତା ଆଇ ରହୁଥିଲେ। ଗତ ମଙ୍ଗଳବାର ପ୍ରାୟ ଅପରାହ୍ନ ୧ ଟା ସମୟରେ ଘରେ କେହି ନଥିବା ସମୟରେ ହଠାତ ଘର ନିଆଁ ଲାଗି ହୁତ ହୁତ ହୋଇ ଜଳୁଥିବାର କିରଣ ଓ ତାର ଆଇ ଦେଖି ଚିତ୍କାର କରିଥିଲେ। ପାଖ ପଡୋଶୀ ଦୌଡ଼ି ଆସି ଗୋରା, ବାଲଟି ଧରି ବହୁ କଷ୍ଟରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ।କିନ୍ତୁ ସେତେବେଳକୁ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇ ଯାଇଥିଲା। ଅଗ୍ନିଶମ ବିଭାଗକୁ କଲ କରିଥିଲେ ମଧ ଲାଗି ନଥିଲା। ବିଦ୍ୟୁତ୍ ସଟ ସର୍କିଟ ପାଇଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଘରେ ଥିବା ସମସ୍ତ ଆସବାପତ୍ର, ପଲଙ୍କ ଗଦି, ଲୁଗାପଟା, ଧାନ, ଚାଉଳ, ଟଙ୍କା ପୋଡି ଯାଇ ପାଉଁଶ ହୋଇଯାଇଛି। ପୁଅ କିରଣ ତୃତୀୟ ଶ୍ରେଣୀରେ ଦକ୍ଷିଣ ବଡ଼ପାହି ସ୍କୁଲରେ ପଢୁଅଛି। ତାର ସବୁ ବହି ନିଆଁରେ ପୋଡି ପାଉଁଶ ହୋଇଯାଇଛି। କିରଣ କେମିତି ପାଠ ପଢ଼ିବ ସେହି ଚିନ୍ତାରେ ଏବେ ନାତିକୁ ନେଇ ଆଈ ଅନ୍ୟ ଘରେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ତାଙ୍କ ପାଖରେ ବର୍ତ୍ତମାନ ଖାଇବା ପାଇଁ ଦାନା, ପିନ୍ଧିବା ପାଇଁ କନା ନାହିଁ। କାନ୍ଥଭଉଁରୀ ପଞ୍ଚାୟତର ଜଣେ ସମାଜସେବୀ ସତ୍ୟ କୁମାର ସାମଲ ସେଠାରେ ପହଞ୍ଚି କିରଣ ଓ ତାର ଆଈକୁ ସାନ୍ତ୍ୱନା ଦେବା ସହିତ ଆର୍ଥିକ ସାହାଯ୍ୟର ହାତ ବଢ଼ାଇଛନ୍ତି। ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି ତଦନ୍ତ କରିଛନ୍ତି। ସେହି ପରିବାରକୁ ତୁରନ୍ତ ଆର୍ଥିକ ସାହାଯ୍ୟ ସହିତ ଭୂମିହୀନ ପାଇଁ ୪ ଡ଼ିସିମିଲ ପଟ୍ଟା ଯୋଗାଇବାକୁ ସରକାରଙ୍କୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ରଙ୍ଗପତିରେ ଦୋଳ ମେଳଣ ଉତ୍ସବ

ସୋର, ୫।୩ (ସମିସ): ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ରଙ୍ଗପତି ଗ୍ରାମର ରାଧାକୃଷ୍ଣ ଜୀଉଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ଣ ୧୦ଟା ସମୟରେ ସୁସଜ୍ଜିତ ଦୋଳ ବିମାନଗୁଡ଼ିକ ଶୋଭାଯାତ୍ରାରେ ପହଞ୍ଚି ଗ୍ରାମ ପରିକ୍ରମା କରିବା ପରେ ସୁରେନ୍ଦ୍ର କୁମାର ଦାସଙ୍କ ମେଳଣ ପୀଠରେ ବିଜେ ହୋଇଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ସଂକୀର୍ତ୍ତନ ଦଳ ସହିତ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କୁଳ ଠାକୁର ରାଧାକୃଷ୍ଣ ପୁରୋଧା ଭାବେ ଆବିର୍ଭାବ ହୋଇଥିବା ବେଳେ ନଦୀଗାଁ, ସରଶଙ୍କ, ଜଡ଼ିଦା, ୱାଦା, ତିଳଦା, ନୂଆପୁର ଆଦି ଗ୍ରାମରୁ ୪୩ ଟି ବିମାନ ଏଥିରେ ଶୋଭା ପାଇଥିଲା। ଏହି କାର୍ଯ୍ୟକ୍ରମକୁ ବାବାଜୀ ପଦ୍ମଲୋଚନ ଦାସଙ୍କ ପୁତ୍ର ରବୀନ୍ଦ୍ର କୁମାର ଦାସ, ଗଜେନ୍ଦ୍ର ପ୍ରସାଦ ଦାସ, ବୀରେନ୍ଦ୍ର ଦାସ ଓ ସୁରେନ୍ଦ୍ର ଦାସ ପରିଚାଳନା କରିଥିଲେ। ଏଥିରେ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ଜାମଶୂଳୀ କଲେଜ ଯୁକ୍ତ ଦୁଇ ମୂଲ୍ୟାଙ୍କନ କେନ୍ଦ୍ର ହେଲା

କାଳିପଦା, ୫।୩ (ସମିସ): ବସ୍ତା ବ୍ଲକ ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ଚଳିତ ବର୍ଷ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ର ପାଇଁ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସ୍ୱୀକୃତି ପ୍ରଦାନ କରିଛନ୍ତି। ସମସ୍ତ ଖାତା ଅନ ଲାଇନରେ ମୂଲ୍ୟାଙ୍କନ ହେବ। ଏଥିପାଇଁ କଲେଜ ପକ୍ଷରୁ ଆବଶ୍ୟକ ଜରୁରୀ ସୁରକ୍ଷିତ ମୂଲ୍ୟାୟନ କୋଠରୀ, କମ୍ପ୍ୟୁଟର ହବସ, ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରି ଓ କର୍ମଚାରୀଗଣ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଚେୟାରମ୍ୟାନ, ପରୀକ୍ଷା ନିୟନ୍ତ୍ରକ ପ୍ରମୁଖଙ୍କୁ ବଧେଇ ଜଣାଇଛନ୍ତି।

## ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦାଶଙ୍କ ଦେହାନ୍ତ



ଔପଦା, ୫।୩(ସମିସ): ସାମ୍ବାଦିକତା କ୍ଷେତ୍ରରେ ଔପଦା ଖଇରା ସିମୁଳିଆ ଅଞ୍ଚଳର ପ୍ରଥମ ସାମ୍ବାଦିକ ମାନଙ୍କ ପାଇଁ ପଥ ପଥପ୍ରଦର୍ଶକ ବରିଷ୍ଠ ସାମ୍ବାଦିକ ରାମ ଚନ୍ଦ୍ର ଦାଶ(୭୬)ଙ୍କ ଦେହାନ୍ତ ରେ ଔପଦା ଖଇରା ସମେତ ବିଭିନ୍ନ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସାମ୍ବାଦିକ ସ୍ୱର୍ଗତ ଦାଶ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗ ରେ ପୀଡିତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଆଜି ୭୬ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପ୍ରାଥିବ ଶରୀର ଆସୁଥିବା ସମୟରେ ଖଇରା, କୁପାରୀ, ଆଗର ପଡ଼ା, ଗଣ୍ଡିବେଢ଼ ଓ ଔପଦା ଅଞ୍ଚଳ ରେ ସାମ୍ବାଦିକ ସମେତ ବିଶିଷ୍ଟ ବ୍ୟକ୍ତି ମାନେ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ।

## ସମବାୟ ସମିତିର ଚାଷୀମାନଙ୍କ ପକ୍ଷରୁ ରାସ୍ତାରୋକ



ଜଳେଶ୍ୱର, ୫।୩ (ସମିସ) : ଆଜି ବର୍ତନା ଓ ପାଇକସିଦା ସେବା ସମବାୟ ସମିତିର ଚାଷୀମାନେ ରାସ୍ତାରୋକ କରିଥିଲେ। ଟୋକନ୍‌ଧାରୀ ଚାଷୀମାନଙ୍କ ଧାନ ମିଲର ଉଠାଉନଥିବାରୁ ବହୁ ଚାଷୀଙ୍କ ଟୋକନ୍ ଲାପ୍ସ ହେବାକୁ ବସିଲାଣି। ଏପରିକି ଚାଷୀ ମଣ୍ଡିରେ ଧାନ ରଖି ଆଶା ଆଶଙ୍କାରେ ଦିନ ବିତାଉଥିବା ବେଳେ ପ୍ରାୟ ୨୨ହଜାର କୁଇଣ୍ଟାଲ ଧାନ ବିକ୍ରି ହେବାକୁ ବାକି ରହିଛି। ଆଜି ପୂର୍ବାହ୍ନରେ ଶହ ଶହ ଚାଷୀମାନେ ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ସରସୀଦାଛକଠାରେ ଧାନବସ୍ତା ରଖି ଧାରଣାରେ ବସିଥିଲେ। ଦୁଇ ପଟେ ଶହ ଶହ ଗାଡିମଟର ଅଟକି ରହିଥିବା ବେଳେ ଖବରପାଇ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ତହସିଲଦାର ସତ୍ୟଜିତ୍ ମହାନ୍ତି, ନାମ୍ପୋ ଆଇଆଇସି ଅର୍ପିତା ପ୍ରିୟଦର୍ଶିନୀ, ଯୋଗାଣ ଅଧିକାରୀ ଅବନ୍ତିକା ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ଦୀର୍ଘ ସମୟ ଧରି ସମାଧାନ ନ ହେବାରୁ ବାଲେଶ୍ୱର ଅତିରିକ୍ତ ସିଏସ୍‌ଓ ଏଲିନା କୁଜୁର, ଏସ୍‌ସିଏସ୍‌ଓ ପୁରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମାର୍ଚ୍ଚ ମାସ ଶେଷ ସୁଦ୍ଧା ବିକ୍ରି ହେବାକୁ ବାକିଥିବା ବର୍ତ୍ତନା ସମବାୟ ସମିତିର ୧୭ ହଜାର କ୍ୱିଣ୍ଟାଲ ଓ ପାଇକସିଦା ସେବାସମବାୟ ସମିତିର ୫ ହଜାର କ୍ୱିଣ୍ଟାଲ ଧାନ ମିଲର ପର୍ଯ୍ୟାୟକ୍ରମେ ନେବାର ପ୍ରତିଶ୍ରୁତି ଦେବାପରେ ଦିନ ୩ଟା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କଂଗ୍ରେସ ନେତା ସୁଦର୍ଶନ ଦାସ, ବିଜେଡି ନେତା ମଧୁସୂଦନ ସେନାପତି, ସିପିଏମ୍ ନେତା ଦିଲ୍ଲିପ ଗିରି, ସରପଞ୍ଚ ପଦ୍ମଲୋଚନ ବେହେରା, ବର୍ତନା ସେବା ସମବାୟ ସମିତି ସଭାପତି ଅତିତ୍ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅନନ୍ତ ରାଉଳ, ନୀଳକଣ୍ଠ ଦାସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ମୃତ୍ୟୁଞ୍ଜୟ ସାମଲ, ରମାକାନ୍ତ ଜେନା, ମନୋରଞ୍ଜନ ଜେନା, ଜଗେଶ୍ୱର ସାମଲ, ଅଜିତ୍ ରାଉତ, ଦୀଲ୍ଲିପ ପରିଡ଼ା, ଅଜିତ୍ ଜେନା, ଅଜୟ ପ୍ରଧାନଙ୍କ ନେତୃତ୍ୱରେ ଶହ ଶହ ଚାଷୀ ରାସ୍ତାରୋକ କରିଥିଲେ।

## ବ୍ରାଉନସୁଗର ଜବତ, ୨ ଗିରଫ

ଜଳେଶ୍ୱର, ୫।୩ (ସମିସ): ଜଳେଶ୍ୱର ଓ ଭୋଗରାଇ ଅବକାରୀ ବିଭାଗର ମିଳିତ ଚଢାଉରେ ଦୁଇ ବ୍ରାଉନସୁଗର ବେପାରୀ ସହିତ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗାର ଜବତ ହୋଇଥିବା ଜଣାଯାଇଛି। ଅବକାରୀ ଅଧୀକ୍ଷକ ଶଶିକାନ୍ତ ଦତଙ୍କ ନେତୃତ୍ୱରେ ଜଳେଶ୍ୱର ଓ ଭୋଗରାଇ ଅବକାରୀ ଥାନା ତରଫରୁ ଚଢାଉ କରି ଦୁଇ ଜଣ ବ୍ରାଉନସୁଗାର ବେପାରୀ ସହିତ ୨୧୦ଗ୍ରାମର ବ୍ରାଉନସୁଗାର ଓ ଗୋଟିଏ ମଟର ବାଇକ ଜବତ କରାଯାଇଛି। ଏଥିନେଇ ଜଳେଶ୍ୱର ଅବକାରୀ ଥାନାରେ କେଶ ନଂ ୨୭୩/୨୫-୨୬ ମୂଳେ ଗିରଫ ବ୍ୟକ୍ତିଙ୍କ ନିକଟରୁ ୧୩୦ଗ୍ରାମର ବ୍ରାଉନସୁଗର ଓ ଏକ ଟିଭିଏସ ମୋଟର ବାଇକ ଜବତ କରାଯାଇଥିବା ବେଳେ ଭୋଗରାଇ ଅବକାରୀ ଥାନାରେ କେଶ ନଂ ୨୨୯/୨୫-୨୬ ମୂଳେ ମାମଲା ରୁଜୁ କରି ଗିରଫ ବେପାରୀ ନିକଟରୁ ୮୦ଗ୍ରାମର ବ୍ରାଉନ ସୁଗର ଜବତ କରାଯାଇଛି। ଏହି ଗିରଫ ଦୁଇଜଣ ବେପାରୀ ପଶ୍ଚିମବଙ୍ଗରୁ ବ୍ରାଉନସୁଗାର ନେଇ ବାଲେଶ୍ୱର ଓ କଟକ ଜିଲ୍ଲାକୁ ଯିବା ବେଳେ ଅବକାରୀ ପୋଲିସ ହାତରେ ଧରା ପଡ଼ିଥିଲେ ବୋଲି ସୂଚନା ଦେବା ସଙ୍ଗେ ସଙ୍ଗେ ଅଧିକ ତଦନ୍ତ ପାଇଁ ଗିରଫ ବ୍ୟକ୍ତିଙ୍କ ନାମ ପ୍ରକାଶ କରାଯାଇନାହିଁ ବୋଲି ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଡମ୍ଫର ଧକ୍କାରେ ଷଣ୍ଢ ମୃତ

ଜଳେଶ୍ୱର, ୫।୩(ସମିସ): ଆଜି ଭୋର ସମୟରେ ଜିକେଭଟ୍ଟର ହସ୍‌ପିଟାଲ ସମ୍ମୁଖରେ ଏକ ଷଣ୍ଢ ଉପରେ ଡମ୍ଫର ଚଢିଯିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇ ଡମ୍ଫରଟି ଚମ୍ପଟ ମାରିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଖବରପାଇ ମ୍ୟୁନିସିପାଲଟି ପକ୍ଷରୁ ମୃତ ଷଣ୍ଢକୁ ନେଇ ଯାଇଥିବା ଜଣାଯାଇଛି। ତେଣୁ ରାତିରେ ପୁଲିସ୍ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

## ଟ୍ରାକ୍ଟର ବ୍ୟାଟେରୀ ଚୋରି, ୪ ଗିରଫ

ଔପଦା, ୫।୩(ସମିସ): ସ୍ଥାନୀୟ ଅଞ୍ଚଳର ସିରିଜ ଚୋରି ଓ ଛିନ୍ତାଇର ମାଷ୍ଟର ମାଇଣ୍ଡ ଉଜ୍ଜ୍ୱଳ ପ୍ରଧାନ ସମେତ ୪ ଜଣ ଟ୍ରାକ୍ଟର ବ୍ୟାଟେରୀ ଚୋରୀ କରି ଗିରଫ ହୋଇଥିବାର ଜଣାପଡ଼ିଛି। ଗତକାଲି ବିଳମ୍ବ ରାତ୍ରିରେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଅନନ୍ତ ପ୍ରସାଦ ମହାନ୍ତିଙ୍କ ବାସଭବନ ନିକଟ ପୋଖରୀ ପାଖ ରେ ଥିବା ଟ୍ରାକ୍ଟର ର ବ୍ୟାଟ୍ରି ଚୋରୀ ହୋଇଥିବା ନେଇ ସେ ସକାଳେ ଜାଣିବାକୁ ପାଇ ଔପଦା ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଔପଦା ଥାନା ଅନ୍ତର୍ଗତ ଉଜ୍ଜ୍ୱଳ ପ୍ରଧାନ(୨୭), ଖଇରା ଗ୍ରାମର ବସନ୍ତ ବାରିକ(୩୩), ତଳକିଆ ଗ୍ରାମର ଯୋଗେଶ୍ୱର ଦାସ(୨୯), ଜଳପଙ୍କର ନବଘନ ଦାସ(୨୨) ପ୍ରମୁଖ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଥାନା ଆଗରେ ସାମ୍ବାଦିକଙ୍କ ଧାରଣା

କାଳିପଦା, ୫।୩ (ସମିସ): ସାମ୍ବାଦିକ ଚନ୍ଦନ କୁମାର ଜେନା ନ୍ୟାୟ ଓ ଅଭିଯୁକ୍ତର ଗିରଫ ଦାବି କରି ଆଜି ବାଲିଆପାଳ ଥାନା ଆଗରେ ଧାରଣାରେ ବସିଛନ୍ତି। ଚନ୍ଦନଙ୍କୁ କୁଆଡେ ବିଷ୍ଣୁପୁର ଗ୍ରାମର ସରୋଜ କୁମାର ଦାସ ଜାତି ଉଠାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଚନ୍ଦନ ଏକ ସପ୍ତାହ ତଳେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଚନ୍ଦନ ଧାରଣାରେ ବସିବାକୁ ବାଧ ହୋଇଥିବା କହିଛନ୍ତି। ଥାନାଧିକାରୀ ସାଲଖନ ମୁର୍ମୁ ଧାରଣା ସ୍ଥଳରେ ପହଁଞ୍ଚି କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଚନ୍ଦନ ଧାରଣାରୁ ଉଠିଥିଲେ।



# ଭୁବନେଶ୍ୱର ସିଟି

## ନିଶା ପାଇଁ ସ୍ୱାମୀ ସାଜିଲା ସଇତାନ

# ମଦ ପାଇଁ ଟଙ୍କା ନଦେବାରୁ ପତ୍ନୀଙ୍କୁ ହତ୍ୟା

■ ପାଣି ଢାଳି ପ୍ରମାଣ ନଷ୍ଟ ଉଦ୍ୟମ
■ ଆଜବେଷ୍ଟସରେ ଲୁଚାଇଥିଲା ଛୁରି



ଭୁବନେଶ୍ୱର, ୫।୩ (ସମିସ): ପୁଣି ନିଶା ପାଇଁ ଗଡ଼ିଛି ମୁଣ୍ଡ। ହୋଲି ପୂର୍ବ ରାତିରେ ରକ୍ତ ରଞ୍ଜିତ ହୋଇଛି ଫୁଲେଶ୍ୱରୀ ବସ୍ତି। ମଦ ପିଇବାକୁ ଟଙ୍କା ନଦେବାରୁ ଛୁରି ଭୁଷି ପତ୍ନୀଙ୍କୁ ହତ୍ୟା କରିଛି ସ୍ୱାମୀ। ମୃତା ମହିଳା ହେଲେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବିଜିପୁରର ସାବିତ୍ରୀ ମଲ୍ଲିକ। ଏଭଳି କାଣ୍ଡ ଭିଆଇଥିବା ସ୍ୱାମୀ ତଥା ଭାପୁରର ପୂର୍ଣ୍ଣଚନ୍ଦ୍ର ମଲ୍ଲିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ତା' ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ ହୋଇଛି।

ପୁଲିସ ସୂଚନାନୁଯାୟୀ, ବିଜିପୁରର ସାବିତ୍ରୀ ଓ ଭାପୁରର ପୂର୍ଣ୍ଣଚନ୍ଦ୍ର ବିବାହ କରିବା ପରେ ଉଭୟ ଫୁଲେଶ୍ୱରୀ ବସ୍ତିର ପ୍ଲଟ୍ ନଂ-୩୧୬/୨୧୫୫ରେ ରହି ଆସୁଥିଲେ। ସାବିତ୍ରୀ ଏକାଧିକ ଘରେ ଘରୋଇ ସହାୟିକା ଭାବେ ଓ ମିରମ୍ ରେଷ୍ଟୁରାଣ୍ଟରେ ମଧ୍ୟ କାମ କରୁଥିଲେ। କିନ୍ତୁ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଟଙ୍କାଟିଏ ରୋଜଗାର କରୁନଥିବା ବେଳେ ଦୈନନ୍ଦିନ ଖର୍ଚ୍ଚ ପାଇଁ ପତ୍ନୀଙ୍କ ଉପରେ ନିର୍ଭର କରୁଥିଲା। ପୂର୍ଣ୍ଣଚନ୍ଦ୍ର ନିଶା ସେବନ କରିବାକୁ ସାବିତ୍ରୀଙ୍କ ଠାରୁ ଜୋରଜବରଦସ୍ତି ଟଙ୍କା ନେଇ ଯାଉଥିବାରୁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା।

ଗତ ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ସାବିତ୍ରୀ କାମରୁ ଫେରି ଘରେ ଥିବାବେଳେ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲା। ହେଲେ ସେ ଟଙ୍କାଟିଏ ଦେବେ ନାହିଁ ବୋଲି କହିବାରୁ ପୂର୍ଣ୍ଣଚନ୍ଦ୍ର ରାଗି ଯାଇ ତାଙ୍କୁ ଧକ୍କା ପକାଇଥିଲା। ସାବିତ୍ରୀ ତଳେ ପଡ଼ିଯିବା ପରେ ପୂର୍ଣ୍ଣଚନ୍ଦ୍ର ପରିବା କଟା ଛୁରି ଆଣି ତାଙ୍କ ବାମ ପଟ ପେଟକୁ ଭୁଷି ଦେଇଥିଲା। ସାବିତ୍ରୀ ଯେତେ କାକୁତିମିନତି ହୋଇଥିଲେ ମଧ୍ୟ ପୂର୍ଣ୍ଣଚନ୍ଦ୍ର ବାରମ୍ବାର ଛୁରି ଭୁଷି ଚାଲିଥିଲା। ସାବିତ୍ରୀଙ୍କ ପାଟି ଶୁଣି ପଡ଼ୋଶୀମାନେ ଧାଇଁ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ସେପଟେ ଘରର ଚଟାଣ ସାରା ରକ୍ତ ଛିଟିକା ପଡ଼ିଥିଲା। ପ୍ରମାଣ ନଷ୍ଟ କରିବାକୁ ଯାଇ ପୂର୍ଣ୍ଣଚନ୍ଦ୍ର ଘରକୁ ପାଣି ପକାଇବା ଧୋଇ ଦେଇଥିଲା। ରକ୍ତ ଲଗା ଛୁରିକୁ ଏକ ଜରି ମୁଣାରେ ପୁରାଇ ଭଙ୍ଗା ଆଜବେଷ୍ଟସ ତଳେ ଲୁଚାଇ ଦେଇଥିଲା। ଏହାପରେ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲା। ଲୋକମାନେ ତାକୁ ଘେରିଯାଇ କାବୁ କରିବା ସହ ପୁଲିସକୁ ହସ୍ତାନ୍ତର କରିଥିଲେ। ସାବିତ୍ରୀଙ୍କ ମାଆ ବାସନ୍ତୀ ମଲ୍ଲିକ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସାବିତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ସେପଟେ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ) ଧାରା ୨୩ ଅନୁଯାୟୀ ଦୁଇ ଜଣ ସାଧାରଣ ଲୋକ (ସାକ୍ଷୀ)ଙ୍କ ଉପସ୍ଥିତିରେ ପୂର୍ଣ୍ଣଚନ୍ଦ୍ରର ବୟାନ ରେକର୍ଡ କରିଥିଲା। ପୂର୍ଣ୍ଣଚନ୍ଦ୍ରର ବୟାନ ଆଧାରରେ, ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଫୁଲେଶ୍ୱରୀ ବସ୍ତି ସ୍ଥିତ ଭଡ଼ା ଘରେ ଚଢ଼ଉ କରିଥିଲା। ସେଠାରୁ ଘଟଣାରେ ବ୍ୟବହୃତ ଛୁରି ଜବତ କରିବା ପରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ କୋର୍ଟ ଚାଲାଣ କରିଥିଲା।

● କାର୍ ବ୍ୟାକ୍ କରିବା ବେଳେ ଅଘଟଣ

# ଗାଡ଼ି ଚଢ଼ିଯାଇ ଘରୋଇ ସହାୟିକାଙ୍କ ମୃତ୍ୟୁ




■ ପାହାଚରୁ ଖସି ପଡ଼ିଛନ୍ତି କହି ଖସିବାକୁ ଉଦ୍ୟମ
■ ମାଲିକ ଗିରଫ; ଗାଡ଼ି ଜବତ

ଭୁବନେଶ୍ୱର, ୫।୩ (ସମିସ): ରାଜଧାନୀର ମଧୁସୂଦନ ନଗର ଅଞ୍ଚଳରେ ଅମାନବୀୟ ଘଟଣା ଘଟିଛି। କାର୍ ବ୍ୟାକ୍ କରିବା ବେଳେ ଗାଡ଼ି ଚଢ଼ିଯିବାରୁ ଘରୋଇ ସହାୟିକାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଫୁଲବାଣୀ ଜିଲ୍ଲା ଗୋଛାପଡ଼ା ଥାନା ଅଞ୍ଚଳର ସୁମିତ୍ରା ଦିଗାଲ (୬୨)। ସୁମିତ୍ରାଙ୍କ ଭାଇ ପୀତବାସଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ମାମଲା ରୁଜୁ କରି ମାଲିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, ମଧୁସୂଦନ ନଗରରେ ରହୁଥିବା ବାଲିଅନ୍ତା ଥାନା ଆଣ୍ଡୁଆରିର ପ୍ରଦୀପ୍ତ କୁମାର ଦାସ (୬୬)।

ପୁଲିସ ସୂଚନାନୁଯାୟୀ, ସୁମିତ୍ରା ଦୀର୍ଘ ଦେଢ଼ବର୍ଷ ହେବ ପ୍ରଦୀପ୍ତଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ବୁଧବାର ସକାଳ ସମୟରେ ସୁମିତ୍ରା ଦାଣ୍ଡରେ ଝାଡୁ ମାରୁଥିବା ବେଳେ ପ୍ରଦୀପ୍ତ କାର୍ ବ୍ୟାକ୍ କରୁଥିଲେ। ହଠାତ୍ ଗାଡ଼ିଟି ସୁମିତ୍ରାଙ୍କ ଉପରେ ଚଢ଼ିଯିବା ସହ ଗୋଡ଼, ଛାତି ଓ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ପ୍ରଦୀପ୍ତଙ୍କ ଭାଇମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଭଉଣୀ ପାହାଚରୁ ପଡ଼ି ମୃତ୍ୟୁବରଣ କରିଥିବା ପ୍ରଦୀପ୍ତ ଫୋନ୍ କରି ପୀତବାସଙ୍କୁ ଜଣାଇଥିଲେ। ପିତବାସ ଆସି ପହଞ୍ଚିବା ବେଳକୁ ସୁମିତ୍ରାଙ୍କ ଗୋଡ଼ ଓ ଛାତିରେ ଟାୟାର ଦାଗ ଦେଖିଥିଲେ। ମାଲିକ ପ୍ରଦୀପ୍ତ କାର୍ ଚଢ଼ାଇ ସୁମିତ୍ରାଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ କାମ କରୁଥିବା ତାଙ୍କର ଜଣେ ଗ୍ରାମବାସୀଙ୍କ ଠାରୁ ପୀତବାସ ଜାଣିବାକୁ ପାଇଥିଲେ।

ପୀତବାସଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ସୁମିତ୍ରାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତଦନ୍ତ ବେଳେ ତାହା ହତ୍ୟା ନୁହେଁ, ବରଂ କଲପେବଲ୍ ହୋମିସାଇଡ୍ ବୋଲି ପୁଲିସ ଜାଣିବାକୁ ପାଇଥିଲା। ପ୍ରଥମରୁ ହତ୍ୟା ମାମଲା ରୁଜୁ କରିଥିବା ପୁଲିସ ପରବର୍ତ୍ତୀ ସମୟରେ କଲପେବଲ୍ ହୋମିସାଇଡ୍ ଦଫାକୁ ପରିବର୍ତ୍ତନ କରିଥିଲା। ଅଭିଯୁକ୍ତ ପ୍ରଦୀପ୍ତଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଦୁର୍ଘଟଣାଗ୍ରସ୍ତ କାର୍ ଓ ମୋବାଇଲ ଫୋନ୍ ଜବତ କରିଥିଲା।

# ରେଳ ଧାରଣାରୁ ମିଳିଲା ବିଲ୍ଡରଙ୍କ ମୃତଦେହ



ଭୁବନେଶ୍ୱର, ୫।୩ (ସମିସ): ଶ୍ରୀଲିଙ୍ଗରାଜ ଷ୍ଟେସନ ନିକଟସ୍ଥ ରେଳ ଧାରଣାରୁ ମୃତଦେହ ଠାବ ହୋଇଛି। ମୃତକ ହେଉଛନ୍ତି ବୋଡଣ୍ଡା ଗାଁର ମୂରଲୀଧର ବେହେରା ଓରଫ୍ ପପୁ (୩୭)। ସେ ଜମିବାଡ଼ି ବ୍ୟବସାୟ କରୁଥିଲେ।

ସୂଚନା ଅନୁସାରେ, ପପୁ ବିବାହିତ ହୋଇଥିବା ବେଳେ ତାଙ୍କର ପତ୍ନୀ ଓ ଦୁଇଟି ଝିଅ ଅଛନ୍ତି। ସେ ଓ ତାଙ୍କ ମାନସ ମିଶି ସ୍ଥାନୀୟ ଅଞ୍ଚଳରେ ଜମିବାଡ଼ି ବ୍ୟବସାୟ କରୁଥିଲେ। ପ୍ଲଟିଂ ସ୍କିମ ଭିତରେ ନିର୍ମାଣାଧୀନ ସାଇଟକୁ ପଥର, ମୋରମ୍ ଆଦି କଞ୍ଚାମାଲ ଆସୁଥିବାରୁ ପପୁ ଅନେକ ସମୟରେ ରାତିରେ ସାଇଟରେ ରୁହନ୍ତି। ଗତ ସୋମବାର ରାତି ୯ଟାରେ ପପୁ ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୧୨ଟା ବେଳକୁ ହଠାତ୍ ତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଘର ଲୋକ ବ୍ୟସ୍ତ ତାଙ୍କ ସାଙ୍ଗମାନଙ୍କୁ ଫୋନ୍ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଭୋର୍ ସମୟରେ ପପୁଙ୍କ କାର୍‌ଟି ଶ୍ରୀ ଲିଙ୍ଗରାଜ ଷ୍ଟେସନ ନିକଟରେ ପାର୍କିଂ ହୋଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଗଲା ବେଳକୁ, ଶ୍ରୀ ଲିଙ୍ଗରାଜ ଷ୍ଟେସନ ଓ ସରକନ୍ତରା ରେଳଧାରଣାରେ ପପୁଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ଭୁବନେଶ୍ୱର ସରକାରୀ ରେଳବାଇ ପୁଲିସ (ଜିଆରପି) ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ପପୁଙ୍କର କିପରି ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

● ୩ ଦିନିଆ ରିମାଣ୍ଡରେ କୋଟିପତି ଖଣି ଅଧିକାରୀ

# ପଚରାଉଚରା ପାଇଁ ଫୁଲବାଣୀ ନେବ ଭିଜିଲାନ୍ସ

ଭୁବନେଶ୍ୱର, ୫।୩(ସମିସ): ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ପୂର୍ବତନ କଟକ ମଣ୍ଡଳ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ ରିମାଣ୍ଡରେ ଅଣାଯାଇଛି। ଗୁରୁବାର ଅଭିଯୁକ୍ତ ଦେବବ୍ରତଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଭିଜିଲାନ୍ସ ନିର୍ଦ୍ଦେଶାଳୟ ମାରାଥନ ଜେରା କରୁଛି। ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ଭିଜିଲାନ୍ସ ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୩ ଦିନିଆ ରିମାଣ୍ଡ ଲାଗି ଅନୁମତି ଦେଇଥିଲେ। ଏହାପରେ ଝରପଡ଼ା ଜେଲରୁ ଦେବବ୍ରତଙ୍କୁ ଭିଜିଲାନ୍ସ ଟିମ୍ ଆଣି ପଚରାଉଚରା କରୁଛି। ତେବେ ଶୁକ୍ରବାର ଦେବବ୍ରତଙ୍କୁ ଫୁଲବାଣୀ ନିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଫୁଲବାଣୀରେ ବନ୍ଦ ଥିବା ଦେବବ୍ରତଙ୍କ ଭଡାଘରେ ଅଧିକ ଯାଞ୍ଚ କରାଯିବ। ସେଠାରେ କିଛି ସମ୍ପତ୍ତି ଥାଇପାରେ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦେବବ୍ରତଙ୍କୁ ନିଲମ୍ବିତ କରାଯାଇଥିବା ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏସପି ସରୋଜ ସାମଲ କହିଛନ୍ତି।

କୋଇଲା ବ୍ୟବସାୟୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏହାପରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ଫେବୃଆରୀ ୨୫ (ବୁଧବାର) ଭିଜିଲାନ୍ସ ପକ୍ଷରୁ ଦେବବ୍ରତଙ୍କ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଭୁବନେଶ୍ୱର ପଟିଆ ଶ୍ରୀବିହାରସ୍ଥିତ ଏକ ଆପାର୍ଟମେଣ୍ଟର ଫ୍ଲାଟ୍ ୪.୨୭ କୋଟି ଟଙ୍କା ଜବତ ହୋଇଥିଲା। ଯାହା ଭିଜିଲାନ୍ସ ଇତିହାସରେ ସର୍ବାଧିକ ନଗଦ ଟଙ୍କା ଜବତ ବୋଲି କୁହାଯାଇଥିଲା। ସେହିପରି ଅଫିସ ଚାମ୍ବରରୁ ୧.୨୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏଥସହ ଫ୍ଲାଟରୁ ୩୦୫. ୪୦ ଗ୍ରାମ ସୁନା ଓ ୬୦୦ ଗ୍ରାମ ରୁପା ଅଳଙ୍କାର ଠାବ ହୋଇଥିଲା।

## ରଙ୍ଗଖେଳ ବେଳେ ମହିଳାଙ୍କୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୫।୩(ସମିସ): ହୋଲି ଖେଳୁଥିବା ଜଣେ ମହିଳାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖାରବେଳ ନଗର ଥାନା ପୁଲିସ ଗୁରୁବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାମ ନିରଞ୍ଜନ ବେହେରା (୫୦) ଓ ତାଙ୍କ ଘର ମସଜିଦ କଲୋନୀରେ ବୋଲି ଜଣାପଡ଼ିଛି। ବୁଧବାର ଦିନ ପ୍ରାୟ ୧ଟା ସମୟରେ ଅଭିଯୋଗକାରିଣୀ ଏବଂ ଅନ୍ୟାନ୍ୟ ସ୍ଥାନୀୟବାସିନ୍ଦା ସେମାନଙ୍କ ଅଞ୍ଚଳରେ ହୋଲି ଉତ୍ସବ ପାଳନ କରୁଥିବା ସମୟରେ ଅଭିଯୁକ୍ତ ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ। ଏନେଇ ସେ ଏବଂ ଉପସ୍ଥିତ ଅନ୍ୟ ଲୋକମାନେ ପ୍ରତିବାଦ କରିଥିବାରୁ ଅଭିଯୁକ୍ତ ତାଙ୍କ ଚୁଟି ଟଣାଟାଣି କରିବା ସହିତ ଏକ ଟିନ୍ ସିଟ୍‌ରେ ତାଙ୍କ ମୁଣ୍ଡକୁ ଜୋରଜବରଦସ୍ତ ଆଘାତ କରି ଆକ୍ରମଣ କରିଥିଲେ। ସେ ତାଙ୍କୁ ଲାତ ମାରିଥିଲେ ଏବଂ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ଏହି ଆକ୍ରମଣରେ ଅଭିଯୋଗକାରିଣୀ ଆହତ ହୋଇଥିଲେ ଏବଂ ସ୍ଥାନୀୟ ଲୋକମାନେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ନୀଳାଚଳ ହସ୍ପିଟାଲକୁ ନେଇଯାଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଏବଂ ଅଭିଯୋଗକାରିଣୀ ସମାନ ଅଞ୍ଚଳର ବାସିନ୍ଦା ଏବଂ ହୋଲି ପାଳନ ସମୟରେ ଅଭିଯୁକ୍ତ କୌଣସି ସ୍ପଷ୍ଟକାରଣ ବିନା ଦୁର୍ବ୍ୟବହାର କରି ଆକ୍ରମଣ କରିଥିଲେ। ଅଭିଯୁକ୍ତ ନିରଞ୍ଜନକୁ ଗିରଫ କରାଯାଇଥିଲା।

## ଯାତ୍ରା ବେଳେ ଗଣ୍ଡଗୋଳ କରି ୪ ଗିରଫ



ଭୁବନେଶ୍ୱର, ୫।୩(ସମିସ): ଧଉଳି ଥାନା ଲିଙ୍ଗିପୁର ଗ୍ରାମରେ ମେଳଣ ପଡ଼ିଆରେ ଚାଲିଥିବା ଯାତ୍ରାପାର୍ଟିରେ ବିଶୃଙ୍ଖଳା କରିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଶିଶୁପାଳଗଡ଼ ଅଞ୍ଚଳର କୁନୁ ଓରଫ ଅନିଲ କୁମାର ସୁନ୍ଦରାୟ, ଗଙ୍ଗୋତ୍ରୀନଗର ଲେନ-୧ର ପିଙ୍କୁ ଓରଫ ଦେବେନ୍ଦ୍ର ନାଥ ଗୌଡ଼, ଲିଙ୍ଗରାଜ ଥାନା ମହାବୀର ନଗର ଅଞ୍ଚଳର ସ୍ୱସ୍ତିକ ନାୟକ ଏବଂ ନୂଆଗାଁ ଅଞ୍ଚଳର ଗୁଡୁ ଓରଫ ଆଶୁତୋଷ ଜେନା। ଖବରନେବାରେ ଜଣାପଡ଼ିଛି ବୁଧବାର ରାତିରେ ଲିଙ୍ଗିପୁର ମେଳଣ ଉପଲକ୍ଷେ ଏକ ଯାତ୍ରାପାର୍ଟି ନାଟକ ପରିବେଷଣ ହେଉଥିଲା। ରାତି ପ୍ରାୟ ସାଢେ ୧ ଟାରେ ଉପରୋକ୍ତ ଯୁବକ ଏକ ଜିପ୍ ଓ ମୋଟର ସାଇକେଲରେ ସଭାସ୍ଥଳକୁ ଆସି ଯାତ୍ରା କମିଟି ଦ୍ୱାରା ଲଗାଯାଇଥିବା ବ୍ୟାରିକେଡ୍ ଭାଙ୍ଗି ସେମାନଙ୍କ ଗାଡ଼ି ସହିତ ନିଷିଦ୍ଧାଞ୍ଚଳରେ ଜୋରଜବରଦସ୍ତ ପ୍ରବେଶ କରିଥିଲେ।

ଏଥିରେ କମିଟି ସଦସ୍ୟମାନେ ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସେମାନଙ୍କର ଆକ୍ରମଣାତ୍ମକ ଆଚରଣ ଯୋଗୁଁ ସମବେତ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଓ ଭୟଭୀତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିସହ ଉକ୍ତ ସ୍ଥାନରେ ଶାନ୍ତିଶୃଙ୍ଖଳା ବ୍ୟାହତ ହୋଇଥିଲା। ଖବରପାଇ ଧଉଳି ଥାନା ପୁଲିସ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଏଥିସହ ତାଙ୍କ ବ୍ୟବହୃତ ମହିନ୍ଦ୍ରା ଜିପ, ଗୋଟେ ମୋଟର ସାଇକଲ ଏବଂ ତେଲେଙ୍ଗାନା କଟୁରି ଜବତ କରିଛି।

## ପେଟ୍ରୋଲ୍ ପମ୍ପ ନିକଟରେ ଗଣ୍ଡଗୋଳ; ୨ ଗିରଫ

ଭୁବନେଶ୍ୱର, ୫।୩(ସମିସ): ଧଉଳି ଥାନା ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ସାମାନ୍ୟ ବଚସାରେ ୨ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଶୁପାଳଗଡ଼ ଜେନାସାହିର ହାପି ଓରଫ ଲିଟନ ଜେନା ଏବଂ ଚନ୍ଦନ ଦାସ। ଗତକାଲି ଗଣେଶ ପ୍ରସାଦ ମୁଖୀ ନାମକ ଜଣେ ଯୁବକ ସ୍କୁଟିରେ ତାଙ୍କ ଘରୁ ବାହାରି ଧଉଳି ଅଞ୍ଚଳ ଅଭିମୁଖେ ଯାଉଥିବା ସମୟରେ ନୂଆଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଅଜଣା କାର ଦ୍ରୁତ ଗତିରେ ତାଙ୍କୁ ସାଇଡ ମାରିଥିଲା। ଫଳରେ ଏକ ବଡ଼ ଦୁର୍ଘଟଣାରୁ ସାମାନ୍ୟ ବର୍ତ୍ତି ଯାଇଥିଲେ ଗଣେଶ। ଏହାକୁ ନେଇ ଗଣେଶ ଓ କାର ଚାଳକଙ୍କ ମଧ୍ୟରେ ଉଗ୍ର ଯୁକ୍ତିତର୍କ ହୋଇଥିଲା। ବଚସା ସମୟରେ କାରରେ ବସିଥିବା ହାପି ଓ ଚନ୍ଦନ ଗଣେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ହାପି ଓ ଚନ୍ଦନ ଗଣେଶଙ୍କ ମୁଣ୍ଡକୁ ଇଟାରେ ଆକ୍ରମଣ କରିଥିଲେ। ଯାହା ଫଳରେ ଗଣେଶ ରକ୍ତାକ୍ତ ହେବାସହ ଆଘାତ ପାଇଥିଲେ। ଖବରପାଇ ପୁଲିସ ଆହତ ଗଣେଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଶାହାଙ୍କ ଗସ୍ତ ପୂର୍ବରୁ କଂଗ୍ରେସ ନେତାଙ୍କୁ ଉଠାଇନେଲା ପୁଲିସ

ଭୁବନେଶ୍ୱର, ୫।୩(ସମିସ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ଯୁବ କଂଗ୍ରେସକୁ ପୁଲିସର ଟାର୍ଗେଟ। ଯୁବ କଂଗ୍ରେସ କର୍ମୀମାନଙ୍କୁ ଖୋଜି ଖୋଜି ପୁଲିସ ଉଠାଇ ନେଉଛି। କାହାକୁ ବିମାନବନ୍ଦରରୁ ଉଠାଇ ନେଇଛି ତ ଆଉ କିଏ ଘରେ ଖାଉଥିଲା ବେଳେ ତାଙ୍କୁ ଉଠାଇ ନେଇଛି। ବଡ଼ ନେତାଙ୍କୁ ଅସ୍ଥାୟୀ ଭାବେ ଥାନାରେ ରଖାଯାଉଥିଲା ବେଳେ ଛୋଟ ନେତାମାନଙ୍କୁ ଅଜ୍ଞାତ ସ୍ଥାନରେ ରଖାଯାଉଛି। ଥାନାରେ ଖାଅ, ପିଇ ଆଉ କ୍ରିକେଟ୍ ଖେଳ ଦେଖ ପଛେ କିନ୍ତୁ ସାମ୍ନାରେ ରୁହ। ଏହି କ୍ରମରେ ପୁଲିସ ପ୍ରଥମେ ଦିଲ୍ଲୀରୁ ଫେରୁଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କୁ ପୁଲିସ ଭୁବନେଶ୍ୱର ବିମାନ ବନ୍ଦରରୁ ଉଠାଇ ନେଇ କ୍ୟାପିଟାଲ ଥାନାରେ ଅଟକ ରଖିଥିଲା। ଏହାପରେ ଯୁବଛାତ୍ର ନେତା ସୁଦୀପ ସାମଲ, ବଳରାମ ନନ୍ଦ, ସୁରଜ ରାଉତ ଏବଂ ବିରଞ୍ଚି ବାରିକଙ୍କୁ ଉଠାଇ ନେଇଥିଲା। ଖବରଲେଖା ବେଳେ ଯୁବ କଂଗ୍ରେସ କର୍ମୀଙ୍କ ଆଗୁଆ ଗିରଫଦାରୀ ୫ ରହିଥିଲା ବେଳେ ଏହି ସଂଖ୍ୟା ରାତି ମଧ୍ୟରେ ବୃଦ୍ଧି ପାଇବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ୨ ଗିରଫ

ଭୁବନେଶ୍ୱର, ୫।୩(ସମିସ): ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଠାରୁ ଟଙ୍କା ଲୁଟ୍ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଗୁରୁବାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଉଛନ୍ତି, ଖଣ୍ଡଗିରି ଥାନା ଅଞ୍ଚଳର ଅନିମେଶ ଲେଙ୍କା (୨୯) ଓ ଖୋର୍ଦ୍ଧା ସଦରର ସିରାଜୁଦିନ ଖାଁ (୨୪)। ଖବର ନେବାରୁ ଜଣାପଡ଼ିଛି ଯେ, ବୁଧବାର ଅର୍ଜୁନ ଭୋଇ ଡ୍ୟୁଟିରୁ ଫେରୁଥିବା ସମୟରେ କିଛି ବ୍ୟକ୍ତି ରାସ୍ତାରେ ତାଙ୍କୁ ଅଟକାଇ ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଏହି ଦାବିକୁ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ସେମାନେ ତାଙ୍କୁ ପ୍ରବଳ ଭାବେ ମାଡ଼ ମାରିବା ସହିତ ପଥର ଦ୍ୱାରା ତାଙ୍କ ମୁହଁ ଏବଂ ଆଖିରେ ଆଘାତ କରିଥିଲେ ଏବଂ ତାଙ୍କୁ ନିର୍ମମ ଭାବରେ ଆକ୍ରମଣ କରି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ବିଶ୍ୱସ୍ତ ସୂଚନା ଆଧାରରେ ଅଭିଯୁକ୍ତମାନେ କିଟ୍ ଖାଓଗାଲି ଅଞ୍ଚଳ ନିକଟରେ ବୁଲୁଥିବା ସମୟରେ ପୁଲିସ ସେମାନଙ୍କୁ ଗିରଫ କରିଛି।

## ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ଯୁବକ ମୃତ

ବାଲିଅନ୍ତା, ୫।୩(ସମିସ): ବାଲିଅନ୍ତା ଥାନ ଅଧୀନ ହଂସପାଳ - ଅଭୟମୁଖୀ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ପାରିବାସୁଦେଇପୁର ଛକରେ ବୁଧବାର ବିଦ୍ୟୁତ ଖୁଣ୍ଟରେ ବାଇକ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଣ୍ଣୁପୁର ଗ୍ରାମ ପୁରୁଣା ପଟେଣା ସାହିର ନିଲୁ କାଣ୍ଡି (୩୫)। ନିଲୁଙ୍କୁ ସଂକଟାପର୍ଣ୍ଣ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ହାଇଟେକ ହସ୍ପିଟାଲ ପଠାଇଥିଲେ। ହେଲେ ଡାକ୍ତର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ନିଲୁ ପାରିବାସୁଦେଇପୁରରୁ ବାଇକରେ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଫଳରେ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଡକାଇ ହସ୍ପିଟାଲ ପଠାଇଥିଲେ। ସେହିପରି ଦିନ ସାଢେ ୧ଟା ବେଳେ ବାଲିଅନ୍ତା ସାଇଫନ ଛକ ନିକଟରେ ବାଇକ - ବାଇକ ମୁହାଁମୁହିଁ ଧକ୍କା ହେବାରୁ ନିଆଳି ଅଞ୍ଚଳର ଜଣେ ଆରୋହୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପୁଲିସ କହିଛି।

## ପୁଲିସ-ଆଦିବାସୀ ମୁହାଁମୁହିଁ

# ରଣକ୍ଷେତ୍ର ପାଲଟିଲା ଭଗବତୀପୁର



ଭୁବନେଶ୍ୱର, ୫।୩ (ସମିସ): ଝୁମୁକା ଅଞ୍ଚଳରେ ମଦ ଯାଞ୍ଚ କରିବାକୁ କେନ୍ଦ୍ରକରି ଚନ୍ଦକା ଥାନା ଅନ୍ତର୍ଗତ ଭଗବତୀପୁର ରଣକ୍ଷେତ୍ର ପାଲଟିଛି। ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବା ସହ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି ଆଦିବାସୀ। ପୁଲିସର ଆକ୍ରମଣରେ ୧୦ ଜଣ ଗ୍ରାମବାସୀ ଆହତ ହୋଇଥିବା ବେଳେ ଗ୍ରାମବାସୀଙ୍କ ଆକ୍ରମଣରେ ପୁଲିସ ମଧ୍ୟ ଆହତ ହୋଇଛି। ବିବାଦ ସମାଧାନ କରିବାକୁ ଯାଇ ଜନପ୍ରତିନିଧି ମଧ୍ୟ ପୁଲିସର ରୋଷର ଶିକାର ହୋଇଛନ୍ତି।

■ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ
■ ବାଦ୍ ପଡ଼ିଲେନି ଜନପ୍ରତିନିଧି
■ ୧୬୩ ଧାରା ଲାଗୁ; ୩ ପ୍ଲାଟୁନ୍ ପୁଲିସ ମୁତୟନ
■ ଗିରଫ ଭୟରେ ଜନଶୂନ୍ୟ ଗାଁ

ଜଣେ ଜନପ୍ରତିନିଧି ଓ ଗାଁ ମୁଖିଆଙ୍କୁ ପୁଲିସ ଉଠାଇ ନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଛି। ତେବେ ପୁଲିସକୁ ଅପହରଣ ଓ ଆକ୍ରମଣ ଘଟଣାରେ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, କଣ୍ଟାବାଡ଼ର ଜ୍ୟୋତି ଶଙ୍କର ବିଶ୍ୱାଳ (୪୭), ରବୀନ୍ଦ୍ର ଭୋଇ (୩୧), ଗୋବିନ୍ଦ ବେହେରା (୩୬), ଭଗବତୀପୁରର ବିଜୟ ପୂର୍ତ୍ତି (୨୬) ଓ ବସନ୍ତ ଛତର (୨୧)। ତେବେ ଗିରଫ ଭୟରେ ପୁରା ଗାଁ ଜନଶୂନ୍ୟ ହୋଇଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ ହୋଇଥିବା ବେଳେ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ବୁଧବାର ଭଗବତୀପୁର ଗ୍ରାମବାସୀମାନେ ହୋଲି ଖେଳିବା ସହ ସ୍ଥାନୀୟ ଝୁମୁକା ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ପୁଲିସ ପକ୍ଷରୁ ମଦ୍ୟପାନ କରି ଗାଡ଼ି ଚାଳନା ଯାଞ୍ଚ କରୁଥିଲା। ସ୍ଥାନୀୟ ଭଗବତୀପୁର ଓ କଣ୍ଟାବାଡ଼ର ଲୋକମାନେ ଗାଧୋଇବାକୁ ଯାଇଥିବା ବେଳେ ପୁଲିସ ସେମାନଙ୍କୁ ମଧ୍ୟ ଯାଞ୍ଚ କରି କରିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ବିବାଦ ସୃଷ୍ଟି ହୋଇଥିଲା।

ପୁଲିସ ଲାଠି ଚାଳନା କରିଥିବା ବେଳେ ଗ୍ରାମବାସୀମାନେ ପୁଲିସ ଉପରକୁ ଟେକାପଥର ମାଡ଼ କରିଥିଲେ। ପୁଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଉଥିବା ଅଭିଯୋଗ କରି ପିସିଆର ଭ୍ୟାନ ଓ ହୋମଗାର୍ଡଙ୍କୁ ଅଟକ ରଖିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ କରିବା ସହ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ହୋମଗାର୍ଡଙ୍କୁ ଉଦ୍ଧାର କରିବା ସହ ପିସିଆର ଭ୍ୟାନକୁ ମୁକୁଳାଇ ଥିଲେ। ସ୍ଥାନୀୟ ଜନପ୍ରତିନିଧି ଓ ଗାଁ ମୁରବୀ ଘଟଣାରେ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ପୁଲିସ ଉଠାଇ ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦେଇଥିଲା।

ସ୍ଥାନୀୟ ଗ୍ରାମବାସୀମାନେ ଗାଧୋଇବାକୁ ଯାଉଥିବା ବେଳେ ପୁଲିସର ଏଭଳି ଯାଞ୍ଚ ପ୍ରକ୍ରିୟାର ସାମ୍ନା କରିବା ଘଟଣାକୁ ଲୋକମାନେ ନାପସନ୍ଦ କରିଥିଲେ। ପୁଲିସ ଫୋର୍ସ ମୁତୟନ ହୋଇଥିବାବେଳେ ଗିରଫଦାରୀ ଭୟରେ ପୁରା ଗାଁ ଜନଶୂନ୍ୟ ହୋଇଯାଇଛି।



# ହୋଲିରେ ଛାଡ଼ଖାଇର ଭ୍ରମ

## ଦିନକରେ ଖାଇଗଲେ ୮କୋଟିର ଆମିଷ



ଭୁବନେଶ୍ୱର, ୫।୩(ସମିସ): ଏଥର ହୋଲି ବୁଧବାର ପଡ଼ିଥିବାରୁ ଭୁବନେଶ୍ୱରରେ ଜମିଲା ଆମିଷ ବେପାର। ରଙ୍ଗର ପର୍ବ ହୋଲି ପାଇଁ ଚାରିଆଡ଼େ ଉତ୍ସବ ମୁଖର ହୋଇଥିବା ବେଳେ ହୋଲିରେ ଏକପ୍ରକାର ଛାଡ଼ଖାଇ ପାଳନ କରିଛନ୍ତି ରାଜଧାନୀବାସୀ। ମାଛ, ଚିକେନ୍, ମଟନ୍ ଆଦି ଘରେ ରୋଷେଇ ହୋଇଥିବା ବେଳେ ଦିନକରେ ୮କୋଟି ଟଙ୍କାର ଆମିଷ ଖାଇଗଲେ ଭୁବନେଶ୍ୱର ବାସିନ୍ଦା। ସର୍ବାଧିକ ଖାସି ମାଂସ ଓ ଚିକେନ ବିକ୍ରି ହୋଇଥିବା ଜଣାପଡ଼ିଛି।

ସାଧାରଣତଃ ବଡ଼ଦିନ, ନୂଆବର୍ଷ, ରଜ ସାଙ୍ଗକୁ ବିଶେଷ କରି ଛାଡ଼ଖାଇରେ ଆଦିପର୍ବରେ ଘରେ ଘରେ ଜମେ ଆମିଷ ଭୋଜିର ଆସର। ହେଲେ ଚଳିତ ବର୍ଷ ରଙ୍ଗର ପର୍ବ ହୋଲିରେ ରାଜଧାନୀରେ ରଙ୍ଗ ଖେଳ ଅପେକ୍ଷା ଆମିଷର କ୍ରେଜ୍ ଅଧିକ ଦେଖିବାକୁ ମିଳିଥିଲା। କାରଣ ବାର ସାଙ୍ଗକୁ ତାଳଦେଇ ପଡ଼ିଥିଲା ହୋଲି। ଏହି ଦିନ ସରକାରୀ ଛୁଟି ହୋଇଥିବାରୁ ପରିବାର ସଦସ୍ୟଙ୍କ ସହ ଏକାଠି ରଙ୍ଗର ପର୍ବକୁ ଆନନ୍ଦ ଉଲ୍ଲାସରେ ପାଳନ କରିବା ସହ ଘରେ ଘରେ ଆମିଷ ଭୋଜି ଜମିଥିଲା। ସହରର ଗଳିକନ୍ଦିରେ ରଙ୍ଗ ବ୍ୟବସାୟୀଙ୍କ ଠାରୁ ଆମିଷ ବ୍ୟବସାୟୀଙ୍କ ନିକଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସହରର ପ୍ରମୁଖ ଆମିଷ ମାର୍କେଟ ଯଥା ୟୁନିଟ୍-୪, ବଡ଼ଗଡ଼, ଡମଣା, ଆଦି ଆମିଷ ମାର୍କେଟରେ ସକାଳୁ ସାକାଳୁ ଅସମ୍ଭାଳ ଭିଡ଼ ଜମିଥିଲା। ରାସ୍ତାଘାଟ ଶୂନଶାନ୍ ଥିବାବେଳେ କେବଳ ଆମିଷ କିଣିବାକୁ ଲୋକେ ଯାଉଥିବା ଦେଖିବାକୁ ମିଳିଥିଲା। ଚଳିତ ହୋଲିରେ ୬୦ ଟନ୍‌ରୁ ଅଧିକ ଖାସି ମାଂସ ବିକ୍ରି ହୋଇଛି। ଯାହାକି ପ୍ରାୟ ୩ କୋଟି ୨ ଲକ୍ଷ ୪୦ ହଜାର ଟଙ୍କାର ହୋଇଥିବା ଜଣାପଡ଼ିଛି। ସେହିପରି ୩ କୋଟି ୩୬ ଲକ୍ଷ ୬୫ ହଜାର ଟଙ୍କାର ଚିକେନ୍ ଓ ୧୨୮ ଟନ୍‌ର ମାଛ ବ୍ୟବସାୟ ହୋଇଛି। ଏକ କୋଟି ୭୧ ଲକ୍ଷ ୮ ହଜାର ଟଙ୍କାର ମାଛ ବିକ୍ରି ହୋଇଥିଲା। ତେବେ ଏଥର ଖାସି ମାଂସ ଦର ଆକାଶଛୁଆଁ ହୋଇଥିବା ଦେଖିବାକୁ ମିଳିଥିଲା। ଖାସି ମାଂସ କିଲୋ ପିଛା ୮୫୦ରୁ ୯୦୦ଟଙ୍କା ରହିଥିଲେ ବି ଗ୍ରାହକଙ୍କ ଉତ୍ସାହ କମି ନଥିଲା। ସେହିପରି କୁକୁଡ଼ା ମାଂସ ବଜାରରେ ମଧ୍ୟ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ବ୍ରଏଲର ଚିକେନ୍ କିଲୋପିଛା ୨୪୦ରୁ ୨୫୦ ଟଙ୍କାରେ ବିକ୍ରି ହୋଇଥିବା ବେଳେ ଦେଶୀ ଚିକେନର ମୂଲ୍ୟ ରହିଥିଲା ୬୦୦ରୁ ୭୦୦ଟଙ୍କା। ତେବେ ହୋଲି ଉପଲକ୍ଷେ ୧୩୫ଟି ପିକଅପ୍ ଭ୍ୟାନରେ ୨୫୩.୧୩ ଟନ କୁକୁଡ଼ା ମାଂସ ଭୁବନେଶ୍ୱର ବଜାରକୁ ଆସିଥିବା ସୂଚନା ରହିଛି। ସେହିପରି ୩୩୩୦ କାର୍ଟୁନ ଅଣ୍ଡା ବିକ୍ରି ହୋଇ ପ୍ରାୟ ୩୦ ଲକ୍ଷ ୯୬ ହଜାର ୯୦୦ ଟଙ୍କାର ବ୍ୟବସାୟ ହୋଇଛି। ତା ସାଙ୍ଗକୁ ମାଛ ଓ ସାମୁଦ୍ରିକ ମାଛର ମଧ୍ୟ ବେଶ୍ ଚାହିଦା ରହିଥିଲା। ରୋହି, ଭାକୁର ଠାରୁ ଆରମ୍ଭ କରି ଇଲିସି ଓ ଚିଙ୍ଗୁଡ଼ି ମଧ୍ୟ ଭଲ ବ୍ୟବସାୟ ହୋଇଥିବା ଅଲ୍ ଓଡ଼ିଶା ନନଭେଜ୍ ଟ୍ରେଡର୍ସ ଫେଡେରେସନ୍ ରାଜ୍ୟ ସଭାପତି ଏସକେ ମୁଷ୍ଟାକିମ୍ କହିଛନ୍ତି। ତେବେ ଗୋଟିଏ ଦିନରେ ମୋଟ୍ ୮ କୋଟି ୪୧ ଲକ୍ଷ ଟଙ୍କାର ଆମିଷ ବିକ୍ରି ହୋଇଥିବା ସେ କହିଛନ୍ତି।

## ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରଶିଳ୍ପୀ ପ୍ରଭୁ ଜେନାଙ୍କ ଜୟନ୍ତୀ



ଭୁବନେଶ୍ୱର, ୫।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ ଚିତ୍ରଶିଳ୍ପୀ ସ୍ୱର୍ଗତ ପ୍ରଭୁ ଜେନାଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଓଡ଼ିଶାର ଚିତ୍ରଶିଳ୍ପୀ ରବିନାରାୟଣ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇବା ବେଳେ ମୁଖ୍ୟବକ୍ତା ତଥା ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବରେ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା, ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ, ବିକେ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ସେଠୀ ଉପସ୍ଥିତ ରହିଥିଲେ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ନାଲ୍‌କୋ ମଧ୍ୟରେ ଚୁକ୍ତି



ଭୁବନେଶ୍ୱର, ୫।୩(ସମିସ): ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିଃ. (ନାଲ୍‌କୋ)ର କର୍ମଚାରୀମାନଙ୍କର ବେତନ ଆକାଉଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଖୋଲିବା ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ନାଲ୍‌କୋ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରୀଷ୍ଣା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକ, ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଏସ୍ .କେ ଦାସ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ରିସୋର୍ସ ତଥା ମାର୍କେଟିଂ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋର ଏ.କେ. ବେହୁରିଆ (ନିର୍ଦ୍ଦେଶକ, ଅର୍ଥ ବିଭାଗ), ମୁଖ୍ୟ ମହାପ୍ରବନ୍ଧକ ପି.କେ. ତ୍ରିପାଠୀ, ମୁଖ୍ୟ ମହାପ୍ରବନ୍ଧକ ଏସ୍.କେ. ସାହୁ, ଉପ-ମହାପ୍ରବନ୍ଧକ ଅଲୋକ ତ୍ରିପାଠୀ, ଉପ-ମହାପ୍ରବନ୍ଧକ ଏ ପାଢ଼ୀ ଏବଂ ଉପ-ମହାପ୍ରବନ୍ଧକ ଗଗନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତିପତ୍ର ଅନୁଯାୟୀ ନାଲ୍‌କୋ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର କଷ୍ଟୋମାଇଜ୍ ବେତନ ଆକାଉଣ୍ଟଧାରୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ମାଗଣା ଦୁର୍ଘଟଣାଜନିତ (ମୃତ୍ୟୁ) ବୀମା କଭର ଏବଂ ମାଗଣା ଟର୍ମ ଇନ୍‌ସ୍ୟୁରାନ୍ସ ଆଦି ସୁବିଧା ଉପଲବ୍ଧ ରହିଛି।

## ଓୟୁଏଟିରେ ରାଜ୍ୟସ୍ତରୀୟ କର୍ମଶାଳା



ଭୁବନେଶ୍ୱର, ୫।୩(ସମିସ): 'ଜୀବିକା ଓ ଉଦ୍ୟୋଗୀ ସୃଷ୍ଟି ପାଇଁ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ' ଉପରେ ୨ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ଉପ-ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପରିଷଦ (ସିସିଆରଏଏସ୍ ) ଆୟୁଷ ମନ୍ତ୍ରାଳୟ, ନୂଆଦିଲ୍ଲୀର ଡ଼ ଏମଏମ ପାଢ଼ୀ ଯୋଗ ଦେଇ ଭାରତରୁ ଆମେରିକାକୁ କେବଳ ୮୦ ପ୍ରତିଶତ ଆୟୁର୍ବେଦ ଔଷଧ ରପ୍ତାନି ହେଉଥିବାରୁ ଚାଷୀମାନେ ଏ ଦିଗରେ ଅଧିକ ମନ ଦେବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ଆଗାମୀ ଦିନରେ ବିଶ୍ୱର ଔଷଧୀୟ ଓ ସୁଗନ୍ଧିତ ବୃକ୍ଷର ଆବଶ୍ୟକତାକୁ କିପରି ପୂରା କରିହେବ ସେ ଦିଗରେ କେଉଁ କେଉଁ ଔଷଧୀୟ ବୃକ୍ଷକୁ ଚାଷ କରିବା ସେ ନେଇ ସଚେତନ ହେବାକୁ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ, ଭୁବନେଶ୍ୱର ଶାଖାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକ୍ ଭି. ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କୋଭିଡ ସମୟରେ ଏହାର ଉପକାରିତା ସାରା ବିଶ୍ୱ ଅନୁଭବ କରିଥିବା ବେଳେ ସ୍ୱାସ୍ଥ୍ୟକର ପରିବେଶ ପାଇଁ ଆୟୁର୍ବେଦ ହିଁ ସମାଜ ପାଇଁ ଅମୋଘ ଅସ୍ତ୍ର ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବା ବେଳେ ଫଳ ବିଜ୍ଞାନ ଏବଂ ଉଦ୍ଭିଦ ବୈଷୟିକ ବିଭାଗର ମୁଖ୍ୟ ପ୍ରଫେସର ସୁଭାଷ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସତ୍ୟପ୍ରିୟ ସ୍ମୃତି କମିଟି ପକ୍ଷରୁ ହୋଲି ଉତ୍ସବ



ବାଲିଅନ୍ତା, ୫।୩(ସମିସ): ସତ୍ୟପ୍ରିୟ ସ୍ମୃତି କମିଟି ଏବଂ ସ୍ୱସ୍ତିକ ଫାଉଣ୍ଡେସନ ମିଳିତ ସହଯୋଗରେ ହୋଲି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସତ୍ୟପ୍ରିୟ ସ୍ମୃତି କମିଟିର ଅଧ୍ୟକ୍ଷ ତଥା ଯୁବନେତା ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଓଡ଼ିଶା ପର୍ଯ୍ୟଟନ ନିଗମ ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଜୟଦେବ ନିର୍ବାଚନମଣ୍ଡଳୀ ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି, ଭୁବନେଶ୍ୱରଜିଲ୍ଲାସାଂଗଠନିକଉପ-ସଭାପତିଜଗନ୍ନାଥବେହେରା, ଶିବମଲ୍ଲିକ, ଅଶୋକ ସାହୁ, ନିଶିକାନ୍ତ ପଣ୍ଡା, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ବିଜୟ ମହାରଣା, ରଞ୍ଜନ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାହ୍ନୁ ଦାସ, ଭାଗ୍ୟଧର ନନ୍ଦୀ, କଣ୍ଠ ଶିଳ୍ପୀ ଉପେନ୍ଦ୍ର ପ୍ରଧାନ, ଇଁ ପ୍ରବାସ ବାରିକ, ବେଣୁଧର ଭୋଇ, ନାଏବ ସରପଞ୍ଚ ଅରୁଣ ସାହୁ, କେଳୁ ଚରଣ ବେହେରା, ମଳୟ ମହାନ୍ତିଙ୍କ ସମେତ ଶତାଧିକ ଶୁଭେଚ୍ଛୁ, କର୍ମୀ ଏବଂ ଯୁବକ ଯୁବତୀ ରଙ୍ଗ ଖେଳିଥିଲେ।

## ହାଇଟେକ୍ ଗୁରୁକୁଳ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ ଉଦ୍‌ଘାଟିତ




ଭୁବନେଶ୍ୱର, ୫।୩(ସମିସ): ହାଇଟେକ୍ ମେଡିକାଲ କଲେଜ ନିକଟରେ ହାଇଟେକ୍ ଗ୍ରୁପ୍ ପକ୍ଷରୁ ଗୁରୁକୁଳ ଆରମ୍ଭ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ବୌଦ୍ଧିକ, ଆଧ୍ୟାମିôକ ଓ ଚରିତ୍ର ଗଠନ ଦିଗରେ ଏହି ଗୁରୁକୁଳ ନିରନ୍ତର କାର୍ଯ୍ୟ କରିବ ବୋଲି ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି। ସେହିପରି ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ କହିଛନ୍ତି ଯେ, ଆଧୁନିକ ଶିକ୍ଷା ସହ ଦେଶାତ୍ମବୋଧ ଓ ସୁସ୍ଥ ସମାଜ ଗଠନ ଦିଗରେ ଗୁରୁକୂଳର ଛାତ୍ରଛାତ୍ରୀ ମାନେ କାର୍ଯ୍ୟ କରିବେ। ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ଗ୍ରୁପ୍ ଗୁରୁକୁଳ ମାଧ୍ୟମରେ ଶିକ୍ଷା ପ୍ରଦାନକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି ସ୍କୁଲର ଉଦ୍‌ଘାଟନ ସମାରୋହରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ମଧୁସ୍ମିତା ତ୍ରିପାଠୀ, ନିର୍ଦ୍ଦେଶକ ରାକେଶ ପାଣିଗ୍ରାହୀ ଏବଂ ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

## ଗାଦି ଗୋସାଇଁ ଓ ନିକୁଞ୍ଜ ବିହାରୀଦେବଙ୍କ ଦୋଳ ମେଳଣ



ହଂସପାଳ, ୫।୩(ସମିସ): ଶ୍ରୀ ଶ୍ରୀ ବାଲିକୁଦା ଗାଦି ଗୋସାଇଁ ଓ ନିକୁଞ୍ଜ ବିହାରୀଦେବଙ୍କ ଦୁଇଦିନିଆ ଦୋଳ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଅଛି। ହୋଲି ଦିନ ରାତିରେ ୧୧ଟି ଦୋଳ ବେଦୀରେ ହରିହର ଯଥାକ୍ରମେ ମଞ୍ଚେଶ୍ୱରରୁ ଶ୍ରୀମଞ୍ଚନାଥ, ରସୁଲଗଡ଼ରୁ ଶ୍ରୀଗୋପୀନାଥ, ଜୟପୁରରୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଗୋପୀନାଥଦେବ, ମଦନମୋହନ ଦେବ, ଭୁବନପୁରରୁ ନୃସିଂହନାଥ ଦେବ, ନୂଆଗାଁରୁ ଶ୍ରୀରାଧାମାଧବ, ଶ୍ରୀଗୋପୀନାଥ, ହରିଦାସପୁରରୁ ଶ୍ରୀସ୍ୱପ୍ନେଶ୍ୱର, ନହରକଣ୍ଟାରୁ ଶ୍ରୀଗୋପୀନାଥ, ହଂସପାଳରୁ ଶ୍ରୀରାଧାମାଧବ ଦୋଳ ବିମାନରେ ବିଭିନ୍ନ ପାରମ୍ପାରିକ ବାଦ୍ୟରେ ରୋଷୋଣୀରେ ଆସି ବାଲିଅନ୍ତା ହାଟ ପଡ଼ିଆ ମେଳଣରେ ପହଞ୍ଚି ଥାନପତି ମଞ୍ଚନାଥଙ୍କ ସହ ହରିହର ପରମ୍ପରା ଅନୁଷ୍ଠିତ ହୋଇଥିଲା। ମେଳଣ ଦେଖିବା ପାଇଁ ହଜାର ହଜାର ଲୋକ ଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ରେ ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟଙ୍କ ନେତୃତ୍ୱରେ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ସମୂହ ଏବଂ ପାଞ୍ଚଦେଶ ଉନ୍ନୟନ କମିଟି ସମଗ୍ର କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲିଅନ୍ତା ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଲୋକ ଜନଶକ୍ତି ପାର୍ଟିର ରାଜ୍ୟସ୍ତରୀୟ ସାଧାରଣ ଅଧିବେଶନ




ବାଲିପାଟଣା, ୫।୩ (ସମିସ) : ଲୋକ ଜନଶକ୍ତି ପାର୍ଟିର ରାଜ୍ୟ ସ୍ତରୀୟ ସାଧାରଣ ବୈଠକ ଗୁରୁବାର ବାଲିପାଟଣା କାର୍ଯ୍ୟାଳୟରେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳକୁ ମଜଭୁତ୍ କରିବାକୁ କର୍ମୀମାନଙ୍କୁ ରାଜ୍ୟ କାର୍ଯ୍ୟକାରୀ ସଭାପତି ଚିତ୍ତ ରଞ୍ଜନ ମଲ୍ଲିକ ସପଥ କରାଇଥିଲେ। ଦଳର ରାଜ୍ୟ ସଭାପତି ରାଜନ୍ ଲାଲ ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଯେଉଁ କର୍ମକର୍ତ୍ତାମାନେ ପୁନର୍ବାର ନିର୍ବାଚିତ ହେଲେ ସେମାନେ ହେଲେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ମଲ୍ଲିକ, ସାଧାରଣ ସମ୍ପାଦକ ରତ୍ନାକର ସ୍ୱାଇଁ, ସମ୍ପାଦକ ଚିତ୍ତରଞ୍ଜନ ବରାଳ, ଉପ ସଭାପତି ପୀତବାସପଣ୍ଡା, ମୁସ୍ତାକଅଲି, ଜିତେନ୍ଦ୍ରବେହେରା, କୋଷାଧ୍ୟକ୍ଷସୌମ୍ୟରଞ୍ଜନସାହୁ, ଉପଦେଷ୍ଟା ଧୀରେନ୍ଦ୍ର ଭୋଇ, କୈଳାସ ସାହୁ ଓ ଜିତେନ୍ଦ୍ର ବେହେରା। ତତ୍ ସହିତ କଲ୍ୟାଣୀ ବାରିକଙ୍କୁ ରାଜ୍ୟ ମହିଳା ସେଲ ଅଧ୍ୟକ୍ଷା, ଅନିତା ନାୟକଙ୍କୁ ଜାତୀୟ ମହିଳା ସେଲର ଅଧ୍ୟକ୍ଷା ଏବଂ ଲିଗାଲ ସେଲର ସଭାପତି ଭାବରେ ଆଡଭୋକେଟ ସୁଭ୍ରଜିତ୍ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଥିଲା।

## ମାରୱାଡ଼ି ସୋସାଇଟି ପକ୍ଷରୁ ହୋଲି ଉତ୍ସବ



ଭୁବନେଶ୍ୱର, ୫।୩(ସମିସ): ମାରୱାଡ଼ି ସୋସାଇଟିର ଓଡ଼ିଶା ଶାଖା ପକ୍ଷରୁ ପ୍ରଦର୍ଶନୀ ପଡ଼ିଆ ଠାରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସୋସାଇଟି ପକ୍ଷରୁ ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ହୋଲିକା ଦହନ, ହୋଲି ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗ ଦେଇଥିବା ବେଳେ ସୋସାଇଟିର ଅଧ୍ୟକ୍ଷ ସଞ୍ଜୟ ଲାଠ, ଉପାଧ୍ୟକ୍ଷ ତଥା ହୋଲି ସମିତି ସଭାପତି ଚେତନ ଟେକରିୱାଲ, କୋଷାଧ୍ୟକ୍ଷ ସୁରେନ୍ଦ୍ର ଅଗ୍ରୱାଲ, ସମ୍ପାଦକ ଜିତେନ୍ଦ୍ର ମୋହନ ଗୁପ୍ତା, ଶିବ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ। ରାଜସ୍ଥାନୀ ଗାୟିକା ସୀମା ମିଶ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ଅନ୍ୟତମ ଆକର୍ଷଣ ଥିଲା।

## ଇରାନ ଉପରେ ବର୍ବର ଆକ୍ରମଣକୁ ବିରୋଧ କରି ବିକ୍ଷୋଭ




ଭୁବନେଶ୍ୱର, ୫।୩(ସମିସ): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଏବଂ ଇରାନ୍ ଉପରେ ଆକ୍ରମଣକୁ ନେଇ ସିପିଆଇ (ଏମଏଲ) ଓଡ଼ିଶା ଦୃଢ଼ ନିନ୍ଦା କରିଛି। ରାଜ୍ୟ କମିଟି ପକ୍ଷରୁ ଗୁରୁବାର ମାଷ୍ଟର କ୍ୟାଣ୍ଟିନ୍ ଠାରେ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ଘଟଣା ପାଇଁ ଆମେରିକା ଏବଂ ଇସ୍ରାଏଲର 'ସାମ୍ରାଜ୍ୟବାଦୀ ନୀତି'କୁ ଦଳ ଦାୟୀ କରିଛି। ଦଳର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏହି ହତ୍ୟାକାଣ୍ଡକୁ ଆମେରିକା ଏବଂ ଇସ୍ରାଏଲର ଏକ 'ଜଘନ୍ୟ ଏବଂ କାପୁରୁଷୋଚିତ' ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ପଶ୍ଚିମ ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଦୁଇ ଦେଶ ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛନ୍ତି। ଦଳ ପକ୍ଷରୁ ଜଣେ ରାଷ୍ଟ୍ରମୁଖ୍ୟଙ୍କୁ ଏଭଳି ଭାବେ ଟାର୍ଗେଟ୍ କରି ହତ୍ୟା କରିବା କୌଣସି ବି ଦେଶର ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ। ଏହା କେବଳ ଇରାନ ନୁହେଁ, ବରଂ ସମଗ୍ର ବିଶ୍ୱର ସ୍ୱାଧୀନତା ପ୍ରେମୀ ଜନତାଙ୍କ ଉପରେ ଏକ ପ୍ରହାର ବୋଲି କହିଛନ୍ତି। ସିପିଆଇ (ଏମଏଲ) ଲିବରେସନ କେନ୍ଦ୍ରକମିଟି ସଦସ୍ୟ ରାଧାକାନ୍ତ ସେଠି ଭାରତ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଭାରତ ସରକାର ଆମେରିକାର ଚାପରେ ରହି ଏହି ଘଟଣାକୁ ସ୍ପଷ୍ଟ ଭାବେ ନିନ୍ଦା ନକରିବା ନିନ୍ଦନୀୟ। ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ା ଆମେରିକୀୟ ସାମ୍ରାଜ୍ୟବାଦ ଏବଂ ଇସ୍ରାଏଲର ଜାୟନବାଦୀ ଶକ୍ତି ମିଳିତ ଭାବେ ବିଶ୍ୱରେ ଆତଙ୍କରାଜ ଚଳାଇଛନ୍ତି। ଆମେ ଏହାର ତୀବ୍ର ନିନ୍ଦା କରୁଛୁ ଏବଂ ଇରାନର ଜନସାଧାରଣଙ୍କ ସହ ଏହି ସଙ୍କଟ ସମୟରେ ଛିଡ଼ା ହୋଇଛୁ ଏବଂ ବିଶ୍ୱର ସମସ୍ତ ଗଣତନ୍ତ୍ର ପ୍ରେମୀ ଆମେରିକାର ଏ ପ୍ରକାର ଆକ୍ରମଣକୁ ନିନ୍ଦା କରିବା ସହିତ ଇରାନର ଏହି ସଙ୍କଟ ସମୟରେ ତାଙ୍କ ପକ୍ଷରେ ଛିଡା ହେବାକୁ ଆହ୍ୱାନ କରିଛନ୍ତି। ଏହି ବିକ୍ଷୋଭରେ ରାଜ୍ୟ କମିଟି ସଦସ୍ୟ ମୁରଲୀ ବେହେରା, ସର୍ବେଶ୍ୱର ବେହେରା, ମାନସ ରଞ୍ଜନ ପ୍ରଧାନ, ରବୀନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ସାହୁ, କାହ୍ନୁ ବେହେରା ଯୋଗଦେଇ ଯୁଦ୍ଧ ତୁରନ୍ତ ବନ୍ଦ କରିବା ଲାଗି ଆହ୍ୱାନ ଦେଇଥିଲେ।(ରଞ୍ଜନା)

## ଦୁର୍ଘଟଣାରେ ନବବିବାହିତଙ୍କ ମୃତ୍ୟୁ

**କଣ୍ଠାପଡ଼ା, ୫।୩(ସମିସ):** ଫୁଲନଖରା-ନିଆଳି ୬୦ନମ୍ବର ରାଜ୍ୟ ରାଜପଥରେ ସଂଗଠିତ ଏକ ଦୁର୍ଘଟଣାରେ ଜଣେ ନବବିବାହିତ ଯୁବକଙ୍କ ଅକାଳ ମୃତ୍ୟୁ ହୋଇଛି। ସେ ହେଲେ କଣ୍ଠାପଡ଼ା ବ୍ଲକ ଅଡ଼ଶପୁର ପଞ୍ଚାୟତ ଅନ୍ତର୍ଗତ ବରାହୀପୁର ମୌଜାର ସ୍ୱର୍ଗତ ହରେକୃଷ୍ଣ ନାୟକଙ୍କ ସାନପୁଅ ଗଙ୍ଗାଧର ନାୟକ ଓରଫ ନିଲୁ (୩୦)। ପୁଲିସ ସୂତ୍ରରୁ ପ୍ରକାଶ ଯେ ନିଲୁ ଇଚ୍ଛାପୁରଠାରେ ରାସ୍ତା ପାଶ୍ୱର୍ରେ ନିଜ ପଲସର ବାଇକ ନିକଟରେ ଠିଆ ହୋଇଥିଲାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଜେସିବି ତାଙ୍କୁ ଧକ୍କା ଦେଇଥିଲେ। ଏଥିରେ ନିଲୁ ଗୁରୁତର ଆହତ ହୋଇଥିଲେ; ତାଙ୍କ ଛାତି ଓ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିକଟସ୍ଥ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଏସସିବି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅବସ୍ଥା ସଂକଟାପନ୍ନ ହେବାରୁ ଫୁଲନଖରାସ୍ଥିତ ସମ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନିଲୁଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ନିଲୁଙ୍କ ବଡ଼ ଭାଇ ଶ୍ରୀଧର ନାୟକ ଓଲଟପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରି ତାଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ନିଲୁଙ୍କ ଗତ ତିନି ମାସ ପୂର୍ବେ ବିବାହ ହୋଇଥିଲା।

## ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ ଅଭିଯୋଗ

● ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହେଲେ ଚାଷୀ

**ସାଲେପୁର, ୫।୩(ସମିସ):** ଧାନମଣ୍ଡିରେ ମିଲର ଓ ସୋସାଇଟି କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀମାନେ ଶୋଷଣର ଶିକାର ହେଉଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପିକୋଳ ପଞ୍ଚାୟତର ଲକ୍ଷ୍ମୀନାରାୟଣ ସେବା ସମବାୟ ସମିତିରେ ଚାଷୀଙ୍କୁ ହଇରାଣ କରାଯାଉଥିବା ନେଇ ସଭାପତି ହେମନ୍ତ କୁମାର ସ୍ୱାଇଁଙ୍କ ସମେତ ବହୁ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୁଇଣ୍ଟାଲ ପିଛା ୫ କେଜି କଟ୍‌ନି-ଛଟ୍‌ନି ପରେ ମଧ୍ୟ ଅନେକ ଚାଷୀଙ୍କ ଠାରୁ ୬୦ରୁ ୭୦ କେଜି ପର୍ଯ୍ୟନ୍ତ ଅଧିକ ଧାନ କଟାଯାଉଛି। ଏଥିସହିତ ସୋସାଇଟିର କ୍ରୟ ଅଧିକାରୀ ମନୋଜ ଦାଶ ଚାଷୀମାନଙ୍କୁ ଆଖି ସ୍କାନ କରିବା ପାଇଁ ୧୦ କିଲୋମିଟର ଦୂର ରାମକୃଷ୍ଣପୁର ଯିବାକୁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି। କ୍ରୟ କମିଟିର ସଭାପତିଙ୍କ ଅଗୋଚରରେ ଟୋକନ୍‌ଗୁଡ଼ିକୁ ବେପାରୀଙ୍କ ହାତକୁ ଟେକି ଦିଆଯାଉଛି ଏବଂ ବିଳମ୍ବିତ ରାତିରେ ଧାନ ଦେବାକୁ ଚାଷୀଙ୍କୁ ଟେଲିଫୋନ୍ ଯୋଗେ କୁହାଯାଉଛି। ଏଭଳି ଅନିୟମିତତା ଯୋଗୁଁ ଚାଷୀମାନେ ଭୟଭୀତ ହେବା ସହ ଆର୍ଥିକ କ୍ଷତି ସହୁଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ସର୍ପାଘାତରେ ଶିଶୁ ପୁତ୍ରର ମୃତ୍ୟୁ

**ସାଲେପୁର, ୫।୨(ସମିସ):** ଅଙ୍ଗନବାଡ଼ି ଛୁଟି ହେବା ପରେ ନିଜ ଘର ଦାଣ୍ଡରେ ଖେଳୁଥିବାବେଳେ ସାପ କାମୁଡ଼ାରେ ଜଣେ ୪ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସାଲେପୁର ବ୍ଲକ୍ ନାନ୍ଦୋଳ ଗ୍ରାମର ଦୀପକ କବାଟଙ୍କ ପୁତ୍ର ଅଂଶୁମାନ (୪) ଦିନ ପ୍ରାୟ ୧ଟାରେ ଅଙ୍ଗନବାଡ଼ି ଛୁଟି ହେବା ପରେ ନିଜଘରକୁ ଫେରି ଘର ଦାଣ୍ଡରେ ଅନ୍ୟ ପିଲାଙ୍କ ସହ ଖେଳୁଥିବାବେଳେ ହଠାତ୍ ତଳେ ପଡ଼ିଯାଇ ପାଟିରୁ ଫେଣ ବାହାରିବା ସହ ଦେହହାତ ନୀଳ ହୋଇଯିବାରୁ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲାବେଳେ ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ଶିଶୁଟିର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦନ୍ତାହାତୀ ଆକ୍ରମଣରେ ଜଣେ ଗୁରୁତର

**ନରସିଂହପୁର, ୫।୩(ସମିସ):** ନରସିଂହପୁର ବନାଞ୍ଚଳ ପଶ୍ଚିମ ବନ ବିଭାଗ ଅନ୍ତର୍ଗତ ବୀରସିଂହପୁର ଗ୍ରାମରେ ବୁଧବାର ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଗ୍ରାମ ଭିତରକୁ ଚାଲିଆସିଥିବା ଏକ ଦନ୍ତା ହାତୀ ଆକ୍ରମଣରେ ସେହି ଗ୍ରାମର ଗଙ୍ଗାଧର ସିଂହ (୪୮) ଗୁରୁତର ଆହତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତି ପ୍ରାୟ ୧ ଘଟିକା ସମୟରେ ଗଙ୍ଗାଧର ବାଡ଼ିପଟକୁ ଶୌଚ ପାଇଁ ଯିବା ସମୟରେ ଦନ୍ତାହାତୀଟି ହଠାତ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପାଟି କରିବାରୁ ପରିବାର ଓ ପଡୋଶୀ ଉଠି ଆସି ବାଜା ବଜାଇ ଦନ୍ତାକୁ ଘଉଡ଼ାଇଥିଲେ। ଗୁରୁତର ଅବସ୍ଥାରେ ଗଙ୍ଗାଧରଙ୍କୁ ନରସିଂହପୁର ଡାକ୍ତରଖାନାକୁ ଆଣିଥିଲେ। ତାଙ୍କର ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଛି।

ଡିଜିଟାଲ ଯୁଗରେ ବି ବାସନ୍ଦର କଳଙ୍କ

## ହଜିଗଲା ମାନବିକତା; ଶବକୁ କାନ୍ଧ ଦେଲେନି

**ନରସିଂହପୁର, ୫।୩(ସମିସ):**



● କିଡନୀ ରୋଗରେ ଆଖି ବୁଜିଲେ ଛବି ମହାରଣା
● ସହାୟତା କଲେ ମୁକ୍ତି ସଂଗଠନ କର୍ମକର୍ତ୍ତା

କଟକ ଜିଲ୍ଲା ଅନ୍ତର୍ଗତ ନରସିଂହପୁର ବ୍ଲକର ସାର୍ଗୁଣାପଲ୍ଲୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଛବି ମହାରଣା ଦୀର୍ଘ ଦିନ ଧରି କିଡ଼ନୀ ରୋଗ, ମଧୁମେହ ଓ ପକ୍ଷାଘାତ ଭଳି ଗୁରୁତର ବ୍ୟାଧିରେ ଆକ୍ରାନ୍ତ ହୋଇ ବୁଧବାର ରାତିରେ ମୃତ୍ୟୁବରଣ କରିଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ, ମୃତ୍ୟୁ ପୂର୍ବରୁ ସେ କୌଣସି କାରଣବଶତଃ ଗ୍ରାମରୁ ବାସନ୍ଦ ହୋଇ ରହିଥିଲେ। ଏହି ସାମାଜିକ ବାଛନ୍ଦର କରାଳ ରୂପ ଏତେ ଭୟଙ୍କର ଥିଲା ଯେ ତାଙ୍କ ମୃତ୍ୟୁପରେ ମାନବିକତାକୁ ପଛରେ ପକାଇ ଗ୍ରାମବାସୀ ଶବକୁ କାନ୍ଧ ଦେବାକୁ କିମ୍ବା ଶ୍ମଶାନକୁ ନେବାକୁ ଆଗେଇ ଆସି ନ ଥିଲେ। ଜଣେ ବ୍ୟକ୍ତିର ମୃତ୍ୟୁ ପରେ ମଧ୍ୟ ସାମାଜିକ ବାଛନ୍ଦ ଭଳି କୁସଂସ୍କାରକୁ ଜାବୁଡ଼ି ଧରି ଗ୍ରାମବାସୀ ନିରବ ରହିଥିବା ବେଳେ 'ନରସିଂହପୁର ମୁକ୍ତି ସଂଗଠନ' ସହାୟତାର ହାତ ବଢ଼ାଇଥିଲା। ସଂଗଠନର ସଭାପତି ସୁଶାନ୍ତ ମହାନ୍ତି ଏହି ଖବର ପାଇବା କ୍ଷଣି ନିଜ କର୍ମକର୍ତ୍ତାଙ୍କ ସହ ସାର୍ଗୁଣାପଲ୍ଲୀରେ ପହଞ୍ଚିଥିଲେ। କୌଣସି ଭେଦଭାବ ନ ରଖି ସଂଗଠନର ସଦସ୍ୟମାନେ ଛବିଙ୍କ ଶବକୁ କାନ୍ଧ ଦେଇ ଶ୍ମଶାନକୁ ନେବା ସହ ଅନ୍ତିମ ସଂସ୍କାର ସମ୍ପନ୍ନ କରିଥିଲେ। ସଂଗଠନର ଏହି କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଗ୍ରାମବାସୀଙ୍କ ମନୋଭାବକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମୃତ ଛବି ମହାରଣା ଜଣେ ଅତି ଗରିବ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ପତ୍ନୀ ନିରୂପମା ମହାରଣା ଏବଂ ଦୁଇଟି ଛୋଟ ପୁଅ ଓ ଜଣେ ଝିଅ ବେସାହାରା ହୋଇପଡ଼ିଛନ୍ତି। ମୂଳ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିବା ଏହି ପରିବାର ପାଇଁ ଏବେ ଦୁଇ ଓଳି ଖାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ସାମାଜିକ ବାସନ୍ଦ ଓ ଜାତିଆଣ ଭେଦଭାବକୁ ବନ୍ଦ କରିବା ପାଇଁ ସରକାରୀସ୍ତରରେ ବିଭିନ୍ନ ଆଇନ ଥିଲେ ହେଁ, ଏହି ଘଟଣା ପ୍ରଶାସନର ବିଫଳତାକୁ ପଦାରେ ପକାଇଛି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏଭଳି କୁସଂସ୍କାର ପ୍ରଥାକୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ମହୋତ୍ସବ

**ଟାଙ୍ଗୀ, ୫।୩(ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଞ୍ଚରାତ୍ର ମହୋତ୍ସବ ତଥା ୨୪ ବେଶ କାର୍ଯ୍ୟକ୍ରମ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ବିଦ୍ୟାପୀଠ ଖେଳପଡ଼ିଆ ତଥା ମା' ସୁବର୍ଣ୍ଣ ବରାହୀଙ୍କ ପ୍ରାଙ୍ଗଣରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଆୟୋଜିତ ଯଜ୍ଞ ଉପଲକ୍ଷେ ପୂର୍ବାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ୪ ଶହ ମହିଳା ଭାବଭକ୍ତିର ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଝାଞ୍ଜ, ମୃଦଙ୍ଗ ଓ ଘଣ୍ଟର ତାଳେ ତାଳେ ହରିନାମ ସଂକୀର୍ତ୍ତନ ଅଞ୍ଚଳକୁ ଉତ୍ସବ ମୁଖର କରିଥିଲା। ଚୌଦ୍ୱାର-ଟାଙ୍ଗୀ ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ସମ୍ପାଦକ ଶରତ ଖୁଣ୍ଟିଆଙ୍କ ପୌରହିତ୍ୟରେ ଓ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦିବ ବେହେରାଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସମ୍ପାଦକ ନାରାୟଣ ସ୍ୱାଇଁ, ସାମାଜିକ କର୍ମୀ ବିଜୟ ସାହୁ, ସୁରେନ୍ଦ୍ର ସାମଲ, ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ, ଜୟନ୍ତ ଦାସ, ଆକାଶ ପାତ୍ର, ଭରତ ସାହୁ, ନାରୀନେତ୍ରୀ ଅନୁରାଧା ନାୟକ ଓ ମମତା ଭୂୟାଁ ପ୍ରମୁଖ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେହିପରି ପୁରୀ ଶ୍ରୀମନ୍ଦିରରୁ ଆସିଥିବା ମହାପ୍ରଭୁଙ୍କ ଆଜ୍ଞାମାଳ ଓ ନେତକୁ ଭାବଭକ୍ତିର ସହ ସନ୍ଧ୍ୟାରେ ସ୍ଥାପନ ପୂର୍ବକ ଯଜ୍ଞାନୁଷ୍ଠାନ ଆରମ୍ଭ କରାଯାଇଥିଲା। ପ୍ରତି ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଆଧାରିତ ରାଷ୍ଟ୍ରୀୟ ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କଠାରୁ ପ୍ରବଚନ ଶୁଣିବା ଓ ଠାକୁରଙ୍କ ୨୪ ବେଶ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେବ।



## ଆଠଗଡ଼ ସାମ୍ବାଦିକ ସଂଘର ହୋଲି ମିଳନ



**ତିଗିରିଆ, ୫।୩(ସମିସ):** ଆଠଗଡ଼ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ପାରମ୍ପରିକ ହୋଲି ମିଳନ ଓ "ସାମ୍ବାଦିକମାନଙ୍କ ସମସ୍ୟା ଓ ସମାଧାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ପ୍ରତି ସରକାରଙ୍କ ଉଦାସୀନତାକୁ ନେଇ ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସମ୍ପାଦକ ବିଭୂତି ଭୂଷଣ ଖଟୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାମ୍ବାଦିକମାନେ ଦର୍ଶାଇଥିଲେ ଯେ ପୂର୍ବରୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ୮ ହଜାର ସାମ୍ବାଦିକ ସାମିଲ ଥିବା ବେଳେ ଏବେ ଏହି ସଂଖ୍ୟା ୬ ହଜାରକୁ ଖସି ଆସିଲାଣି। ଆଗାମୀ ଦିନରେ ଏକ ନୂତନ ଖସଡ଼ା ପ୍ରସ୍ତୁତ କରି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ସଂଘ ସଙ୍କଳ୍ପ ନେଇଛି। ଉପସଭାପତି ବିଷ୍ଣୁପ୍ରସାଦ ଦାସ, ବରିଷ୍ଠ ସାମ୍ବାଦିକ ରାଧାମୋହନ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ଶୈଳେନ୍ଦ୍ର ପଟ୍ଟନାୟକ, ଅଶୋକ ପ୍ରଧାନ, ବ୍ରହ୍ମାନନ୍ଦ ଲେଙ୍କା, ପନିଆ ଖାଁ, ପତିତପାବନ ରାଉତ, ଚନ୍ଦ୍ରଶେଖର ମିଶ୍ର, ବିରୁପାକ୍ଷ ପ୍ରଧାନ, ସଞ୍ଜୟ ମହାନ୍ତି, ପ୍ରଦୀପ ନାୟକ, ଦୁଷ୍ମନ୍ତ ନାୟକ, ଅରୁଣ କୁମାର ଏବଂ ଅନ୍ୟାନ୍ୟ ସାମ୍ବାଦିକମାନେ ପରସ୍ପରକୁ ଅବିର ଲଗାଇ ହୋଲି ଅଭିନନ୍ଦନ ଜଣାଇଥିଲେ। ବରିଷ୍ଠ ସାମ୍ବାଦିକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରିମ୍‌ସ ଅଧ୍ୟକ୍ଷଙ୍କ ବାସଭବନରେ ହୋଲି ମିଳନ




**କଟକ, ୫।୩(ସମିସ):** ପବିତ୍ର ଦୋଳ ଓ ହୋଲି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ଟାଙ୍ଗୀ କଏରାପାରୀସ୍ଥିତ ବାସଭବନରେ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ଏଥିରେ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ କ୍ଲବ ଟିଭି-୭୪ର ସଦସ୍ୟ, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପଦାଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଡ. ରଥଙ୍କୁ ରଙ୍ଗ ଅବିର ଲଗାଇ ରଙ୍ଗର ପର୍ବ ହୋଲିର ଅଭିନନ୍ଦନ ଜଣାଇଥିଲେ। ଡ. ରଥଙ୍କ ମଧ୍ୟ ଅନୁରୂପ ଭାବରେ ସମବେତ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। 'ଡ୍ରିମ୍‌ସ'ର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ରମେଶ ବେହେରା, ଦୈତାରୀ ସାହୁ, ଶିବ ଚରଣ ଜେନା, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା, ଲିଙ୍ଗରାଜ ସାହୁ, ବିଜୟ ପୃଷ୍ଟି, ଶୈଳେନ୍ଦ୍ର ଷଡଙ୍ଗୀ, ଦେବ ନାୟକ, ଧୂଳମଣି ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କଟକର ପ୍ରସିଦ୍ଧ ଦହିବରାରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ବଡ଼ମ୍ବା, ୫।୩(ସମିସ):** ବଡ଼ମ୍ବା ଥାନା ଅଧୀନ ବଡ଼କମ୍ବିଲୋ ଗ୍ରାମପଞ୍ଚାୟତର ବାଣପୁର ଠାରେ ଗୁରୁବାର ଏକ ବାଇକ ଓ ଲୁନା ମଧ୍ୟରେ ମୁହାଁମୁହିଁ ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ବନମାଳିପୁର ଗ୍ରାମ ପଞ୍ଚାୟତ ଅଧୀନ କେଶାବେରେଣି ଗ୍ରାମର ପଞ୍ଚୁ କରଣ ଓ ପବିତ୍ର ବେହେରା ବାଇକରେ ଯିବା ବାଟରେ ବାଣପୁର ଗ୍ରାମର ଗଣେଶ ନାୟକଙ୍କ ଲୁନା ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଗଣେଶ ନାୟକ ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ଗଣେଶଙ୍କୁ ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଆହତ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## ମୃଦୁ ପାନୀୟ ବୋତଲରେ ପ୍ଲାଷ୍ଟିକ୍ ଖଣ୍ଡ



**ଟାଙ୍ଗୀ, ୫।୩(ସମିସ):** ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ମୃଦୁ ପାନୀୟ ବିକ୍ରି ବୃଦ୍ଧି ପାଇଥିବାବେଳେ ନାମକରା ଏକ କମ୍ପାନୀର ପାନୀୟ ବୋତଲରେ ପ୍ଲାଷ୍ଟିକ୍ ଖଣ୍ଡ ମିଳିବା ଘଟଣା ଟାଙ୍ଗୀ ଅଞ୍ଚଳରେ ଚର୍ଚ୍ଚାକୁ ଆସିଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମୀ ଅବସରରେ ଥଣ୍ଡା ପାନୀୟ ପିଇବା ନିମନ୍ତେ ପ୍ରାକ୍ତନ ସମିତି ସଭ୍ୟ ତଥା ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓସିଏମ୍ ଛକରେ ଥିବା ଏକ ଦୋକାନରେ ସହଞ୍ଚି ଥମସପ୍ ପିଇବାକୁ ମାଗିଲେ। ସାଙ୍ଗମାନଙ୍କୁ ଗୋଟି ଗୋଟି କରି ପ୍ରଦାନ ବେଳେ ଏକ ବୋତଲରେ ପ୍ଲାଷ୍ଟିକ୍ ଖଣ୍ଡ ରହିଥିବା ଶ୍ରୀ ଷଡ଼ଙ୍ଗୀଙ୍କ ନଜରକୁ ଆସିଥିଲା। ଯାହାକି ସାଧାରଣରେ ଆଲୋଚ୍ୟ ପାଲଟିଥିଲା।

# ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ










**ତିଗିରିଆ, ୫।୩(ସମିସ):**

ବିଶିଷ୍ଟ ଜନନାୟକ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ତିଗିରିଆ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଜୁ ଜୟନ୍ତୀ ପାଳନ କରାଯିବା ସହିତ ଏହି ଅବସରରେ ସ୍ମୃତି ସଭା ଓ ତିଗିରିଆ ନିଜିଗଡସ୍ଥିତ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧିରଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ନନ୍ଦ, ଆଇନଜୀବୀ ରଘୁନାଥ ଦାସ, ପ୍ରଶାନ୍ତ ପଟ୍ଟନାୟକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ପୁରୁଣା ତିଗିରିଆ ପଞ୍ଚାୟତ ସରପଞ୍ଚ ପ୍ରତାପ ରାଉତ ପ୍ରମୁଖ ତିଗିରିଆ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

### ନରସିଂହପୁର

ନରସିଂହପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ବିଜେଡି ସଭାପତି ନିର୍ମଳ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ ଜିଲ୍ଲାପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ସରପଞ୍ଚ ଗୟାଧର ସାହୁ, ମାଗିରାମ ମହାପାତ୍ର, ପବିତ୍ର ମଲ୍ଲିକ, ଶୁଭ୍ରାଂଶୁ ଭୂଷଣ ମହାପାତ୍ର, ବିଶ୍ୱନାଥ ସାହୁ, କୃପାସିନ୍ଧୁ ଦାଶ, ମେଘନାଦ ପାତ୍ରଙ୍କ ସମେତ ଦଳୀୟ କର୍ମକର୍ତ୍ତା, କର୍ମୀ, ସକ୍ରିୟ ସଦସ୍ୟ, ଯୁବପିଢ଼ି ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ।

### ନିଶ୍ଚିନ୍ତକୋଇଲି

ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳର ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ପୌରୋହିତ୍ୟରେ ବଉଳ ବଜାରଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଶହ ଶହ ବିଜୁପ୍ରେମୀ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ବରିଷ୍ଠ ବିଜେଡି ନେତା କ୍ଷୀରୋଦ ପଣ୍ଡା, ସରପଞ୍ଚ ଜୟଦେବ ରାଉତ, ପୂର୍ବତନ ଜିଲ୍ଲାପରିଷଦ ବିନୋଦ ସାମଲ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଅମ୍ରିତା ସିଂ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ସରପଞ୍ଚ ହିଂମାଂଶୁ ନାରାୟଣ ମଲ୍ଲ, ରାକେଶ ସାମଲ, ଜୋନ୍ ସଭାପତି ଅନୀଲ ଭୂୟାଁ, ମନୋଜ ବେହେରା, ପ୍ରଦୋଷ ସାହୁ, ଅରୁଣ ସାମନ୍ତରାୟ, ତପନ ଦାଶ, କୈଳାସ ସାମନ୍ତରାୟ, ଅଲେଖ ସାମଲ, କୈଳାସ ସ୍ୱାଇଁ, ମିର୍ଜା ଅବୁଲ ବେଗ୍, ସରପଞ୍ଚ କମଳାକାନ୍ତ ଦାଶ, ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ସାହୁ, ରାଜେଶ ବେହେରା ପ୍ରମୁଖ ବିଜୁବାବୁଙ୍କ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସେହିପରି ଦ୍ୱୀପାଞ୍ଚଳ ବିଜେଡି ପକ୍ଷରୁ ତରତ ହନୁମାନ ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ପୁଷ୍ପମାଲ୍ୟାର୍ପଣ କରିଥିଲେ। ନିଶ୍ଚିନ୍ତକୋଇଲି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମଧୁସ୍ମିତା ରାଉତଙ୍କ ପୌରୋହିତ୍ୟରେ ପାଳିତ ବିଜୁ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ନାଏବ ସରପଞ୍ଚ ଜ୍ୟୋତି ସ୍ୱାଇଁ, ରମେଶ ଚନ୍ଦ୍ର ସ୍ୱାଇଁ, ଗୋଲଖ ପରିଡା, ଜଗନ୍ନାଥ ସାହୁ, ଗଣେଶ୍ୱର ସାହୁ, ବଲ୍ଲଭ ଦାସ, ପ୍ରହଲ୍ଲାଦ ଦାସ, କୈଳାସ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ।









### ଟାଙ୍ଗୀ

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ତଥା ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀ ହାଟ ପଡ଼ିଆରେ ଗୁରୁବାର ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆୟୋଜିତ ସଭାରେ ବିଜୁବାବୁଙ୍କ ଜୀବନୀ ଏବଂ ଓଡ଼ିଶା ତଥା ଭାରତ ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ ଓ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ପ୍ରାକ୍ତନ ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଗୋବିନ୍ଦ ଦାସ, ପରମାନନ୍ଦ ନାୟକ, ସରପଞ୍ଚ ତାପସ ସାହୁ, ନିବାସ ଚନ୍ଦ୍ର ପାଣ୍ଡବ, ଦିପ୍ତିମୟୀ ବେହେରା, ସୋଫିଆ ବିବି ଓ ମହେଶ୍ୱର ମହାନ୍ତ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଆଗଧାଡ଼ିର ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।

### ଚୌଦ୍ୱାର

ଚୌଦ୍ୱାର ନଗର ବିଜେଡି ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁସଂଖ୍ୟକ ଜନସାଧାରଣ ଯୋଗଦେଇ ବିରୂପା ନଦୀକୂଳର ତିଳତର୍ପଣ କରିଥିଲେ। ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କଟକ ଡେପୁଟି ମେୟର ଦମୟନ୍ତୀ ମାଝୀ, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ନବ କିଶୋର ସ୍ୱାଇଁ, ତୀର୍ଥନନ୍ଦ ସୁବୁଦ୍ଧିରାୟ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ରୂପଯାତ୍ରା କମିଟି ସଭାପତି ସୁବୋଧ ନାୟକ ପ୍ରମୁଖ ବିରୂପା କୂଳରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ଆଶୁତୋଷ ଦାସ, ଅଜୟ ବେହେରା, ଅଜିନୀ ବେହେରା, ରଞ୍ଜୁଲତା ଦାସ, ସବିତା ମାହାଳି, ସୁଜାତା ସାହୁ, ରଙ୍ଗଲତା ସାହୁ, ସବିତା ନାୟକ, ପ୍ରତାପ ଜେନାଙ୍କ ସମେତ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପରେ ଓଟିଏମ୍ ପରିବା ମାର୍କେଟସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ସିଟି କଟକ

# ହୋଲିରେ ସହର ରଙ୍ଗମୟ





କଟକ, ୫ ।୩(ସମିସ)

ଭାଇଚାରାର ସହର କଟକରେ କାଁ ଭାଁ ଗଣ୍ଡଗୋଳକୁ ଛାଡିଦେଲେ ଆନନ୍ଦ ଉଲ୍ଲାସର ସହ ହୋଲି ଉତ୍ସବ ପାଳିତ ହୋଇଯାଇଛି । ଆବାଳ ବୃଦ୍ଧବନିତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ହୋଲିର ମଜା ନେଇଥିଲେ । ପରସ୍ପର ପରସ୍ପରକୁ ରଙ୍ଗ ବୋଳିବା ସହିତ ମିଠା ଖୁଆଇ ଦଳମତ ନିର୍ବିଶେଷରେ ହୋଲି ପର୍ବ ପାଳନ କରିଥିଲେ । ସହରରେ ହୋଲି ଖେଳକୁ ନେଇ କିଛି ସ୍ଥାନରେ ଗଣ୍ଡଗୋଳ ଘଟିଥିଲା । ଏ ସଂକ୍ରାନ୍ତରେ ବାଦାମବାଡ଼ି ଥାନାରେ ୨ଟି, ପୁରୀଘାଟ ଥାନାରେ ଗୋଟିଏ, ମଧୁପାଟଣାରେ ୩ଟି, ମର୍କତନଗର ଥାନାରେ ରେ ୪ଟି, ମାଲଗୋଦାମ ଥାନାରେ ୨ଟି, ଲାଲବାଗ ଥାନାରେ ଗୋଟିଏ ଅଭିଯୋଗ ହୋଇଥିଲା । ମାତ୍ର ଥାନାରେ ମାମଲା ରୁଜୁ ନହୋଇ ଉଭୟ ପକ୍ଷର ଲୋକଙ୍କ ଉପସ୍ଥିତିରେ ପୁଲିସ ଗଣ୍ଡଗୋଳ ଘଟଣାର ଆପୋଷ ସମାଧାନ କରିଥିବା ଜଣାପଡ଼ିଛି ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଉଭୟ କାଠଯୋଡି ଓ ମହାନଦୀରେ ଥିବା ଘାଟ ଗୁଡିକରେ ସ୍ୱତନ୍ତ୍ର ରେସ୍କ୍ୟୁ ଟିମ୍ ଡ୍ୟୁଟି କରିଥିଲେ । ମୁଖ୍ୟତଃ ମହାନଦୀର କାଳିଆବୁଦା ନିକଟସ୍ଥ ଘାଟ, ଯୋବ୍ରା ଘାଟ, ମାଲଗୋଦାମ ଥାନା ନିକଟସ୍ଥ ଘାଟ, ବାଲିଯାତ୍ରା ତଳ ପଡ଼ିଆ, ହାଡିଆପଠା ସଂଲଗ୍ନ ଘାଟ, କ୍ୟାଣ୍ଟନ୍‌ମେଣ୍ଟ ଥାନା ନିକଟସ୍ଥ ଘାଟ, ଏନ୍‌ସିସି କାର୍ଯ୍ୟାଳୟ ନିକଟସ୍ଥ ଘାଟ, ଚହଟା ଘାଟ, ଧବଳେଶ୍ୱର ଗଡ଼ା ଘାଟ, ଭୂଆସୁଣି ଗଡ଼ା ଘାଟ, ନରାଜ ନିକଟସ୍ଥ ଘାଟରେ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ସଜାଗ ରହିଥିଲେ । ସେହିପରି କାଠଯୋଡିରେ ପାଣି ନଥିବାରୁ ଗିଂବନ୍ଧରେ ରେସ୍କ୍ୟୁ ୟୁନିଟ୍ ଗାଡି ଆଲର୍ଟ ରହିଥିଲା । ବକ୍ସିବଜାର, ବିଡାନାସୀ ଓ ଚାଉଳିଆଗଞ୍ଜ ଫାୟାର୍ ଷ୍ଟେସନ୍ ପକ୍ଷରୁ ଗୋଟିଏ ଲେଖାଁଏ ସ୍ପେଶାଲ୍ ୟୁନିଟ୍ କାର୍ଯ୍ୟକ୍ଷମ ହୋଇଥିଲା । ନିଶା କିମ୍ବା ମାଦକ ଦ୍ରବ୍ୟ ସେବନ କରି ନଦୀ ମଧ୍ୟକୁ ପ୍ରବେଶ କରିବାକୁ ବାରଣ କରାଯାଇଥିଲା । ହେଲେ କଟକ ସହରରେ ସେମିତି କୌଣସି ଅଘଟଣ କିମ୍ବା ନଦୀବୁଡ଼ି ଘଟଣା ଘଟିନଥିବା ଫାୟାର୍ ଅଫିସର ସଞ୍ଜିବ୍ କୁମାର ବେହେରା ସୂଚନା ଦେଇଛନ୍ତି । ହୋଲିରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସାରା ସହରରେ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ । ଆଇନଶୃଙ୍ଖଳା ଉପରେ ଧ୍ୟାନ ଦେବାକୁ ସମସ୍ତ ଜୋନ୍ ଏସିପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କଟକ ସହରକୁ ୬ଟି ସେକ୍ଟରରେ ଭାଗ କରାଯାଇଥିଲା । ଜୋନ୍‌ୱାରୀ ଏସିପିମାନେ ସୁରକ୍ଷା ଦାୟିତ୍ୱରେ ରହିଥିଲେ । ସମୁଦାୟ ୨୨ଟି ପିସିଆର୍ ଭ୍ୟାନ୍ ଓ ୪୦ବାଇକ୍ ପିସିଆର୍ ନିୟୋଜିତ ହୋଇଥିଲା । ସମ୍ବେଦନଶୀଳ ଛକ ଗୁଡ଼ିକରେ ପୁଲିସ ଟିମ୍ ଓ ଫୋର୍ସ ମୁତୟନ ରହିଥିଲେ । ବକ୍ସିବଜାର, ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ଓଏମ୍‌ପି, ଲିଙ୍କ୍‌ରୋଡ୍, ବାଦାମବାଡି, ମଳାଚଣ୍ଡିଆ ଛକ, ହରିପୁର, ଦୋଳମୁଣ୍ଡାଇ, ଶେଖବଜାର, ଚଣ୍ଡିଛକ, ମର୍କତନଗର, ବିଡାନାସୀ, ଗଣ୍ଡରପୁର, ଶିଖରପୁର, ମାଛୁଆବଜାର ଭଳି ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ନିୟୋଜିତ ହୋଇଥିବା ବେଳେ ସେମିତି କୌଣସି ଗଣ୍ଡଗୋଳ ଘଟି ନଥିଲା ।





**କାଁ ଭାଁ ଗଣ୍ଡଗୋଳ ବାଦ୍ ହୋଲି ଆନନ୍ଦ ଉଲ୍ଲାସରେ ପାଳିତ**

## ସିଆର୍‌ପିଏଫ୍ ଯବାନଙ୍କ ଆତ୍ମହତ୍ୟା

**କଟକ, ୫ ।୩(ସମିସ):** ସିଆରଆରଆଇ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳରେ ଭଡ଼ା ନେଇ ରହୁଥିବା ଜଣେ ସିଆରପିଏଫ୍ ଯବାନ ଆଜି ଆତ୍ମହତ୍ୟା କରିଛନ୍ତି । ମୃତ ଯବାନଙ୍କ ଘର ଜଗତସିଂହପୁରରେ ହୋଇଥିବା ବେଳେ ତାଙ୍କ ନାଁ ଗତିକୃଷ୍ଣ ବେହେରା(୩୯) । ପୁଲିସ ମୃତକଙ୍କ ଭଡ଼ା ଘରୁ ଶବ ଜବତ କରି ଏସ୍‌ସିବି ପଠାଇଥିବା ବେଳେ ସେଠାରେ ଶବ ବ୍ୟବଚ୍ଛେଦ କରାଯାଇଥିଲା ।

ପୁଲିସ ସୂଚନା ଅନୁସାରେ, ଭଡ଼ାଘରେ ଗତିକୃଷ୍ଣଙ୍କ ପତ୍ନୀ ଓ ଗୋଟିଏ ପିଲା ରୁହନ୍ତି । କିଛି ଦିନ ହେବ ରାଜ୍ୟ ବାହାରେ କାର୍ଯ୍ୟରତ ଗତିକୃଷ୍ଣ ଛୁଟି ନେଇ ଘରକୁ ଆସିଥିଲେ । ଗତକାଲି ପରିବାର ସହିତ ହୋଲି ମଧ୍ୟ ଖେଳିଥିଲେ । ବିଳମ୍ବିତ ରାତିରେ ଉଭୟ ଗତିକୃଷ୍ଣ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା । ଶେଷରେ ଶୋଇବା ଘରେ ପତ୍ନୀ ଓ ପିଲା ଶୋଇଥିବା ବେଳେ ଗତିକୃଷ୍ଣ ଅନ୍ୟଏକ ରୁମ୍‌ରେ ଶୋଇଥିଲେ । ଆଜି ସକାଳ ୧୦ଟା ପର୍ଯ୍ୟନ୍ତ ଶୋଇବା ଘର କବାଟ ଖୋଲିନଥିଲା । ସନ୍ଦେହ ହେବାରୁ ପତ୍ନୀ ପଡ଼ିଶା ଘର ଲୋକଙ୍କୁ ଡାକିଥିଲେ । ଏହାପରେ ପୁଲିସକୁ ଖବର ଦିଆଯାଇଥିଲା । ପୁଲିସ ଉପସ୍ଥିତିରେ ଘରର କବାଟ ଭଙ୍ଗାଯିବାରୁ ଫ୍ୟାନ୍‌ରେ ରସି ଲଗାଇ ଗତିକୃଷ୍ଣ ଝୁଲିଥିବାର ଦେଖିବାକୁ ମିଳିଥିଲା । ପୁଲିସ ଶବ ଜବତ କରି ଆମ୍ବୁଲାନ୍ସରେ ଏସ୍‌ସିବି ପଠାଇଥିଲା । ପାରିବାରିକ କଳହରୁ ଗତିକୃଷ୍ଣ ଆତ୍ମହତ୍ୟା କରିଛନ୍ତି ବୋଲି ଜୋନ୍ ଏସିପି ସୁଧାଂଶୁ ଭୂଷଣ ଜେନା ସୂଚନା ଦେଇଛନ୍ତି ।

## ରାଜସ୍ୱ ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ



**କଟକ, ୫।୩(ସମିସ):** ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପାଇଁ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ନିକଟରେ ସମୂହ ଦୀପ ଦାନ କରାଯାଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ କିଛି ଦିନ ହେବ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଉତ୍ତମ ଚିକିତ୍ସା ନିମନ୍ତେ ଦିଲ୍ଲୀ ଯାଇଛନ୍ତି । ତାଙ୍କର ଆଶୁ ଆରୋଗ୍ୟ କାମନା କରି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନରେଶଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ କୀର୍ତ୍ତିରଞ୍ଜନ ପ୍ରଧାନ ଏବଂ କଟକ ଜିଲ୍ଲା ସଭାପତି ସୁଧାଂଶୁ ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ସଂଘର ବହୁ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟ ଦୀପ ପ୍ରଜ୍ୱଳନ କରିଥିଲେ । ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ସୁବ୍ରତ ମିଶ୍ର ଓ ସୂର୍ଯ୍ୟକାନ୍ତ ପାଣିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ ।

## ଡ. ଦ୍ୟୁତିକୃଷ୍ଣ ପାଇବେ ବିମଳ କିଶୋର ମିଶ୍ର ସମ୍ମାନ

**କଟକ, ୫।୩(ସମିସ):** ବନ୍ଦେ ଉତ୍କଳ ପକ୍ଷରୁ ବିଶିଷ୍ଟ ପ୍ରଶାସକ, ସୁଲେଖକ ବିମଳ କିଶୋର ମିଶ୍ରଙ୍କ ୧୦୨ତମ ଜୟନ୍ତୀ ଅବସରରେ ସ୍ମୃତି ସମାରୋହ ଆସନ୍ତା ୬ ତାରିଖ ଶୁକ୍ରବାର ସନ୍ଧ୍ୟା ୭ଟାରେ ବଙ୍ଗାଳୀସାହିସ୍ଥିତ ମା' ଶାରଳା ସଦନରେ ଅନୁଷ୍ଠିତ ହେବ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ପ୍ରଫେସର ଡ. ଦ୍ୟୁତିକୃଷ୍ଣ ବେହେରାଙ୍କୁ 'ବିମଳ କିଶୋର ମିଶ୍ର ସମ୍ମାନ-୨୦୨୬' ପ୍ରଦାନ କରାଯିବ । ଉତ୍ସବରେ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ, ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଅତିଥିଭାବେ ଯୋଗଦେବେ ।



## ଦିଲ୍ଲୀ ଦରବାରରେ ଶୁଭିବ ଓଡ଼ିଶାର ସ୍ୱର

**କଟକ, ୫।୩(ସମିସ):** ରାଜ୍ୟସଭା ପାଇଁ ନାମାଙ୍କନ ପତ୍ର ଦାଖଲ କରିବା ପରେ ବିଜୁ ଜନତା ଦଳର ପ୍ରାର୍ଥୀ ଡକ୍ଟର ସଂତୃପ୍ତ ମିଶ୍ର ପ୍ରଥମ କରି କଟକ ଗସ୍ତ କରିଛନ୍ତି । ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଦୋଳମୁଣ୍ଡାଇସ୍ଥିତ କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ସେ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କଟକ ତାଙ୍କ ଜନ୍ମମାଟି ହୋଇଥିବାରୁ ଏଠାରେ ସେବା କରିବାର ସୁଯୋଗ ମିଳିଥିବାରୁ ସେ ମହାପ୍ରଭୁ ଜଗନ୍ନାଥଙ୍କୁ କୃତଜ୍ଞତା ଜଣାଇବା ସହ ଏହାକୁ 'ପିତୃ ଋଣ' ପରିଶୋଧ କରିବାର ଏକ ମାଧ୍ୟମ ବୋଲି ଅଭିହିତ କରିଥିଲେ । କାର୍ଯ୍ୟାଳୟରେ ଆୟୋଜିତ ସଭାରେ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରି ଡକ୍ଟର ମିଶ୍ର କହିଛନ୍ତି ଯେ, ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଓଡ଼ିଶାର ପ୍ରଗତି, ସ୍ୱାର୍ଥ ଓ ବିକାଶ ପାଇଁ ସେ ଦିଲ୍ଲୀ ଦରବାରରେ ସ୍ୱର ଶାଣିତ କରିବେ । ବିଶେଷ କରି କଟକ ଜିଲ୍ଲାକୁ ଅଗ୍ରାଧିକାର ଭିତ୍ତିରେ ସର୍ବାଧିକ କେନ୍ଦ୍ରୀୟ ଅନୁଦାନ ଓ ସହାୟତା ଆଣିବା ପାଇଁ ସେ ନିଜର ସମସ୍ତ ଅଭିଜ୍ଞତାକୁ ବ୍ୟବହାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଦକ୍ଷତା ରାଜ୍ୟର ସ୍ୱାର୍ଥ ରକ୍ଷାରେ ସହାୟକ ହେବ ବୋଲି ଉପସ୍ଥିତ ନେତୃବୃନ୍ଦମାନେ ମଧ୍ୟ ଆଶା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ, ବରିଷ୍ଠ ନେତା ମହମ୍ମଦ ସକିଲ ଓ ପ୍ରକାଶ ସିଂହ ଉପସ୍ଥିତ ରହି ଡକ୍ଟର ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ଅନେକ ପୂର୍ବତନ କର୍ପୋରେଟର ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

- କଟକରେ ଡକ୍ଟର ସଂତୃପ୍ତ ମିଶ୍ରଙ୍କ ଦୃଢ଼ୋକ୍ତି
- ବିଜୁ ଜୟନ୍ତୀରେ ଜନ୍ମମାଟିରୁ ଆଶୀର୍ବାଦ ନେଲେ
- କଟକର ବିକାଶ ପାଇଁ ଦେଲେ ପ୍ରତିଶ୍ରୁତି



## ଏପ୍ରିଲରେ 'ୟୁଥ୍ କନ୍-୨୦୨୬'

**କଟକ, ୫।୩(ସମିସ):** ଭାରତୀୟ ଚିକିତ୍ସକ ସଂଘ (ଆଇଏମଏ) ଜୁନିଅର ଡାକ୍ତର ନେଟୱର୍କର ଏକ ସାମ୍ବାଦିକ ସମ୍ମିଳନୀ ଆଜି କଟକସ୍ଥିତ ଆଇଏମ୍‌ଏ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଏପ୍ରିଲ ୧୯ ତାରିଖରେ ଯୁବ ଡାକ୍ତରମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ 'ୟୁଥ୍ କନ୍-୨୦୨୬' ଆୟୋଜନ କରାଯିବା ନେଇ ଏହି ଅବସରରେ ଘୋଷଣା କରାଯାଇଛି । ସଂଘର ରାଜ୍ୟ ସଭାପତି ଡ. ହରେକୃଷ୍ଣ ନାୟକ, ସମ୍ପାଦକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ପୂର୍ବତନ ସଭାପତି ଡ. ଜୟନ୍ତ କୁମାର ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଚିକିତ୍ସକ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ । ଯୁବ ଡାକ୍ତର ସଂଘର ଚେୟାରମ୍ୟାନ ଡ. ଜ୍ୟୋତିର୍ମୟ ନାୟକଙ୍କ ସୂଚନା ଅନୁଯାୟୀ, ପ୍ରାୟ ୩୦୦ରୁ ଅଧିକ ଯୁବ ଡାକ୍ତର ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୂତନ ଡାକ୍ତରୀ ଆବିଷ୍କାର, ଗବେଷଣା ଏବଂ ରୋଗୀ ସେବା କ୍ଷେତ୍ରରେ ଯୁବ ଚିକିତ୍ସକମାନଙ୍କୁ ଅଧିକ ଦକ୍ଷ ଓ ପ୍ରଶିକ୍ଷିତ କରିବା । ଯୁବ ଡାକ୍ତର ସଂଘର ସଭାପତି ଡ. ଚିନ୍ମୟ ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଇରାନ ଉପରେ ଆମେରିକାର ଆକ୍ରମଣ ବିରୋଧରେ ସିପିଆଇର ବିକ୍ଷୋଭ



**କଟକ, ୫।୩(ସମିସ):** ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ବିରୋଧରେ ଓ ଭାରତ ସରକାରଙ୍କ ଆକ୍ରମଣକୁ ନିନ୍ଦା ନ କରି ନୀରବ ରହିବାର ପ୍ରତିବାଦରେ ଓ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଦାବିରେ ଆଜି କଟକର କଚେରି ଗଡ଼ା ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମ୍ୟୁନିଷ୍ଟ ନେତା ଅମରେନ୍ଦ୍ର ମହାନ୍ତି, ଶ୍ରମିକ ନେତା କିଶୋର ଜେନା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ଜିଲ୍ଲା ସହ ସମ୍ପାଦକ ଉଦୟ କେଶରୀ ବର୍ମା ନାରୀନେତ୍ରୀ କୃଷ୍ଣପ୍ରିୟା ମିଶ୍ର, ଇପ୍ଟାର ସମ୍ପାଦକ ସୁଶାନ୍ତ ମହାପାତ୍ର, ଇସକଫର ସମ୍ପାଦକ ସଞ୍ଜୟ ପରିଜା, ବ୍ୟାଙ୍କ କର୍ମଚାରୀ ନେତା ବିପିନ ପାତ୍ରୀ, ଅଶୋକ ତା, କୁଳମଣି ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସିଂ, ଭ୍ରମର ସାହୁ, ମିହିର ବିଶ୍ୱାଳ, ତପନ ମିଶ୍ର, ନୈନା ଦେହୁରୀ, ଭାବଗ୍ରାହୀ ଦାସ, ରାଜକିଶୋର ସାହୁ, ପ୍ରଭାତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

**କଟକ, ୫ ।୩(ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଭାବେ ଭବାନୀ ଶଙ୍କର ଭୂୟାଁ ଦାୟିତ୍ୱ ଗ୍ରହଣ କରିଛନ୍ତି । କଟକ ସ୍ୱରାଜ ଆଶ୍ରମଠାରେ ଅବସ୍ଥିତ କାର୍ଯ୍ୟାଳୟରେ ସେ ଏହି ନୂତନ ଦାୟିତ୍ୱ ନେଇଛନ୍ତି । ଏଥିସହ ଶ୍ରୀ ଭୂୟାଁ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ । ଓଡ଼ିଶା ସୂଚନା ସେବା ଅଧିକାରୀ ଶ୍ରୀ ଭୂୟାଁ ୨୦୨୪ ଫେବୃଆରୀରେ କଟକ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥଲେ । ଏହା ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଭୁବନେଶ୍ୱର ଜୟଦେବ ଭବନର ମ୍ୟାନେଜର ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି । ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ପାଥେୟ କରି ସେ ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବାରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।



### କଟକରେ ପ୍ରବାଦ ପୁରୁଷଙ୍କ ୧୧୦ତମ ଜୟନ୍ତୀ

# ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଢ଼ିବାକୁ ସଂକଳ୍ପ

କଟକ, ୫।୩(ସମିସ)

ଓଡ଼ିଶାର ବରପୁତ୍ର, 'ଭୂମିପୁତ୍ର' ତଥା କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଆଜି କଟକରେ ଧୂମଧାମରେ ପାଳିତ ହୋଇଛି । ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ବାବୁଙ୍କ ନିର୍ଭୀକତା, ଦୂରଦୃଷ୍ଟି ଏବଂ ଓଡ଼ିଶାର ବିକାଶ ପାଇଁ ତାଙ୍କର ଉତ୍ସର୍ଗୀକୃତ ସେବାକୁ ମନେ ପକାଇ ସହରବାସୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ତାଙ୍କର ସେଇ ଅମର ବାଣୀ 'ଓଡ଼ିଶା କାହାରି ପାଖରେ ମୁଣ୍ଡ ନୁଆଁଇବ ନାହିଁ, ଓଡ଼ିଆ ନିଜ ଶକ୍ତିରେ ନିଜ ଭାଗ୍ୟ ଗଢ଼ିବ' ଆଜିର ଯୁବପିଢ଼ିଙ୍କ ମଧ୍ୟରେ ଏକ ନୂତନ ଉନ୍ମାଦ ଭରିଛି । ଆଜି ପ୍ରତ୍ୟୁଷରୁ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହଙ୍କ ନେତୃତ୍ୱରେ ଏକ ବିଶାଳ ଦଳ ତୁଳସୀପୁରସ୍ଥିତ ବିଜୁ ବାବୁଙ୍କ ପୈତୃକ ନିବାସ 'ଆନନ୍ଦ ଭବନ' ଏବଂ ବିଜୁ ପଟ୍ଟନାୟକ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଦୋଳମୁଣ୍ଡାଇସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ରାଜନୀତି କେବଳ କ୍ଷମତା ପାଇଁ ନୁହେଁ, ବରଂ ଲୋକଙ୍କ ସେବା ପାଇଁ ଉଦ୍ଦିଷ୍ଟ ବୋଲି ବିଜୁ ବାବୁ ସର୍ବଦା ଯେଉଁ ଆଦର୍ଶ ରଖିଥିଲେ, ତାହାକୁ ପାଥେୟ କରି କାର୍ଯ୍ୟ କରିବାକୁ ଉପସ୍ଥିତ ନେତୃବୃନ୍ଦ ଶପଥ ନେଇଥିଲେ । ଉକ୍ତ ସଭାରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ମେୟର ସୁବାଷ ସିଂହ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ବିଧାୟକ ସୌଭିକ ବିଶ୍ୱାଳ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ଡେପୁଟି ମେୟର ଦମୟନ୍ତୀ ମାଝୀ, ପ୍ରକାଶ ସିଂହ, ଡ. ରଞ୍ଜନ ବିଶ୍ୱାଳ, ଅନିତା ବେହେରା, ସଂଗଠନ ସାଧାରଣ ସମ୍ପାଦକ ତାପସ ମହାନ୍ତି, କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଆରତୀ ସାହୁ, ଚନ୍ଦନ ଜେନା, ବନଲତା ପ୍ରଧାନ, ପ୍ରଫୁଲ୍ଲ ବେହେରା, ଦେବେନ୍ଦ୍ର କାହାଳି, ଜନସନ ମହାପାତ୍ର, ତନ୍ମୟ ରାୟ ପ୍ରମୁଖ ଶତାଧିକ ବିଜେଡି ନେତୃବୃନ୍ଦ, କର୍ପୋରେଟର ଓ କର୍ମକର୍ତ୍ତା ଯୋଗଦେଇ ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।




**ଓଡ଼ିଆ ଅସ୍ମିତାର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି**

## ବିଜୁ ଜୟନ୍ତୀରେ ରକ୍ତଦାନ ଶିବିର

ବିଜୁ ଜନତା ଦଳ ବାରବାଟୀ କଟକ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା କଟକ ମେୟର ତଥା ବିଜୁ ଜନତା ଦଳ ରାଜ୍ୟ କୋଷାଧ୍ୟକ୍ଷ ସୁବାସ ସିଂଙ୍କ ନେତୃତ୍ୱରେ ଚୌଧୁରୀବଜାରସ୍ଥିତ ଟାଉନ୍ ହଲରେ ସକାଳ ୯ଟା ୩୦ରେ ଏକ ମେଗା ରକ୍ତଦାନ ଶିବିରର ଆୟୋଜିତ ହୋଇଯାଇଛି । ଶିବିରରେ ଉଭୟ ସେଣ୍ଟ୍ରାଲ ରେଡକ୍ରସ, କଟକ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ଓ ହସ୍ପିଟାଲ ନିଜ ମେଡିକାଲ ଟିମ ରକ୍ତ ସଂଗ୍ରହରେ ସହାୟତା କରିଥିଲେ । ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ବିଜୁ ଜନତା ଦଳ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର ବୃନ୍ଦ, ବିଜୁ ଜନତା ଦଳର ସମସ୍ତ ୱାର୍ଡ ସଭାପତି, ଆଇନଜୀବୀ ସ୍ୱଦେଶ ଦାସ, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ଜନସନ ମହାପାତ୍ର, ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ ସେଣ୍ଟ୍ରାଲ ରେଡକ୍ରସ ତରଫରୁ ତାଙ୍କ ଟିମ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ଓ ହସ୍ପିଟାଲ ତରଫରୁ ତାଙ୍କ ଟିମ ସଦସ୍ୟ ଉପସ୍ଥିତ ଥିଲେ ।



## ଜିଲ୍ଲା ପ୍ରଶାସନ

ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଜୁ ପଟ୍ଟନାୟକ ସଂଗ୍ରହାଳୟ (ଆନନ୍ଦ ଭବନ) ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସଂଗ୍ରହାଳୟରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିଥିଲେ । ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଯୋବ୍ରା ଆନିକଟସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ ।



**ପୀତବାସ ପଣ୍ଡା ହତ୍ୟା ମାମଲା**

# ୭ ଓ ୯ରେ ପରବର୍ତ୍ତୀ ଶୁଣାଣି





- କୋର୍ଟରେ ପୁଲିସ ପକ୍ଷରୁ ପୁଣି ଟ୍ରଙ୍କରେ ଅଣାଗଲା 'ସ୍ୱଚ୍ଛ କପି'
- କେବେ 'କପି' ଦେଖାଯାଉନି ତ ଆଉ କେତେବେଳେ ଖୋଲୁନି 'ପେନ୍‌ଡ୍ରାଇଭ'
- ପୁଲିସ ଦ୍ୱାରା ଦାଖଲ ପେନ୍‌ଡ୍ରାଇଭକୁ ବିନା ଯାଞ୍ଚରେ ନେବାକୁ ଅରାଜି ଅଭିଯୁକ୍ତଙ୍କ ଓକିଲ
- ସ୍ୱାସ୍ଥ୍ୟଗତ ରିପୋର୍ଟ ଦାଖଲ କରାଯାଉ ନ ଥିବାରୁ ବିରକ୍ତି ପ୍ରକାଶ କଲେ କୋର୍ଟ

ବ୍ରହ୍ମପୁର,୫ା୩(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶୁଣାଣି ହୋଇଛି। ଆଜି ପୁଣି ପୁଲିସ ପକ୍ଷରୁ ଦୁଇଟି ଟ୍ରଙ୍କରେ ନଥିପତ୍ର ଅଣାଯାଇ କୋର୍ଟରେ ଦାଖଲ କରାଯାଇଥିଲା। ପୂର୍ବରୁ ପୁଲିସ ଅଭିଯୁକ୍ତଙ୍କ ଓକିଲଙ୍କୁ ଦେଇଥିବା ତଥା କୋର୍ଟରେ ଦାଖଲ କରୁଥିବା ନଥିପତ୍ରର କପି ଗୁଡ଼ିକ ଦୃଶ୍ୟମାନ ହେଉନଥିବା ଦର୍ଶାଇ ଅଭିଯୁକ୍ତଙ୍କ ଓକିଲମାନେ ସେଗୁଡିକୁ ଫେରାଇ ଦେଇଥିଲେ। ଫଳରେ କୋର୍ଟ ପୁଣି ସ୍ୱଚ୍ଛ କପି କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ପକ୍ଷରୁ ଆଜି ଦୁଇଟି ଟ୍ରଙ୍କରେ ପୁଣି ୧୬ଜଣ ଅଭିଯୁକ୍ତଙ୍କ ଓକିଲଙ୍କ ପାଇଁ ୧୬ଟି ସେଟ କପି ଆଣି ଦାଖଲ କରାଯାଇଥିଲା। ଏଥି ସହିତ ୩୨ଜିବି କ୍ଷମତା ବିଶିଷ୍ଟ ୧୬ଟି ପୃଥକ ପୃଥକ ପେନ୍‌ଡ୍ରାଇଭକୁ ମଧ୍ୟ କୋର୍ଟରେ ଦାଖଲ କରାଯାଇଥିଲା। ପେନ୍‌ଡ୍ରାଇଭରେ ଅଭିଯୁକ୍ତଙ୍କ ଗିରଫ ସମୟର ତଥା ସେମାନଙ୍କୁ ଜେରା କମିବା ସମୟର ସିସିଟିଭି ଫୁଟେଜ ଥିବା ଜଣାପଡିଛି। ସେହିଭଳି ଆଜି ପୁଲିସ ପକ୍ଷରୁ ଅଣାଯାଇଥିବା ୧୭୮ ୩ପୃଷ୍ଠା ସମ୍ବଳିତ ବିଭିନ୍ନ ତଥ୍ୟର କପି ସହିତ କଲ ଡିଟେଲ ରିପୋର୍ଟ ବା 'ସିଡିଆର' ଯାହା ପ୍ରାୟ ୩ ହଜାରରୁ ଅଧିକ ପୃଷ୍ଠାର ତାହାକୁ ମଧ୍ୟ ଦାଖଲ କରାଯାଇଛି। ସବୁଠାରୁ ବଡ଼କଥା ହେଲା ପୁଲିସ ପକ୍ଷରୁ ଦାଖଲ ହୋଇଥିବା ସ୍ୱଚ୍ଛ କପିରେ ଏଥର ମଧ୍ୟ ଜେଲରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହୋଇଥିବା ଅଭିଯୁକ୍ତଙ୍କ ଟିଆଇ ପରେଡ଼ର କପି ବର୍ତ୍ତମାନ ମଧ୍ୟ ଦେଖାଯାଉନଥିବା ଜଣାପଡ଼ିଛି। ତେବେ କାର୍ବନ ପେପର ପଡୁଥିବାରୁ ଏହାର ସ୍ୱଚ୍ଛ କପି ବାହାରିବା ସମ୍ଭବପର ହେଉନଥିବା ସ୍ୱତନ୍ତ୍ର ପିପି କୋର୍ଟକୁ ଜଣାଇଥିଲେ। ଅଭିଯୁକ୍ତଙ୍କ ଓକିଲମାନେ ସମସ୍ତ କପି ଗ୍ରହଣ କରିଥିଲେ ହେଁ ପୁଲିସ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ପେନ୍‌ଡ୍ରାଇଭକୁ ଗ୍ରହଣ କରିବାକୁ ଅରାଜି ହୋଇ ସେଗୁଡିକୁ ସେମାନେ ଫେରାଇ ଦେଇଥିଲେ। ଏପରିକି ପେନ୍‌ଡ୍ରାଇଭରେ କିଛି ତଥ୍ୟ ଅଛି କିମ୍ବା ନାହିଁ ତାହାର ଯାଞ୍ଚ ନକରି ନେବାକୁ ଆପତ୍ତି ଉଠାଇ ପିଣ୍ଟୁ ଦାଶଙ୍କ ଓକିଲ କୃଷ୍ଣ ପଟ୍ଟନାୟକ ପୁଣି ଏକ ପିଟିସନ ଦାଖଲ କରିଥିଲେ। ପରେ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ପେନଡ୍ରାଇଭକୁ ଖୋଲିବାକୁ ବହୁତ କସରତ କରାଯାଇଥିଲେ ହେଁ ତାହା ଖୋଲି ନଥିଲା। 'ଏମପି-୪' ଫର୍ମାଟରେ ଭିଡିଓ କନଭର୍ଟ କରିବା ପରିବର୍ତ୍ତେ 'ଡିଏଭି' ଫର୍ମାଟରେ ପେନଡ୍ରାଇଭକୁ ଟ୍ରାନ୍ସଫର କରାଯାଇଥିବାରୁ ତାହା ଖୋଲିନଥିବା ଜଣାପଡ଼ିଛି। ଫଳରେ କୋର୍ଟରେ ଦାଖଲ କରିଥିବା ପେନ୍‌ଡ୍ରାଇଭକୁ ପୁଲିସ ପୁଣି ଫେରାଇ ନେବାକୁ ବାଧ ହୋଇଥିଲା। ସେପଟେ ମଳୟ ଓ ମଦନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ଉଭୟ ଜେଲ୍ ଓ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନୋଟିସ ହୋଇଥିଲେ ହେଁ ସେମାନେ ତାହା ଦାଖଲ କରିନଥିବାରୁ କୋର୍ଟ ଆଜି ବିରକ୍ତି ପ୍ରକାଶ କରିଥିଲେ। ଆଜି ଶୁଣାଣି ବେଳେ ମାମଲାରେ ଗିରଫ ହୋଇଥିବା ମୋଟ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ବ୍ରହ୍ମପୁର ଜେଲ୍‌ରେ ଥିବା ୧୩ଜଣ ଓ ଫୁଲବାଣୀ ଜେଲରେ ଥିବା ପୂର୍ବତନ ମେୟର ପିଣ୍ଟୁ ଦାଶ ଭର୍ଚୁଆଲରେ ହାଜର ହୋଇଥିଲେ। ତେବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ଉଭୟ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ କର୍ପୋରେଟର ମଳୟ ବିଶୋୟୀ ଅନୁପସ୍ଥିତ ଥିଲେ। ମାମଲାରେ ଗିରଫ ମୋଟ ୧୬ଜଣଙ୍କ ମଧ୍ୟରୁ ୫ଜଣ ଅଭିଯୁକ୍ତ ଯଥା ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର ଓ ଶିଶୁପାଳ କୁମାର ପାଣ୍ଡାନଙ୍କ ପକ୍ଷରୁ ହୋଇଥିବା ଜାମିନ ଆବେଦନ ଉପରେ ଆସନ୍ତା ୯ତାରିଖରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିଦିନ ମାମଲାରେ ଅଭିଯୁକ୍ତଙ୍କୁ ଚାର୍ଜଫ୍ରେମ କରାଯିବ ବୋଲି ସୂଚନା ମିଳିଥିବା ବେଳେ ଉକ୍ତ ଦିନ ସମସ୍ତ ଅଭିଯୁକ୍ତଙ୍କୁ ପ୍ରତ୍ୟକ୍ଷ ଭାବେ ଅଥବା ଭର୍ଚୁଆଲରେ ହାଜର ହେବା ଜରୁରୀ। ସେହିଭଳି ଗୁରୁତର ଅସୁସ୍ଥ ହୋଇ ଏମକେସିଜି ମେଡିକାଲ ଆଇସିୟୁରେ ଚିକିତ୍ସିତ ହେଉଥିବା ଅନ୍ୟତମ ଗିରଫ ଅଭିଯୁକ୍ତ ତଥା କର୍ପୋରେଟର ମଳୟ ବିଶୋୟୀଙ୍କ ଅନ୍ତରୀଣ ଜାମିନ ଆବେଦନ ଉପରେ ଆସନ୍ତା ୭ରେ ଶୁଣାଣି କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ଆଉ ଏକ ବ୍ୟତିକ୍ରମ ଲୋକଲୋଚନକୁ ଆସିଛି। ମାମଲାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁଙ୍କୁ ଯଦିଓ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ ହେଁ କୌଣସି କାରଣରୁ ବେଲବଣ୍ଡ ଦାଖଲ କରିନପାରି ସେ ଆଜି ପର୍ଯ୍ୟନ୍ତ ଜେଲରୁ ମୁକୁଳି ପାରିନଥିବା ଜଣାପଡିଛି। ଆଜି ଶୁଣାଣି ବେଳେ ରାଜେନ୍ଦ୍ର କୁମାର ସାହୁ ଭର୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ହୋଇଥିଲେ।

**ବିଇଏମ୍‌ସି ଓ ଟାଟାପାୱାର ଅଧିକାରୀଙ୍କ ଉପସ୍ଥିତି**

## ୪ଟି ୱାର୍ଡରେ ହେଲା ସରଜମିନ ଅନୁଧାନ

- ପର୍ଯ୍ୟାୟକ୍ରମେ ସହରର ସମସ୍ତ ୪୨ଟି ୱାର୍ଡରେ ହେବ ଯାଞ୍ଚ
- ତୁରନ୍ତ କରାଯିବ ସମସ୍ୟାର ସମାଧାନ

ବ୍ରହ୍ମପୁର,୫ ।୩(ସମିସ): ସହରରେ ବିଦ୍ୟୁତ୍ ଜନିତ ବିଭିନ୍ନ ସମସ୍ୟାକୁ ନେଇ ନିକଟରେ ବିଇଏମସିର ହୋଇଥିବା ଜରୁରୀ ବୈଠକରେ ନିଷ୍ପତ୍ତି ପ୍ରକାରେ ଆରମ୍ଭ ହୋଇଯାଇଛି ବିଭିନ୍ନ ପଦକ୍ଷେପ। ପ୍ରଥମ କାର୍ଯ୍ୟ ଭାବେ ନିଗମର ମୋଟ ୪୨ଟି ୱାର୍ଡ ମଧ୍ୟରୁ ୪ଟି ୱାର୍ଡରେ ଉଭୟ ବିଇଏମସି ଓ ଟିପିଏସଓଡିଏଲ ଅଧିକାରୀଙ୍କ ଉପସ୍ଥିତିରେ କରାଯାଇଛି ସ୍ଥିତିର ସରଜମୀନ ଅନୁଧାନ। ପ୍ରଥମ ପର୍ଯ୍ୟାୟରେ ଆଜି ୭, ୧୧, ୧୩ ଓ ୨୨ନମ୍ବର ୱାର୍ଡରେ ଯୁଗ୍ମ ଟିମ କରିଛନ୍ତି ଅନୁଧାନ। ମୁଖ୍ୟତଃ ରାସ୍ତା ପାର୍ଶ୍ୱରେ ତଥା ରାସ୍ତା ମଝିରେ ଥିବା କେତେକ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା, ଭୂତଳ କେବୁଲ ବିଛାଇବା କାର୍ଯ୍ୟ ଯୋଗୁଁ ନୂତନ ଭାବେ ନିର୍ମାଣ ହୋଇଥିବା ରାସ୍ତାଘାଟ ନଷ୍ଟ ହେବା ଭଳି ବିଭିନ୍ନ ସମସ୍ୟାକୁ ଦେଖାଯାଇଥିଲା। ତୁରନ୍ତ ସେଗୁଡିକର ସ୍ଥାୟୀ ସମାଧାନ କିଭଳି କରାଯିବ ଏବଂ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟ ପୂର୍ବରୁ ଉଭୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଓ ସ୍ଥାନୀୟ କର୍ପୋରେଟରଙ୍କୁ ବିଶ୍ୱାସକୁ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ୱାର୍ଡରେ ଏଭଳି ମିଳିତ ଟିମ ଅନୁଧାନ କରିବ ବୋଲି କହିଛନ୍ତି ବିଇଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍।



## ସହରରେ ଧୁମଧାମରେ ପାଳିତ ହେଲା ହୋଲି ଉତ୍ସବ







**● ନାବାଳିକା ଦୁଷ୍କର୍ମ ମାମଲା**

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୫ ।୩(ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ପ୍ରମାଣ ଅଭାବରୁ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଣତୀ ପଟ୍ଟନାୟକ ଜଣେ ଅଭିଯୁକ୍ତକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଭୂତସରସିଂ ଅଞ୍ଚଳର କାହ୍ନା ଦାସ। ସୂଚନାଯୋଗ୍ୟ ଯେ, ୨୦୨୨ ଅକ୍ଟୋବରରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ନାବାଳିକା(୧୭)ଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିଥିଲା। ପରେ ପୁଲିସ ଅଭିଯୁକ୍ତ କାହ୍ନାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାର ଚାଲିଥିବା ବେଳେ ଏକାଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ କାହ୍ନାକୁ ଦୋଷୀ ସାବ୍ୟସ୍ତ କରିବାକୁ ଆବଶ୍ୟକ ସାକ୍ଷ୍ୟପ୍ରମାଣ ଅଭାବରୁ କୋର୍ଟ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମାମଲା ଲଢୁଥିଲେ।

## ବାଇକ୍ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର,୫ ।୩(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀ ଛକ ନିକଟରେ ଗତ ମଙ୍ଗଳବାର ବାଇକ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ବ୍ରହ୍ମପୁର ଗୋଷାଣୀନୂଆଗାଁ ଅଞ୍ଚଳର ଜଗନ୍ନାଥ ମହାରଣା। ଗତ ମଙ୍ଗଳବାର ବ୍ରହ୍ମପୁର ଗୋସାଇଁନୂଆଗାଁର ଜଗନ୍ନାଥ ମହାରଣା ଓ ବନ୍ଧୁ ମିଶି ବାଇକରେ ଗୋପାଳପୁର ବୁଲିବାକୁ ଆସି ଫେରିବା ବେଳେ କରାପଲ୍ଲୀ ଛକ ନିକଟରେ ଭାରସାମ୍ୟ ହରାଇବାରୁ ବାଇକ୍‌ଟି ଡ଼ିଭାଇଡରରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ପଠାଇ ଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରାତି ପ୍ରାୟ ୯ଟାରେ ଡାକ୍ତର ଜଗନ୍ନାଥଙ୍କୁ ମୃତ ଘୋଷଣା କରିଥିବା ମା' ଝୁନୁ ମହାରଣା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମହାନ ସଂଘ ପକ୍ଷରୁ ବ୍ରହ୍ମପୁର ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୫ ।୩(ସମିସ): ରାମଚନ୍ଦ୍ରପୁର ସ୍ଥିତ ବିଶ୍ୱ ନିକେତନ ଜରା ନିବାସରେ ମହାନ ସଂଘ ପକ୍ଷରୁ ହୋଲି ଉତ୍ସବ ପାଳିତ ହୋଇଯାଇଛି। ସେହିପରି ହିଲପାଟଣା ସ୍ଥିତ କାର୍ଯ୍ୟାଳୟରେ ଏକ ବୈଠକର ଆୟୋଜିତ



ହୋଇଥିଲା। ସଂଘ ସଭାପତି ସୁଶାନ୍ତ କୁମାର ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ହେବାକୁ ଥିବା ବ୍ରହ୍ମପୁର ମହୋତ୍ସବ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ପବିତ୍ର ରାମନବମୀ ତଥା ଚଳିତ ମାସ ୨୭ରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବା ବୋଲି ନିଷ୍ପତି ହୋଇଥିଲା। କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବାକୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦିଆଯିବ। ପ୍ରତ୍ୟେକ ଦିନ ଆଲୋଚନାଚକ୍ର, ପ୍ରତିଭା ସମ୍ମାନ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମହୋତ୍ସବରେ ବିଭିନ୍ନ ପ୍ରକାରର ସରକାରୀ ଓ ବେସରକାରୀ ଷ୍ଟଲ ଲଗାଯିବା ସହ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସମ୍ପାଦକ ପ୍ରସାନ୍ତ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସୀମାଞ୍ଚଳ ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିପିକା ଜେନା, ଗୋପାଳ ପଟ୍ଟନାୟକ, ଦିଲ୍ଲୀପ ମହାପାତ୍ର, ସସ୍ମିତା ମିଶ୍ର, ଶ୍ରୀକାନ୍ତ ସାବତ ଓ ସୁଚେତା ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆଜିଠୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ; ନୂଆ ବସ୍‌ଷ୍ଟାଣ୍ଡରେ ଝୁଲିବ ତାଲା

ବ୍ରହ୍ମପୁର,୫ ।୩(ସମିସ): ପ୍ରଶାସନର ନିଷ୍ପତିକ୍ରମେ ଶୁକ୍ରବାରଠାରୁ ଢୁଢୁମା କଲୋନୀ ସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବ। ଏଥିସହିତ ନୂଆ ବସଷ୍ଟାଣ୍ଡରେ ତାଲା ପଡ଼ିବ। ସହରରେ ବଢୁଥିବା ଟ୍ରାଫିକ ସମସ୍ୟା ଓ ଗେଟ୍‌ବଜାର ଓଭରବ୍ରିଜ୍ ନିର୍ମାଣ କାରଣରୁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତି ହୋଇଛି। ଏନେଇ ପୂର୍ବରୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମଧ୍ୟ ପ୍ରଦାନ କରାଯାଇଛି। ଏନେଇ ଘରୋଇ ବସ୍ ମାଲିକ ସଂଘ ମନଉଣା କରିଥିଲେ। ଏହାକୁ ନେଇ ଘରୋଇ ବସ୍ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ପତି, କର୍ପୋରେଟର ତଥା ବସ୍‌ମାଲିକ ସମୀର ମିଶ୍ର ବିଇଡ଼ିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜର୍ଶିକେଙ୍କ ସହିତ ସାକ୍ଷାତ କରି ଆଲୋଚନା କରିଥିଲେ। ପୁରୁଷୋତ୍ତପୁର, ଛତ୍ରପୁର ଦେଇ ଆସୁଥିବା ବସ ଗୁଡ଼ିକୁ ସହର ଭିତରେ ପ୍ରବେଶ ପାଇଁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ତେବେ ଏଥିରେ କିଛି ସୁଫଳ ମିଳିନଥିବା ଜଣାପଡ଼ିଛି। ପ୍ରଶାସନ ନିଜ ନିଷ୍ପତିରେ ଅଟଳ ରହିଛି। ଅପରପକ୍ଷେ ପୁରୁଷୋତ୍ତପୁର, ଛତ୍ରପୁର ଓ ଆନ୍ଧ୍ର ରୁଟ୍‌ରେ ଆସୁଥିବା ସମସ୍ତ ବସ୍ ହଳଦିଆପଦର ବସଷ୍ଟାଣ୍ଡରେ ରହିବାକୁ ଥିବା ବେଳେ ଏମାନଙ୍କୁ ଅନ୍ତତଃପକ୍ଷେ କୋର୍ଟପେଟା ପର୍ଯ୍ୟନ୍ତ ଆସିବାକୁ ଅନୁମତି ପ୍ରଦାନ କରାଯିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

ସେହିଭଳି ନୂଆ ବସଷ୍ଟାଣ୍ଡରେ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଦୋକାନୀମାନଙ୍କ ଜୀବନ ଜୀବିକା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ଉଭୟ ପ୍ରସଙ୍ଗ ଉପରେ ବିଚାର କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ପୂର୍ବେ ବିଇଡ଼ିଏ ସମ୍ମିଳନୀ କକ୍ଷରେ ଏନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ବସ୍ ମାଲିକ ସଂଘ ସହିତ ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିଭଳି ଟ୍ରକ୍ ଚଳାଚଳ ସମ୍ପର୍କରେ ମଧ୍ୟ ମାଲିକ ସଂଘକୁ କୁହାଯାଇଥିଲା। ହଳଦିଆପଦର–ଫାଷ୍ଟଗେଟ୍, ଆନ୍ଧ୍ରପସରା ରୋଡ୍ ମାର୍ଗରେ ଟ୍ରକ ଚଳାଚାଳ ନେଇ ସମୟ ଧାର୍ଯ୍ୟ ହୋଇଥିଲା। ସକାଳ ୮ରୁ ଦିନ ୧୨ଘଣ୍ଟ ସମୟ ପର୍ଯ୍ୟନ୍ତ ହଳଦିଆପଦର-ଫାଷ୍ଟଗେଟ୍, ଦିନ ୧୨ରୁ ଅପରାହ୍ନ ୪ପର୍ଯ୍ୟନ୍ତ ଫାଷ୍ଟଗେଟ୍-ହଳଦିଆପଦର, ଅପରାହ୍ନ ୪ରୁ ରାତି ୮ ଉଭୟ ପକ୍ଷରୁ ନୋ ଏଣ୍ଟ୍ରି, ସେହିଭଳି ରାତି ୮ରୁ ୧୦ଟା ପର୍ଯ୍ୟନ୍ତ ହଳଦିଆପଦର-ଫାଷ୍ଟଗେଟ୍ ଓ ରାତି ୧୦ଟା ପରେ ଉଭୟ ପକ୍ଷରୁ ମୁକ୍ତ ଚଳାଚଳ ନେଇ ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଛି। ୨ସପ୍ତାହ ପର୍ଯ୍ୟନ୍ତ ଏହି ନିୟମକୁ ପରୀକ୍ଷା ମୂଳକ ଭାବେ କାର୍ଯ୍ୟ କରାଯିବାକୁ ମଧ୍ୟ ସ୍ଥିରିକୃତ ହୋଇଛି। ସେହିଭଳି କ୍ରୁଟ୍ ବସ୍ ଚାଳନା ସମନ୍ୱୟ ସମ୍ବନ୍ଧରେ ବସ୍ ମାଲିକ ସଂଘ ସହ ମଧ୍ୟ ଆଲୋଚନା ହୋଇଛି। ଗଞ୍ଜାମରେ ସୁସଂଗଠିତ ଓ ସୁଚାଳିତ ଯାତାୟାତ ବ୍ୟବସ୍ଥା ପାଇଁ କ୍ରୁଟ୍ ବସ୍ ରୁଟ୍‌ଗୁଡିକୁ ପ୍ରାରମ୍ଭିକ ଭାବେ ନିର୍ଦ୍ଧାରିତ କରାଯାଇଛି।





# ଗଜପତିରେ ପୁଣି ବିପଦରେ ଓଡ଼ିଆ ଅସ୍ମିତା

ପାରଳାଖେମୁଣ୍ଡି, ୫ ।୩(ସମିସ)







## ବିକୃତ ଲେଖାକୁ ନେଇ ଜିଲ୍ଲାବ୍ୟାପୀ ଅସନ୍ତୋଷ

ପାରଳାଖେମୁଣ୍ଡି ସହରରେ ଓଡ଼ିଆ ଭାଷା ତଥା ସଂସ୍କୃତିକୁ ଅପମାନ କରିବା ଦୈନନ୍ଦିନ ଘଟଣାରେ ପରିଣତ ହେବାରେ ଲାଗିଛି । ଗୋଟିଏ ପଟେ ଓଡ଼ିଆ ଅସ୍ମିତା ଦ୍ୱାହି ଦେଇ ଶାସନ କରୁଥିବା ସରକାରଙ୍କ ଓଡ଼ିଆ ଅସ୍ମିତା ଗଜପତିରେ ଚୁଲିକୁ ଯାଇଛି ବୋଲି ଆଲୋଚନା ହେଉଛି । ସରକାରୀ କାର୍ଯ୍ୟକ୍ରମ ଓ ଫଳକରେ ଏପରି ଓଡ଼ିଆ ଭାଷା ଓ ସଂସ୍କୃତିକୁ ଅପମାନ କରିବା ସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି । ଗତ ମାସରେ ହୋଇଥିବା ସୁଭଦ୍ରା ଶକ୍ତି ମେଳାରେ ପ୍ରଥମେ ପାରଳାଖେମୁଣ୍ଡି ସହରର ନାମର ବନାନ ତ୍ରୁଟି ଓ ପରେ ଜଗନ୍ନାଥଙ୍କ ଜଣାଣରେ ଫ୍ୟାସନ୍ ଶୋ ପ୍ରଦର୍ଶନକୁ ନେଇ ଖୁବ୍ ଚର୍ଚ୍ଚାରେ ଥିବାବେଳେ ଏବେ ପୂର୍ତ୍ତ ବିଭାଗର ସୂଚନା ଫଳକରେ ବ୍ୟାପକ ତ୍ରୁଟି ଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ସୋସିଆଲ ମିଡିଆରେ ବନାନ ତ୍ରୁଟି ଫଳକକୁ ପୋଷ୍ଟ କରୁଥିବା ଏବଂ ଏଥିକୁ ନେଇ ବିଭିନ୍ନ ମନ୍ତବ୍ୟ ମଧ୍ୟ ଦିଆଯାଉଥିବାର ଦେଖିବାକୁ ମିଳୁଛି । ସହରର ପ୍ରମୁଖ ସ୍ଥାନ ଗୁଡିକୁ ସୂଚାଇବାକୁ ଯାଇ ପୂର୍ତ୍ତବିଭାଗ ବିଭିନ୍ନ ସ୍ଥାନରେ ଫଳକ ଲଗାଇଛି । ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଏପରି ଓଡିଆ ଭାଷାକୁ ଅପଭ୍ରଂଶ କରି ଲେଖାଯାଇଥିବାକୁ ନେଇ ନାନାଦି ଆଲୋଚନା ହେଉଛି । ରାଜପ୍ରାସାଦ ବଦଳରେ ରାଜପ୍ରସାଦ ଏବଂ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ବଦଳରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ବିଦ୍ୟାଳୟ ଲେଖାଯାଇଛି । ଯାହାକି ବିଭାଗ ପକ୍ଷରୁ ଓଡ଼ିଆ ଭାଷାକୁ ଅପଭ୍ରଂଶ କରାଯାଉଥିବା ଅଭିଯୋଗ ହୋଇଛି । ବିଶେଷ କରି ସରକାରୀ କାର୍ଯ୍ୟକ୍ରମ ଓ ସରକାରୀ ଫଳକରେ ଏପରି ବ୍ୟତିକ୍ରମ ହେଉଥିବାରୁ ଉପାନ୍ତରେ ଓଡିଆ ଭାଷା ବିପଦରେ ପଡ଼ିଥିବାର ବିଭିନ୍ନ ମହଲରେ ଆଲୋଚନା ହେଉଛି । ଏନେଇ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ତ୍ରୁଟିପୂର୍ଣ୍ଣ ଲେଖାକୁ ଆଜି ହିଁ ସଂଶୋଧନ ପାଇଁ ପଠାଇ ଦିଆଯାଇଛି । ଆଗାମୀ ଦିନରେ ଏପରି ତ୍ରୁଟିପୂର୍ଣ୍ଣ ଲେଖା ନଯିବା ପାଇଁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ।

# ଟିଁକାବାଲିରେ ଆରମ୍ଭ ହେଲା ପ୍ରସିଦ୍ଧ ଛତିଝାର ଦୋଳଯାତ୍ରା

ଟିଁକାବାଲି, ୫।୩(ସମିସ): ଭାଇଚାରା ଓ ସଦଭାବନାର ସହର ଟିଁକାବାଲିରେ ଚଳିତ ବର୍ଷ ଅତ୍ୟନ୍ତ ଉତ୍ସାହ ଓ ଶାନ୍ତିଶୃଙ୍ଖଳାର ସହ ରଙ୍ଗର ପର୍ବ ହୋଲି ପାଳିତ ହୋଇଯାଇଛି । ଚଳିତ ବର୍ଷ ହୋଲିର ସବୁଠାରୁ ବଡ଼ ବିଶେଷତ୍ୱ ଥିଲା ସୁରକ୍ଷିତ ଓ ନିଶାମୁକ୍ତ ହୋଲି । ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଦେଖାଇ ଚଳିତ ବର୍ଷ ଟିଁକାବାଲି ବାସିନ୍ଦା ହର୍ବାଲ ରଙ୍ଗ ଓ ଅବିର ବ୍ୟବହାର କରିଥିଲେ । ହୋଲି ଶେଷ ହେବା ସହିତ ଟିଁକାବାଲି ଅଞ୍ଚଳର ଅନ୍ୟତମ ପାରମ୍ପରିକ ତଥା ଭାଇଚାରାର ପ୍ରତୀକ "ଛତିଝାର ଦୋଳଯାତ୍ରା' ଆଜିଠାରୁ ଆରମ୍ଭ ହୋଇଛି । ଆଜିଠାରୁ ଆଗାମୀ ତିନି ଦିନ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଉତ୍ସବମୁଖର ରହିବ । ଏହି ଯାତ୍ରା ଅବସରରେ ପୌରାଣିକ ନାଟକ, ମେଲୋଡି କାର୍ଯ୍ୟକ୍ରମ ଏବଂ ବିରାଟ ବଜାର ହାଟର ଆୟୋଜନ କରାଯାଇଛି । ଛତିଝାର ଗାଁରେ ଜମିବାରେ ଲାଗିଛି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ । ପରମ୍ପରା ଅନୁଯାୟୀ ଠାକୁରଙ୍କ ବିମାନ ଶୋଭାଯାତ୍ରା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାଁଠୁ ସହର ସବୁଠି ଆନନ୍ଦର ଲହରି ଖେଳିଯାଇଛି । ଏହି ଯାତ୍ରା ଆଞ୍ଚଳିକ ଏକତା ଓ ସଂସ୍କୃତିକୁ ଆହୁରି ସୁଦୃଢ଼ କରିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

## ରାଧାକୃଷ୍ଣଙ୍କ ପର୍ବ ଓ ହୋଲିରେ ସାମିଲ ହେଲେ ବିଧାୟକ



ପାରଳାଖେମୁଣ୍ଡି, ୫ ।୩(ସମିସ): ପଡୋଶୀ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଲିହୁରି ଗ୍ରାମରେ ରଙ୍ଗର ପର୍ବ ହୋଲିରେ ସାମିଲ ହୋଇଥିଲେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ । ଏହି ଗ୍ରାମରେ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅମଳରୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ପର୍ବ ପାଳିତ ହୋଇଆସୁଛି । ହୋଲି ଦିନ ଠାରୁ ଏକ ସପ୍ତାହ ଧରି ମହାଆଡ଼ମ୍ବରରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଶ୍ରୀକୃଷ୍ଣଙ୍କ ନଗର ପରିକ୍ରମା ହୋଇଥିଲା । ବିଧାୟକ ଶ୍ରୀ ପାଣିଗ୍ରାହୀ ହଜାର ହଜାର ଭକ୍ତଙ୍କ ସହ ନଗର ପରିକ୍ରମାରେ ସାମିଲ ହୋଇଥିଲେ । ଲିହୁରି ଗ୍ରାମ ପଡୋଶୀ ଆନ୍ଧ୍ରରେ ରହିଥିଲେ ମଧ୍ୟ ଏଠାକାର ମଠ ମନ୍ଦିର ସବୁ ଉଭୟ ତେଲୁଗୁ-ଓଡିଆଙ୍କ ଦ୍ୱାରା ପରିଚାଳିତ । ଏହି ଗ୍ରାମକୁ ସିଧାସଳଖ ଯିବାକୁ ହେଲେ କାଶୀନଗରର ଲିହୁରି ଷ୍ଟେସନ ବଂଶଧାରା ନଦୀ ଆରପାରିରେ ରହିଛି । ଏଠାରେ ବ୍ରିଜ୍ ନଥିବାରୁ ଲୋକେ ଆଜି ମଧ୍ୟ ନଈ ପାର ହୋଇ ଯାଉଛନ୍ତି । ଅନ୍ୟପଟେ ହାଡୁଭାଙ୍ଗି, ଆନ୍ଧ୍ରରର କତୁରୁ ବାଟିଲି ଦେଇ ଯିବାକୁ ହୋଇଥାଏ । ଯାହାକି ବହୁ ଦୂରତା ଅତିକ୍ରମ କରିବାକୁ ପଡୁଛି । ତେଣୁ ଅତିଶୀଘ୍ର ଏକ ପୋଲ ନିର୍ମାଣ ପାଇଁ ଚେଷ୍ଟା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି । ଏହି ପୋଲ ନିର୍ମାଣ ହେଲେ ଛାତ୍ରଛାତ୍ରୀଙ୍କ ପାଠ ପଢିବା ସୁବିଧା ହେବା ସହ ବ୍ୟବସାୟୀଙ୍କ ସୁବିଧା ହେବ । ଏହି କାର୍ଯ୍ୟକ୍ରମରେ ବିଧାୟକ ସମେତ ମହାରାଣୀ କଲ୍ୟାଣୀ ଦେବୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାଆମ୍ମା ଓ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ ।

## ପାରଳାଖେମୁଣ୍ଡିରେ ଧୂମ୍‌ଧାମ୍‌ରେ ଦୋଳ ଉତ୍ସବ ଓ ହୋଲି ପାଳିତ



ପାରଳାଖେମୁଣ୍ଡି, ୫ ।୩ (ସମିସ): ପାରଳାଖେମୁଣ୍ଡି ସହରରେ ଧୁମ୍‌ଧାମରେ ଦୋଳ ଉତ୍ସବ ଓ ବିଭିନ୍ନ ସ୍ଥାନରେ ହୋଲି ପର୍ବ ପାଳିତ ହୋଇଯାଇଛି । ଦୋଳ ଉତ୍ସବ ଲାଗି ଗତ ୨୮ ତାରିଖ ଠାରୁ ୪ ତାରିଖ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଥିଲା ସମଗ୍ର ସହର । ବିଶେଷ କରି ସନ୍ଧ୍ୟାରେ ଦୋଳମଣ୍ଡପରେ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରବାସୀଙ୍କ ଭିଡ ଜମିଥିଲା । ସେହିପରି ଏହି ଉତ୍ସବରେ ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭକ୍ତି ସଂଗୀତ ଆସର ଜମିଥିଲା । ଦୋଳ ଉତ୍ସବ ଅବସରରେ ରାମସ୍ୱାମୀ ମନ୍ଦିରରୁ ପ୍ରଭୁ ଦୋଳ ଗୋବିନ୍ଦଙ୍କୁ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରି ଦୋଳ ବନ୍ଧ ନିକଟରେ ଥିବା ଦୋଳ ମଣ୍ଡପକୁ ବିଜେ କରିଥିବା ବେଳେ ରାମ ଲିଙ୍ଗେଶ୍ୱର ମନ୍ଦିରରୁ ରାମ ଲିଙ୍ଗେଶ୍ୱରଙ୍କୁ ବିମାନରେ ବିରାଟ ଶୋଭାଯାତ୍ରାରେ ଅଣାଯାଇଥିଲା । ଦେବୀ ମା' ମାଣିକେଶ୍ୱରୀଙ୍କୁ ଅଣାଯାଇ ପୂଜାର୍ଚ୍ଚନା ପରେ ହରିହର ଭେଟ ଓ ମା' ମାଣିକେଶ୍ୱରୀଙ୍କ ଦର୍ଶନ ପରେ ମେଘାପୋଡ଼ି ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ଦୋଳ ଉତ୍ସବ ଓ ଦୋଳ ବନ୍ଧ ଉନ୍ନୟନ କମିଟି ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ବିନୋଦ ଚନ୍ଦ୍ର ଜେନା, ବିଚିତ୍ରା ନନ୍ଦ ବେବର୍ତ୍ତା, ମଙ୍ଗଳା ପଟ୍ଟନାୟକ ପରିଚାଳନା କରିଥିଲେ । ସେହିପରି ରଂଗର ପର୍ବ ହୋଲିକୁ ବିଭିନ୍ନ ଛକ, ସାହି, ବସ୍ତି ଗୁଡିକରେ ନୃତ୍ୟ ସଂଗୀତ ତାଳେ ତାଳେ ନାଚିବା ସହ ପରସ୍ପରକୁ ରଂଗ ବୋଳି ହୋଲି ପର୍ବ ମହା ଆନନ୍ଦର ସହ ପାଳନ କରୁଥିବା ଦେଖିବାକୁ ମିଳିଥିଲା ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ



## ୨ ବାଇକ୍ ମୁହାଁମୁହିଁ; ୩ ଗୁରୁତର

ଜି. ଉଦୟଗିରି, ୫ ।୩(ସମିସ): ଜି.ଉଦୟଗିରିରୁ କଳିଙ୍ଗା ରାଜ୍ୟ ରାଜପଥ ରାଇପଦାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଭୟଙ୍କର ଦୁର୍ଘଟଣା ହୋଇଛି । କୁମ୍ଭାରକୂପା ଗ୍ରାମର ତନୁଜ କୁମାର ପ୍ରଧାନ ବ୍ରହ୍ମପୁରରୁ ଜି.ଉଦୟଗିରି ଆସୁଥିବା ବେଳେ କଳିଙ୍ଗା ଘାଟିରେ ବାଇକ ଖରାପ ଯୋଗୁ ଅସୁବିଧାରେ ଥିବା ସ୍ୱାମୀ ସ୍ତ୍ରୀ ଓ କୁନି ଝିଅ ଠିଆ ହୋଇଥିବା ଦେଖି ସ୍ତ୍ରୀ ଧରିତ୍ରୀ ପ୍ରଧାନ ଓ ତାଙ୍କ ବର୍ଷକର କୁନି ଝିଅକୁ ଜି.ଉଦୟଗିରି ପର୍ଯ୍ୟନ୍ତ ଲିଫ୍ଟ ଦେଇଥିଲେ । ହେଲେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ରାଇପଦା ନିକଟ ବୁଲାଣିରେ ତନୁଜଙ୍କ ବାଇକ ଓ କଳିଙ୍ଗା ଅଭିମୁଖେ ଯାଉଥିବା ଶୁଭମ ରଣା ଓ ସିଦ୍ଧାନ୍ତ ମହାପାତ୍ରଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ମହିଳାଙ୍କ ସହ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ଛୋଟ ଝିଅର କୌଣସି କ୍ଷତି ହୋଇନଥିଲା । ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । କାର୍ଯ୍ୟରତ ଡାକ୍ତର ଗୁରୁତରଙ୍କୁ ଫୁଲବାଣୀ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି । ସେହିପରି ଜବେଡ଼ିରେ ଏକ ଦୁର୍ଘଟଣାରେ ସିରକି ଗ୍ରାମର ଅଲେଖ ପ୍ରଧାନ ନାମକ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଦ୍ରୁତ ଗତିରେ ଯାଉଥିବା ଏକ ଗାଡ଼ି ଧକ୍କା ଦେବା ଫଳରେ ଅଲେଖ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି ।

# ବୋଲେରୋ-ବାଇକ୍ ମୁହାଁମୁହିଁ; ବାଇକ୍ ଚାଳକ ମୃତ

ଦାରିଙ୍ଗବାଡି, ୫।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ଦଣ୍ଡିମାହା ନିକଟ ଶୀର୍ଷାମାହାରେ ବୋଲେରୋ ପିକ୍‌ଅପ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ । ଉକ୍ତ ରାସ୍ତା ଦେଇ ଯାଉଥିବା ଗାଁ ଲୋକ ଦେଖି ୧୦୮ ଆମ୍ବୁଲାନ୍ସକୁ ଫୋନ କରି ସୂଚନା ଦେଇଥିଲେ । ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଆହତ ଯୁବକ ଜଣକ ତିଲୋରି ଗ୍ରାମର ନାନୁ ନାୟକ (୨୦) ବୋଲି ଜଣାପଡ଼ିଛି । ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି ।

# ସରକାରୀ ଯୋଜନାର ବିଫଳତାକୁ ନେଇ ଅଭିନବ ପ୍ରତିବାଦ

ରାଇକିଆ, ୫।୩(ସମିସ): ରାଇକିଆ ଜିଡିଙ୍ଗି ସାହି ଓ ମାଦିନାଜୁରେ ରାସ୍ତା ଓ ପାନୀୟ ଜଳ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୁଷ୍ଟ ଅଛନ୍ତି । ଦୀର୍ଘବର୍ଷ ହେଲା ଭଲ ରାସ୍ତା ନଥିବା ଓ ଆଗକୁ ଖରା ଦିନ ଆସୁଥିବା ବେଳେ ପାନୀୟ ଜଳ ସମସ୍ୟା ଲାଗିରହିଛି । ଏ ନେଇ ସେମାନେ ଗୁରୁବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଥିସହ ସରକାରୀ



ବିଫଳତାକୁ ନେଇ ଉକ୍ତ ସ୍ଥାନରେ ଏକ ନାମ ଫଳକ ଲଗାଇବା ସହିତ ଏହାର ପ୍ରତିବାଦ କରିଛନ୍ତି । ସେଠାରେ ପ୍ରକଳ୍ପର ନାମରେ ଗ୍ରାମୀଣ ସଡ଼କ ଓ ପାନୀୟ ଜଳ ବିଫଳ ଯୋଜନା ବୋଲି ଉଲ୍ଲେଖ ରହିଥିବା ବେଳେ ଯୋଜନାରେ ପ୍ରଶାସନ ଓ ଅଧିକାରୀଙ୍କ ଉନ୍ନତି କରିବାର କୌଣସି ଯୋଜନା ନାହିଁ ବୋଲି ଉଲ୍ଲେଖ ରହିବା ସହ ପକ୍କା ସଡ଼କ ନିର୍ମାଣ, ସ୍ଥାୟୀ ପାନୀୟ ଜଳର ବ୍ୟବସ୍ଥା ଏବଂ ଗୋଷ୍ଠୀ ଗୃହ ନିର୍ମାଣ ନିର୍ମାଣ ପାଇଁ ଦାବି ଉଲ୍ଲେଖ ରହିଛି ।

# ଦୁବାଇରେ ଫସି ରହିଛନ୍ତି ଓଡ଼ିଆ ଯୁବକ

## ଫେରାଇ ଆଣିବାକୁ ନିବେଦନ କଲେ ପରିବାର

ମୋହନା, ୫।୩(ସମିସ): ଇରାନ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଚାଲିଛି । ଏଭଳି ପରିସ୍ଥିତିରେ ଦୁବାଇ ଉପରେ ମଧ୍ୟ ମିଜାଇଲ ମାଡ଼ ହେଉଛି । ଯୁଦ୍ଧ ମଧ୍ୟରେ ଦୁବାଇରେ ଫସି ରହିଛନ୍ତି ଅନେକ ଓଡ଼ିଆ । ଏଭଳି ପରିସ୍ଥିତିରେ ମୋହନା ବ୍ଲକ ତଲାସିଂ ଗାଁର ଯୁବକ ସଞ୍ଜୟ ନାୟକ ମଧ୍ୟ ଦୁବାଇରେ ଫସି ରହିଛନ୍ତି । ଏଥିନେଇ ତଲାସିଂ ଗାଁରେ ଥିବା ପରିବାର ଲୋକେ ଚିନ୍ତାରେ ଅଛନ୍ତି ।





ଭାରତ ସରକାର ତୁରନ୍ତ ତାଙ୍କ ପୁଅକୁ ସୁରକ୍ଷିତ ଫେରାର ଆଣିବାକୁ ଅନୁରୋଧ କରିଛନ୍ତି ସଞ୍ଜୟଙ୍କ ମା ଲକ୍ଷ୍ମୀ ଓ ଭାଇ ସୁଜିତ । ସଞ୍ଜୟ ଦେଢ଼ ବର୍ଷ ହେଲା ଦୁବାଇ ଯାଇ ଏକ କମ୍ପାନୀରେ କାମ କରୁଛନ୍ତି । ସେ କାମ କରୁଥିବା ସ୍ଥାନର ଅଧ କିଲୋମିଟର ଦୂରରେ ମିଜାଇଲ ମାଡ଼ ହେଉଥିବା ଯୋଗୁଁ ସୁରକ୍ଷିତ ସ୍ଥାନରେ ଥିଲେ ମଧ୍ୟ ତଲାସିଂ ଗାଁରେ ଥିବା ପରିବାର ଲୋକ ଚିନ୍ତାରେ ଅଛନ୍ତି । ତୁରନ୍ତ ଭାରତ ସରକାର ପୁଅକୁ ସୁରକ୍ଷିତ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି ପରିବାର ଲୋକ । ସେହିପରି ଚନ୍ଦ୍ରଗିରିର ତ୍ରିନାଥ ପାଇକଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ମଧ୍ୟ ଦୁବାଇରେ ଫସି ରହିଛନ୍ତି । ସେ ଗତ ଦେଢ଼ ବର୍ଷ ହେଲା ଦୁବାଇର ଏକ ହୋଟେଲରେ କାମ କରୁଛନ୍ତି । ଯୁଦ୍ଧ ଯୋଗୁଁ ଭୟରେ ଅଛନ୍ତି ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର । ସରକାର ତୁରନ୍ତ ତାଙ୍କ ପୁଅକୁ ସୁରକ୍ଷିତ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି ପରିବାର ଲୋକ ।

# ଅସହାୟ ଓ ମାନସିକ ବିକାରଗ୍ରସ୍ତଙ୍କୁ ସହାୟତା ଦାବି



ବ୍ରାହ୍ମଣୀଗାଁ, ୫।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ପଞ୍ଚାୟତର ରଙ୍ଗାଗୁଡ଼ା ଗ୍ରାମରେ କୁମାରୀ ରଥି ମଣ୍ଡଳ (୪୬)ବର୍ଷ ଅସହାୟ ଭାବେ ଜୀବନ କଟାଉଛନ୍ତି । ସେ ପିଲାଟି ଦିନରୁ ବାପଛେଉଣ୍ଡ ଓ ୮୦ ପ୍ରତିଶତ ମାନସିକ ଭିନ୍ନକ୍ଷମ । ୩ ବର୍ଷ ପୂର୍ବେ ତାଙ୍କ ମା'ଙ୍କର ମଧ୍ୟ ମୃତ୍ୟୁ ହୋଇଛି । ବର୍ତ୍ତମାନ ସେ ସେହି ଗ୍ରାମର ଗୁରିବାଡ଼ା ମଣ୍ଡଳ ଜଣେ ମଜୁରିଆଙ୍କ ପରିବାରରେ ଆଶ୍ରିତା । ରଥି ମଣ୍ଡଳ ଗତ ସରକାରଙ୍କ ସମୟରେ ମାସିକ ୧୨୦୦ ଟଙ୍କା ଭତ୍ତା ପାଉଥିବା ସ୍ଥଳେ ଏବେ ମାସିକ ୧୦୦୦ଟଙ୍କା ଭତ୍ତା ପାଉଛନ୍ତି । ସରକାରଙ୍କ ନିୟମ ଅନୁସାରେ ସେ ମାସିକ ୩୫୦୦ ଟଙ୍କା ମାସିକ ଭତ୍ତା ପାଇବା ସ୍ଥଳେ ସେ ତାହା ପାଇ ପାରୁନାହାଁନ୍ତି । ଏହା ସହିତ ତାଙ୍କର କୌଣସି ନିଜସ୍ୱ ଘର ନାହିଁ । ସରକାରଙ୍କ ତରଫରୁ ତାଙ୍କର ଭତ୍ତା ବୃଦ୍ଧି ସହ ବାସଗୃହ ଯୋଗାଇ ଦେବାକୁ ଦାବି ହେଉଛି ।

# ବାର୍‌ହା ଆକ୍ରମଣରେ ପୂର୍ବତନ ସରପଞ୍ଚ ଗୁରୁତର



ତୁମୁଡିବନ୍ଧ, ୫।୩(ସମିସ): ବାର୍‌ହା ଆକ୍ରମଣରେ ତୁମୁଡିବନ୍ଧ ବ୍ଲକ ଲଙ୍କାଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ହର ପାତ୍ର ଗୁରୁତର ହୋଇଛନ୍ତି । ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବନାଞ୍ଚଳର ଲଙ୍କାଗଡ଼ ସେକ୍ସନର ହାତୀମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଛି । ହର ଗୁରୁବାର ସକାଳେ ଘର ଠାରୁ ୧କିମି ଦୂର ନିଜ ଧାନ ବିଲ ପାଖରେ ଥିବା କାଜୁ ବଗିଚାକୁ ଯାଇଥିଲେ । ସେହି ସମୟରେ ହଠାତ ଜଙ୍ଗଲରୁ ଦନ୍ତା ବାର୍‌ହା ଦୌଡ଼ି ଆସି ତାଙ୍କୁ ଆକ୍ରମଣ କରିଥିଲା । ହାତରେ ଲୁହା ଶାବଳ ଧରିଥିବାରୁ ବାର୍‌ହା ସହିତ କିଛି ସମୟ ଧରି ଲଢ଼େଇ ହୋଇଥିଲା । ଶାବଳ ପାହାରରେ ବାର୍‌ହା ଛାଡ଼ି ପଳାଇଥିଲେ ବି ହର ଗୁରୁତର ଆହତ ହୋଇଥିଲେ । ଘରଲୋକ ଘଟଣା ସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରି ତୁମୁଡିବନ୍ଧ ଗୋଷ୍ଠୀ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଇଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଚିକିତ୍ସା ଅବହେଳା ଅଭିଯୋଗ

# ୭ ଦିନ ପରେ ଆଖି ବୁଜିଲେ ପ୍ରସୂତି; ଆଇସିୟୁରେ ନବଜାତକ

ପାରଳାଖେମୁଣ୍ଡି, ୫ ।୩(ସମିସ): ଚିକିତ୍ସା ଅବହେଳାରୁ ଗୁରୁତର ଜଣେ ପ୍ରସୂତି ମହିଳାଙ୍କ ଆନ୍ଧ୍ର ବିଶାଖାପାଟଣାରେ ଚିକିତ୍ସାଧିନ ଅବସ୍ଥାରେ ୭ ଦିନ ପରେ ମୃତ୍ୟୁ ଘଟିଛି । ତେବେ ନବଜାତ ଶିଶୁପୁତ୍ର ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଏବେବି ଆଇସିୟୁରେ ଚିକିତ୍ସାଧିନ ଅଛନ୍ତି ।

ପ୍ରକାଶ ଯେ, ଗୁମ୍ମା ବ୍ଲକ ତରଙ୍ଗଡା ପଞ୍ଚାୟ ଅନ୍ତର୍ଗତ କେକେସିଂ ଗ୍ରାମର ସୁମେନ୍ଦ୍ର ପରିଚ୍ଛାଙ୍କ ସ୍ତ୍ରୀ ଅମ୍ରିତା ଗତ ୨୮ ତାରିଖ ଭୋର୍‌ରେ ପ୍ରସବ ଯନ୍ତ୍ରଣା ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତାଙ୍କୁ କେହି ଡାକ୍ତର ଚିକିତ୍ସା କରିନଥିବା ଏବଂ ଭୋର୍ ୩ଟାରୁ ସକାଳ ୮.୩୦ ସମୟ ପର୍ଯ୍ୟନ୍ତ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ଦେଖା ମିଳିନଥିବା ଏବଂ ଆମ୍ବୁଲାନ୍ସ ସଠିକ ସମୟରେ ପହଞ୍ଚି ନଥିବାରୁ ଗୁରୁତର ହୋଇପଡିଥିଲେ । ଦୀର୍ଘ ଘଣ୍ଟା ପରେ ଆମ୍ବୁଲାନ୍ସ ପହଞ୍ଚି ବ୍ରହ୍ମପୁର ନେଉଥିବା ବାଟରେ ପ୍ରସୂତୀ ମହିଳା ଜଣକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଅଧାବାଟରୁ ହିଁ ଶ୍ରୀକାକୁଲମ ନିଆଯାଇଥିଲା । ସେଠାରେ ଏକ ଘରୋଇ ହସ୍ପିଟାଲରେ କୋମା ଅବସ୍ଥାରେ ରହିଥିଲେ ମଧ୍ୟ ସେଠାକାର ଡାକ୍ତରଙ୍କ ଉଦ୍ୟମ ଯୋଗୁ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ନବଜାତକ ଓ ମା' ଉଭୟେ ଗୁରୁତର ହୋଇପଡ଼ିଥିଲେ । ଉଭୟଙ୍କ ଚିକିତ୍ସା ଚାଲିଥିବା ବେଳେ ଅମ୍ରିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଶ୍ରୀକାକୁଲମରୁ ବିଶାଖାପାଟଣା ନିଆଯାଇଥିଲା । ସେଠାରେ ଆଜି ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି । ନବଜାତ ଶିଶୁ ମଧ୍ୟ ସଂକଟାପନ୍ନ ଅବସ୍ଥାରେ ଶ୍ରୀକାକୁଲମରେ ଚିକିତ୍ସିତ ହେଉଛି । ଯାହାକୁ ନେଇ ମୃତ ଅମ୍ରିତାଙ୍କ ପରିବାର ଦୁଃଖରେ ଭାଙ୍ଗିପଡିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବେପରୁଆ ତଥା ଖାମଖିଆଲି ରୋଗୀ ସେବା ଯୋଗୁଁ ଜଣେ ପ୍ରସୂତୀଙ୍କ ମୃତ୍ୟୁ ଘଟିଛି ବୋଲି ଅଭିଯୋଗ କରିଛନ୍ତି ।

# ପର୍ତ୍ତମାହା ଗୁମ୍ଫାରେ ମା' ମେରୀଙ୍କ ପର୍ବ

ଦାରିଙ୍ଗବାଡି, ୫।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ପର୍ତ୍ତମାହା ଗ୍ରାମସ୍ଥ ଦର୍ଶନ ଗୁମ୍ଫାରେ ମା'ମେରୀଙ୍କ ପର୍ବ ପାଳନ ହୋଇଛି । ଏଥିରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ନିଜ ନିଜର ମାନସିକ ପୂରଣ ନେଇ ଅନୁଷ୍ଠିତ ମହା ଦିବ୍ୟଯଜ୍ଞରେ ଯୋଗଦେଇ ପ୍ରାର୍ଥନା କରିଥିଲେ । କଟକ, ଭୁବନେଶ୍ୱର ମହା ଧର୍ମପ୍ରଦେଶର ଆର୍ଚ୍ଚ ବିଶପ ଜୋହନ ବାର୍ବାଙ୍କ ପୌରହିତ୍ୟରେ ମହା ଦିବ୍ୟଯଜ୍ଞ ଲୋକଙ୍କ ହିତ ଉଦ୍ଦେଶ୍ୟରେ ପ୍ରଭୁ ଯୀଶୁଙ୍କ ନିକଟରେ ପ୍ରାର୍ଥନା ଉତ୍ସର୍ଗ କରିଥିଲେ । ତାଙ୍କ ସହିତ ସହାୟକ ବିଶପ ରବୀନ୍ଦ୍ର ରଣସିଂ ମଧ୍ୟ ଦିବ୍ୟଯଜ୍ଞରେ ଉପସ୍ଥିତ ଥିଲେ । ଭିକାରୀ ଜେନେରାଲ ଯାଜକ ପ୍ରଦର୍ଶ ଚନ୍ଦ୍ର ନାୟକ, ଚାନ୍ସଲେର ଯାଜକ ଦିବ୍ୟ ପରିଚ୍ଛାଙ୍କ ସମେତ ବହୁ ଯାଜକ ଦିବ୍ୟ ଯଜ୍ଞରେ ଉପସ୍ଥିତ ରହି ପ୍ରାର୍ଥନା ଉତ୍ସର୍ଗରେ ସହଯୋଗ କରିଥିଲେ । ରାଇକିଆ ଡ଼ିନରୀ ଡ଼ିନ ଯାଜକ ଅରୁଣ ଦିଗାଲ, ବାଲିଗୁଡା ଡ଼ିନରୀ ଡ଼ିନ ଯାଜକ ଅନୁଜ ପରିଚ୍ଛା, ବ୍ରାହ୍ମଣୀଗାଁ ଡ଼ିନରୀ ଡ଼ିନ ଯାଜକ ମୁକୁନ୍ଦଦେବ ବଳିଆରସିଂ, ଦାରିଙ୍ଗବାଡ଼ି ପାରିସର ମୁଖ୍ୟ ଯାଜକ କରୁଣା କର ଦିଗାଲଙ୍କ ସମେତ ପର୍ତ୍ତମାହା ପାରିଶର ଇନଚାର୍ଜ ଯାଜକ ସୁଶାନ୍ତ ପ୍ରଧାନ



ପ୍ରାର୍ଥନା କ୍ରିୟାରେ ଉପସ୍ଥିତ ରହି ଯଜ୍ଞ ଉତ୍ସର୍ଗ କରିଥିଲେ । ଯାଜକ ରାଜୀବ ବଳିୟାରସିଂ ଦିବ୍ୟଯଜ୍ଞ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଯାଜକ ରଶ୍ମିରଞ୍ଜନ ନାୟକ, ଯାଜକ ଜାହାରଲାଲ ସିଂଙ୍କ ତତ୍ତ୍ୱାବଧାନରେ ଅକ୍ଷୟ ପରିଚ୍ଛା ଏବଂ ସଙ୍ଗୀତ ଦଳ ସଙ୍ଗୀତ ଗାନ କରି ଏକ ଭକ୍ତିପୂର୍ଣ୍ଣ ପ୍ରାର୍ଥନା ପରିବେଶ ସୃଷ୍ଟି କରିଥିଲେ । ପର୍ତ୍ତମାହା ପାରିଶର ଇନଚାର୍ଜ ଯାଜକ ସୁଶାନ୍ତ ପ୍ରଧାନ ପର୍ବ ପାଳନ ନେଇ ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି କରିଥିବା ବେଳେ ସେବାଭଗ୍ନୀ, ଗ୍ରାମର ପଦାଧିକାରୀ ଓ ସମସ୍ତ ଭ୍ରାମ୍ୟମାନ ପ୍ରଚାରକଙ୍କ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଦାରିଙ୍ଗବାଡ଼ି ପାରିସର ମୁଖ୍ୟ ଯାଜକ କରୁଣା କର ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ନର୍ସିଂ ଅଫିସରଙ୍କୁ ଆକ୍ରମଣ; ୩ ଗିରଫ



ପାରଳାଖେମୁଣ୍ଡି, ୫ ।୩(ସମିସ): ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ୩ ଜଣ ଆକ୍ରମଣ କରି ଗିରଫ ହୋଇଛନ୍ତି । ପାରଳାଖେମୁଣ୍ଡି ଆଦର୍ଶ ଥାନା ସୂତ୍ରରୁ ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ନର୍ସିଂ ଅଫିସର ମନୋଜ କୁମାର ଶବର (୨୯) ଡ୍ୟୁଟିରେ ଥିବାବେଳେ ରୋଗୀଙ୍କୁ ଇଞ୍ଜେକ୍ସନ୍ ଦେଉଥିବା ବେଳେ ପାରଳାଖେମୁଣ୍ଡି ସହରର କାମ୍ପସାହିର ଅବଦୁଲ ଇମତିଆଜ (୨୧) ଏବଂ ତାଙ୍କ ସହଯୋଗୀ ଅବଦୁଲ ଇଜାଜ (୨୩) ଓ ଟି. ଭାନୁପ୍ରସାଦ (୨୩) ପହଞ୍ଚି ଗାଳିଗୁଲଜ ସହ ମାଡ଼ମାରି ଲହୁଲୁହାଣ କରିଥିଲେ । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ନର୍ସିଂ ଅଫିସର ମନୋଜ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି କହିଛନ୍ତି ।

## ପଞ୍ଚାୟତସ୍ତରରେ ବିଜେଡିର ସାଂଗଠନିକ ବୈଠକ




ଧାମନଗର,୫।୩(ସମିସ): ଓଡ଼ିଶାକୁ ଦୀର୍ଘ ୨୪ ବର୍ଷ ଧରି ସ୍ୱଚ୍ଛ ଓ ଉନ୍ନତ ଶାସନ ଦେଇଥିବା ବିଜେଡି ଅବିଚଳିତ ଭାବେ ସଂଗଠନ ମଜଭୁତ କରିବା ଉଦ୍ଦେଶ୍ୟ ଜାରି ରଖିଥିବାବେଳେ ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ବିଜୁ ଜନତା ଦଳ ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରିବା ସହିତ ପ୍ରତି ପଞ୍ଚାୟତରେ ସାଂଗଠନିକ ବୈଠକ ସହ ବନ୍ଧୁ ମିଳନ କରି ସଂଗଠକମାନଙ୍କୁ ସଶକ୍ତ କରୁଛି। ଏହି ଅବସରରେ ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ଓସ୍ତପୋଖରୀସ୍ଥିତ ଚନ୍ଦନ ବାବା ମଠ ପରିସରରେ ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ବିଜୁ ଜନତା ଦଳର ଏକ ସାଂଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବ୍ଲକ୍ ଅଧକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଭଗବାନପୁର ଗ୍ରାମ ପଞ୍ଚାୟତ ସମିତିସଭ୍ୟ ସୁଦୀପ୍ତ ଖଟୁଆ, ନାଏବ ସରପଞ୍ଚ ତଥା ପଞ୍ଚାୟତର ବିଜୁ ଜନତା ଦଳର ସଭାପତି ଗୌରାଙ୍ଗ ଦାଶ, ବିଜୁ ଜନତା ଦଳର ଆନନ୍ଦପୁର ପଞ୍ଚାୟତର ସଭାପତି ବାସୁଦେବ ପାଗଳ, ଚୁଡ଼ାକୁଟି ପଞ୍ଚାୟତର ସମିତିସଭ୍ୟ ଜ୍ଞାନ ରଞ୍ଜନ ମହାକୁଡ଼, ଧାମନଗର ନଗର ପୂର୍ବତନ ସଭାପତି ସୁଶାନ୍ତ କୁମାର ରାଉତ, ଶ୍ରୀଜଗନ୍ନାଥ ସେବା ସମବାୟ ସମିତିର ସଭାପତି ଅଭିମନ୍ୟୁ ସ୍ୱାଇଁ, ଦୃଢ଼ ସଂଗଠକ ସୁରେନ୍ଦ୍ର ନନ୍ଦୀ, ଅରବିନ୍ଦ ବେହେରା, ମାନସ ରଞ୍ଜନ ପାତ୍ର, କାଳନ୍ଦୀ ଜେନା, ଦିଲ୍ଲୀପ କୁମାର ପତି, ବିମ୍ବଲ ପାତ୍ର ସମେତ ଦଳର ଅନେକ ବରିଷ୍ଠ ନେତା, କର୍ମୀ, ମହିଳା ଓ ଶୁଭେଚ୍ଛୁମାନେ ଯୋଗଦେଇଥିଲେ।

### ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ

# ଓଡ଼ିଶା ପାଇଁ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ



ଭଦ୍ରକ,୫।୩(ସମିସ): ଚାନ୍ଦବାଲିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଚାନ୍ଦବାଲିର ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ପାଳିତ ଜୟନ୍ତୀ ସମାରୋହରେ ବ୍ଲକ୍ ସଭାପତି ପ୍ରତାପ ଚନ୍ଦ୍ର ଧଳଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଜୁ ପଟ୍ଟନାୟକଙ୍କ ଜୀବନୀ ଓ ଓଡ଼ିଶା ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ବ୍ଲକ୍ ସଭାପତି ପ୍ରତାପ ଚନ୍ଦ୍ର ଧଳ ପ୍ରକାଶ କରିଥିଲେ। ତା' ସହିତ ବିଜୁ ସ୍ମୃତି ଭବନ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ମିନତୀ ସୂତାର, ଏନ୍ଏସି ଅଧକ୍ଷା ଶାନ୍ତିଲତା ସେଠୀ, ଜିଲ୍ଲା ପରିଷଦ ବାସନ୍ତୀ ଦାସ, ଜିଲ୍ଲା ପରିଷଦ ପ୍ରିନ୍ସ ରାକେଶ ନାୟକ, ପୂର୍ବତନ ବ୍ଲକ୍ ଅଧକ୍ଷ ନରେଶ ଚନ୍ଦ୍ର ମାଝୀ, ଏନ୍ଏସି ସଭାପତି ଦିଜବର ରାଉତ, ଅଶୋକ ବଳ, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ଜଳେଶ୍ୱରପୁର ସରପଞ୍ଚ ପ୍ରଫୁଲ୍ଲ ବେହୁରା, ଶରତ ସାହୁ, ଅନିଲ ଦାସ, ଦୀପକ ରଞ୍ଜନ ରାଉତ, ଦୀପକ ଦାସଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ବାସୁଦେବପୁର



ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କର ୧୧୦ତମ ଜୟନ୍ତୀ ବାସୁଦେବପୁର ବିଜେଡି କାର୍ଯ୍ୟାଳୟରେ ସ୍ମୃତିଚାରଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ବ୍ଲକ୍ ବିଜେଡିର ସଭାପତି ଦୀନବନ୍ଧୁ ଦାସଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଉପସ୍ଥିତ ନେତାମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନ ଓ ସ୍ମୃତିକୁ ଉଜ୍ଜୀବିତ କରିଥିଲେ। ବାସୁଦେବପୁର ବ୍ଲକ୍ ବିଜେଡି ସଭାପତି ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱରେ ପୌରପାଳିକାର ଉପାଧକ୍ଷ ଉତ୍ତମ କୁମାର ବାରିକ, କାଳନ୍ଦୀ ଚରଣ ସାହୁ, ବାଲିମେଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ଚିନ୍ମୟ ବାରିକ, ଆର୍ଡୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୌତମ ସେଠୀ, ଗିରିଶ ଚନ୍ଦ୍ର ସାମଲ, ସାରଦା ପ୍ରସାଦ ମହାନ୍ତି, ମାନସ ରଞ୍ଜନ ପଟ୍ଟନାୟକ, ଉମେଶ ଚନ୍ଦ୍ର ନାୟକ, କାଉନ୍ସିଲର ଚନ୍ଦନ ସେନ୍ ପ୍ରମୁଖ ଯୋଗଦେଇ ଓଡ଼ିଶାର ଗର୍ବ ଗୌରବ ବିଜୁ ପଟ୍ଟନାୟକ ଓଡ଼ିଆ ଜାତି ପାଇଁ ବିଶ୍ୱ ଦରବାରରେ ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ।

### ଅସୁରାଳି

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ଧୂଷୁରୀସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପରିଷଦ ପ୍ରଦୀପ ମଲ୍ଲିକଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳର ବହୁ ଆଗଧାଡ଼ିର ନେତୃତ୍ୱ ଉପସ୍ଥିତ ହୋଇଥିଲେ। ଜିଲ୍ଲା ପରିଷଦ ଶାରଦା ପ୍ରସନ୍ନ ସାହୁ, ସରପଞ୍ଚ ଅଜୟ ମଲ୍ଲିକ, ପୂର୍ବତନ ଅଧକ୍ଷ ଅଶୋକ ନାୟକ, ସନ୍ଦୀପ ସ୍ୱାଇଁ, ପଣ୍ଡିତ ଦୟାନିଧି ମିଶ୍ର, ସମାଜସେବୀ ଖଗେଶ୍ୱର ଖଟୁଆ ଓ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସଭାରେ ବିଜୁ ବାବୁଙ୍କ ଦେଶ ପ୍ରତି ଅବଦାନ, ଓଡ଼ିଶାର ନିର୍ମାଣ ପରିକଳ୍ପନା, ତାଙ୍କର ଦୃଷ୍ଟିକୋଣ ଓ ସାହସିକ ନେତୃତ୍ୱ ବିଷୟରେ ଆଲୋଚନା କରାଯାଇଥିଲା।



## ବିପୁଳ ପରିମାଣର ମଦ ଜବତ; ୨ ଗିରଫ

ବନ୍ତ/ଆଗରପଡ଼ା,୫।୩(ସମିସ): ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଚାଲିଥିବା ଅବକାରୀ ଚଢ଼ଉରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ବେଆଇନ ମଦ ଜବତ କରାଯାଇଛି। ତେବେ ଥାନା ଅନ୍ତର୍ଗତ ସରମରା ଗ୍ରାମରୁ ଥାନା ଅଧିକାରୀ ସୁପ୍ରକାଶ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ଟିଲୋ, ଦେବତାଗଡ଼ିଆ, ନାଳଗରା ଓ ପଳସା ଆଦି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ସରମରା ଗ୍ରାମର ଲକ୍ଷ୍ମୀଧର ଜେନା (୬୧) ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବର ପାଇଥିଲେ। ରାତି ପ୍ରାୟ ୮ଟା ସମୟରେ ଲକ୍ଷ୍ମୀଧରଙ୍କ ଘର ପଛପଟେ ଚଢ଼ଉ କରି ପୁଲିସ ବିପୁଳ ବିଦେଶୀ ମଦ ଜବତ କରିଥିଲା। କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ତାଙ୍କୁ ଗିରଫ କରିବା ସହ ବନ୍ତ ଥାନା କେସ୍ ନଂ- ୮୪/୨୦୨୬ ମୂଳେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସେହିପରି ବୁଧବାର ମଧ୍ୟାହ୍ନରେ ପୁଲିସ ଅନ୍ୟ ଏକ ସୂଚନା ପାଇ ପଧାନପଡ଼ା (ଶାସନ) ଗ୍ରାମର ନାଥ ମୁଣ୍ଡା (୫୭)ଙ୍କ ଘର ପଛପଟେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଦୁଇଟି ପଲିଥିନ୍ ଜରି ବ୍ୟାଗ୍‌ରୁ ପ୍ରାୟ ୧୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲା। ବିକ୍ରୟ ପାଇଁ କୌଣସି ଅନୁମତି ପତ୍ର ନ ଥିବାରୁ ପୁଲିସ ମଦକୁ ଜବତ କରିବା ସହ ବନ୍ତ ଥାନା କେସ୍ ନଂ- ୮୫/୨୦୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଓଡ଼ିଶା ଅବକାରୀ ଆଇନର ଧାରା ୫୨(କ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଆଗକୁ ମଧ ଏହିପରି ଚଢ଼ଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ମହୁମାଛି ଆକ୍ରମଣରେ ଆହତଙ୍କଠାରୁ ଟଙ୍କା ଲୁଟ୍

ବନ୍ତ/ଆଗରପଡ଼ା,୫।୩(ସମିସ): ଲୋକେ ଭୁଲିଗଲେଣି ମାନବିକତା। ମହୁମାଛି ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କଠାରୁ ମଧ ଟଙ୍କା ବ୍ୟାଗ୍ ନେଇ ଲୁଟେରା ଫେରାର୍। ଏହିପରି ଘଟଣା ଦେଖିବାକୁ ମିଳିଛି ତାଳପଡ଼ାରେ। ସୂଚନାନୁଯାୟୀ, ମଙ୍ଗୁଳି ଗ୍ରାମର ମନୋଜ ଘଡ଼େଇଙ୍କର ବନ୍ତଠାରେ ଗ୍ୟାସ୍ ବ୍ୟବସାୟ ରହିଛି। ଘଟଣା ଦିନ ସେ ଘରୁ ବନ୍ତ ଆଡ଼କୁ ଯାଉଥିବାବେଳେ ତାଳପଡ଼ାଠାରେ ହଠାତ୍ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ସେ ଆହତ ହୋଇ ପଡ଼ିଥିଲେ। ଏହାର ସୁଯୋଗ ନେଇ କେହି ଲୁଟେରା ବ୍ୟାଗ୍‌ରେ ରଖିଥିବା ୭୦ ହଜାର ଟଙ୍କା ଲୁଟ୍ କରି ଥିବାର ସନ୍ଦେହ ହେଉଛି।

## ଭଦ୍ରକ ଜିଲ୍ଲା କୃଷି କାର୍ଯ୍ୟାଳୟ; ଖାଲି ପଡ଼ିଛି ୫୦% ପଦ

ଭଦ୍ରକ,୫।୩(ସମିସ): ଦୁର୍ଭାଗ୍ୟଜନକ ସ୍ଥିତିରେ ଭଦ୍ରକ ଜିଲ୍ଲାର କୃଷି କାର୍ଯ୍ୟାଳୟ। ଖାଲି ପଡ଼ିଛି ୫୦ ଭାଗ ଅଧିକାରୀ ଓ କର୍ମଚାରୀ ପଦ। କୃଷି ଅଧିକାରୀ କରୁଛନ୍ତି ଚତୁର୍ଥ ଶ୍ରେଣୀ କର୍ମଚାରୀ କାମ। ଏବେର ସରକାର ଶାସନ ଗାଦିରେ ବସିବା ପରେ କୃଷି ଓ କୃଷକମାନଙ୍କର ଯଥେଷ୍ଟ ବିକାଶ ହୋଇଛି ବୋଲି ପ୍ରଚାର କରୁଛନ୍ତି। କାଳିଆ, ପିଏମ୍ କିଷାନ ଓ ଗୋ ସୁଗମ ଯୋଜନା, ଏହିପରି ଅନେକ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି ବୋଲି ପ୍ରଚାର ହେଉଛି। ବାସ୍ତବରେ ଏହିସବୁ ଯୋଜନାରେ ଚାଷ ବା ଚାଷୀର କ'ଣ ବିକାଶ ହୋଇଛି? ଏହାର କୌଣସି ଅନୁଧ୍ୟାନ ହୋଇନାହିଁ। କେବଳ ପ୍ରଚାର ଚାଲିଛି, ହେଲେ ବାସ୍ତବତା ଭିନ୍ନ। ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ କେତେ ତତ୍ପର ଅଛନ୍ତି ତାହାର ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା କୃଷି ବିଭାଗରେ।

ସୂଚନା ଅଧିକାରୀ କର୍ମୀ ଅମୂଲ୍ୟ କୁମାର ମାଝୀଙ୍କ ଆରଟିଆଇ ତଥ୍ୟ ମୂଳେ ଭଦ୍ରକ ଜିଲ୍ଲା କୃଷି ବିଭାଗରେ ସମୁଦାୟ ୨୨୭ଟି ପଦରୁ ୧୦୯ଟି ପଦ ଖାଲି ପଡ଼ିଛି। ଅର୍ଥାତ ମୋଟ୍ ପଦର ପ୍ରାୟ ୫୦ ଭାଗ ଫାଙ୍କା ପଡ଼ିଛି। ୨୧ଟି ସହାୟକ କୃଷି ଅଧିକାରୀ ପଦରୁ ୧୩, ୯ଟି ବ୍ଲକ୍ କୃଷି ଅଧିକାରୀ ପଦରୁ ୧, ସେହିପରି ୧୧୯ଟି ଭିଏଡବ୍ଲୁ ପଦରୁ ୫୫, ୨୧ଟି କିରାଣି ପଦରୁ ୧୨, ୯ଟି ୱାଚ୍‌ମ୍ୟାନ୍ ପଦରୁ ୯, ୧୦ଟି ସ୍ଥାୟୀ ଲେବର ପଦରୁ ୧୦, ଆକାଉଣ୍ଟାଣ୍ଟ ୧, ଡ୍ରାଫ୍ଟରି ୨ଟି ଏହିପରି ବିଭିନ୍ନ ପଦ ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲି ପଡ଼ିଛି। ବିଶେଷକରି ବିନା ଚତୁର୍ଥ ଶ୍ରେଣୀ କର୍ମଚାରୀରେ ଚାଲୁଛି କାର୍ଯ୍ୟାଳୟ। ଅଧିକାରୀମାନେ ବାଧ୍ୟ ହେଉଛନ୍ତି ପିଅନ, ୱାଚ୍‌ମ୍ୟାନ୍ ଓ ଲେବରର କାମ କରିବାକୁ। ପୁନଶ୍ଚ ଭିଏଡବ୍ଲୁ ସଂଖ୍ୟାଧିକ ପଦ ଖାଲି ପଡ଼ିଥିବାରୁ ଜଣକା ଅଧୀନରେ ୪ରୁ ୫ଟି ପଞ୍ଚାୟତ ରହିବା ଫଳରେ ଗ୍ରାମାଞ୍ଚଳରେ କୃଷି ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହେଉଛି। ସରକାର କୃଷି ଓ କୃଷକର ଉନ୍ନତି ନିମନ୍ତେ ଡିଣ୍ଡିମ ପିଟୁଥିବାବେଳେ କୃଷି ବିଭାଗ ପ୍ରତି ଅଣଦେଖା କାହିଁକି। କେବେ ଦୂର ହେବ କୃଷି ବିଭାଗର ଏହି ସମସ୍ୟା ବୋଲି ପ୍ରଶ୍ନ ଉଠିଛି।

## ଶିକ୍ଷାବିତ୍ ଚନ୍ଦ୍ରମଣୀ ଆଇଚଙ୍କ ପରଲୋକ



ବନ୍ତ/ଆଗରପଡ଼ା,୫।୩(ସମିସ): ଆଗରପଡ଼ା ଅଞ୍ଚଳର ଜଣାଶୁଣା ଶିକ୍ଷାବିତ୍ ତଥା ସମାଜସେବୀ ଚନ୍ଦ୍ରମଣୀ ଆଇଚଙ୍କ ୯୦ ବର୍ଷ ବୟସରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗାକ୍ରାନ୍ତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁଅ ଅଧ୍ୟାପକ ମନୋଜ, ମାନବ ଅଧିକାର କମିଶନ ମିଡିଆ ସେଲ ରାଜ୍ୟ ସମ୍ପାଦକ ନିରୋଜ, ପଙ୍କଜ, ବନଜ, ପୁତ୍ରବଧୂ ଶିକ୍ଷୟିତ୍ରୀ ରୀତା ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ବିଧାୟକ ସଞ୍ଜୀବ ମଲ୍ଲିକ, ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାଶ, ହାଇକୋର୍ଟ ଆଇନଜୀବୀ ମନୋଜ ରାୟ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଚନ୍ଦ୍ରମଣୀ ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ବହୁ ପ୍ରଶଂସାର ପାତ୍ର ହୋଇଥିଲେ। ସେ ଜଣେ ସରଳ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବିନା ଡିଜେରେ ଐତିହାସିକ କାଳିମେଘା ମେଳନ ସମ୍ପନ୍ନ



ତିହିଡ଼ି,୫।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନସ୍ଥ ମୁକୁନ୍ଦପୁର ପଞ୍ଚାୟତର କାଳିମେଘା ମେଳନ ପଡ଼ିଆରେ ଅନୁଷ୍ଠିତ ଐତିହାସିକ କାଳିମେଘା ମେଳନ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ଗତ ୩ ତାରିଖ ଦିନ ଦୋଳ ପୂର୍ଣ୍ଣିମା ରାତିରୁ ଏହି ମେଳନ ଆରମ୍ଭ ହୋଇ ପରଦିନ ସନ୍ଧ୍ୟାରେ ଏହା ଶେଷ ହୋଇଛି। ତେବେ ଚଳିତ ବର୍ଷ ପୁଲିସ ପ୍ରଶାସନ ପକ୍ଷରୁ ମେଳନରେ ଡିଜେ ବ୍ୟବହାର ନିଷିଦ୍ଧ କରାଯାଇଥିବାରୁ ସାଧାରଣରେ ଏନେଇ ଆନନ୍ଦ ପ୍ରକାଶ ପାଇଥିଲା। ପୁଲିସ ପ୍ରଶାସନର ନିର୍ଦ୍ଦେଶକୁ ମାନି ଏଥର କୌଣସି ଠାକୁରବାଡ଼ିଆ ମେଳନକୁ ଡିଜେ ନ ଆଣି ବରଂ ପାରମ୍ପରିକ ବାଦ୍ୟ ଆଣିଥିବାରୁ ମେଳନର ଶୋଭା ବୃଦ୍ଧିପାଇବା ସହିତ ଏହି ଐତିହାସିକ ମେଳନଟି ଆରମ୍ଭରୁ ପୁଣି ଶେଷ ଯାଏଁ ବେଶ୍ ଶାନ୍ତିଶୃଙ୍ଖଳାର ସହିତ ସମାହିତ ହୋଇଥିଲା। ମେଳନ ଦେଖିବାକୁ ଆଖପାଖ ଅଞ୍ଚଳରୁ ଆସିଥିବା ହଜାର ହଜାର ଉଭୟ ପୁରୁଷ ଓ ମହିଳା ବେଶ୍ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ମେଳନ ଉପଭୋଗ କରିବାର ସୁଯୋଗ ଲାଭ କରିଥିଲେ। ପୂର୍ଣ୍ଣିମା ରାତିରେ ସମସ୍ତ ଠାକୁର ବାଡ଼ିଆ ନିର୍ଦ୍ଧାରିତ ସମୟରେ ଶୋଭାଯାତ୍ରାରେ ବାହାରି ମେଳନ ପଡ଼ିଆରେ ପହଞ୍ଚିଥିଲେ। ପରଦିନ ଅନୁଷ୍ଠିତ ଅବିର ଓ କାଦୁଅ ଖେଳ ବି ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା। ଏଠାରେ ବେପାର କରିବାକୁ ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟବସାୟୀମାନେ ବି ଭଲ ଦି' ପଇସା ବେପାର କରିଥିବା ଜଣାଯାଇଛି। ଜିଲ୍ଲା ପୁଲିସର ନିର୍ଦ୍ଦେଶ ମତେ ତିହିଡ଼ି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ପୂର୍ଣ୍ଣିମା ରତିରୁ ପୁଣି ମେଳନ ଶେଷ ଯାଏଁ ପୁଲିସ ପ୍ରଶାସନ ସଠିକ୍ ଢଙ୍ଗରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବାରୁ ସ୍ଥାନୀୟ ଲୋକେ ତଥା ମେଳନ କମିଟି ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଛତ୍ରିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଇମେଜ ଇଲେଭେନ ଚାମ୍ପିଅନ



ବାସୁଦେବପୁର,୫।୩(ସମିସ): ବାସୁଦେବପୁର ବ୍ଲକ୍ ଅରଣ୍ଡୁଆ ପଞ୍ଚାୟତର ଛତ୍ରିଆ ଗ୍ରାମର ସତ୍ୟସାଇ ୟୁଥ୍ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ଷ୍ଟାର୍ ଇଲେଭେନ ସିୟୁଲା ପୁରୀ ହରାଇ ଭଦ୍ରକର ଇମେଜ ଇଲେଭେନ ଚାମ୍ପିଅନ ହୋଇଛି। ଛତ୍ରିଆ ଗ୍ରାମର ଆନ୍ତଃଜିଲ୍ଲା ଛତ୍ରିଆ କପ୍-୨୦୨୬ ତୃତୀୟ ବାର୍ଷିକ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ଷ୍ଟାର୍ ଇଲେଭେନ ସିୟୁଲା ପୁରୀ ଓ ଭଦ୍ରକର ଇମେଜ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଇମେଜ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ୍ ହରାଇ ୨୪୧ ରନ୍ ସଂଗ୍ରହ କରିଥିଲା। ଜବାବରେ ପୁରୀର ଷ୍ଟାର୍ ଇଲେଭେନ ସିୟୁଲା ସମସ୍ତ ୱିକେଟ ହରାଇ ୨୦୫ ରନ୍ ସଂଗ୍ରହ କରିଥିଲା। ବାବୁଲୁ ସାହୁ, ଦିଲ୍ଲୀପ ପଣ୍ଡା ଓ ବସନ୍ତ କୁମାର ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ସଭାରେ ବାସୁଦେବପୁର ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଆରୁହା ପଞ୍ଚାୟତର ସମିତିସଭ୍ୟ ସୁରେନ୍ଦ୍ର ବେଜ, ଅରଣ୍ଡୁଆ ପଞ୍ଚାୟତ ସମିତିସଭ୍ୟ ରମାକାନ୍ତ ଦାଶ ଓ ମାଟିର ପୁଅ କବି ଭାସ୍କର ବାରିକ ଯୋଗଦେଇ ଚାମ୍ପିଅନ ଦଳ ଭଦ୍ରକର ଇମେଜ ଇଲେଭେନକୁ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳ ପୁରୀର ଷ୍ଟାର୍ ଇଲେଭେନ ସିୟୁଲାକୁ ରନର୍ସ ଅପ୍ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

## ହୋଲି ଉତ୍ସବ ଓ ଦୋଳଯାତ୍ରା



ବାରିକପୁର,୫।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ରଙ୍ଗର ପର୍ବ ହୋଲି ଉତ୍ସବ ଓ ପବିତ୍ର ଦୋଳଯାତ୍ରା ଭାବ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ହୋଲି ଉପଲକ୍ଷେ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଥିବା ଗୋପାଳ ସମ୍ପ୍ରଦାୟର ଲୋକମାନେ ଭଗବାନ ରାଧାକୃଷ୍ଣଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। କଳସ ଯାତ୍ରା, ଲଉଡ଼ି ଖେଳ, ପଟୁଆର ଶୋଭାଯାତ୍ରାରେ ଘଟ ସ୍ଥାପନ ହୋଇଥିବାବେଳେ ଭଗବାନଙ୍କ ପୂଜା ଆରାଧନା ଆରମ୍ଭ ହୋଇଛି। ଏହି ପୂଜା ୫ଦିନ ଧରି ଅନୁଷ୍ଠିତ ହେଉଥିବାବେଳେ ପଞ୍ଚ ଦୋଳରେ ଏହା ଉଦ୍‌ଯାପିତ ହେବ। ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର, ଆଦମପୁର, ଶରଦପୁର, ମଣୀନାଥପୁର, ତୁଳସୀପୁର ପ୍ରମୁଖ ଗ୍ରାମରେ ଉତ୍ସବ ପାଳିତ ହୋଇଛି। ଏହାଛଡ଼ା ମଞ୍ଜୁରୀ ରୋଡ୍‌ଠାରୁ ଆରମ୍ଭ କରି ଆଖୁଆପଦା ଓ ମାଳଦା ଷୋଳମପୁର ଯାଏଁ ଦୁଇ ଦିନ ଧରି ରଙ୍ଗ ଖେଳ ଅନୁଷ୍ଠିତ ହୋଇଥିଲା। ଜନସାଧାରଣ ପରସ୍ପରକୁ ରଙ୍ଗ ମାରି ହୋଲି ପାଳନ କରିଥିଲେ। ହୋଲି ତିଥିରେ ମଧ ମାଳଦା, କଲ୍ୟାଣପୁର, ଚତୁର୍ଭୁଜପୁର, ରହଣିଆ ପ୍ରମୁଖ ଗ୍ରାମରେ ଅଷ୍ଟପ୍ରହରୀ ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ମୋଟାମୋଟି ଭାବେ ଆନନ୍ଦ ଉଲ୍ଲାସ ମଧ୍ୟରେ ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ପୂଜ୍ୟପୂଜା ସଂସଦର ୪୯ତମ ଫଗୁ ମିଳନ



ଭଦ୍ରକ,୫।୩(ସମିସ): ବସନ୍ତ ରାସୋତ୍ସବ ଏକ ମାର୍ମିକ ତଥା ବର୍ଣ୍ଣିଳ ପ୍ରୀତିମୟ ମହୋତ୍ସବ। ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ଅପୂର୍ବ ମିଳନର ଆଧ୍ୟାତ୍ମିକ ତଥା ଭବ୍ୟ ଏହି ଉତ୍ସବଟି ଏକ ବିଶିଷ୍ଟ ପର୍ବ ଭାବେ ପରିଗଣିତ। ଦୋଳ ଯାତ୍ରା ଶ୍ରୀକୃଷ୍ଣଙ୍କର ଗୋପଲୀଳାର ନିଦର୍ଶନ। ରାଧା ଦାମୋଦରଙ୍କ ଗୋପଗୋପୀମାନଙ୍କ ସହିତ ରଙ୍ଗ ପିଚକାରି ଖେଳ ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ରାସଲୀଳାର ସ୍ମୃତି ବହନ କରିଥାଏ। କବି ଲେଖନୀରେ ଏହା ଜୀବନ୍ତ ଭାବରେ ରୂପ ନେଇଥାଏ। କବିର ଭାବବିଳାସୀ ମନ ଉପରେ ଏହାର ପ୍ରଭାବ ଯଥେଷ୍ଟ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ୪୯ତମ ସାରସ୍ୱତ ଫଗୁ ମିଳନ ଉତ୍ସବରେ ଗବେଷକ ଓ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି। ଭାଗବତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ କହିଲେ ଯଦି ଆମେ ସମସ୍ତେ ମନକୁ ଆଧ୍ୟାତ୍ମିକତା ରଙ୍ଗରେ ରଙ୍ଗିନ କରିବାକୁ ଚାହୁଁ, ତେବେ ନିଜ ଭିତରେ ଥିବା ସମସ୍ତ ବିକାରକୁ ବିନାଶ କରିବାକୁ ହେବ। ମୁଖ୍ୟଅତିଥି ଭାବେ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଅଧକ୍ଷ ଯୁଧିଷ୍ଠିର କୁଅଁର ଯୋଗଦେଇ କବି ବସନ୍ତକୁ ଅତ୍ୟନ୍ତ ଆନ୍ତରିକତା ସହିତ ଚିତ୍ରଣ କରିବାରେ ତା'ର ସାଧନା ଓ ଅନୁଭବକୁ ପ୍ରୟୋଗ କରିଥାଏ ବୋଲି କହିଥିଲେ। ଡ. ଗୋଲକ ବିହାରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଫଗୁ ମିଳନରେ ଅଧ୍ୟାପକ ଦତ୍ତାତ୍ରେୟ ଦାସ ମଞ୍ଚ ସଞ୍ଚାଳନ କରିଥିବାବେଳେ, ଅନୁଷ୍ଠାନର ସହ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆବାହନ ଓ ଅନୁଷ୍ଠାନର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପଣ୍ଡିତ ଘନଶ୍ୟାମ ଲେଙ୍କାଙ୍କ ବେଦପାଠ ପରେ ପାରମ୍ପରିକ ସାରସ୍ୱତ ବସନ୍ତ ଉତ୍ସବର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଆୟୋଜିତ ବହୁଭାଷୀ କବି ସମ୍ମିଳନୀରେ ଶତାଧିକ କବି ଓ କବୟିତ୍ରୀଙ୍କ ସ୍ୱରଚିତ ଫଗୁ ଫଗୁଣ ଆଧାରିତ ବସନ୍ତ କବିତା ପରିବେଶକୁ ଉଲ୍ଲସିତ କରିଦେଇଥିଲା। ଋତୁରାଜ ଅକ୍ଷୟ ଓ ଅରୁପାନନ୍ଦ ନାୟକ ଉତ୍ସବ ସଂଯୋଜନା କରିଥିବାବେଳେ କବି ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋଳ ପୂର୍ଣ୍ଣିମାରେ ମଣ୍ଡପରେ ପୂଜା ପାଇଲେ ରାଧାକୃଷ୍ଣ



ବନ୍ତ/ଆଗରପଡ଼ା,୫।୩(ସମିସ): ଦୋଳ ପୂର୍ଣ୍ଣିମା ଓ ହୋଲି ପାଇଁ ବନ୍ତ ବ୍ଲକ୍‌ର ଗଣିଜାଙ୍ଗ, ଛୟାଳସିଂ, ରାମପୁର, ରାମକୃଷ୍ଣପୁର, ଓଡ଼ଙ୍ଗ ସମେତ ବନ୍ତର ୨୫ଟି ପଞ୍ଚାୟତରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ସେହିପରି ରାମକୃଷ୍ଣପୁର ପଞ୍ଚାୟତ ଗୋପାଳ ସାହିରେ ଦୋଳ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ କପାଳୀ ନଦୀରୁ କଳସ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ଧରଣୀ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନରେ ଗୋପାଳ ସାହିର ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଗଣିଜାଙ୍ଗ ହାସିନପୁର ପଣ୍ଡା ସାହିରେ ଦୋଳ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରୁ ଆସିଥିବା ସୁସଜ୍ଜିତ ବିମାନ ସହିତ ଡିଜେ ଶବ୍ଦରେ ପ୍ରକମ୍ପିତ ହେଉଥିଲା ଗ୍ରାମ ବଜାର।

### ● ଢଳିକି ରହିଛି ୫୪ ଲକ୍ଷ ଟଙ୍କାର ପାଣି ଟାଙ୍କି

# ପାଚେରିରେ ଫାଟ; ରଙ୍ଗ ମାରି ଦୁର୍ନୀତି ଲୁଚାଇବାକୁ ପ୍ରୟାସ

ଦୋବଲ,୫।୩(ସମିସ)



ବିଭାଗୀୟ ଅଧିକାରୀଙ୍କ ମନମୁଖୀ ନା ଠିକାଦାରଙ୍କ ସହ ସଲାସୁତରା ଚାଲିଛି। ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତ ଇଟୁଆ ଗାଁରେ ପାନୀୟ ଜଳ ପ୍ରକଳ୍ପ ନାଁରେ ଚାଲିଥିବା ମହା ଘୋଟାଲା ଏବେ ପଦାରେ ପଡ଼ିଛି। ୫୪ ଲକ୍ଷ ଟଙ୍କାର ବଜେଟ, ହେଲେ କାମର ମାନ ଏତେ ନିମ୍ନ ଯେ ସ୍ଥାନୀୟ ଲୋକେ ଏହାକୁ "ମରଣଯନ୍ତା' ବୋଲି କହିବା ଆରମ୍ଭ କଲେଣି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ନିର୍ମାଣାଧୀନ ଉଚ୍ଚ ପାଣି ଟାଙ୍କି। ଏହା ଏକ ପାର୍ଶ୍ୱକୁ ଢଳି ରହିଥିବା ସ୍ପଷ୍ଟ ବାରି ହୋଇ ପଡୁଛି। ଯଦି ଏହି ଟାଙ୍କିରେ ହଜାର ହଜାର ଲିଟର ପାଣି ଭର୍ତ୍ତି କରାଯାଏ, ତେବେ ଏହାର ଭାର ସହି ନ ପାରି ଏହା କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବ, ତାହା କେହି କହିପାରିବେ ନାହିଁ। ଏହା କ'ଣ କେବଳ ଅବହେଳା ନା ଜନସାଧାରଣଙ୍କ ଜୀବନ ସହ ଖେଳ ବୋଲି ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଚେରି କାମ ସରିନି, କିନ୍ତୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହେଲାଣି। ଆଶ୍ଚର୍ଯ୍ୟର କଥା, ଠିକାଦାର ଏହି ଫାଟକୁ ସଜାଡ଼ିବା ବଦଳରେ ସେଥିରେ ରଙ୍ଗ ମାରି ଦୁର୍ନୀତିକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ନୂଆ ନିର୍ମାଣରେ ଏପରି ଫାଟ ଆସିବା ସିମେଣ୍ଟ ଓ ବାଲିର ଅନୁପାତରେ ବ୍ୟାପକ ହେର୍‌ଫେର୍‌କୁ ସୂଚାଉଛି। ଇଟୁଆ ଏକ ବନ୍ୟା ପ୍ରବଣ ଅଞ୍ଚଳ। ଯେଉଁ ପାଚେରି ସାମାନ୍ୟ ପବନରେ ଫାଟି ଯାଉଛି, ତାହା ପ୍ରଳୟଙ୍କରୀ ବନ୍ୟା ସ୍ରୋତକୁ କେମିତି ସହିବ। କାର୍ଯ୍ୟ ଅବଧି ସରିଯାଇଥିଲେ ମଧ କାମ ଅତି କଚ୍ଛପ ଗତିରେ ଚାଲିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ବିଭାଗୀୟ ଯନ୍ତ୍ରୀ ଫୁଁ' କରି ଉଡ଼ାଇ ଦେବା ସହ "ସବୁ ଠିକ୍ ଅଛି' କହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯନ୍ତ୍ରୀ କେଉଁ ସୁବିଧାରେ ଏପରି ନିମ୍ନମାନର କାମକୁ ସାର୍ଟିଫିକେଟ ଦେଉଛନ୍ତି, ତାହା ତଦନ୍ତ ସାପେକ୍ଷ। ଭଦ୍ରକ ଜିଲ୍ଲାପାଳ ଏବଂ ପଞ୍ଚାୟତିରାଜ୍ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ଏହି ସ୍ଥାନ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ହୋଲିରେ ଜଳିଗଲା ଦୋକାନ



ପାଣିକୋଇଲି,୫।୩(ସମିସ): ପାଣିକୋଇଲି ଥାନା ଶର୍ମା ହୋଟେଲ ନିକଟରେ ଜଣେ ବ୍ୟବସାୟୀଙ୍କ ଦୋକାନ ବୁଧବାର ରାତିରେ ଭସ୍ମୀଭୂତ ହୋଇଯାଇଛି। ବିଦ୍ୟୁତ ସର୍ଟସର୍କିଟ କାରଣରୁ ଉକ୍ତ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ପ୍ରକାଶ ଯେ ଏହି ଥାନା କାଙ୍କଲା ପାଟଣା ଗ୍ରାମର ଅନନ୍ତ ସାହୁ ଶର୍ମା ହୋଟେଲ ନିକଟରେ ଏକ ଦୋକାନ କରିଥିଲେ। ତେବେ ହୋଲି ପାଇଁ ସେ ଦିନ ସାରା ନିଜ ଦୋକାନ ଖୋଲି ନଥିବାବେଳେ ରାତିରେ ଉକ୍ତ ଦୋକାନରେ ଅଗ୍ନିକାଣ୍ଡ ଘଟି ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ବୈତରଣୀ ରୋଡ୍ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଘରେ ପଶିଗଲା ହାଇୱା; ବୃଦ୍ଧା ମୃତ

ପାଣିକୋଇଲି,୫।୩(ସମିସ):



ପାଣିକୋଇଲି ଥାନା କରଦା ପଞ୍ଚାୟତର ପଳସା ଆଦିବାସୀ ବସ୍ତିରେ ହୋଲି ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ହାଇୱା ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସଠିପୁର ବରୁଣ୍ଡାଇ ରାସ୍ତାରେ କଣ୍ଟାବଣିଆ ବାଲିଘାଟକୁ ବାଲି ପାଇଁ ଯାଉଥିବା ଏକ ହାଇୱା (ଓଡି୨୨ଜି ୪୨୧୨) ଦ୍ରୁତ ଗତିରେ ଯାଇ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡର୍ ପାର ହୋଇ ପଳସା ଅଦିବାସୀ ବସ୍ତିର ଜଗା ମୁଣ୍ଡାଙ୍କ ଘରେ ପିଟି ହୋଇଥିଲା। ରାସ୍ତାଠାରୁ ପ୍ରାୟ ଶହେ ମିଟର ଦୂରରେ ଥିବା ଉକ୍ତ ଘର ସମ୍ମୁଖ ବାରଣ୍ଡାରେ ତାଙ୍କ ସ୍ତ୍ରୀ ଦୂତି ମୁଣ୍ଡା (୭୩) ବସିଥିବାବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ହାଇୱାଟି ଘର ଛାତରେ ଲାଗି ଅଟକି ଯାଇଥିଲା। ସେଠାରୁ ଦୂତୀକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଥାନାଧିକାରୀ ରଂଜିତ ମହାନ୍ତି, ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ଘଟଣାସ୍ଥଳେ ପହଞ୍ଚିଥିଲେ। କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକମାନେ ହାଇୱାଟିକୁ ସେଠାରୁ ଛାଡ଼ିନଥିଲେ। ପରେ ଘଟଣାସ୍ଥଳେ ହାଇୱା ମାଲିକ ବାଲେଶ୍ୱର ସିମୂଳିଆର ଗୋବିନ୍ଦ ସାହୁ ପହଞ୍ଚି ଘର ମରାମତି ଓ ଚିକିତ୍ସା ଖର୍ଚ୍ଚ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗାଡ଼ିଟିକୁ ବାହାର କରାଯାଇଥିଲା। ପୁଲିସ ହାଇୱାଟିକୁ ଜବତ କରିବା ସହ ଚାଳକ ମାଖନକୁ ଅଟକ ରଖିଛି। ଅନ୍ୟପକ୍ଷରେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଦୂତୀଙ୍କ ମୃତ୍ୟୁ ଘଟିଥିଲା। ପୁଅ ଜଳଧର କଟକରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆଣି ଦାହ କରାଇଛନ୍ତି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଡାକ୍ତରଖାନାରେ ମଦ୍ୟପଙ୍କ ଉନ୍ମତ୍ତକାଣ୍ଡ

କୟାଁଗୋଲା/ମଙ୍ଗଳପୁର,୫।୩(ସମିସ): ଦଶରଥପୁର ବ୍ଲକ ଅଧୀନସ୍ଥ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼ ମାରିବା ସହ ଡ୍ରେସିଂ ସାମଗ୍ରୀ, ଅକ୍ସିଜେନ ସିଲିଣ୍ଡର ଏବଂ ବେଡ୍ ଆଦି ଫିଙ୍ଗାଫିଙ୍ଗି କରିଛନ୍ତି ୩ଜଣ ଯୁବକ। ଗତକାଲି ସନ୍ଧ୍ୟାରେ ମଦ୍ୟପାନ କରି ଗାଡ଼ିରୁ ପଡ଼ିଯାଇ ଖଣ୍ଡିଆ ଖାବରା ହୋଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ ୩ ଜଣ ଯୁବକ। ଯୁବକ ମାନେ ହେଲେ ବଣିଆ ପାଟଣା ଗ୍ରାମର ସତ୍ୟରଞ୍ଜନ ପୋଥାଳ, ଅଭିମନ୍ୟୁ ପୋଥାଳ ଏବଂ କୁନା ପୋଥାଳ। ସେମାନେ ଆସିବାବେଳେ ପଦ୍ମନାଭ ସାହୁ ସିକ୍ୟୁରିଟି ଗାର୍ଡ ଭାବେ ଥିଲେ। ତେବେ ମଦ୍ୟପାନ କରି ଆସିଥିବା ଏହି ୩ ଯୁବକ ପଦ୍ମନାଭ ସାହୁ ସିକ୍ୟୁରିଟି ଗାର୍ଡଙ୍କ ସହ ଯୁକ୍ତିତର୍କ କରି ମାଡ଼ ମାରିବା ସହ ଡ୍ରେସିଂ ରୁମର ବିଭିନ୍ନ ଆସବାବପତ୍ର ଫିଙ୍ଗାଫୋପଡ଼ା କରିଥିଲେ। ଏଥିସହ ଡ୍ରେସିଂ କର୍ମଚାରୀ ଗଙ୍ଗାଧର ଯେନାଙ୍କୁ ମଧ୍ୟ ମାଡ ମାରିଥିବା ନେଇ ପଦ୍ମନାଭ ଓ ଗଙ୍ଗାଧର ଉଭୟ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ୨୪ ଘଣ୍ଟା ସେବା ଯୋଗେଇ ଆସୁଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଏଭଳି ଭାବେ ଆକ୍ରମଣ କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ମଙ୍ଗଳପୁର ପୁଲିସ ଏତଲା ଆଧାରରେ ସିସିଟିଭି ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ମଙ୍ଗଳପୁର ଥାନାରେ ଅଭିଯୋଗ ହେବା ପରେ ମଙ୍ଗଳପୁର ପୁଲିସ (ବିଏନ୍ଏସ୍)୨୦୨୩ ସେକ୍ସନ ୧୧୫(୨),୧୨୬(୨),୨୯୬,୩(୫), ୩୫୧(୨) ଦଫା ସହ କେସ ନମ୍ବର ୬୩/୨୬ ମାମଲା ରୁଜୁ କରି ୩ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରିଣୀ ଅନିତା ପ୍ରଧାନ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ

ସିଂହପୁର,୫।୩(ସମିସ): ବିଞ୍ଝାରପୁର ଥାନା ସିଂହପୁର ବଜାର ନିକଟରେ ଗତକାଲି ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ସିଂହପୁର ଗ୍ରାମର ଅଲେଖ ଦାସଙ୍କ ପୁଅ ସୁରେଶ ଦାସ (୩୦) ବୋଲି ଜଣାପଡ଼ିଛି। ଏକ ଅଜଣା ଗାଡ଼ି ସୁରେଶଙ୍କୁ ଧକ୍କା ଦେବା ପରେ ସୁରେଶ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ଯାଇଥିଲେ। ସ୍ଥାନୀୟ ଲୋକ ସୁରେଶଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁରେଶଙ୍କ ଭାଇ ଅନିରୁଦ୍ଧ ଏଥିନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ଥାନା କେସ ନଂ ୧୨୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୁରେଶଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦୁର୍ଘଟଣାରେ ସ୍କୁଟି ଆରୋହୀ ଗୁରୁତର

ପାଣିକୋଇଲି,୫।୩(ସମିସ): ପାଣିକୋଇଲି ଥାନା ଷଠିପୁର ଯାଜପୁର ରାସ୍ତାର ମାଧପୁର ନିକଟରେ ଆଜି ଜଣେ ସ୍କୁଟି ଆରୋହୀ ରାସ୍ତା ଡିଭାଇଡରେ ପିଟି ହୋଇ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଚଳର ନିରଞ୍ଜନ ରାଉତଙ୍କ ପୁଅ ପ୍ରଭାକର ରାଉତ(୨୯) ଏକ ସ୍କୁଟି (ଓଡି୩୪ ଏସ୬୮୮୨) ଯୋଗେ ଯାଜପୁର ଯାଉଥିଲେ। ମାଧପୁର ବ୍ରିଜ ନିକଟରେ କୌଣସି କାରଣରୁ ଭାରସମ୍ୟା ହରାଇ ଡିଭାଇଡରେ ପିଟି ହୋଇ ଗୁରୁତର ଆହତ ହୋଇ ପଡ଼ିଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ସହକର୍ମୀ ନୃସିଂହ ଜେନା ଓ ସଞ୍ଜୟ ମଲ୍ଲିକ ପ୍ରମୁଖ ପହଞ୍ଚି ଆହତ ପ୍ରଭାକରଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଆଇନଜୀବୀଙ୍କ ମାତୃ ବିୟୋଗ



ପାଣିକୋଇଲି,୫।୩(ସମିସ): କୋରେଇ ବ୍ଲକ୍ କରଦା ପଞ୍ଚାୟତ ରାଣୀଗୋଡ଼ା ଗ୍ରାମର ଆଇନଜୀବୀ ନଟବର ପଣ୍ଡାଙ୍କ ମା’ ଲକ୍ଷ୍ମୀ ପଣ୍ଡାଙ୍କ (୯୮) କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତା ଲକ୍ଷ୍ମୀ ଜଣେ ମିଷ୍ଟଭାଷୀ ସ୍ନେହୀ ଓ ଭଗବତ ଅନୁରାଗୀ ଧର୍ମପରାୟଣା ମହିଳା ଥିଲେ। କଥା ପଦପଦକେ ଶ୍ରୀମଦ୍ ଭାଗବତ ଗୀତାର ପଙ୍କ୍ତି ଉଚ୍ଚାରଣ କରୁଥିଲେ। ଅନ୍ତିମ ସମୟରେ ପୁତ୍ର ନଟବର, ପୌତ୍ର ବାପ୍ପୁ, ତପ୍ପୁ, ଓ ପୁତ୍ରବଧୂମାନେ ଉପସ୍ଥିତ ଥିଲେ। ମାତାଙ୍କ ଶେଷ ଇଚ୍ଛା ଅନୁସାରେ ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ବିୟୋଗରେ ସମଗ୍ର ଗ୍ରାମବାସୀ ଆତ୍ମୀୟସ୍ୱଜନ ଶୋକବ୍ୟକ୍ତ କରିଛନ୍ତି।

# ଜଗନ୍ନାଥଜିଉ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱଗ୍ରହଣ

କବାଟବନ୍ଧ,୫।୩(ସମିସ): ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଧୀନ ଚଢ଼େଇଧରାସ୍ଥିତ ଜଗନ୍ନାଥଜିଉ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଅକ୍ଷୟ କୁମାର ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା ୧୮୩୮/୨୦୨୬ ଅନୁମୋଦିତ ଅନୁଯାୟୀ ସୋମବାର ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସାମଲ ଉକ୍ତ କଲେଜରେ ଶିକ୍ଷା ବିଭାଗରେ ଅଧ୍ୟାପକ ଭାବେ ୧୯୯୨ରୁ ଶିକ୍ଷାଦାନ କରି ଆସୁଛନ୍ତି। କଲେଜର ସମସ୍ତ ପ୍ରକାର କାର୍ଯ୍ୟ ପରିଚାଳନାର ଅନୁଭୂତିକୁ ବିଚାରକୁ ନିଆଯାଇ ବରିଷ୍ଠତା ଆଧାରରେ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ଯାଜପୁରଙ୍କ ଅନୁମୋଦନକ୍ରମେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟରେ ୮୦୦ ରୁ ଅଧିକ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ଏହି ଅବସରରେ କଲେଜର ଅଧ୍ୟାପକ/ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ନୂତନ ଅଧ୍ୟକ୍ଷ ଶ୍ରୀ ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶାଖା ପରିଚାଳକଙ୍କ ଦୁର୍ବ୍ୟବହାର ଅଭିଯୋଗ | ବ୍ୟାଙ୍କରେ ତାଲା ପକାଇଲେ ଜମାକାରୀ



କୟାଁଗୋଲା,୫।୩(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥିତ ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକଙ୍କ ବଦଳି ଦାବି କରି ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସୂଚନା ମୁତାବକ ଆଜି ପୂର୍ବାହ୍ନରେ କୟାଁସ୍ଥିତ ଏହି ବ୍ୟାଙ୍କ ଉପରେ ଯାଜପୁର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଆଦି ଅଞ୍ଚଳର ଅନେକ ଖାତାଧାରୀ ନିର୍ଭରଶୀଳ। ପ୍ରତ୍ୟେକ ଦିନ ଶହ ଶହ ଖାତାଧାରୀ ଟଙ୍କା ଜମା ଉଠାଣ ସହ କେୱାଇସି ଆଦି ବ୍ୟାଙ୍କ କାମ ଲାଗି ଆସିଥାନ୍ତି। କିନ୍ତୁ ଶାଖା ପରିଚାଳକ ସ୍ଥାନୀୟ ଅଞ୍ଚଳର ଖାତାଧାରୀଙ୍କ ସମେତ ସମିତି ସଭ୍ୟ, ସରପଞ୍ଚଙ୍କ ଭଳି ବିଭିନ୍ନ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରି ଆସୁଛନ୍ତି। ଏ ନେଇ ବିଗତ ଦିନରେ ମଧ୍ୟ ତିକ୍ତତା ଦେଖିବାକୁ ମିଳିଥିଲା। ତେବେ ଏହି ପ୍ରକ୍ରିୟା ଜାରି ରହିବାରୁ ଆଜି ସ୍ଥାନୀୟ ଜନସାଧାରଣ ବ୍ୟାଙ୍କରେ ତାଲା ପକାଇ ଶାଖା ପରିଚାଳକଙ୍କ ବଦଳି ଦାବି କରିଥିଲେ। ଖବରପାଇ ମଙ୍ଗଳପୁର ଶାଖା ପରିଚାଳକ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ତେବେ ଲୋକମାନେ ଶାଖା ପରିଚାଳକଙ୍କୁ ବଦଳି ଲାଗି ଜିଦ୍ ଧରିଥିଲେ। ତେବେ କୟାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଦନାଥ ସାହାଣୀ, ପ୍ରତାପ ନାୟକ, କୟାଁ ସମିତିସଭ୍ୟ ରୋସନ ଦାସ, ଅଶୋକ ମଲିକ, ପଞ୍ଚାନନ ମଲିକ, ଅଲେଖ ଦାସ, ହିମାଂଶୁ ନାୟକ, ତପନ ମହାପାତ୍ର, ପ୍ରଭାତ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କବି ଲକ୍ଷ୍ମୀକାନ୍ତଙ୍କୁ ‘ଗୋପବନ୍ଧୁ ଶିକ୍ଷାରତ୍ନ’ ସମ୍ମାନ



ସୁକିନ୍ଦା,୫।୩(ସମିସ): ସୁକିନ୍ଦା ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ତଥା ସୁନାମଧନ୍ୟ କବି, ଓ ଶିକ୍ଷାବିତ ଡ. ଲକ୍ଷ୍ମୀକାନ୍ତ ଦାଶଙ୍କୁ "ଗୋପବନ୍ଧୁ ଶିକ୍ଷାରତ୍ନ ୨୦୨୬’ ସମ୍ମାନରେ ସମ୍ମାନିତ କରାଯାଇଛି। କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନ ଠାରେ ଅନୁଷ୍ଠିତ ଜାତୀୟ ଶିକ୍ଷାନୀତି କର୍ମଶାଳାରେ ସଂସଦର ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଡ. କୁମରବର ଦାସ, ପ୍ରାକ୍ତନ କୁଳପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବିଶିଷ୍ଟ ସ୍ତମ୍ଭକାର ଡ. ସନ୍ତୋଷ ମହାପାତ୍ରଙ୍କ ଠାରୁ ଲକ୍ଷ୍ମୀକାନ୍ତ ଦାସ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଶ୍ରୀ ଦାସ ସୁକିନ୍ଦା ନିବାସୀ କୁଞ୍ଜକବି ଗୌରୀରଞ୍ଜନ ଦାଶଙ୍କର ଜ୍ୟେଷ୍ଠ ପୁତ୍ର ଅଟନ୍ତି। ଅଧୁନା ସେ ସୁକିନ୍ଦା ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ମୁଖ୍ୟ ରୂପେ କାର୍ଯ୍ୟରତ। ଏହି ସମ୍ମାନ ପରେ ଶ୍ରୀ ଦାସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ୧୯୨ ବର୍ଷରେ ଶ୍ରୀଶ୍ରୀ ବୁଢ଼ା ଗୋସାଇଁଙ୍କ ମେଳଣ ଉତ୍ସବ

ବରୀ,୫।୩(ସମିସ): ବରୀ ଅଞ୍ଚଳର ସର୍ବ ପୁରାତନ ଅରଙ୍ଗାବାଦର ଶ୍ରୀଶ୍ରୀ ବୁଢ଼ା ଗୋସାଇଁଜିଉଙ୍କ ମେଳଣ ଅନୁଷ୍ଠିତ ହୋଇଯାଇଛି। ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଦୋଳ ମିଳନ ପର୍ବର ଅନ୍ତିମ ପର୍ବ ଆଜି ସମାପ୍ତ ହୋଇଛି। କାହିଁ କେଉଁ କାଳରୁ ଶ୍ରୀଶ୍ରୀ ବୁଢ଼ା ଗୋସାଇଁଙ୍କ ଦୋଳ ମେଳଣ ଆରମ୍ଭ ହୋଇଛି। ତେବେ ମହାପ୍ରଭୁଙ୍କ ଆବିର୍ଭାବ ପ୍ରାୟ ୧୮୩୩ ମସିହାରେ ଏଠାରେ ହୋଇଥିବାରୁ ଏହାପରେ ମେଳଣ ଆରମ୍ଭ ହୋଇଥିବ ବୋଲି ଅନୁମାନ କରାଯାଉଛି। ସବୁବର୍ଷ ପରି ସ୍ଥାନୀୟ ୬ଟି ମେଢ଼ ସହ ମୋଟ ୭ଟି ବିମାନ ଚଳିତ ମେଳଣରେ ଭାଗ ନେଇଥିଲେ। ଅରଙ୍ଗାବାଦ, ବନ୍ଧଡିହ, ନୂଆଗାଁ, ବାଲିଆପାଳ, ଗୋବିନ୍ଦାବାଟି, ଅଲିପୁର ଓ ରତ୍ନଗିରିରୁ ଠାକୁର ବିମାନରେ ଆସି ମେଳଣରେ ଭାଗ ନେଇଥିଲେ। ପାରମ୍ପରିକ କୀର୍ତ୍ତନ ସହ ଓଡ଼ିଶୀ, ଗୋଟିପୁଅ, ଘୋଡ଼ାନାଚ, ଷଣ୍ଢ ଲଢ଼େଇ ଓ ଲଉଡ଼ି ବାଡ଼ି ଖେଳ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରାତ୍ରି ୩ଟାରୁ ଆରମ୍ଭ ହୋଇଥିବା ମେଳଣ ସକାଳ ୧୦ଟା ଯାଏଁ ଚାଲିଥିଲା। ଆଖ ପାଖ ୨୫ରୁ ଅଧିକ ଗ୍ରାମର ପାଖାପାଖି ୨୦ ହଜାର ଦର୍ଶକ ଏହି ବାର୍ଷିକ ମେଳଣକୁ ଉପଭୋଗ କରିଥିଲେ। ବରୀ ରାମଚନ୍ଦ୍ରପୁର ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ଶ୍ରୀଶ୍ରୀ ବୁଢ଼ା ଗୋସାଇଁ ମନ୍ଦିର କମିଟି ଏହାକୁ ସୁଚାରୁରୂପେ ପାଳନ କରିଥିଲେ। ତେବେ ଏହି ସର୍ବ ପୁରାତନ ମେଳଣକୁ କୌଣସି ସରକାରୀ ସୁବିଧା ସୁଯୋଗ ମିଳୁନଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

# ଜମି ଅଧିଗ୍ରହଣକୁ ଅଗଣତାନ୍ତ୍ରିକ ଦର୍ଶାଇ ବିରୋଧ

ସୁକିନ୍ଦା,୫।୩(ସମିସ): ସୁକିନ୍ଦା ତହସିଲ ଅଞ୍ଚଳରେ ପ୍ରଶାସନ ପକ୍ଷରୁ କରାଯାଉଥିବା ଜମି ଅଧିଗ୍ରହଣକୁ ଅଗଣତାନ୍ତ୍ରିକ ଦର୍ଶାଇ ଭୂମିମୁକ୍ତ କୃଷକ ମଞ୍ଚ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅଞ୍ଚଳରେ ପ୍ରଶାସନର ଦମନମୂଳକ ଜମି ଅଧିଗ୍ରହଣ ଓ ଜମି ବନ୍ଦୋବସ୍ତ କାର୍ଯ୍ୟ ସଠିକ୍ ଭାବେ କରାନଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଶିଳ୍ପ ପ୍ରତିଷ୍ଠା ପାଇଁ ମାଟିର ମଣିଷଙ୍କୁ ଧମକ ଦିଆଯାଉଥିବା ପ୍ରତିବାଦରେ ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚ ଆହ୍ୱାନରେ ଡୁବୁରିସ୍ଥିତ କପିଳେଶ୍ୱର ମନ୍ଦିର ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶତାଧିକ ଜନସାଧାରଣ ଓ ବିଭିନ୍ନ ସାମାଜିକ ସଂଗଠନର ମୁଖ୍ୟମାନେ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ମୃତ୍ୟୁଞ୍ଜୟ ଦେଓଙ୍କୁ କନଭେନର ଏବଂ ଜନ୍ମେଜୟ ବଳସାମନ୍ତଙ୍କୁ ଡେପୁଟି କନଭେନର ଭାବେ ମନୋନୀତ କରାଯିବା ସହ ୧୦ ଜଣିଆ ୱର୍କିଂ କମିଟି ଘୋଷଣା କରାଯାଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି।

ବୈଠକରେ ଶରତ ବଳ, ମଟାଇ ଜାମୁଦା, ରବୀନ୍ଦ୍ର ଧୀର ସାମନ୍ତ, ପୀତବାସ ମହାନ୍ତ, ପ୍ରତାପ ଜେନା, ବିଶ୍ୱରଞ୍ଜନ ସ୍ୱାଇଁ, ଖୀରୋଦ ଜେନା, ଗୋକୁଳି ନାୟକ, ଗିରିଶ ମହାନ୍ତ, ପରମେଶ୍ୱର ମହାନ୍ତ ଓ ବିଜୟ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ କୃଷକ ଓ ଜମିମାଲିକଙ୍କ ଅଧିକାର, ସୁରକ୍ଷା ପାଇଁ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। କଳିଙ୍ଗନଗର ଅଞ୍ଚଳରେ ବସବାସ କରୁଥିବା ଲୋକେ ଧୂଆଁ ଧୂଳିରେ ଅଣନିଃଶ୍ୱାସୀ ହୋଇ ରହିଥିବାବେଳେ ସେମାନଙ୍କ ଅଧିକାର ଦେବା ସହ ଗଣତାନ୍ତ୍ରିକ ପଦ୍ଧତିରେ ଜମି ଅଧିଗ୍ରହଣ କରା ନ ଗଲେ ଆନ୍ଦୋଳନ ଜୋରଦାର ହେବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

# ୪୫ତମ ବିଶ୍ୱଶାନ୍ତି ଗୀତାଯଜ୍ଞ

କବାଟବନ୍ଧ,୫।୩(ସମିସ): ଧର୍ମଶାଳା ବ୍ଲକ୍ ବୃନ୍ଦାଦେଇପୁର ପଞ୍ଚାୟତ ବୃନ୍ଦାଦେଇପୁର ସୋମବାର ହାଟପଡ଼ିଆଠାରେ ୪୫ତମ ବାର୍ଷିକ ବିଶ୍ୱଶାନ୍ତି ଗୀତା ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ବ୍ୟାପି ଅନୁଷ୍ଠିତ ଏହି ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଓଁ ଶ୍ରୀଶ୍ରୀ ଯୁଗ ଆଖଡ଼ା କେ ନାଗା ବାବା, ଶ୍ରୀଶ୍ରୀ ପରମାନନ୍ଦ ବାବା, ଶ୍ରୀଶ୍ରୀ ବିହାରୀଲାଲ୍ ମହାଭାରତୀ ଆବାହକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଗୀତା ଯଜ୍ଞ ଦୀର୍ଘ ୪୫ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ବ୍ରାହ୍ମଣୀ ନଦୀରୁ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ଆସି ଯଜ୍ଞପୀଠରେ ଘଟସ୍ଥାପନା କରିଥିଲେ।



ଶୁକ୍ରବାର ଅଙ୍କୁରାରୋପଣ, କଳସାଧିବାସ ଓ ଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋ ପୂଜା, ଗୀତା ଯଜ୍ଞ, ଚଣ୍ଡୀପାଠ, ଯଜ୍ଞ କର୍ମ ସମ୍ପନ୍ନ ହୋଇଥିଲା। ସେହିପରି ପ୍ରତ୍ୟେକ ଦିନ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ ହେବା ସହିତ ସୋମବାର ପୂର୍ଣ୍ଣାହୁତି ସମାପନ ହୋଇଛି। ପଣ୍ଡିତ ପ୍ରମୋଦ କୁମାର ପଣ୍ଡା, ଉଦୟ କୁମାର ପଣ୍ଡା, ବ୍ରଜମୋହନ ଶତପଥୀ ଓ ସହଯୋଗୀ ପରମେଶ୍ୱର ଶତପଥୀ, ଗୌରାଙ୍ଗ ଶତପଥୀଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦନ କରାଯାଇଛି। ବଟିନ ଖଟୁଆ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞ ଉତ୍ସବରେ ସୁସଜ୍ଜିତ ଆଲୋକମାଳା ଯଜ୍ଞକୁ ଖୁବ୍ ଆକର୍ଷଣୀୟ କରିଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ, ନାମ ସଂକୀର୍ତ୍ତନ ଓ ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ପରେ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ୧୯୨ ବର୍ଷରେ ଶ୍ରୀଶ୍ରୀ ବୁଢ଼ା ଗୋସାଇଁଙ୍କ ମେଳଣ ଉତ୍ସବ

ବ୍ୟାସନଗର,୫।୩(ସମିସ): ଯାଜପୁର ରୋଡ୍ ପୁରୁଣା ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିର ୨୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳୁ କଳସ ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରି ଚୋରଦା ପୋଖରୀରେ ଘଟ ପୂଜାର୍ଚ୍ଚନା କରି ନାମ ସଙ୍କୀର୍ତ୍ତନ କରି ମନ୍ଦିର ନିକଟରେ ପହଞ୍ଚିଥିଲେ। ସୂର୍ଯ୍ୟ ପୂଜା, ଗୋପୂଜା, ପାଶ୍ୱର୍ ଦେବଦେବୀ ପୂଜା ସହ ବାବା ତ୍ରିନାଥଙ୍କ ଅଭିଷେକ କରାଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଯଜ୍ଞକାର୍ଯ୍ୟରେ କର୍ତ୍ତାକର୍ତ୍ତୀ ଭାବେ ଥାନା ଅଧିକାରୀ ଆଶିଷ କୁମାର ସାହୁ ଓ ତାଙ୍କ ପତ୍ନୀ ରୁବୀ ସାହୁ ସଂକଳ୍ପରେ ବସିଥିଲେ। ମୁଖ୍ୟ ପୁରୋହିତ ନାରାୟଣ ପତି, ଶଙ୍କର୍ଷଣ ପଣ୍ଡା, ଲକ୍ଷ୍ମୀଧର ପାଢ଼ୀ ଯଜ୍ଞ ପୂଜାପାଠ କରିଥିଲେ। ସନ୍ଧ୍ୟାରେ ଭୁବନେଶ୍ୱର ଏକ ଭଜନ ସନ୍ଧ୍ୟା ଗ୍ରୁପ ଭଜନ ପରିବେଷଣ କରିଥିଲେ। ସବ୍‌ଇନ୍ସପେକ୍ଟର ମିନି ଭୋଇ, ବିଶ୍ୱନାଥ ବଳ, ଲିଙ୍ଗରାଜ ବେହେରା, ମାନସ ସାହୁ, କେଶବ ସାହୁ, ଏଏସ୍ଆଇ ହରେକୃଷ୍ଣ ସ୍ୱାଇଁ, ଗୃହଲକ୍ଷ୍ମୀ ପଟ୍ଟନାୟକ, ଚିତ୍ତରଞ୍ଜନ ଜେନା, ଜଗନ୍ନାଥ ଜେନା, ହାବିଲଦାର ବିଦ୍ୟାଧର ସେଠୀ, କନେଷ୍ଟବଳ ଦେବେନ୍ଦ୍ର ରାଉତଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରସିଦ୍ଧ ବାଲିସାହି ମେଳଣ ପ୍ରସ୍ତୁତି ବୈଠକ

ଜେନାପୁର,୫।୩(ସମିସ): ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଧୀନ ବାଲିସାହି ଛକ ନିକଟସ୍ଥ ମା’ ବାଘୁଆ ବ୍ରାହ୍ମଣୀ ଦେବୀଙ୍କ ପୀଠ ପରିସରରେ ୫୪ ପ୍ରସିଦ୍ଧ ବାଲିସାହି ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ମେଳଣ କମିଟିର ସଭାପତି ବଟକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ପାଣ୍ଡବ ଚରଣ ବେହେରା, ସୁଶାନ୍ତ କୁମାର ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ଦୁଷ୍ମନ୍ତ କୁମାର ବଳ ଅର୍ଜୁନ ଓଝା କୈଳାସ ଚନ୍ଦ୍ର ରାଉତ ସରପଞ୍ଚ ପ୍ରତିନିଧି ପ୍ରଫୁଲ କୁମାର ସାହୁ, ରଘୁନାଥ ପ୍ରଧାନ, ଯୋଗଦେଇ ଆସନ୍ତା ୧୦ ତାରିଖ ମଙ୍ଗଳ ବାର ପ୍ରସିଦ୍ଧ ଶ୍ରୀଶ୍ରୀ ରାଧାକୃଷ୍ଣଜିଉ ୫୪ ତମ ମେଳଣ ଉତ୍ସବ ମହାସମାରୋହରେ ପାଳିତ ହେବ ଏବଂ ବୈଠକରେ ପୂର୍ବ ବିବରଣୀ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଆୟ ବ୍ୟୟ ସମୀକ୍ଷା କରାଯାଇ ଥିଲା। ଦୁଇ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ରହିଥିବା ସହ ସ୍ଥାନୀୟ ଯୁବକ ମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। କମିଟି ପକ୍ଷରୁ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ବାହିନୀ ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସମସ୍ତ ବ୍ୟବସ୍ଥା କରାଯିବ ପାଇଁ ଆଲୋଚନା କରିଥିଲେ ଓ ଆସନ୍ତା ମିଳନ ଉତ୍ସବ ସୂଚାରୁ ରୂପେ ପରିଚାଳନା ନିମନ୍ତେ ସମସ୍ତ ସଦସ୍ୟ ତଥା ସଂପୃକ୍ତ ଗ୍ରାମବାସୀ ସହଯୋଗ କାମନା କରିଥିଲେ। ଅକ୍ଷୟକୁମାର ପ୍ରଧାନ, ବାଇଧର ସାହୁ, କାଙ୍ଗାଳି ସେଠୀ, ପ୍ରତାପ ପ୍ରଧାନ, ଶତ୍ରୁଘନ ସାହୁ ନାରାୟଣ ସାହୁ, ଶତ୍ରୁଘନ ପୃଷ୍ଟି, ଶୁଭେନ୍ଦୁ ବେହେରା,ବଂଶୀଧର ମହାରଣା, ପ୍ରମୋଦ ଦାସ, ହୃଦାନନ୍ଦ ପରିଡ଼ା, ବସନ୍ତ ସାହୁ, ରବିନ୍ଦ୍ର ସ୍ୱାଇଁ, ପ୍ରତାପ ସାହୁ, ଦୀପକ ରାଉତ, ପ୍ରମୋଦ ଧିର ଚଗଲି ସ୍ୱାଇଁଙ୍କ ସମେତ ମେଳଣ କମିଟିର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଐତିହାସିକ ବରୁଆଁ ମାହାଲ ମେଳଣ ଉଦ୍‌ଯାପିତ

ବରୁଆଁ,୫।୩(ସମିସ): ଯାଜପୁର ବ୍ଲକ୍ ଅନ୍ତର୍ଗତ ବରୁଆଁ ମାହାଲ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୪ଶହ ବର୍ଷରୁ ଉର୍ଦ୍ଧ୍ୱ ଏହି ଐତିହାସିକ ମେଳଣ ଦେଖିବାକୁ ଆଖପାଖ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ମେଳଣର ଥାନପତି ଶ୍ରୀଶ୍ରୀ ରାଧାଗୋପୀନାଥଜିଉ ନିଜର ପାଟ ପଟୁଆର ସହ ମଣ୍ଡପରେ ବିରାଜମାନ କରିବା ପରେ ପଡ଼ିଆରେ ଥିବା ସ୍ଥାୟୀ ମଣ୍ଡପରେ ପୁରୁଷୋତ୍ତମପୁରର ରାଧା ଗୋପାଳଜିଉ ଓ ହସନପୁରର ରାଧା ଗୋପାଳଜିଉ, ସୁଜନପୁର, କାଶୀପୁର, କୁଝାଳା ଓ ରିଷିପୁରର ରାଧା ଗୋପୀନାଥଜିଉ, ସୁଜନପୁର ଓ ମିର୍ଜାପୁରର ରାଧା ବୃନ୍ଦାବନଜିଉ, ହସନପୁରର ରାଧା ରଘୁନାଥଜିଉ ଓ ରାଧା ଗୋପାଳଜିଉ, ନଉପଡ଼ାର ରାଧା ଲକ୍ଷ୍ମୀ ନାରାୟଣଜିଉ, ନରସିଂହପୁରର ରାଧା ଅନନ୍ତଦେବଜିଉ, ହରିପୁର ଜଗନ୍ନାଥ ମଠ ଓ ଦେବିଲର ରାଧା ଗୋବିନ୍ଦ ଚନ୍ଦ୍ରଜିଉ, ବାଲିଆ ଓ କଚେରି ଗାଁର ରାଧା ମୋହନଜିଉ, ରୁଦ୍ରପୁର, କୁଝାଳା ଓ ଦେବିଲର ରାଧାକାନ୍ତଜିଉ, ରୁଦ୍ରପୁର ଓ ସ୍ୱପ୍ନେଶ୍ୱରପୁରର ଆଣ୍ଠୁଆ ଗୋପାଳଜିଉ, ଭଅଁରାର ନନ୍ଦଲାଲଜିଉ, ସ୍ୱପ୍ନେଶ୍ୱରପୁର ରାଧାକୃଷ୍ଣଜିଉ, ରେକାବି ବଜାରର ରାଧା ବଳଦେବଜିଉ, ମିର୍ଜାପୁରର ରାଧା ଶ୍ୟାମସୁନ୍ଦରଜିଉ, ଚିତାହଟାର ଶ୍ୟାମସୁନ୍ଦରଜିଉ, ସିମିଳିଆର ବୃନ୍ଦାବନବାସୀ ଶ୍ୟାମସୁନ୍ଦରଜିଉ, ନଉପଡ଼ାର ଲକ୍ଷ୍ମୀ ନାରାୟଣଜିଉ, ବାଣବାଜା, ସଙ୍କୀର୍ତ୍ତନ ମଣ୍ଡଳୀ ସହ ବିରାଟ ପଟୁଆରରେ ରୋଷଣି କରି ଆସି ବିରାଜମାନ କରିଥିଲେ। କମିଟି ତରଫରୁ ସବୁ ଠାକୁରଙ୍କ ନିକଟରେ ଭୋଗଲାଗି କରାଯିବା ସହିତ ବିଦାକି ପ୍ରଦାନ କରାଯାଇ ଆଗାମୀ ବର୍ଷ ପାଇଁ ମଧ୍ୟ ବରଣୀ କରାଯାଇଥିଲା। ଏହି ମେଳଣ ଦେଖିବାକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ମେଳଣର ଦୁଇଦିନ ପୂର୍ବରୁ ବିଭିନ୍ନ ପ୍ରକାରର ଦୋକାନ ବଜାର ଓ ଦୋଳିଗୁଡ଼ିକ ନିଜର ସ୍ଥାନ ଅଧିକାର କରି ବ୍ୟବସାୟ ଆରମ୍ଭ କରିଥିଲେ। ସଦର ପୁଲିସ ପକ୍ଷରୁ ଥାନା ଅଧିକାରିଣୀ ଚିନ୍ମୟୀ ବେହେରଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। କମିଟିର ସଭାପତି ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ରଙ୍କ ସମେତ ୫୨ ଖଣ୍ଡ ମୌଜାର ଠାକୁରବାଡ଼ିର ପ୍ରତିନିଧି ଓ ପରିଚାଳନା କମିଟିର କର୍ମକର୍ତ୍ତା ବ୍ରଜ କିଶୋର ପାଢ଼ୀ, କୁଞ୍ଜ ବିହାରୀ ରାୟ, ସଚ୍ଚିଦାନନ୍ଦ ବିଶ୍ୱାଳ, ରମେଶ ଚନ୍ଦ୍ର ମିଶ୍ର, ସୂର୍ଯ୍ୟନାରାୟଣ ମିଶ୍ର, ଜିତେନ୍ଦ୍ର ବିଶ୍ୱାଳ, ପରମାନନ୍ଦ ସାହୁ, ଲକ୍ଷ୍ମୀଧର ସାହୁ, ହୃଷୀକେଶ ମାନ୍ଧାତା, ଶ୍ରୀଧର ସାହୁ, ବଳରାମ ପତି, ଗୌରାଙ୍ଗ ନାୟକ, ରଜନୀକାନ୍ତ ବିଶ୍ୱାଳ, ଅଶୋକ କୁମାର ମହାନ୍ତି, ଅଶ୍ୱିନୀ ବିଶ୍ୱାଳ, ବିପିନ୍ ବିହାରୀ ନାୟକ, ଚିତ୍ତରଞ୍ଜନ ପଣ୍ଡା, ସତ୍ୟରଞ୍ଜନ ବାରିକ, କରୁଣାକର ଲେଙ୍କା ପ୍ରମୁଖ ମେଳଣ ପରିଚାଳନା କରିଥିଲେ।



## ଗଞ୍ଜେଇ ବୋଝେଇ ବୋଲେରୋ ଜବତ, ଜଣେ ଗିରଫ



ଖୋର୍ଦ୍ଧା,୫।୩(ସମିସ): ୫୭ନଂ ଜାତୀୟରାଜପଥର ଟିଙ୍ଗିଡିଝରଢାବା ନିକଟରେ ଚଢଉ କରି ଅବକାରୀ ଟିମ୍ ଏକ ବୋଲେରୋରୁ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ଥାନା ପ୍ରେମଝରି ଗ୍ରାମର ଶିବ ଦିଗାଲ (୨୬)। ତାଙ୍କଠାରୁ ଅବକାରୀଟିମ୍ ୧୦୦କେଜି ଗଞ୍ଜେଇ, ଏକ ବୋଲେରୋ ଓ ଦୁଇଟି ମୋବାଇଲ ଫୋନ୍‌କୁ ଜବତ କରିଛି। କନ୍ଧମାଳ ଦିଗରୁ ଗଞ୍ଜେଇ ବୋଝେଇ ହୋଇ ଏକ ବୋଲେରୋ ଆସୁଥିବା ଅବକାରୀ ବିଭାଗ ବିଶେଷସୂତ୍ରରୁ ଖବର ପାଇଥିଲା। ତାଙ୍କୁ ଧରିବା ଲାଗି ଅବକାରୀ ଅଧିକ୍ଷିକା ସ୍ମୃତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଖୋର୍ଦ୍ଧା ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଓ.ଆଇ.ସି. ସୁଜିତ୍ କୁମାର ମୁଦୁଲିଙ୍କ ନେତୃତ୍ୱରେ ଟିଙ୍ଗିଡିଝର ଢାବା ନିକଟ ପେଟ୍ରୋଲପମ୍ପ ସମ୍ମୁଖରେ ଛପି ରହିଥିଲେ। ଗାଡି ଦେଖିବା କ୍ଷଣି ଅଟକାଇ ଯାଞ୍ଚ କରିଥିଲେ। ଗାଡି ସିଟ ତଳ ଏବଂ ଡିକି ଭିତରୁ ୧୦୦ କେଜି ଗଞ୍ଜେଇ ଜବତ କରିଥିଲେ। ବେଆଇନ୍ ଗଞ୍ଜେଇ ଚାଲାଣ ଅଭିଯୋଗରେ ୩୦୪/୨୬ ରେ ଏକ ଅବକାରୀ ମାମଲା ରୁଜୁ କରି ଶିବ କୁ ଗିରଫ ପରେ କୋର୍ଟ କୁ ଚାଲାଣ କରିଛି।

## ହାଇୱା ଚାଳକଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାରେ ଦୁଇ ଗିରଫ

ଜଟଣୀ, ୫।୩ (ସମିସ): ଜଟଣୀ ଥାନା ଅନ୍ତର୍ଗତ ରଥୀପୁର ରେଲୱେ ଲେଭେଲ କ୍ରସିଂ ନିକଟରେ ଛିଡ଼ା ହୋଇଥିବା ଏକ ହାଇୱା ଗାଡ଼ି ଡ୍ରାଇଭରଙ୍କୁ ଖଣ୍ଡାରେ ଆକ୍ରମଣ କରି ଲୁଟ୍ କରିବା ଘଟଣାରେ ପୁଲିସ ଦୁଇ ଜଣ ପେଶାଦାର ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ରଥୀପୁର ହରିଜନ ସାହିର ରବି ନାୟକ ଓରଫ ରବି ଓ ବଡ଼ ମସଜିଦ୍ ଅଞ୍ଚଳର ଏସ କେ ବାସୁଉଦ୍ଦିନ୍ ଓରଫ୍ ବାସା (୪୦)। ସେମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଏକ ଖଣ୍ଡା ଓ ଲୁଟ୍ ମୋବାଇଲ ଫୋନ୍ ପୁଲିସ ଜବତ କରିଛି। ଅନ୍ୟପଟେ ଦୁଇ ଲୁଟେରା ଜଣେ ଜଣେ ପେଶାଦାର ଅପରାଧୀ ହୋଇଥିବା ବେଳେ ସେମାନଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ୨୮ ତାରିଖ ରାତି ପ୍ରାୟ ୧୧ଟା ବେଳେ ଅଭିଯୋଗକାରୀ ଅଞ୍ଜୀବ କୁମାର ବିଶି ହାଇୱା ଗାଡ଼ି ନେଇ ଚଳାଇ ଯାଉଥିଲେ। ଏହି ସମୟରେ ଲେଭେଲ୍ କ୍ରସିଂଠାରେ ଗାଡ଼ି ଛିଡ଼ା ହୋଇଥିବା ବେଳେ ଗିରଫ ଦୁଇ ଅଭିଯୁକ୍ତ ଏକ ବାଇକରେ ଆସି ଗାଡ଼ି ଡ୍ରାଇଭରଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ସେମାନେ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ଚିତ୍କାର କରିବାରୁ ଦୁଇ ଲୁଟେରା ତାଙ୍କ ମୋବାଇଲ ଫୋନ୍ ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରିବା ସହ ଆଜି ରଥୀପୁର ସ୍ଥିତ ଏକ ବେସରକାରୀ କଲେଜ ନିକଟରେ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା ପୁଲିସ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଖଣ୍ଡା, ବାଇକ ସହ ମୋବାଇଲ ଫୋନ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ କେସ ନମ୍ବର ୧୦୫/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ। ଅଭିଯୁକ୍ତ ରବି ନାଁରେ ପୂର୍ବରୁ ୪ଟି ଅପରାଧିକ ମାମଲା ରହିଥିବା ବେଳେ ବାସୁଉଦ୍ଦିନ୍ ନାଁରେ ୮ଟି ଅପରାଧିକ ମାମଲା ରହିଛି ସୂଚନା ମିଳିଛି।

# ହୋଲି ରଙ୍ଗରେ ଭିଜିଲେ ଜିଲ୍ଲାବାସୀ



ଖୋର୍ଦ୍ଧା,୫।୩(ସମିସ): ଗାଁ ଠାରୁ ପୁରପଲ୍ଲୀ ସବୁଠାରେ ବେଶ୍ ଜମିଛି ରଙ୍ଗର ପର୍ବ ହୋଲି। ଧନୀ, ଗରିବ, ଜାତି, ଧର୍ମ ଓ ବର୍ଣ୍ଣକୁ ପଛରେ ପକାଇ ହୋଲି ରଙ୍ଗରେ ସମସ୍ତେ ସମ୍ମିଲ। ହରବାଲ ଗୁଲାଲ ରଙ୍ଗରେ ସମସ୍ତେ ରଞ୍ଜିଲା ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଡ଼ିଜେ ସାଉଣ୍ଡ ର ତାଳେ ତାଳେ ଆବାଳ ବୃଦ୍ଧ, ବନିତା ସମସ୍ତେ ଝୁମିଥିବା ଦେଖାଯାଇଛି। କିଛି ସ୍ଥାନରେ ବହିରାଗତ ରାଇଜି ହୋଲିର ମଜା ଯୁବଗୋଷ୍ଠୀ ଓ ଅନ୍ୟମାନେ ନେଇଥିବାବେଳେ ମହିଳାମାନେ ମଧ୍ୟ ହୋଲିର ମଜା ନେବାକୁ ପଛାଇ ନ ଥିଲେ। ଚୈତ୍ର ବୁଧବାରରେ ହୋଲି ପଡ଼ିଥିବାରୁ ମାଛ ମାଂସ ଦୋକାନରେ ବେଶ ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ଅଧିକାଂଶ ଲୋକ ନିଜ ପରିବାର ମଧ୍ୟରେ ହୋଲି ମନାଇଥିବା ଜଣାପଡ଼ିଛି। ସେହିପରି ଆଉ କିଛି ଯୁବ ଗୋଷ୍ଠି କ୍ଲବ ଏବଂ ଗୋଷ୍ଠିଗୃହରେ ନିଜର ସହପାଠୀ ଓ ସହଯୋଗୀ ସହିତ ହୋଲି ମନାଇଥିବା ବେଳେ ଅଧିକାଂଶ ନିଜ ଗୁରୁଜନଙ୍କୁ ପାଦରେ ଏବଂ ମୁହଁରେ ଫଗୁ ଦେଇ ତାଙ୍କର ଆର୍ଶିବାଦ କାମନା କରିଥିବା ଜଣାଯାଇଛି। କିଛି ସ୍ଥାନରେ ଗାଁ ଗାଁ ଛୋଟ ଛୋଟ ଗଣ୍ଡଗୋଳ କୁ ହୋଇଥିବା ଦେଖିବାକୁ ମିଳିଥିବାବେଳେ ହୋଲି ପର୍ବ ପ୍ରାୟତଃ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବା ଜଣାଯାଇଛି। ବିଭିନ୍ନ ସ୍ଥାନରେ ଦୁର୍ଘଟଣାରେ ୧୧ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ଜିଲ୍ଲାପୁଲିସ ତରଫରୁ ୭ପ୍ଲାଟୁନ ପୁଲିସ ଫୋର୍ସ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ପଇଁତରା ମାରିଥିବାବେଳେ ବାଇକ ପାଟ୍ରୋଲିଂ ପୁଲିସ ପକ୍ଷରୁ କରାଯାଇଥିବା ଦେଖାଯାଇଛି।

## ଶ୍ରୀ ଉମାମହେଶ୍ୱର ଦେବଙ୍କ ଦଧିଯାତ୍ରା ଉତ୍ସବ



ବାଲୁଗାଁ, ୫।୩(ସମିସ): ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବ ଶ୍ରୀ ଉମାମହେଶ୍ୱର ଦେବଙ୍କ ପରମ୍ପାରିକ ଦଧିଯାତ୍ରା ଉତ୍ସବ ବୁଧବାର ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଧବାର ହୋଲି ଉତ୍ସବର ସଂଧ୍ୟାରେ ଦୋଳ ବିମାନରେ ଶ୍ରୀ ଉମାମହେଶ୍ୱର ଦେବ ମନ୍ଦିରୁ ବାହାରି ପରମ୍ପରା ଅନୁଯାୟୀ ପ୍ରଥମେ ଶ୍ରୀ ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ ସହ ସାମିଲ ହୋଇ ପାଟପଟୁଆରରେ ଗ୍ରାମ ପରିକ୍ରମା କରିବା ପରେ ଶ୍ରୀ ଗୋପାଳ ଜୀଉ ଦେବ ଓ ଉମାମହେଶ୍ୱର ଦେବ ପାଟଣା ସାହି ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ଦୋଳ ଠାକୁରଙ୍କୁ ପାଛୋଟି ନେଇ ତିନି ଦୋଳ ଠାକୁର ପାଟ ପଟୁଆର ସହ ପାଟଣା ସାହି ଗ୍ରାମ ପରିକ୍ରମା କରିଥିଲେ। ନିର୍ଦ୍ଧାରିତ ସମୟରେ ଉମାମହେଶ୍ୱର ଦେବଙ୍କୁ ଗୁଣ୍ଡୁରପୁର ଶ୍ରୀ ରଘୁନାଥ ଦେବ ପାଛୋଟି ନେଇ ପାଟ ପଟୁଆର ସହ ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ସାମନ୍ତରାପୁର ଶ୍ରୀ ଦଧିବାମନ ଦେବ ଆସି ଉମାମହେଶ୍ୱର ଦେବଙ୍କୁ ପାଟପଟୁଆର ସହ ପାଛୋଟି ନେଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଗ୍ରାମ ତରଫରୁ ପ୍ରତି ବର୍ଷପରି ପାଟପଟୁଆର ଓ ଆତସବାଜୀ ପ୍ରଦର୍ଶନ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ହୋଇଥିଲା। ସୁସଜ୍ଜିତ ଦୋଳ ବିମାନରେ ଠାକୁର ସମସ୍ତ ଗ୍ରାମ ପରିକ୍ରମା କରିଥିବା ବେଳେ ରାତିତମାମ ଠାକୁର ମାନଙ୍କ ଏହି ଦଧିଯାତ୍ରା ଉତ୍ସବ ଦେଖିବା ପାଇଁ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ପୁଲିସ୍ ଫୋର୍ସ ନିୟୋଜିତ କରାଯାଇଥିଲା। ଗୁରୁବାର ସକାଳୁ ଶ୍ରୀ ଉମାମହେଶ୍ୱର ଦେବ ୪ଖଣ୍ଡ ଗ୍ରାମର ଦୋଳ ଠାକୁରଙ୍କ ସହ ପୃଥକ ଭାବେ ଦ୍ୱାରେ ଦ୍ୱାରେ ଦଧିଯାତ୍ରା ଭୋଗ ତଥା ଚାଚେରୀ ଭୋଗ ଖାଇ ମନ୍ଦିରକୁ ବିଳମ୍ବିତ ରାତ୍ରିରେ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ଗୟାବନ୍ଧ ଦୋଳ ଉତ୍ସବ ଉଦ୍‌ଯାପିତ




ନିରାକାରପୁର,୫।୩ (ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ଗୟାବନ୍ଧ ଦୋଳ ଉତ୍ସବ ତିନି ଦିନ ବ୍ୟାପି ଆୟୋଜିତ ହୋଇଯାଇଛି। ପ୍ରଥମ ଦିନ ଗ୍ରାମ୍ୟ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଘୋଡାନାଚ, ବାଘନାଚ, ପାଇକ ଆଖଡ଼ା, ପରିନୃତ୍ୟ ସହ ଏକ ପ୍ରସନ୍ନ ସମଗ୍ର ଗ୍ରାମ ପରିକ୍ରମା କରିସାରିବା ପରେ ଦୋଳ ପଡ଼ିଆରେ ପହଞ୍ଚିଥିଲେ। ପ୍ରାୟ ୨୦ରୁ ଉର୍ଦ୍ଧ ଠାକୁରଙ୍କର ଚଳନ୍ତି ପ୍ରତିମା ବିମାନରେ ଆସି ଦୋଳ ପଡ଼ିଆରେ ଏକତ୍ରିତ ହେବାପରେ ସଂକୀର୍ତ୍ତନ ସହ ଠାକୁରମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ନୃତ୍ୟ ସଙ୍ଗୀତ ସହିତ ବିଭିନ୍ନ ପ୍ରକାର ପାରମ୍ପରିକ ସମ୍ବଲପୁରୀ ଛୁଟିକି ଛୁଟା ଆଦି ବେଶ ମନମୁଗ୍ଧ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସୁପ୍ରସିଦ୍ଧ ଅପେରା ଯାତ୍ରା ଦରବାର ପକ୍ଷରୁ ନାଟକ, ବଡ଼ ଦଣ୍ଡାବିଆ କାଳିଆ ସାଆନ୍ତ, ମଞ୍ଚସ୍ଥ ହୋଇଥିଲା। ସେହିପରି ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ଚଳଚ୍ଚିତ୍ର ଜଗତର ଖ୍ୟାତନାମା ଅଭିନେତ୍ରୀ, ଅଭିନେତା ମାନେ ବେସ ମନଛୁଆଁ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ଖୋର୍ଦ୍ଧା ପୂର୍ବତନ ବିଧାୟକ ଡ଼ି ଦିଲୀପ୍ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଓଡ଼ିଶା ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗ୍ରାମ୍ୟ ସଂସ୍କୃତି ଉପରେ କର୍ତ୍ତବ୍ୟ ପ୍ରଦାନ କରିଥିଲେ ଏଥିରେ ବାପୁଜୀ କ୍ଲବର ସଭାପତି ଅବଦୁଲ୍ ଇବ୍ରାହିମ୍ ଖାଁ, ବିଶିଷ୍ଟ ସମାଜସେବୀ ଭାଗିରଥି ଭୁଜବଳ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ।

## ଲୁଟ୍ ଯୋଜନା ପଣ୍ଡ; ୬ ଡକାୟତ ଗିରଫ

ଟାଙ୍ଗୀ,୫।୩(ସମିସ): ଟାଙ୍ଗୀ ପୁଲିସକୁ ଏକ ବଡ ସଫଳତା ମିଳିଛି। ୬ଜଣ ସଶସ୍ତ୍ର ଡକାୟତଙ୍କୁ କାବୁ କରିଥିବା ବେଳେ ଅନ୍ଧାର ସୁଯୋଗ ନେଇ ୨ ଜଣ ଡକାୟତ ଫେରାର ହୋଇଯିବାକୁ ସକ୍ଷମ ହୋଇଥିବା ଜଣାପଡିଛି। ଏହି ଡକାୟତ ମାନେ ଚଣ୍ଡେଶ୍ୱର ଠାରୁ ବେଣୀପଥର ଯିବାରାସ୍ତା ପାଶ୍ୱର୍ ପଡିଆରେ ଏକଜୁଟ ହୋଇ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ ସେମାନଙ୍କ ଉପରେ ଅଚାନକ ଚଢଉ କରିଥିଲେ। ୬ଜଣ ଡକାୟତଙ୍କୁ ନିଜ କବ୍ଜାକୁ ଆଣିଥିଲା ବେଳେ ଅନ୍ଧାରର ସୁଯୋଗ ନେଇ ୨ଜଣ ସେଠାରୁ ଫେରାର ହୋଇ ଯାଇଥିଲେ। ଏହି ଡକାୟତଙ୍କ ନିକଟରୁ ଦୁଇଟି ବାଇକ, ଦୁଇଟି ଖଣ୍ଡା, ଗୋଟିଏ ପିସ୍ତଲ ଗୋଟିଏ ହାଣ୍ଡଲ ଟାଇପ କ୍ରାଙ୍କ, ଗୋଟିଏ ପାଇପ ଓ ଗୋଟିଏ ଲୁହା ଛଡ଼ ଜବତ କରାଯାଇଛି। ଗିରଫ ଡକାୟତ ମାନେ ହେଲେ ନାଚୁଣୀ ଥାନା କୁଲେଇ ହାଡଖାଇ ଗ୍ରାମର କାଶୀ ସ୍ୱାଇଁ (୨୮),ଏହି ଥାନା ଅଧିନସ୍ଥ ଘାଷେଡିହ ଗ୍ରାମର ସେକ. ହାସିମ ଓରଫ ରାଜୁ (୨୪), ବାଣପୁର ଥାନା ଅଧିନସ୍ଥ ଗାଲୁଆ ର କୃଷ୍ଣ ସାହୁ (୨୬),କାଲୁ ଓରଫ ଦୀପକ ଦାସ ଗ୍ରାମ ବାଣପୁର ଥାନା ଅଧିନସ୍ଥ ବଡ ହନ୍ତୁଆଡ଼ ,ବାଲୁଗାଁ ଥାନା ଅଧିନସ୍ଥ କେ. କେ. ନୂଆଗାଁର ଆଶିଷ ରଞ୍ଜନ ଜେନା ଓରଫ ଖଣ୍ଡି ପପୁ (୩୦), ସେହି ବାଲୁଗାଁ ଥାନା ଅଧିନସ୍ଥ ଚିଲିକା ରୋଡର ଜିତେନ୍ଦ୍ର ପ୍ରଧାନ (୨୮)ସେମାନଙ୍କ ନାମରେ ଟାଙ୍ଗୀ ଥାନାରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଟାଙ୍ଗୀ ଗ୍ରାମ ନ୍ୟାୟାଳୟ ର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ନିକଟରେ ହାଜର କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ







ଖୋର୍ଦ୍ଧା, ୫।୩ (ସମିସ):

ଆଧୁନିକ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନକୁ ସାରା ରାଜ୍ୟ ଆଜି ମନେ ପକାଉଛି। ଏହି ଅବସରରେ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଆଜି ୧୧୦ ତମ ଜନ୍ମ ଜୟନ୍ତୀ ଆଜି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ପକ୍ଷରୁ ପାଳିତ ହୋଇଛି। ପୂର୍ବାହ୍ନରେ ବିଜେଡି କର୍ମୀ ଓ ନେତା ଶୋଭାଯାତ୍ରା ରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ବିଜୁ ପଟ୍ଟନାୟକ ଉଦ୍ୟାନ ପରିସରରେ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, କାଉନସିଲର ଅମୀୟ ମହାନ୍ତି, ନାଗ ଜେନା, ସମେତ ଅନେକ ବିଜେଡି କର୍ମୀ ସାମିଲ ହୋଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।

**ବେଗୁନିଆ :** ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଝଡ଼ର ଇଗଲ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥିରେ ବିଜେଡ଼ି ଦଳର ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ବେଗୁନିଆ ଓ ବୋଲଗଡ ବ୍ଲକ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ/ ଜିଲ୍ଲା ପରିଷଦ ସଭ୍ୟ,ବ୍ଲକ ସଭାପତିଙ୍କ ସମେତ ଦଳୀୟ କର୍ମି ମାନେ ଉପସ୍ଥିତ ରହି ବିଜୁ ପଟ୍ଟନାୟକ ଅମର ରହେ ନାରା ଦେଇଥିଲେ। ଏପରିକି ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରାଯିବା ସହ ବିଭିନ୍ନ କୌଶଳ ଆପଣେଇ ଲୋକଙ୍କ ସରକାରରେ ଅପାରଗତାକୁ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଶପଥ ପାଠ କରିଥିଲେ।

**ଟାଙ୍ଗୀ :** ଆଜି ଓଡ଼ିଶାର ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ବାର୍ଷିକୀ ଅବସରରେ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ପରିସରରେ ଅନ୍ତେବାସିନୀ ରୋଗୀ ମାନଙ୍କୁ ବିଜୁ ଜନତାଦଳର ଯୁବସଂଗଠକ ତ୍ରିନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଚାନ୍ଦପୁର ପୂର୍ବତନ ସରପଞ୍ଚ ଅଶୋକ କୁମାର ସାହୁ, ପଞ୍ଚାୟତ ସଭାପତି ବିଶ୍ୱନାଥ ସାହୁ, ନାଇବ ସରପଞ୍ଚ ବିଜୟ କୁମାର ନାୟକ,ନିରଞ୍ଜନ ସେନାପତି କନ୍ଧନୟାଗଡ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ଦଶଦୋଳ କମିଟି ସମ୍ପାଦକ ମନୋଜ ଦାସ ପୂର୍ବତନ ସରପଞ୍ଚ ଅରୁଣ ସୁବୁଦ୍ଧି ଉପେନ୍ଦ୍ର ଖମାରୀ ଙ୍କ ସମେତ ଅନେକ ଯୁବ ବନ୍ଧୁ ଶିଶୁ ଓ ମହିଳା ବିଭାଗ ଭେଷଜ ବିଭାଗ, ଯକ୍ଷ୍ମା ୱାର୍ଡର ୬୩ ଜଣ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ପ୍ରାରମ୍ଭରେ ମେଡିକାଲର ପ୍ରତିଷ୍ଠାତା ସ୍ୱର୍ଗତ ବସନ୍ତ ମଞ୍ଜରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦାୟିତ୍ୱରେ ଥିବା ଡାକ୍ତର ଶିଶୁ ବିଶେଷଜ୍ଞ ପ୍ରତାପ କୁମାର ଚିନାରା ଙ୍କ ସହଯୋଗରେ ଫଳବଣ୍ଟନକରି ଶ୍ରୀ ବିଶ୍ୱାଳ ରୋଗୀମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ।

## ବ୍ରାଉନସୁଗର ଜବତ, ଜଣେ ଗିରଫ

ଖୋର୍ଦ୍ଧା, ୫।୩ (ସମିସ): ସ୍ଥାନୀୟ ଭାଲିଆବାଡିସ୍ଥିତ ବିଡିଏ ପଡିଆରୁ ଆଦର୍ଶ ଥାନା ପୁଲିସ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ପୁରୁସାହି ଚାନ୍ଦପୁର ର ପ୍ରଦୀପ୍ତ କୁମାର ରଥ ଓରଫ୍ ଚିନୁ (୩୪)। ତା ଠାରୁ ୧୦ ଗ୍ରାମ ବ୍ରାଉନସୁଗର, ଏକ କାର ଏବଂ ଏକ ଫୋନ୍ କୁ ପୁଲିସ ଜବତ କରିଛି। ଜବତ ବ୍ରାଉନସୁରର ମୂଲ୍ୟ ୧ଲକ୍ଷ ହେବ ବୋଲି ପୁଲିସ ଆକଳନ କରିଛି। ବିଡିଏ ପଡିଆରେ ବ୍ରାଉନସୁଗର କାରବାର ହେଉଥିବା ଖବର ପାଇ ପୁଲିସ ଚଢଉ କରିଥିଲା।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଜଟଣୀ,୫।୩ (ସମିସ):** ହୋଲି ଖେଳି ଗାଧୋଇବାକୁ ଯାଇଥିବା ଯୁବକ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ଜଟଣୀ ଥାନା ଅନ୍ତର୍ଗତ ବାଛରାପାଟଣା ଅଞ୍ଚଳରେ ରହୁଥିବା ଚିନା ରାଓ (୩୫) ବୁଧବାର ହୋଲି ଅବସରରେ ସାଙ୍ଗ ମାନଙ୍କ ସହିତ ହୋଲି ଖେଳିଥିଲେ। ଅପରାହ୍ନ ୩ଟା ସମୟରେ ନିକଟସ୍ଥ ଖଳି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। କିଛି ଯୁବକ ପୋଖରୀକୁ ଯାଇଥିବା ବେଳେ ଚିନ୍ନା ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଯୁବକମାନେ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏହା ପୋଲିସ କେଶ ବୋଲି ଡାକ୍ତର କହିବାରୁ ଯୁବକମାନେ ମୃତ ଦେହକୁ ଜୋରଜବରଦସ୍ତ ଘରକୁ ନେଇ ଯିବାଲାଗି ଚେଷ୍ଟା କରିଥିଲେ। ସେଠାରେ କିଛି ସମୟପାଇଁ ମେଡିକାଲ ଷ୍ଟାଫ ଏବଂ ଉକ୍ତ ଯୁବକମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଖବର ପାଇ ଜଟଣୀ ପୁଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଠିକାଦାର ସଂଘର ବିକ୍ଷୋଭ

ଖୋର୍ଦ୍ଧା,୫।୩(ସମିସ): ଦୀର୍ଘ ୧୫ଦିନ ଧରି ଭୁବନେଶ୍ୱର ଗାନ୍ଧୀମାର୍ଗରେ ରାଜ୍ୟ ଠିକାଦାର ସଂଘ ଅନଶନରେ ବସିଛନ୍ତି। ଯାହା ଫଳରେ ରାଜ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ରାସ୍ତାଘାଟଠାରୁ ଆରମ୍ଭ କରି ଡ୍ରେନ୍ ଓ ବିଲଡିଂ କାମ ଏକ ପ୍ରକାର ବନ୍ଦ ହୋଇଯାଇଛି। ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଥିବା ବେଳେ ରାଜ୍ୟ ଠିକାଦାର ସଂଘର ନିଷ୍ପତି କ୍ରମେ ଆଜି ସମସ୍ତ ଜିଲ୍ଲାର ମୁଖ୍ୟ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ଖୋର୍ଦ୍ଧା ଠିକାଦାର ସଂଘ ପକ୍ଷରୁ ଜିଲ୍ଲାର ଶତାଧିକ ଠିକାଦାର ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। ବିଶେଷକରି ସଂଘ ପକ୍ଷରୁ ନେଗେଟିଭ ବିଡ୍ ସର୍କୁଲାରକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ସାହୁ, ପ୍ରଦୀପ ମିଶ୍ର, ପ୍ରକାଶ ରଣସିଂହ, ରବିନ୍ଦ୍ର ରାଉତରାୟ, କରୁଣାକର ରାଉତଙ୍କ ଉପସ୍ଥିତିରେ ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ବେଉରାଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଠିକାଦାର ବିଜୟ ବିଶ୍ୱାଳ, ରଶ୍ମିରଞ୍ଜନ ବଳିୟାରସିଂ, ରାଜେଶ କୁମାର ପ୍ରଧାନ ଶୁଭକାନ୍ତ ମହାପାତ୍ର, ରେହେମାନ ଖାଁ, ପୁଜେଶ ପ୍ରଧାନ,ଦୀପକ କୁମାର ମହାନ୍ତିଙ୍କ ସମେତ ଶତାଧିକ ଠିକାଦାର ଉପସ୍ଥିତ ଥିଲେ।



# ଚିଲିକା ସାହିତ୍ୟ ସମାଜର ବାର୍ଷିକୋତ୍ସବ 'ଚଇତାଳି'



ବାଲୁଗାଁ,୫।୩(ସମିସ) : ବାଣପୁର ବାଲୁଗାଁ ତଥା ଚିଲିକା ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଚିଲିକା ସାହିତ୍ୟ ସମାଜର ବାର୍ଷିକୋତ୍ସବ "ଚଇତାଳି' ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସମ୍ମିଳନୀର ପ୍ରଥମାର୍ଦ୍ଧରେ ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁଙ୍କ ସଭାପତିତ୍?ରେ ଆୟୋଜିତ କବିତା ପାଠୋତ୍ସବ ସପ୍ତଫେଣୀ ପତ୍ରିକାର ସଂପାଦକ କବି ଗୋପୀନାଥ ଦାଶଙ୍କ ସଂଯୋଜନା ରେ ତଥା ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସହଯୋଗରେ ଚିଲିକା ଓ ଗଞ୍ଜାମ ଅଞ୍ଚଳର ବହୁ ସଂଖ୍ୟକ କବି କବୟିତ୍ରୀ ସାମିଲ ହୋଇ ସ୍ୱରଚିତ କବିତା ଆବୃତି କରିଥିଲେ। ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସଙ୍କ ପୌରହିତ୍ୟ ରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁର୍ବତନ ସାଂସଦ ତଥା ବିଶିଷ୍ଟ କବି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ମୁଖ୍ୟ ବକ୍ତା ଭାବରେ ପୁର୍ବତନ ମନ୍ତ୍ରୀ ତଥା ସୁସାହିତ୍ୟିକ ଡ଼ା. ଦେବେନ୍ଦ୍ରନାଥ ମାନସିଂ, ସମ୍ମାନିତ ବକ୍ତା ଭାବରେ ବିଶ୍ୱମୁକ୍ତିର ସଂପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ଓ ସମ୍ମାନୀତ ଅତିଥି ଭାବରେ ବିଶିଷ୍ଟ ବ୍ୟଙ୍ଗ କବି ଡ. ରମାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ବାଣପୁରର ଅବଦାନ ସମ୍ପର୍କରେ ଅଭାଷଣ ରଖିବା ସହ ଚିଲିକା ସାହିତ୍ୟ ସମାଜର ଏହି ଉତ୍ସବ 'ଚଇତାଳି" କାର୍ଯ୍ୟକ୍ରମକୁ ଅତିଥି ଗଣ ଭୁରି ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଆକାଶବାଣୀ କଟକ କେନ୍ଦ୍ରର ଗୀତିକାର କବି ଡ଼ା. ବାସୁଦେବ ପ୍ରଧାନଙ୍କୁ ଚିଲିକା ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାହିତ୍ୟ ସମାଜର ମୁଖପତ୍ର କଲ୍ଲୋଳ ଏବଂ ବିଶ୍ୱମୁକ୍ତି ସାହିତ୍ୟ ପତ୍ରିକାର ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀଙ୍କ ସ୍ମାରକୀ ସ୍ୱତନ୍ତ୍ର ସଂଖ୍ୟା ସହିତ ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ରଥଙ୍କ ରଚିତ ଆଧ୍ୟାତ୍ମିକ ସାହିତ୍ୟ ଗାୟତ୍ରୀ ଉପାସନାର ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ଡ. କୈଳାସ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସାହିତ୍ୟ ସମାଜର ସଂପାଦକ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଦିଗମ୍ବର ବିଶ୍ୱାଳ, ଶିଶିର କୁମାର ଦାସ, ପ୍ରିୟଦର୍ଶନୀ ମହାରଣା, ଝରଣାରାଣୀ ରଥ, ରୋଜି ମିଶ୍ର, ସୁଶାନ୍ତ କୁମାର ଦାଶ, ଆନନ୍ଦଚନ୍ଦ୍ର ସେନାପତି, ପ୍ରହଲ୍ଲାଦ ବେହେରା, ବିଚିତ୍ରାନନ୍ଦ ବେହେରା, ପ୍ରତିଭା ଜାଲି, ବିଷ୍ଣୁପ୍ରିୟା ବାରିକ୍, ଚିରଞ୍ଜି ପରିଡ଼ା, ଦେବରାଜ ସାହୁ, ଲଳିତେନ୍ଦୁଣଭୋଳ, ଦିଲ୍ଲୀପ କୁମାର ହୋତା, ଶେଷଦେବ ମହାରଣା, ଭିକାରୀଚରଣ ପ୍ରଧାନ ଓ ଶଶିଭୂଷଣ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ସାହିତ୍ୟ ସମାଜର ସହ ସଂପାଦକ ରମେଶଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ ଧକ୍କାରେ ଜଣେ ମୃତ

ନିରାକାରପୁର,୫।୩ (ସମିସ): ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ଖଜୁରୀପଡା ଗ୍ରାମର ଦିବାକର ପାହାଡ଼ସିଂହ ଓରଫ ସୁକୁଟା(୪୧) ବୋଲି ନିରାକାରପୁର ରେଳବାଇ ଫାଣ୍ଡି ପୁଲିସ ଚିହ୍ନଟ କରିଛି। ସେ ସ୍ଥାନୀୟଷ୍ଟେସନ ଦକ୍ଷିଣ ପାଶ୍ୱର୍ରେ ଥିବା କାଶୀପୁର କାଟେଣୀଠାରେ ରେଳ ଧାରଣା ଉପରେ ପଡିଥିବା ଖବର ପାଇ ସ୍ଥାନୀୟ ରେଳବାଇ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲ କୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସତ୍କାର କରାଯାଇଛି।

## ୯ରେ ଐତିହାସିକ ପଞ୍ଚୁଦୋଳ ଉତ୍ସବ

ବେଗୁନିଆ,୫।୩(ସମିସ):

ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର୍ ଗ୍ରାମ ସ୍ଥିତ ୧୭୩ ତମ ପଞ୍ଚୁଦୋଳ ପର୍ବ ପାଳନ ଅବସରରେ ବାବା ପଞ୍ଚୁଦୋଳ କମିଟିର ସଦସ୍ୟଙ୍କ ସହଯୋଗରେ ଐତିହାସିକ ପଞ୍ଚୁଦୋଳ ଉତ୍ସବ(ଏକତା) ଅନୁଷ୍ଠିତ ହେବ। ଏହା ଦୁଇ ଦିନ ଧରି ଚଳିତ ମାସ ୯ ଓ ୧୦ ରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ସିନେ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ବଳଭଦ୍ର ପ୍ରଧାନ, ସମ୍ପାଦକ ଅଶୋକ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ଡ଼ଃ ସନ୍ଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

୫/୩/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୬୧,୬୮୮/- ସୁନା:୦୦.୦୩୦ ଗ୍ରାମ୍ ରୁପା: ୦୫.୫୦୦ ଗ୍ରାମ୍



# ଗାଁର ବିକାଶକୁ ଅଗ୍ରାଧିକାର ଦେଉଥିଲେ ବିଜୁବାବୁ



## ମିଛ ପ୍ରତିଶ୍ରୁତି ଓ ଚାଷୀଙ୍କୁ ଧୋକା ଡବଲ ଇଞ୍ଜିନ ସରକାରର ଅଭ୍ୟାସ

**ପୁରୀ,୫।୩(ସମିସ):** ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକ୍ ପ୍ରତାପ ରାମଚନ୍ଦ୍ରପୁର ପଞ୍ଚାୟତ ମାଳସାହି ମେଳଣ ପଡ଼ିଆରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ପ୍ରବାଦ ପୁରୁଷଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗୌଡ଼ିକେରା ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ବିଜୁ ପ୍ରେମୀ ଉପସ୍ଥିତ ଥିଲେ। ବ୍ରହ୍ମଗିରି ବ୍ଲକ୍ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ କହିଥିଲେ ଯେ, ମିଛ ପ୍ରତିଶ୍ରୁତି ଓ ଚାଷୀଙ୍କୁ ଧୋକା ଦେବା ଡବଲ ଇଞ୍ଜିନ ସରକାରର ଅଭ୍ୟାସ। ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା କହିଥିଲେ, ବିଜୁବାବୁ ଲୋକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ଆଙ୍କିଥିଲେ ବିକାଶର ବିସ୍ତୃତ ନକ୍ସା। ତାଙ୍କର ପ୍ରତିଟି କାମ ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ ପାଇଁ ଉଦ୍ଦିଷ୍ଟ ଥିଲା। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରର ଅଗ୍ରଣୀ ହୋଇଛି। ସେହି ବିକାଶ ପୁରୁଷଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ସ୍ମରଣ କରି ଶ୍ରୀ ଦାସବର୍ମା ବ୍ରହ୍ମଗିରିର ଜନପ୍ରତିନିଧିଙ୍କୁ ତାଙ୍କ ବିଚାରଧାରାରେ ଆଗକୁ ବଢ଼ିବା ପାଇଁ ଦିଗ୍‌ଦର୍ଶନ ଦେଇଛନ୍ତି। ଗାଁର ବିକାଶକୁ ବିଜୁବାବୁ ସବୁବେଳେ ଅଗ୍ରାଧିକାର ଦେଉଥିଲେ। ଗାଁର ବିକାଶରେ ରାଜ୍ୟର ବିକାଶ। ଏକଥାକୁ ବୁଝିଥିଲେ ବିଜୁବାବୁ। ଯେପର୍ଯ୍ୟନ୍ତ ପଞ୍ଚାୟତଗୁଡ଼ିକୁ ଆର୍ଥିକ କ୍ଷମତା ପ୍ରଦାନ କରା ନ ଯିବ ସେ ପର୍ଯ୍ୟନ୍ତ ପଞ୍ଚାୟତିରାଜ ବ୍ୟବସ୍ଥାର ଲକ୍ଷ୍ୟ ପୂରଣ ହୋଇପାରିବନି। ଏହି ବ୍ୟବସ୍ଥାରେ ମହିଳାଙ୍କ ଯୋଗଦାନକୁ ଗୁରୁତ୍ୱ ଦେଉଥିଲେ। ଗୋଟେ ଜାତିର ଭବିଷ୍ୟତ ସମ୍ପର୍କରେ ସେ ସ୍ୱପ୍ନ ଦେଖୁଥିଲେ। ପ୍ରବାଦ ପୁରୁଷଙ୍କ ସୁଯୋଗ୍ୟ ସନ୍ତାନ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ସାଢ଼େ ୪କୋଟି ଲୋକ ପାଞ୍ଚ ପଞ୍ଚଥର ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି। ଡବଲ ଇଞ୍ଜିନ ବିଜେପି ସରକାର ଶାସନ କ୍ଷମତାକୁ ଆସିବା ପରେ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ପାଳନ କରିବାରେ ବନ୍ଦ କରିଦେଇଛି। ଏ ସରକାର ଚାଷୀମାନଙ୍କ ଧାନ ମଣ୍ଡିରୁ ଉଠେଇ ପାରୁନାହାଁନ୍ତି, ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ଼ କରିବେ ବୋଲି କହିଥିଲେ, ଚାଷୀଙ୍କୁ ଇନ୍ ପୁଟ ସବ୍‌ସିଡି ଦେବୁ, ବାର୍ଦ୍ଧକ୍ୟ ଭତ୍ତା ୩ ହଜାର କରିଦେବେ ବୋଲି ସ୍ୱପ୍ନ ଦେଖାଇଥିଲେ। ତାହା ପୂରଣ କରିଲେ ନାହିଁ। ଗଲା ରବି ଋତୁରେ ୩୮ ପ୍ରତିଶତ ଚାଷୀ ଭ୍ୟାଲିଡ୍ ଟୋକନ ପାଇ ଧାନ ବିକ୍ରି କରିପାରିଲେ ନାହିଁ। ଆଜି ଏହି ମହାନ ଦିନରେ ଆମେ ସମସ୍ତେ ଶପଥ ନେବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିଚାରଧାରାକୁ ଆଗେଇନେବା ବୋଲି ଶ୍ରୀ ଦାସବର୍ମା କହିଥିଲେ। ଶେଷରେ ପୁରୀ ବ୍ଲକ୍ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଏହି ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ୍ ଉପାଧ୍ୟକ୍ଷ ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ଲକ୍ଷ୍ମୀଧର ସାହୁ, ମୋନାଲି ମିଶ୍ର, କୃଷ୍ଣପ୍ରସାଦ ବ୍ଲକ୍ ବିଜେଡି ସଭାପତି ପଦ୍ମ ଚରଣ ଜେନା, ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ଭାଇଲପୁର ସମିତିସଭ୍ୟ କାର୍ତ୍ତବିର୍ଯ୍ୟ ସ୍ୱାଇଁ, ହନ୍ତୁକ ସରପଞ୍ଚ କନକଲତା ପତି, ଦେବପ୍ରିୟ ଦାସ, ସମିତିସଭ୍ୟ ମିତା ମାର୍ଥା, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଷଡ଼ଙ୍ଗୀ, ବାଳକୃଷ୍ଣ ପେଣ୍ଡୋଇ, ଯୁଧିଷ୍ଠିର ନାୟକ, ସରପଞ୍ଚ ଅମୂଲ୍ୟ ଜେନା, ରାକେଶ ଭଟ୍ଟ, ଜିତେନ୍ଦ୍ର ବେହେରା, ସୁବାସ ନାୟକ, ଗୋଲାପ ସ୍ୱାଇଁ, ଯୁବ ନେତା ଫାଲ୍‌ଗୁନି ଜାଲି, ବିଜୟ ଦଳେଇଙ୍କ ସମେତ ଦଳର ବରିଷ୍ଠ ନେତା, ମହିଳା, ଯୁବ ଓ ଛାତ୍ର ଉପସ୍ଥିତ ଥିଲେ।

## ଜୟନ୍ତୀରେ ପ୍ରବାଦପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି



**ବ୍ରହ୍ମଗିରି,୫।୩(ସମିସ):** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବ୍ରହ୍ମଗିରି ବ୍ଲକ୍ ବିଜେଡି ପକ୍ଷରୁ ମୋଟୋସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ବ୍ଲକ୍ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷ ମାଳିନୀ ଦଳାଇ, ସରପଞ୍ଚ ଅମୂଲ୍ୟ କୁମାର ଜେନା, ସମିତିସଭ୍ୟ ରାକେଶ ଭଟ୍ଟ ଏବଂ ବରିଷ୍ଠ ନେତା ପଞ୍ଚାନନ ପୂଜାରୀ। ସେହିପରି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ୍ ସାତ ପଞ୍ଚାୟତ ବିଜେଡି ପକ୍ଷରୁ ସାତପଡ଼ାସ୍ଥିତ ଚିଲିକା ଉନ୍ନୟନର ପ୍ରତିଷ୍ଠାତା ତଥା ପ୍ରଥମ ଅଧ୍ୟକ୍ଷ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଜିଲ୍ଲା ପରିଷଦ ସଦସ୍ୟ ସନ୍ଦିପ କୁମାର ଜେନା, ସାତପଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ତ୍ରିନାଥ ସାମନ୍ତରାୟ, ଯୁବ ନେତା ଫାଲ୍‌ଗୁନି ଜାଲି, ନରେଶ ମାନସିଂହ, ବାବୁଲି ଜେନା ଏବଂ ସୁବଳ ସାହୁ।

ପ୍ରବାଦପୁରୁଷଙ୍କ ଜୟନ୍ତୀ ପାଳିତ

## ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ

**ପୁରୀ,୫।୩(ସମିସ):** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ପୁରୀ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ସକାଳେ ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲାର ବରିଷ୍ଠ ନେତା ଓ କର୍ମୀ ଏଥିରେ ସାମିଲ୍ ହୋଇ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସନ୍ଧ୍ୟାରେ ସଂସ୍କୃତି ଭବନରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଏଥିରେ 'ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ' ଶୀର୍ଷକ ଆଲୋଚନାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଯୋଗଦେଇ କହିଥିଲେ ଯେ, ସମୃଦ୍ଧ ଓଡ଼ିଶା ଗଠନ କରିବାରେ ବିଜୁବାବୁଙ୍କ ଅବଦାନକୁ ଏ ଜାତି ସବୁଦିନ ପାଇଁ ମନେ ରଖିବ। ବିଜୁ ପଟ୍ଟନାୟକ ହେଉଛନ୍ତି ଜଣେ ରାଷ୍ଟ୍ର ନେତା। ତାଙ୍କର ମହାନ କାର୍ଯ୍ୟ ପାଇଁ ସେ ବିଦେଶରେ ବି ଆଦରଣୀୟ। ଯେଉଁଥିପାଇଁ ବିଜୁ ପଟ୍ଟନାୟକଙ୍କ ମରଶରୀର ଉପରେ ୩ଟି ଦେଶର ପତାକା ପଡ଼ିଥିଲା। ଏଭଳି ଜଣେ ଜନପ୍ରିୟ ନେତାଙ୍କ ନୀତି, ଆଦର୍ଶକୁ ଆମେ ସମସ୍ତେ ଅନୁପ୍ରାଣିତ କରିବା ଦରକାର। ଗାଁର ବିକାଶକୁ ବିଜୁବାବୁ ସବୁବେଳେ ଅଗ୍ରାଧିକାର ଦେଉଥିଲେ। ଗାଁର ବିକାଶ ହେଲେ ସମୃଦ୍ଧ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ସେ ବୁଝିପାରିଥିଲେ। ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷଣ ବିଜୁବାବୁଙ୍କର ଏକ ଐତିହାସିକ ନିଷ୍ପତ୍ତି ବୋଲି ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ।



ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ସେବାୟତ ହରି ନାରାୟଣ ଖୁଣ୍ଟିଆ, ରବି ସାମନ୍ତରାୟ, ନାରାୟଣ ଖୁଣ୍ଟିଆ, କ୍ରୀଡ଼ା ସଂଗଠକ ରବିଶଙ୍କର ପ୍ରତିହାରୀ, ବିଜୟ କୁମାର ମିଶ୍ର, ଯୁବ ନେତା ଭଗବାନ ପଡ଼ିଆରୀ, ସରପଞ୍ଚ ଧରିତ୍ରୀ ଜେନା, ଅଭୟ ପ୍ରଧାନ, ନୀଳକଣ୍ଠ ପ୍ରଧାନ, ପ୍ରଭା ସମର୍ଥା, ପ୍ରଭାତ ପୃଷ୍ଟି, ବରିଷ୍ଠ ନେତା ବାବାଜୀ ଫାରକ୍, ଉଲ୍ଲାସ ଜେନା, ବିଶ୍ୱକେତନ ଦାସ, ମହିଳା ସଭାନେତ୍ରୀ ସନ୍ଧ୍ୟାରାଣୀ ଭଟ୍ଟ, ବିନୋଦିନୀ ସାହୁ, ଅରୁଣିମା ନନ୍ଦ, ଛାତ୍ର ନେତା ରାଜେଶ ତ୍ରିପାଠୀ, ଜିଲ୍ଲା ଆଇଟି ସଂଯୋଜକ ମୁରାରୀ ଶ୍ରୀପତି ନାୟକ, ରୋଜାଲିନ ନାୟକ ପ୍ରମୁଖ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ସୌମ୍ୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

● ମଦ୍ୟପାନ କରି ଗାଡ଼ି ଚାଳନା

## ମାସକରେ ୧୫୩ ଚାଳକଙ୍କ ବିରୋଧରେ ମାମଲା

**ପୁରୀ,୫।୩(ସମିସ):** ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ମଦ୍ୟପାନ କରି ଗାଡ଼ି ଚାଳନା ଉପରେ ନିୟନ୍ତ୍ରଣ ଆଣିବା ଲାଗି ପୁରୀ ପୁଲିସ ଫେବୃଆରୀ ମାସରେ ଜିଲ୍ଲାରେ ବିଶେଷ ଅଭିଯାନ ଚଳାଇଥିଲା। ଏହି ସମୟରେ ବିଭିନ୍ନ ଥାନା ଅଞ୍ଚଳରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯାଇଥିଲା। ଜିଲ୍ଲାର ୪ଟି ସବ୍‌ଡିଭିଜନ ଅଞ୍ଚଳରେ ମୋଟ୍ ୧୫୩ଟି ମଦ୍ୟପାନ କରି ଗାଡ଼ି ଚାଳନା ମାମଲା ଚିହ୍ନଟ କରାଯାଇଥିଲା। ସିଟି ସବ୍‌ଡିଭିଜନରେ ୮୬ ମାମଲା, ସଦର ସବ୍‌ଡିଭିଜନ ୩୪ ମାମଲା, ନିମାପଡ଼ା ସବ୍ ଡିଭିଜନ ୧୯ ମାମଲା ଏବଂ ପିପିଲି ସବ୍‌ଡିଭିଜନରେ ୧୪ ମାମଲା ରୁଜୁ କରାଯାଇଛି। ତେବେ ମଦ୍ୟପାନ କରି ଗାଡ଼ି ଚଳାଇବା ଦ୍ୱାରା ଗୁରୁତର ସଡ଼କ ଦୁର୍ଘଟଣା ଘଟିପାରେ, ଯାହା ନିଜ ଓ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଇଥାଏ। ସଡ଼କ ସୁରକ୍ଷା ନିୟମକୁ ସମ୍ମାନ ଦିଅନ୍ତୁ। ଆଗାମୀ ଦିନରେ ଏହିପରି ଅଭିଯାନକୁ ଆହୁରି ଜୋର୍‌ଦାର କରାଯିବ। ମଦ୍ୟପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ପୁରୀରେ ହୋଲି ଖେଳିଲେ ଜାପାନୀ ପର୍ଯ୍ୟଟକ

**ପୁରୀ,୫।୩(ସମିସ):** ରଙ୍ଗର ପର୍ବ ହୋଲି। ଓଡ଼ିଶାର ପୁରପଲ୍ଲୀରେ ଏହି ଭାଇଚାରା ପର୍ବ ବେଶ୍ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ପରସ୍ପରକୁ ରଙ୍ଗ ପର୍ବର ଶୁଭେଚ୍ଛା ଜଣାଇବା ସହ ଖେଳିଛନ୍ତି ହୋଲି। କେବଳ ଓଡ଼ିଆ ନୁହନ୍ତି ବିଦେଶୀ ପର୍ଯ୍ୟଟକ ବି



ଏଥିରେ ସାମିଲ୍ ହୋଇଛନ୍ତି। ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ପକ୍ଷରୁ ଚକ୍ରତୀର୍ଥ ରୋଡସ୍ଥିତ ସେଣ୍ଟର ପରିସରରେ ଜାପାନରୁ ଆସିଥିବା ନାଗରିକମାନେ ଏହି ପର୍ବରେ ସାମିଲ ହୋଇଥିଲେ। ପରସ୍ପର ଦେହରେ ରଙ୍ଗ, ଅବିର ଲଗାଇବା ସହ ଆଲିଙ୍ଗନ କରି ହୋଲି ପର୍ବର ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ରାସ୍ତାରେ ଯାଉଥିବା ଲୋକଙ୍କ ଦେହରେ ରଙ୍ଗ ବୋଳି ବେଶ୍ ଖୁସି ହୋଇଥିଲେ। ଏହି ହୋଲି ସେମାନଙ୍କ ପାଇଁ ଅଭୁଲା ହୋଇ ରହିବ ବୋଲି ଜାପାନ ପର୍ଯ୍ୟଟକ ନାଚୋସ ମିୟାହାରା କହିଛନ୍ତି। ଏ ସମ୍ପର୍କରେ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ହୋଲି ଓଡ଼ିଆଙ୍କ ଭାଇଚାରାର ପର୍ବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏଥିରେ ଏକତ୍ରିତ ହୋଇଥାନ୍ତି। ହୋଲିପର୍ବ ଏବଂ ଉତ୍କଳୀୟ ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଜାପାନୀ ଭାଷାରେ ସେମାନଙ୍କୁ ଅବଗତ କରାଇବା ପରେ ସେମାନେ ବେଶ୍ ଖୁସି ହୋଇ ସାତ ରଙ୍ଗର ମଜା ନେବା ସହ ଭରପୂର ଆନନ୍ଦ ଉପଭୋଗ କରିଥିଲେ। ବୁଧବା ସକାଳେ ପ୍ରଥମେ ସେଣ୍ଟର ପରିସରରୁ ବାହାରି ରାସ୍ତାରେ ସମସ୍ତଙ୍କ ସହିତ ରଙ୍ଗ ଖେଳି ଚକ୍ରତୀର୍ଥ ବେଳାଭୂମିରେ ପହଞ୍ଚିଥିଲେ। ଓଡ଼ିଆ ଏବଂ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ପର୍ଯ୍ୟଟକଙ୍କ ସହ ସାମିଲ ହୋଇ ହୋଲି ଖେଳି ସମୁଦ୍ର ସ୍ନାନର ମଜା ନେଇଥିଲେ ଜାପାନର ନାଗରିକ। ସେମାନେ ପ୍ରାକୃତିକ ରଙ୍ଗରେ ହୋଲି ଖେଳିଥିଲେ। ଏହାଦ୍ୱାର ଉଭୟ ଦେଶର ଭାଇଚାରା ଓ ସମ୍ପର୍କ ସୁଦୃଢ଼ ହେବା ସହ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।

## ଶ୍ରୀକ୍ଷେତ୍ରରେ ଜମିଲା ରଙ୍ଗର ପର୍ବ



**ପୁରୀ,୫।୩(ସମିସ):** ରଙ୍ଗର ପର୍ବ ହୋଲି ପୁରୀରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଏଥର ଜମିଛି ହୋଲି ଖେଳ। ପ୍ରେମ, ଭ୍ରାତୃତ୍ୱ ଓ ଭାଇଚାରାର ପ୍ରତୀକ ହୋଲିକୁ ନେଇ ବେଶ୍ ଉତ୍ସବମୁଖର ହୋଇପଡ଼ିଥିଲା ପୁରୀ। ବୁଧବାର ସକାଳୁ ଗାଁଠୁ ସହର ସବୁଠି ପରସ୍ପରକୁ ରଙ୍ଗ ଲଗାଇ ରଙ୍ଗର ପର୍ବର ଶୁଭେଚ୍ଛା ଜଣାଇଥିଲେ। ସେହିପରି ପୁରୀ ସହରର ପ୍ରତ୍ୟେକ ସାହିଗଳିରେ ହୋଲି ଖେଳ ଜମିଥିଲା। ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏଥିରେ ମଜ୍ଜିଯାଇଥିଲେ। ଅବିର ରଙ୍ଗରେ ରଙ୍ଗିନ ହୋଇ ନାଚଗୀତ ସହ ଧୁମ୍‌ଧାମରେ ହୋଲି ପର୍ବ ମନାଇଥିଲେ। ବିଭିନ୍ନ ଜାଗାରେ ଡିଜେ ସାଉଣ୍ଡର ତାଳେ ତାଳେ ନାଚଗୀତ ସାଙ୍ଗକୁ ସାତରଙ୍ଗରେ ରଙ୍ଗିନ ହୋଇଥିଲେ ଶ୍ରୀକ୍ଷେତ୍ରବାସୀ। ବିଭିନ୍ନ ଅନୁଷ୍ଠାନ ପରିସରରେ ମଧ୍ୟ ଖୁବ୍ ଧୁମ୍‌ଧାମରେ ହୋଲି ପର୍ବ ପାଳନ କରାଯାଇଥିଲା। କେତେକ ଅନୁଷ୍ଠାନ ପକ୍ଷରୁ ରାସାୟନିକ ରଙ୍ଗ ବ୍ୟବହାର ନ କରି ପ୍ରାକୃତିକ ରଙ୍ଗରେ ହୋଲି ଖେଳିବାକୁ ସଚେତନ କରାଯାଇଥିଲା।

## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ,୫।୩(ସମିସ):** ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କର ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ, ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ସାଇବର ଠକେଇର ପର୍ଦ୍ଦାଫାଶ୍; ୩ ଗିରଫ

**ପୁରୀ,୫।୩(ସମିସ):** ପୁରୀ ଜିଲ୍ଲାରେ ସାଇବର ଅପରାଧକୁ ରୋକିବା ଲାଗି ପୁଲିସ ପକ୍ଷରୁ ଅଭିଯାନ ଚାଲିଛି। ସାଇବର ଥାନା ପକ୍ଷରୁ ବେନାମୀ ଆକାଉଣ୍ଟ ଡ୍ରାଇଭ୍ ଚାଲିଥିଲା। ଏହି ଅଭିଯାନ ସମୟରେ ପୁଲିସ ତିନୋଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ କରି ଜଡ଼ିତ ୩ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ହେଲେ ତାମିଲନାଡ୍ରୁର ଅହମ୍ମଦ ଟୋପନ, ପଶ୍ଚିମବଙ୍ଗର ଅବ୍‌ଦୁଲ ଆଜିଜ ଶେଖ୍ ଓ ବାଲେଶ୍ୱର ଜିଲ୍ଲା ଟାଉନ ଥାନା ଶୋଭାରାମପୁରର ସୁଶାନ୍ତ କୁମାର ପରିଡ଼ା। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ତିନିଜଣ ସାଧାରଣ ଲୋକମାନଙ୍କୁ କିଛି ଟଙ୍କାର ଲୋଭ ଦେଖାଇ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଓ ଏଟିଏମ୍ କାର୍ଡ ନେଇଥା'ନ୍ତି। ପରେ ସେହି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ସାଇବର ଠକେଇରୁ ଆସୁଥିବା ବେନାମୀ ଟଙ୍କାର କାରବାର କରାଯାଉଥିଲା। ଏହି ଅଭିଯୁକ୍ତମାନେ 'ସ୍ୱିଡିଂ ଏକ୍ସିମ୍' ନାମରେ ଏକ କମ୍ପାନୀ ଗଠନ କରି ଅବୈଧ କାର୍ଯ୍ୟକଳାପ ଚଳାଇ ଆସୁଥିଲେ ବୋଲି ପୁଲିସ କହିଛି। ଏହି କମ୍ପାନୀ ମାଧ୍ୟମରେ ବିଭିନ୍ନ ବେନାମୀ ଆକାଉଣ୍ଟ ବ୍ୟବହାର କରି ବଡ଼ ପରିମାଣର ଟଙ୍କା କାରବାର କରୁଥିଲେ। ଏସ୍‌ପି ପ୍ରତୀକ୍ ସିଂ ଘଟଣାର ଉପଯୁକ୍ତ ତଦନ୍ତ ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ପାଇଁ ସାଇବର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ସାଇବର ପୁଲିସ୍ ତଦନ୍ତ ଜୋର୍‌ଦାର କରି ଏହି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ୧୫ଟି ଏଟିଏମ୍ କାର୍ଡ, ୬ଟି ସିମ୍ କାର୍ଡ, ୭ଟି ମୋବାଇଲ୍ ଫୋନ୍, ୭ଟି ଚେକ୍ ବୁକ୍ ସହ ଏହି ଠକେଇ କମ୍ପାନୀ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ପୁଲିସ ଜବତ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଏହି କମ୍ପାନୀ ମାଧ୍ୟମରେ ୫୦ ଲକ୍ଷ ଟଙ୍କାରୁ ଅଧିକ ପ୍ରାୟ ୧ କୋଟି ପର୍ଯ୍ୟନ୍ତ ଅବାଧ କାରବାର ହୋଇଛି। ଏହା ପୂର୍ବରୁ ସାଇବର ଥାନାରେ ୭ଟି ବେନାମୀ ଆକାଉଣ୍ଟ ସମ୍ବନ୍ଧୀୟ ମାମଲା ରୁଜୁ ଏବଂ ଏହି ଅଭିଯାନ ପରେ ମୋଟ ୧୦ଟି ବେନାମୀ ଆକାଉଣ୍ଟ ବିରୋଧରେ ମାମଲା ରୁଜୁ ହୋଇଛି।




## ହର୍ଷଉଲ୍ଲାସରେ ପାଳନହେଲା ହୋଲି



ତୁରୁମୁଙ୍ଗା, ୫।୩(ସମିସ): ବୁଧବାର ରଙ୍ଗର ପର୍ବ ହୋଲି ପାଇଁ ଗାଁଠୁ ସହର ଚଳଚଞ୍ଚଳ ହୋଇ ପଡ଼ିଥିବା ବେଳେ ପରସ୍ପର ମଧ୍ୟରେ ରଙ୍ଗ ଖେଳିବା ସହ ମିଠା ଖାଇ ରଙ୍ଗର ପର୍ବ ହୋଲିକୁ ହର୍ଷଉଲ୍ଲାସର ସହ ପାଳନ କରାଯାଇଛି। ଏହି ଅବସରରେ ସାଂସଦ ଓ ବିଧାୟକ ପାଟଣା ନିର୍ବାଚନମଣ୍ଡଳୀର ପ୍ରମୁଖ ସ୍ଥାନରେ କର୍ମୀଙ୍କ ଗହଣରେ ରଙ୍ଗ ଖେଳିଥିଲେ। କେନ୍ଦୁଝର ସାଂସଦ ଅନନ୍ତ ନାୟକ ପାଟଣାନିର୍ବାଚନ ମଣ୍ଡଳୀର ସାହାରପଡ଼ା ବଜାରରେ ହୋଲି ଖେଳିଥିବା ବେଳେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ତୁରୁମୁଙ୍ଗା ବଜାର ସହ ସାହାରପଡା, କେନ୍ଦେଇପଶି, ଖିରେଇଟାଙ୍ଗିରୀ ବଜାରରେ କର୍ମୀଙ୍କ ସହ ରଙ୍ଗ ଖେଳି ଶୁଭେଚ୍ଛା ଜଣାଇଥିଲେ। ସାଂସଦ ଓ ବିଧାୟକଙ୍କ ସହ ସାହାରପଡ଼ା ବିଜେପି ମଣ୍ଡଳ ସଭାପତି ବୁଲୁ ବାରିକ, ଆଇନଜୀବୀ ଶିବାଜୀ ଗୌତମ ମହାନ୍ତ ବର୍ମା, ଅଶ୍ୱିନୀ ମହାନ୍ତ, ବିଧାୟକଙ୍କ ସାହାରପଡ଼ା ବ୍ଲକ ପ୍ରତିନିଧି ନରେନ୍ଦ୍ର ମହାନ୍ତ, ପୂର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ହୃଷୀକେଶ ସାହୁ ସଞ୍ଜୀବ ଘଣା, ବାଦଲ ମିଶ୍ର ସାମିଲ ଥିଲେ।

# ପାଣି ପାଇଁ ଗରା ବାଲ୍‌ଟି ଧରି ବିଡିଓ କାର୍ଯ୍ୟାଳୟକୁ ପଶିଲେ ମହିଳା



ତୁରୁମୁଙ୍ଗା, ୫।୩(ସମିସ): ଗୁରୁବାର ସକାଳୁ ଛୁଆପିଲାଙ୍କୁ କାଖରେ ଧରିବା ସହ ହାତରେ ଗରା ବାଲ୍ଟି ଧରି ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ଧରଣାରତ ମହିଳାଙ୍କ ପାଖକୁ କେହି ନ ଆସିବା ଯୋଗୁଁ ହାତରେ ଗରା ବାଲ୍ଟି ଧରି ପାଟଣା ବିଡ଼ିଓ ମାନସ ଦଣ୍ଡପାଟଙ୍କ କାର୍ଯ୍ୟାଳୟକୁ ଧସେଇ ପଶି ନିଜର ସମସ୍ୟା ଜଣାଇଥିଲେ। ପରେ ବିଡ଼ିଓ ମହିଳାଙ୍କୁ ବୁଝାସୁଝା କରିବା ସହ ୨ ଘଣ୍ଟା ମଧ୍ୟରେ ନଳକୂପ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କ ସମସ୍ୟାକୁ ଦେଖି ବିଡ଼ିଓ ଦଣ୍ଡପାଟ ତୁରନ୍ତ ନଳକୂପ ମରାମତି କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ପରେ ମଧ୍ୟାହ୍ନରେ ନଳକୂପ ମରାମତି କରାଯାଇଥିଲା। ଆଗକୁ କିପରି ପାନୀୟଜଳ ସମସ୍ୟା ନହେବ ସେନେଇ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଦଣ୍ଡପାଟ କହିଛନ୍ତି। ଅନ୍ୟପଟେ, ଖରା ଆରମ୍ଭ ନହେଉଣୁ ଗାଁ ଗାଁରେ ଦେଖାଦେଲାଣି ଜଳକଷ୍ଟ। କୋଉଠି ନଳକୂପ ଅଚଳ ତ କୋଉଠି ପାଇପ ଯୋଗେ ପାଣି ଆସୁନାହିଁ। ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତୋଣ୍ଡ ବାଙ୍କଘାଟ ସାହି ରେ ଥିବା ଏକମାତ୍ର ନଳକୂପ ଦୀର୍ଘଦିନ ହେବ ଅଚଳ ଯୋଗୁଁ ସାହିରେ ବସବାସ କରୁଥିବା ଶତାଧିକ ଲୋକେ ପିଇବା ପାଣି ଟୋପାଏ ପାଇଁ ଏକ ମାସ ହେବ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇ ଅନ୍ୟ ଗାଁ ଉପରେ ଭରସା କରୁଥିଲେ। ନଳକୂପ ମରାମତି ପାଇଁ ବାଙ୍କଘାଟ ଗ୍ରାମବାସୀ ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁ ନଥିବାରୁ ବାଧହୋଇ ମହିଳାମାନେ, ଶେଷ ବିକଳ୍ପ ପନ୍ଥା ଆପଣେଇ ଏହି ଅଭିନବ ପ୍ରତିବାଦ କରିଥିବା ଜଣାପଡ଼ିଛି।

## ସୁନ୍ଦୁରାପାଳ ଅଞ୍ଚଳରେ ଅଣ୍ଟୁନି ପାନୀୟଜଳ



ହାଟଡ଼ିହୀ, ୫।୩(ସମିସ): ହାଟଡ଼ିହୀ ବ୍ଲକ୍ ଜମ୍ବିରା ପଞ୍ଚାୟତ ସୁନ୍ଦୁରାପାଳ ଅଞ୍ଚଳରେ ଜଳସଙ୍କଟ ଦେଖାଦେଇଛି। ସୁନ୍ଦୁରାପାଳ ଛକ ନିକଟରେ ଏକ ପୋଲ କାମ ସକାଶେ ଗତ କିଛିଦିନ ଧରି ମେଗା ଜଳଯୋଗାଣ ବନ୍ଦ ରହିଥିବା ବେଳେ ବସୁଧା ଯୋଜନା ଜଳଯୋଗାଣରେ ଦାଉ ସାଧୁଥିବା ନେଇ ଅଭିଯୋଗ ହୋଇଛି। ଦିନରେ ଦୁଇବେଳା ପାନୀୟଜଳ ଯୋଗାଇ ଦିଆଯାଉଥିଲେ ସୁଦ୍ଧା ଯୋଗାଣ ପରିମାଣ ବହୁତ କମ୍ ରହୁଛି। ପାଇପ୍ ଯୋଗେ ପାଣି କମ୍ ଆସୁଥିବାରୁ ସ୍ଥାନୀୟ ଅଞ୍ଚଳର ପାଖାପାଖି ୩୦ ପରିବାର ଜଳସଙ୍କଟ ଭୋଗୁଛନ୍ତି। ଧାର୍ଯ୍ୟ ହୋଇଥିବା ସୀମିତ ସମୟମଧ୍ୟରେ ଦୁଇବେଳା ପାନୀୟଜଳ ଯୋଗାଣରେ ମଧ୍ୟ ପରିମାଣ କମ୍ ରହୁଥିବାରୁ ବାଲଟି କିମ୍ବା ଗରା ପୂର୍ଣ୍ଣ ହେଉନାହିଁ। ଯାହାଫଳରେ ସ୍ଥାନୀୟ ଲୋକେ ପାନୀୟଜଳ ପାଇଁ ନାହିଁ ନଥିବା ହଇରାଣ ହେଉଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ କହିଥିଲେ ସୁଦ୍ଧା ସମସ୍ୟା ଦୂର ପାଇଁ ଲିଖିତ ଅଭିଯୋଗ ଦେବାକୁ ପରେ ପଦକ୍ଷେପ ନିଆଯିବ ବୋଲି ସରପଞ୍ଚ କହିଥିବା ନେଇ କୁହାଯାଇଛି। ବ୍ଲକ ପ୍ରଶାସନ ଏଦିଗରେ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଚନ୍ଦ୍ରମଣି ଦାସ, ଇନ୍ଦ୍ରମଣି ଦାସ, ମଦନ ଘଡ଼େଇ, ଭାସ୍କର ବେହେରା, ନର ବେହେରା, ଆନନ୍ଦ ବେହେରା, ପ୍ରଦ୍ୟୁମ୍ନ ପାତ୍ର, ଦୟାନିଧି ସାହୁ, ନାରାୟଣ ମୁଣ୍ଡା ପ୍ରମୁଖଙ୍କ ସମେତ ଗ୍ରାମର ଅନ୍ୟାନ୍ୟ ଲୋକେ ଦାବି କରିଛନ୍ତି।

## ପୁରପଲ୍ଲୀରେ ପଞ୍ଚୁଦୋଳ ଉତ୍ସବ



ଆନନ୍ଦପୁର, ୫।୩(ସମିସ):

ପବିତ୍ର ଦୋଳ ପୂର୍ଣିମା ଓ ପଞ୍ଚୁଦୋଳ ଉତ୍ସବ ଆନନ୍ଦ ଉଲ୍ଲାସରେ ଆରମ୍ଭ ହୋଇଛି। ବିଭିନ୍ନ ଠାକୁର ବାଡ଼ିରେ ହେବାକୁ ଥିବା ୭ ଦିନିଆ ମେଳଣ ଚନ୍ଦ୍ର ଗ୍ରହଣ ପାଇଁ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଶ୍ରୀ ଦଧିବାମନଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ବିମାନରେ ବାହାରି ଫଗୁଖେଳ ପରିଦର୍ଶନ କରିଥିଲେ। ଦୋଳ ପୂର୍ଣ୍ଣିମା ଅବସରରେ ବିଭିନ୍ନ ଠାକୁର ବାଡ଼ିରୁ ଆସିଥିବା ଶ୍ରୀ ରାଧାକୃଷ୍ଣ ଯୁଗଳ ମୂରତି ଦୋଳ ବିମାନରେ ବିରାଜମାନ କରି ନଗର ପରିକ୍ରମା କରିଥିଲେ। ଭକ୍ତମାନେ ଅବିର ବୋଳାବୋଳି ହୋଇ ସଙ୍କୀର୍ତ୍ତନର ତାଳେତାଳେ ରାଧାକୃଷ୍ଣଙ୍କ ଭକ୍ତି ସଂଗୀତରେ ମସଗୁଲ ରହିଥିଲେ। ପ୍ରତି ସାହିରେ ଦୋଳ ବିମାନ ପହଞ୍ଚିବା ପରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଧିବାମନଜୀଉ ମନ୍ଦିରର ପୁରୋହିତ ପୂଜାପଣ୍ଡା ସୁଆର ମାଳାକାର ଦୁଆରୀ ମଶାଲଧାରୀ ସୁରକାର ଶଙ୍ଖୁଆ ବାଦ୍ୟକାରମାନେ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ଜଣେ ମୃତ

ବାଲିବନ୍ଧ, ୫।୩(ସମିସ): ଝୁମ୍ପୁରା ବ୍ଲକ ଅର୍ଶଳା ଗ୍ରାମର ଜଣେ ବ୍ୟକ୍ତି ବାଇକ ଧକ୍କାରେ ପ୍ରାଣ ହରାଇଛନ୍ତି। ସେ ହେଉଛନ୍ତି ନରେନ୍ଦ୍ର ମହାନ୍ତ (୪୫)। ଗତକାଲି ରାତିରେ ଛକରୁ ନିଜର କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ଏକ ବାଇକ ତାକୁ ଘଛପଟୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ଝୁମ୍ପୁରା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଓ ବାଇକ୍‌କୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ଗୁରୁବାର ଶବକୁ ବ୍ୟବଚ୍ଛେଦ କରିବା ପାଇଁ ପଠାଇଥିବା ଜଣାଯାଇଛି।

## ଆଇନଜୀବୀଙ୍କ ବିୟୋଗ; ଓକିଲ ସଂଘର ଶୋକ

ଆନନ୍ଦପୁର, ୫।୩ (ସମିସ): ଆନନ୍ଦପୁର ଓକିଲ ସଂଘର ସଭାଗୃହରେ ଗୁରୁବାର ଆଇନଜୀବୀ ତଥା ନୋଟାରୀ ପବ୍ଲିକ୍ ସତୀକାନ୍ତ ପତିଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ଆତ୍ମାର ସଦଗତି କାମନା ପୂର୍ବକ ନିରବ ପ୍ରାର୍ଥନା ଓ ସ୍ମୃତିଚାରଣ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ନଳିନୀ ରଞ୍ଜନ ପଣ୍ଡା, ମହେନ୍ଦ୍ର କୁମାର ମହାପାତ୍ର, ଲକ୍ଷ୍ମୀଧର ମିଶ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସତୀକାନ୍ତ (୫୬) ଜଣେ ମେଳାପୀ ବ୍ୟକ୍ତିତ୍ୱ ଥିଲେ। ୧୯୯୫ରୁ ଓକିଲାତି ଜୀବନ ଆରମ୍ଭ କରିଥିଲେ।



ଶାରୀରିକ ଅସୁସ୍ଥତାରୁ ସେ ସେପ୍‌ଟେମ୍ବରରୁ ବମ୍ବେଠାରେ ଚିକିତ୍ସାଧୀନ ରହି ଆସିଥିଲେ। ତାଙ୍କର ଅକାଳ ନିଧନ ଆନନ୍ଦପୁର ଅଞ୍ଚଳରେ ଶୋକପ୍ରକାଶ ପାଇଛି। ଏହି ଶୋକସଭାରେ ଆନନ୍ଦପୁର ଓକିଲ ସଂଘର ସମ୍ପାଦକ ଭଗବାନ ମଲିକ, ଉପସଭାପତି ଅତୁଲ ଚରଣ ନାୟକ, କୋଷାଧ୍ୟକ୍ଷ ଅଶୋକ ରାଉଳ, ବରିଷ୍ଠ ଆଇନଜୀବୀ ସନ୍ତୋଷ ସିହ୍ନା, ନୋଟାରୀ ରାମଚନ୍ଦ୍ର ପାତ୍ର, ସରକାରୀ ଅଧିବକ୍ତା ବ୍ରଜବନ୍ଧୁ ସାହୁ, ମନୋଜ ମିଶ୍ର, ସଞ୍ଜୟ ମିଶ୍ର, ସୁବାସ ବିଶ୍ୱାଳ, କିଶୋର ଚକ୍ର, ହୃଦାନନ୍ଦ ଦ୍ୱିବେଦୀ, ମହେନ୍ଦ୍ର ରାମ, ସୁରଥ ବେହେରା, ସୁବାସ ତ୍ରିପାଠୀ, ରଶ୍ମିରଞ୍ଜନ ବଳ, ଶିବଶଙ୍କର ସାହୁ, ଅମୀୟ ଯେନା, ଭାଗୀରଥି ଦାଶ, ମନୋଜ ପାଣିଗ୍ରାହୀ, ଉମେଶ ମହାନ୍ତି, ମାନସ ସାହୁ, ଭୁବନେଶ୍ୱର ଯେନା, ସୁଦାମ ମଙ୍ଗଳ, ନିରଞ୍ଜନ ସାହୁ ପ୍ରମୁଖ ବହୁ ଆଇନଜୀବୀ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟୋଷ୍ଟି କ୍ରିୟା ସମ୍ପନ୍ନ କରାଯାଇଛି।

## ଝାଡ଼ାବାନ୍ତିରେ ଯୁବକ ମୃତ

ତୁରୁମୁଙ୍ଗା, ୫।୩(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ମାଟିଆଗୁନି ଗ୍ରାମର ଜଣେ ଯୁବକଙ୍କ ଝାଡ଼ାବାନ୍ତିରେ ଗୁରୁବାର କରଞ୍ଜିଆ ମେଡ଼ିକାଲରେ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ପରେଶ ମୁଣ୍ଡା (୩୪)। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଘରେ ଥିବା ବେଳେ ଗୁରୁତର ହେବାରୁ ପରିବାର ଲୋକେ ସକାଳୁ ୧୦୮ ସହାୟତାରେ କରଞ୍ଜିଆ ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କରଞ୍ଜିଆ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମାଗେ ପରବ୍ ଫୁଟ୍‌ବଲ ପ୍ରତିଯୋଗିତା: ଇମେଜ ଏକାଦଶ ଚାମ୍ପିଅନ



ନାରଦପୁର, ୫।୩(ସମିସ): ଯୋଡ଼ା ବ୍ଲକ ଅନ୍ତର୍ଗତ ଦାମପୁରଠାରେ ମାଗେ ପରବ ଅବସରରେ ଗ୍ଲୋବାଲ ଡାଇମଣ୍ଡ କ୍ଲବ ପକ୍ଷରୁ ଦିନିକିଆ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ୨୮ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା, ସମିତିସଭ୍ୟ ସୋମନାଥ ମହାନ୍ତ, ନାଏବ ସରପଞ୍ଚ ମାଘୁ ଚାତାର, ଶିକ୍ଷୟିତ୍ରୀ ପଦ୍ମିନୀ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଖେଳରେ ସମୁଦାୟ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେଦାମପୁରଜିତ୍‌ଏକାଦଶଦଳକୁପରାଜିତକରିବଡ଼ବିଲଇମେଜଏକାଦଶଦଳଚାମ୍ପିଅନ ହୋଇଛି। କ୍ଷୀରୋଦ କୁମାର ଗିରି ଓ ଘନ ମହାନ୍ତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ରେଫରୀ ହରିଶ ପୂର୍ତ୍ତି, ବଳରାମ ସିଧୁ, ମାଙ୍କ ମୁଣ୍ଡା ଖେଳକୁ ପରିଚାଳନା କରିଥିଲେ। କ୍ଲବ ସଭାପତି ବାଦଲ ମୁଣ୍ଡା, ସମ୍ପାଦକ ବାସି ମୁଣ୍ଡା ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ସାନ୍ତାଳ-ମୁଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଜନାର୍ଦ୍ଦନପୁର ଚାମ୍ପିଅନ



କେନ୍ଦୁଝର, ୫।୩(ସମିସ):

କେନ୍ଦୁଝରସଦରବ୍ଲକଗୋପୀନାଥପୁର ପଞ୍ଚାୟତ ତଳଧାତିକା ସାଗୁନ ସୁଫାଲି କ୍ଲବ ପକ୍ଷରୁ ଚାଲିଥିବା ସାନ୍ତାଳ-ମୁଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଧାତିକାକୁ ହରାଇ ଜନାର୍ଦ୍ଦନପୁର ଚାମ୍ପିଅନ ହୋଇଛି। ପ୍ରଶାନ୍ତ ମହାନ୍ତ ଓ ଦିନେଶ ମାଝୀ ଖେଳ ପରିଚାଳନା କରିଥିଲେ। ବୈଶାଖୁ ମୁଣ୍ଡା ଧାରାବିବରଣୀ ପ୍ରଦାନ କରିଥିବାବେଳେ ବୁଧୁରାମ ମୁର୍ମୁ, ବିରସା ମାଝୀ ସ୍କୋରର ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୁଧୁରାମ ହାଂସଦା, ଟିମକା ମୁର୍ମୁ, ଗୋବିନ୍ଦ ସୋରେନ, ବତରାମ ହାଂସଦା, ଲକ୍ଷ୍ମଣ ହାଂସଦା ଯୋଗ ଦେଇଥିଲେ। କମିଟିର ସଦସ୍ୟ ରୋହିର ସୋରେନ, ବାନାର୍ଜି ହାଂସଦା, ସଞ୍ଜିତ ହାଂସଦା, ସୁଦାମ ମୁର୍ମୁ, ଜଗମୋହନ ମାଝୀ, ସଲମାନ ହାଂସଦା, ରମେଶ ମାଝୀ, ଗଣେଶ ମାଝୀ, ଜାପାନ ମାଝୀ, ରଷିନାଥ ମାଝୀ, ସୁବାସ ସୋରେନ, ମଙ୍ଗଲ ସୋରେନ, ସନ୍ତୋଷ ହାଂସଦା, କାରୁ ହାଂସଦା, ଗିଡୁ ହାଂସଦା, ଦିଲ୍ଲୀପ ସୋରେନ ପ୍ରମୁଖ ସହଯୋଗ କରିଥିଲେ।

## ଘର ତାଜା ପଡ଼ି ଶିଶୁ ମୃତ, ଜଣେ ଗୁରୁତର

ତେଲକୋଇ, ୫।୩(ସମିସ):

ତେଲକୋଇ ଥାନା ସମାକୁନ୍ଦ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି। ଘର ଭିତରେ ଦୁଇ ଶିଶୁ ଖେଳୁଥିବା ବେଳେ ସିଡି ଘର ତାଜା ଖସିପଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ଆହାତ ଥିବା ଜଣାପଡିଛି। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ରୁଢ଼ଙ୍ଗ ଗ୍ରାମର କ୍ଷୀରୋଦ ସାହୁଙ୍କ ପୁଅ ତାପସ (୫)। ସରୋଜ ସାହୁଙ୍କ ପୁଅ ଗୁରୁତର ଥିବା ଜଣା ପଡିଛି। ଶିଶୁ ପୁତ୍ର ତାପସ ମାମୁଘରକୁ ବୁଲିବାକୁ ଆସିଥିବା ବେଳେ ମାମୁପୁଅ ତଥା ସରୋଜଙ୍କ ଶିଶୁପୁତ୍ର ସହ ନବନିର୍ମିତ ଏକ ଛାତ ଘରେ ଖେଳୁଥିଲେ। ହଠାତ୍ ଘରର ଏକ ତାଜା ଭାଙ୍ଗିଯାଇ ଉଭୟଙ୍କ ଉପରେ ଖସି ପଡିଥିଲା। ପରିବାର ଲୋକ ଉଭୟ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସରୋଜଙ୍କ ଭଣଜା ଅର୍ଥାତ୍ ରୋଢ଼ଙ୍ଗ ଗ୍ରାମର କ୍ଷୀରୋଦଙ୍କ ଶିଶୁପୁତ୍ର ତାପସଙ୍କ ମୃତ୍ୟୁ ଘଟିଥିଲା।

## ଶିଆଳ କାମୁଡ଼ାରେ ୮ ଗୁରୁତର

ଘଟଗାଁ, ୫।୩(ସମିସ): ଘଟଗାଁରେ ୮ ଜଣ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିଛି ଶିଆଳ। ଗୁରୁବାର ସକାଳୁ ଘଟଗାଁ ବାଇପାସ୍ ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲରୁ ଏକ ଶିଆଳ ଚାଲିଆସିଥିବା ସନ୍ଦେହ କରାଯାଉଛି। ଜଙ୍ଗଲକୁ ଲାଗିଥିବା ଉପରାଡ଼ିହା ଓ ଦୁଃଖବାହାଳି ଗାଁ ଭିତରକୁ ଶିଆଳଟି ପଶି ଆସିଥିଲା। ଉକ୍ତ ଗାଁଗୁଡିକର ୭ ଜଣ ଲୋକଙ୍କୁ ଶିଆଳ କାମୁଡିବା ପରେ ଘଟଗାଁକୁ ତାରିଣୀ ଦର୍ଶନ କରିବା ପାଇଁ ଆସିଥିବା ଜଣେ ଭକ୍ତଙ୍କୁ ମଧ୍ୟ ଗୋଡ଼ାଇ ଗୋଡ଼ାଇ କାମୁଡିଛି ଶିଆଳ। ସମସ୍ତ ଗୁରୁତର ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଘଟଣାସ୍ଥଳରେ ଘଟଗାଁ ବନ ବିଭାଗ ପହଞ୍ଚି ପରିସ୍ଥିତିକୁ ଅନୁଧ୍ୟାନ କରିଥିଲା। ବନ ବିଭାଗର ନିୟମ ଅନୁସାରେ, ଗୁରୁତର ହୋଇଥିବା ଲୋକେ ଗୋଟିଏ ସପ୍ତାହରେ ଭଲ ହେଲେ ସେମାନଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ। ଆହତ ଯଦି ୨ ସପ୍ତାହ ମଧ୍ୟରେ ଭଲ ହୁଅନ୍ତି ତେବେ ସେମାନଙ୍କୁ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ଯଦି କୌଣସି ବ୍ୟକ୍ତିଙ୍କୁ ଭଲ ହେବା ପାଇଁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଲାଗେ, ତେବେ ତାଙ୍କୁ ଦେଢ଼ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ହାତୀ ଉପଦ୍ରବରେ ଆତଙ୍କିତ ଅଞ୍ଚଳବାସୀ



ତେଲକୋଇ, ୫।୩(ସମିସ):

ହାତୀପଲଙ୍କ ଉପଦ୍ରବରେ ଆତଙ୍କିତ ଅଞ୍ଚଳବାସୀ। କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଉଦୟଗିରି ଗ୍ରାମରେ ଗତ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ପଲୁଆହାତୀ ଉଦୟଗିରି ଧସେଇ ପଶିଥିଲେ। ଗ୍ରାମର ହାର ନାୟକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ବେଳେ ବନ୍ଧିଲ ନାୟକ ନାୟକଙ୍କ ଆଜବେଷ୍ଟସ ଭାଙ୍ଗି ଧାନ ଚାଉଳ ଖାଇ ଯାଇଥିଲେ। କୌଶଳକ୍ରମେ ବସନ୍ତର ନାୟକଙ୍କ ପରିବାର ସଦସ୍ୟ ଝରକା ଭାଙ୍ଗି ବାହାରକୁ ପଳାଇ ଜୀବନ ବଞ୍ଚାଇଥିଲେ। ଅନ୍ୟପଟେ ଗାଁର ଅରୁଣ ସେଠୀ, ଦିବାକର ସାମଲ, ରାହାସ ସାମଲ, ଅନ୍ତର ସାମଲ, ଦିପୁ ସାମଲ, ଦୁଷ୍ମନ୍ତ ସାମଲଙ୍କ ପନିପରିବା ବଗିଚା, ଆଳୁ ଫସଲ, କଦଳୀ ଗଛ ଖାଇବା ସହ ଦଳିମକଚି ନଷ୍ଟ କରିଦେଇଛନ୍ତି। ପ୍ରାୟ ୩ ଘଣ୍ଟା ସମୟ ଧରି ହାତୀପଲ ତାଣ୍ଡବ ରଚିଥିଲେ। ରାତି ପାହିଲା ବେଳେ ବନବିଭାଗ ପହଞ୍ଚି ହାତୀପଲଙ୍କୁ ଗାଁ ନିକଟ ଡିଙ୍କେଶ୍ୱରୀ ଜଙ୍ଗଲକୁ ଘଉଡ଼ାଇଥିଲା। ସେହିପରି ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ବିଟ୍ ବନବିହାରୀପୁର ଗାଁରେ ବୁଧବାର ଦୁଇଟିକିଆ ହାତୀ ପଶି ଉତ୍ପାତ କରିଥିଲେ। ଗ୍ରାମର ହରିଶ୍ଚନ୍ଦ୍ର ମହାନ୍ତ ଓ ତାଙ୍କ ସ୍ତ୍ରୀ ଘର ଭିତରେ ଶୋଇଥିବା ବେଳେ ଘର ଭାଙ୍ଗିଥିଲେ। କାଠ ଶୋଇବା ଖଟ ଉପରେ ପଡିଥିଲା। ଭୟରେ ସ୍ୱାମୀ-ସ୍ତ୍ରୀ ଉଠି ପଳାଇ ଯାଉଥିବା ବେଳେ ଘରର ଝରକାକୁ ତାଡ଼ି ସେମାନଙ୍କ ଉପରକୁ ଦନ୍ତା ହାତୀ ଫିଙ୍ଗିବା ଫଳରେ ହରିଶ୍ଚନ୍ଦ୍ରଙ୍କ ସ୍ତ୍ରୀ ବିମଳାଙ୍କ ମୁଣ୍ଡରେ ବାଜିଲା। ତାଙ୍କୁ ସଙ୍ଗେ ସଙ୍ଗେ ରାତିରେ ବନକର୍ମଚାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରେ ଛାଡ଼ିଥିଲେ ବନ କର୍ମଚାରୀ।



# ଠିକାଦାରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଆନନ୍ଦପୁର, ୫।୩ (ସମିସ):

ଓଡ଼ିଶା ଠିକାଦାର ମହାସଙ୍ଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୋଷିତ କାର୍ଯ୍ୟବନ୍ଦ ଆନ୍ଦୋଳନ ରାଜ୍ୟବ୍ୟାପୀ ଜାରି ରହିଥିବା ବେଳେ ଏହାକୁ ସମର୍ଥନ କରି ଆନନ୍ଦପୁର ଠିକାଦାର ସଂଘ ଏଥିରେ ସାମିଲ ହୋଇଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ସମସ୍ତ ଠିକାଦାରଙ୍କ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପସ୍ଥିତ ଠିକାଦାରମାନେ ରାଜ୍ୟ ସରକାରଙ୍କ ନିକଟରେ ତାଙ୍କର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ପେମେଣ୍ଟ ବିଳମ୍ବ, ଅନଲାଇନ୍ ଟେଣ୍ଡର ପ୍ରକ୍ରିୟାର ସମସ୍ୟା, ଜିଏସଟି ଓ ଅନ୍ୟାନ୍ୟ ପ୍ରଶାସନିକ ଜଟିଳତା ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସଂଘ ନେତୃତ୍ୱ କହିଥିଲେ ଯେ ଯେପର୍ଯ୍ୟନ୍ତ ସରକାର ତାଙ୍କ ଦାବିଗୁଡିକୁ ଗୁରୁତ୍ୱ ସହ ବିଚାର କରି ସମାଧାନ ନକରିବେ, ସେପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଅନେକ ବିକାଶମୂଳକ କାର୍ଯ୍ୟ ପ୍ରଭାବିତ ହେବାର ସମ୍ଭାବନା ଥିବା ବେଳେ, ସରକାରଙ୍କ ତରଫରୁ ଶୀଘ୍ର ସକାରାତ୍ମକ ପଦକ୍ଷେପ ଗ୍ରହଣ ହେବ ବୋଲି ଠିକାଦାର ସଙ୍ଘ ଆଶା ରଖିଛି।

### ଶ୍ରୀମା ଶିକ୍ଷାସଦନରେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର

# ହିନ୍ଦୀ ମାଷ୍ଟର ହଟହଟା



**ରାସଗୋବିନ୍ଦପୁର, ୫।୩ (ସମିସ)**

ଗୁରୁବାର ରାସଗୋବିନ୍ଦପୁର ବ୍ଲକ ଝାଟିଆଡ଼ା ପଞ୍ଚାୟତ ଅନ୍ତର୍ଗତ ଶ୍ରୀମା ଶିକ୍ଷାସଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରି ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁବାସ ଚାନ୍ଦ ଅଭିଭାବକଙ୍କ ଦ୍ୱାରା ହଟହଟା ହେବା ସହ ବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଶ୍ରୀମା ଶିକ୍ଷାସଦନ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁବାସ ଚାନ୍ଦ ବିଭିନ୍ନ ସମୟରେ ବିଦ୍ୟାଳୟର ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଙ୍କୁ ପାଖକୁ ଡାକି ଫେସବୁକରେ ବିଭିନ୍ନ ଭିଡିଓ ଦେଖାଇବା ଓ ବିଭିନ୍ନ ପ୍ରକାର ଅଶାଳୀନ ବ୍ୟବହାର କରୁଥିବା ନେଇ ଛାତ୍ରୀ ପୂର୍ବରୁ ପ୍ରଧାନଶିକ୍ଷକ ଶୁକଦେବ ହାଁସଦାଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପ୍ରଧାନଶିକ୍ଷକ ବୈଠକ ଡାକିଥିଲେ। ବୈଠକରେ ସମ୍ପୃକ୍ତ ଶିକ୍ଷକ ଦୋଷ ସ୍ୱୀକାର କରିଥିଲେ। ପ୍ରଧାନଶିକ୍ଷକ ଏ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ ନକରି ଘଟଣାକୁ ଚାପି ଦେଇଥିଲେ। ପୁନର୍ବାର ଶିକ୍ଷକ ଜଣଙ୍କ ଗତ ୨୮ ତାରିଖରେ ଏହି ଘଟଣାର ପୁନରାବୃତ୍ତି କରିଥିବାରୁ ଅଭିଭାବକ ଆଜି ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ବିଦ୍ୟାଳୟରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଅଭିଭାବକ ପ୍ରଧାନଶିକ୍ଷକ ସମ୍ପୃକ୍ତ ହିନ୍ଦୀ ଶିକ୍ଷକଙ୍କୁ ସମର୍ଥନ କରି ତାଙ୍କର ସମସ୍ତ ଭୁଲକୁ ଘଷ ଘୋଡାଉଥିବା ଅଭିଯୋଗ କରିବା ସହ ବିଦ୍ୟାଳୟର ପିଅନ ଶିକ୍ଷକଙ୍କ ଗିରି ମଧ୍ୟ ଛାତ୍ରୀଙ୍କୁ ଏହି ଘଟଣା ବାବଦରେ କମେଣ୍ଟ କରୁଥିବା ଛାତ୍ରୀ ପ୍ରକାଶ କରିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ବ୍ଲକ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସୁକୁମାର ରାଉତ, ରାସଗୋବିନ୍ଦପୁର ପୁଲିସ ଏଏସଆଇ ହେମନ୍ତ ପାତ୍ର, ଏଏସଆଇ ନିଶିକାନ୍ତ ସାମଲ ପହଞ୍ଚି ପରିସ୍ଥିତି ଆୟତ୍ତ କରିବା ସହ ଛାତ୍ରଛାତ୍ରୀ, ଅଭିଭାବକଙ୍କ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ହିନ୍ଦୀ ଶିକ୍ଷକ, ପ୍ରଧାନ ଶିକ୍ଷକ, ପିଅନଙ୍କୁ ଥାନା ନେଇଥିଲେ। ଏ ନେଇ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସୁକୁମାର ରାଉତଙ୍କ ପ୍ରତିକ୍ରିୟା ନେବାରୁ ସେ ଏବାବଦରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବା ସହ ଯଥାଶୀଘ୍ର ସମ୍ପୃକ୍ତ ହିନ୍ଦୀ ଶିକ୍ଷକଙ୍କୁ ସସପେଣ୍ଡ କରାଯିବ ବୋଲି ପ୍ରକାଶ କରିଥିଲେ।

# ବିଭିନ୍ନ ସ୍ଥାନରେ ହୋଲି ଉତ୍ସବ



**ବାରିପଦା, ୫।୩(ସମିସ):** ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ସିନ୍ଦୁରଗୌରା, କେନ୍ଦୁସାହିଠାରେ ୧୭ତମ ହୋଲି ମହୋତ୍ସବ ୩ ଦିନ ଧରି ପାଳିତ ହୋଇଯାଇଛି। ପ୍ରଥମ ଦିନ ୧୦୮ ଘଟ ଉତ୍ତୋଳନ କରି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ତହସିଲଦାର ଜଗନ୍ନାଥ ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ-୧ର ଅଧ୍ୟାପକ ଦେବଜିତ ପୃଷ୍ଟି, ଶିକ୍ଷକ ଲାଲମୋହନ ମହାନ୍ତ ଯୋଗ ଦେଇଥିଲେ। ପରଦିନ ଅଷ୍ଟପ୍ରହର ଅଖଣ୍ଡ ହରି ନାମଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଅନେକ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାକ୍ତନ ଶିକ୍ଷକ ଡଃ ଭକ୍ତହରି ମହାନ୍ତ, ଅଧ୍ୟାପକ ହରିଭକ୍ତ ମହାନ୍ତ, ପ୍ରଧାନଶିକ୍ଷକ ସନ୍ତୋଷ ମହାନ୍ତ, ସମାଜସେବୀ ଚିତ୍ତରଞ୍ଜନ ମହାନ୍ତ, ନାଏବ ସରପଞ୍ଚ ପ୍ରତିଭା ମହାନ୍ତ, ପୂର୍ବତନ ସରପଞ୍ଚ ଗୌର ସିଂ ଓ ସମିତି ସଭ୍ୟ ବିଦେଶୀ ସିଂହ ପ୍ରମୁଖ ଉପସ୍ଥିତ ରହି କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଶେଷଦିନରେ ଦଧି ମହୋତ୍ସବ ଓ ୧୦୮ କଳସ ବିସର୍ଜନ ପଦଯାତ୍ରା ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ସଦର ଆଇଆଇସି ଆଦିତ୍ୟ ଜେନା ଓ ଏଏସଆଇ ଜିତେନ୍ଦ୍ର ଜେନା ଯୋଗଦେଇ ଆୟୋଜକଙ୍କ ଉଦ୍ୟମର ପ୍ରଶଂସା କରିଥିଲେ।

**ଖୁଣ୍ଟି:** ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟି ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆନନ୍ଦ ଓ ଉଲ୍ଲାସରେ ପାଳିତ ହୋଇଛି ରଙ୍ଗର ପର୍ବ ହୋଲି। ଏହି ପର୍ବ ପାଳନ ସହ ଯୋଡି ହୋଇରହିଛି ଅନେକ ପୌରାଣିକ ଆଖ୍ୟାନ। ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ ଲୀଳାଖେଳାର ଅଂଶ ବିଶେଷ ହେଉଛି ହୋଲି ଉତ୍ସବ। ଏହି ଅବସରର ପ୍ରତିଟି ଗ୍ରାମ, ସହର ଓ



ଛକରେ ଆବାଳ ବୃଦ୍ଧବନିତା ନିଜ ପରିବାର ଓ ସାଙ୍ଗମାନଙ୍କ ମଧ୍ୟରେ ପରସ୍ପରକୁ ରଙ୍ଗ ଓ ଅବିର ଲଗାଇ ହୋଲିର ମଜା ନେଇଥିବା ବେଳେ ପିଲା ମାନେ ବିଭନ୍ନ ରକମର ପିଚକାରୀରେ ପରସ୍ପରକୁ ରଙ୍ଗ ମାରି ଖୁସି ମନାଇଥିବାର ଦେଖିବାକୁ ମିଳିଛି। ଏଥି ସହିତ ବିଭିନ୍ନ ସ୍ଥାନରେ ନାଚ ଗୀତର ଆସର ମଧ୍ୟ ଜମିଥିଲା।

**କରଞ୍ଜିଆ:** ପାଞ୍ଚପିଢ଼ ଦୋଳ ମହୋତ୍ସବ ଉପଲକ୍ଷେ ଲୋକଙ୍କ ମନୋରଞ୍ଜନ ପାଇଁ କରଞ୍ଜିଆ ଅଞ୍ଚଳର ମିଳନ ପଡ଼ିଆରେ ୨ ଓ ୩ ତାରିଖରେ ପାଞ୍ଚପିଢ଼ ଦୋଳ ମେଳା କମିଟି ପକ୍ଷରୁ ଦୁଇଦିନିଆ ଆଦିବାସୀ ଇଷ୍ଟର୍ଣ୍ଣ ଅପେରା ଅନୁଷ୍ଠିତ ହୋଇଥିଲା। ଏହି ଅପେରାର ପରିବେଶକୁ ଆହୁରି ରଙ୍ଗାରଙ୍ଗ କରିବା ପାଇଁ ଅଞ୍ଚଳର ବହୁ ପ୍ରତୀକ୍ଷିତ



ନୃତ୍ୟ ଅନୁଷ୍ଠାନ ଚାରୁସ୍ ଡ୍ୟାନ୍ସ ଏକାଡେମୀ କଳାକାରଙ୍କୁ ବିଶେଷ ଆମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ କଳାକାରମାନେ ହୋ, ମୁଣ୍ଡା, ଆଦିବାସୀ ଓ ଝୁମର ନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କୁ ମନୋରଞ୍ଜିତ କରିଥିଲେ। ତାଙ୍କ ଆକର୍ଷଣୀୟ ଓ ଜୀବନ୍ତ ନୃତ୍ୟ ପରିବେଷଣ ଦର୍ଶକମାନଙ୍କ ମନ ଜିତିବା ସହିତ ଭରପୁର କରତାଳି ଓ ପ୍ରଶଂସା ଅର୍ଜନ କରିଥିଲା। ଶେଷରେ ଆଦିବାସୀ ଇଷ୍ଟର୍ଣ୍ଣ ଅପେରାର ସଂସ୍ଥାପକ ସାମାୟ ପୂର୍ତ୍ତି ଚାରୁସ୍ ଡ୍ୟାନ୍ସ ଏକାଡେମୀର ସେକ୍ରେଟାରୀ ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ପତି ଓ ତାଙ୍କ କଳାକାରମାନଙ୍କୁ ମେମେଣ୍ଟୋ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଐତିହାସିକ ଦୋଳ ମେଳାକୁ ଆହୁରି ଲୋକପ୍ରିୟ କରିବା ଦିଗରେ ଦୋଳ ମେଳା କମିଟି ପକ୍ଷରୁ ନିଆଯାଇଥିବା ଏହି ଅଭିନବ ପ୍ରୟାସକୁ ଶ୍ରୀଯୁକ୍ତ ପତି ତାଙ୍କ ବକ୍ତବ୍ୟରେ ସ୍ୱାଗତଯୋଗ୍ୟ ବୋଲି କହିଥିଲେ।

**ରାଇରଙ୍ଗପୁର:** ବିପ୍ର ଫାଉଣ୍ଡେସନ ପରିବାର ପକ୍ଷରୁ ହୋଲି ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ରବି ଜୋଶୀ ଏବଂ ସାଧାରଣ ସମ୍ପାଦକ ବଦ୍ରି ଶର୍ମାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି, ଜାତୀୟ ସଂଗଠକ ଜଗଦୀଶ ମିଶ୍ର, ପ୍ରଦେଶ ସଭାପତି ମହେଶ ଶର୍ମା, ପ୍ରଦେଶ ଉପାଧ୍ୟକ୍ଷ ପ୍ରଦୀପ ଚୌବେ, ପ୍ରଦେଶ କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଶର୍ମା ଏବଂ ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ଚୌବେଙ୍କ ଉପସ୍ଥିତ ଥିଲେ। ହୋଲି ମିଳନ ଉତ୍ସବରେ ସମସ୍ତେ ପରସ୍ପରକୁ ରଙ୍ଗ ଦେଇ ସ୍ୱାଗତ କରିଥିଲେ। ମହିଳା ସେଲର ସଦସ୍ୟ ମାନଙ୍କ ଦ୍?ାରା ସଙ୍ଗୀତ ଏବଂ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସମସ୍ତ କର୍ମୀଙ୍କ ଉପସ୍ଥିତିରେ ହୋଲି ମିଳନ ଉତ୍ସବ ଆୟୋଜନ ସଫଳ ହୋଇଥିଲା।

**ବେତନଟୀ:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ମାରୱାଡି ସମାଜ ପକ୍ଷରୁ ବୁଧବାର ଦିନ ଧର୍ମଶାଳା ପରିସରରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ଅତିପ୍ରିୟ ବ୍ୟକ୍ତି ବରିଷ୍ଠ କଂଗ୍ରେସ ନେତା କୈଳାସ ଚନ୍ଦ୍ର ଅଗ୍ରୱାଲଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଉତ୍ସବରେ ଛୋଟ



ପିଲାଙ୍କଠୁ ଆରମ୍ଭ କରି ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସମସ୍ତେ ବିଭିନ୍ନ ଖେଳକୁଦ, ପ୍ରତିଯୋଗିତା, ମସ୍ତି, କରିବା ସହିତ ପୁରସ୍କାର ବିଜେତା ମଧ୍ୟ ହୋଇଥିଲେ। ସମସ୍ତେ ସକାଳୁ ହୋଲି ଖେଳ କାର୍ଯ୍ୟକ୍ରମ ପରେ ସନ୍ଧ୍ୟାରେ ମଜାମସ୍ତି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ଦ୍ୱାରା ସମସ୍ତ ମାରୱାଡି ପରିବାର ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇଥିବାର ଦେଖାଦେଇଥାଏ। ସମସ୍ତ ପରିବାରଙ୍କ ପାଇଁ କାର୍ଯ୍ୟକ୍ରମରେ ଦିନସାରା ଭୋଜିର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ମାରୱାଡି ଯୁବ ମଞ୍ଚ ପକ୍ଷରୁ ସଭାପତି ଶକ୍ତିଲାଲ ଶର୍ମା, ସମ୍ପାଦକ ରୋନକ ଖଣ୍ଡେଲୱାଲ, ସିଦ୍ଧାର୍ଥ ଅଗ୍ରୱାଲ, ବିବେକ ଶର୍ମା, ସୁବାସ ଅଗ୍ରୱାଲ, ନୀତେଶ ଅଗ୍ରୱାଲ, କୌଶଲ ଅଗ୍ରୱାଲ, ପ୍ରମୁଖ ସହଯୋଗ କରିଥିବା ବେଳେ ଉପଦେଷ୍ଟା ଭାବେ ରାଜେଶ ଖଣ୍ଡେଲୱାଲ, ଦିନେଶ ଓଝା, ସୁନୀଲ ଖଣ୍ଡେଲୱାଲ, ମଣ୍ଟୁ ଶର୍ମାଙ୍କ ସମେତ ସମସ୍ତେ ଏକ ମନ ହୋଇ ହୋଲି ଉତ୍ସବ ପାଳନ କରିଥିଲେ।

ସେହିପରି ବେତନଟୀ ବାହାନଡ଼ା ରାଧାକୃଷ୍ଣ ହୋଲି କମିଟି ପକ୍ଷରୁ ସପ୍ତମ ବାର୍ଷିକ ହୋଲି ମହୋତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଭୁ ରାଧାକୃଷ୍ଣଙ୍କ ଗ୍ରାମ ଭ୍ରମଣ ସହିତ ମେଲଣ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାର ଖେଳ, ପ୍ରତିଯୋଗିତା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ତାରିଖ ଅପରାହ୍ନରେ ଦୌଡ଼, ସ୍ଲୋ ସାଇକଲ, ମ୍ୟୁଜିକ ଚେୟାର ଭଳି ପ୍ରତିଯୋଗିତା ହୋଇଥିବାବେଳେ ୩ ତାରିଖରେ ବେଲୁନ ଫୁଙ୍କା, କୁଇଜ, ଆର୍ଟ, ମାଇଣ୍ଡ ଗେମ, ଫୁଟବଲ ବାଲାନ୍ସ ଇତ୍ୟାଦି ଖେଳ, ଅପରାହ୍ନରେ ମେହେନ୍ଦି, ଝୋଟି, ଆମ ଶ୍ରୀମତୀ ସବୁ ଜାଣନ୍ତି ପ୍ରତିଯୋଗିତା ସହିତ ପ୍ରଭୁ ରାଧା କୃଷ୍ଣଙ୍କ ଗ୍ରାମ ଭ୍ରମଣ ମେଲଣ କାର୍ଯ୍ୟକ୍ରମ କରାଯାଇଥିଲା। ୪ତାରିଖରେ ବେଲ ପଣା ବଣ୍ଟନ, ଅପରାହ୍ନରେ ଖିରି ଭୋଗ ବଣ୍ଟନ ସହିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ, ସିଙ୍ଗେଲ ଡ୍ୟାନ୍ସ, ଡବଲ ଡ୍ୟାନ୍ସ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେତନଟୀ କଲେଜ ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜି, ସମ୍ମାନିତ ଅତିଥି ଭାବେ ଗ୍ରାମର ବରିଷ୍ଠ ଘାସିରାମ ସାହୁ, କମିଟି ସଭାପତି ତପନ ନାୟକ, ସମ୍ପାଦକ ନିରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।

## ବାଲି ବୋଝେଇ ହାଇୱା ଜବତ

**ରାଇରଙ୍ଗପୁର, ୫।୩ (ସମିସ):** ବାମନଘାଟି ଉପଖଣ୍ଡରେ ବାଲି ମାଫିଆ ସକ୍ରିୟ ଥିବାବେଳେ ଲଘୁ ଖଣିଜ ଚୋରା ଚାଲାଣ ଥମୁନି। ପୁଣି ଝାଡ଼ଖଣ୍ଡକୁ ହାଇୱା ଯୋଗେ ବେଆଇନ ବାଲି ଚାଲାଣ ବେଳେ ପୁଲିସ ଦ୍ୱାରା ଜବତ କରାଯାଇଛି। ବହଳଦା ଥାନା ଅନ୍ତର୍ଗତ ତେନ୍ତଲ ଛକରୁ ବାଲି ବୋଝେଇ ହାଇୱା ଜବତ ହୋଇଛି। ଅନେକ ପରିମାଣରେ ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପକ୍ଷରୁ ଚଢ଼ଉ କରି ଜବତ କରିଛନ୍ତି। ଗମ୍ଭାରିଆ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ପୁଲିସ ନାକା କରି ହାଇୱାକୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ସେ ଚକମା ଦେଇ ଚମ୍ପଟ ମାରିଥିଲା। ପୋଲିସ ପିଛା କରି ଗାଡ଼ିକୁ ଧରିଥିଲା। ପାସ କିମ୍ବା ଟିପି ପରମିଟି ନେଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ଜାଣିବା ପରେ ଗାଡିକୁ ଜବତ କରାଯାଇଛି।

## ଗାଡ଼ି ଅଟକାଇ ଲୁଟ୍ ଅଭିଯୋଗ

**ରାଇରଙ୍ଗପୁର, ୫।୩ (ସମିସ):** କିଛି ଦିନର ବ୍ୟବଧାନ ପରେ ପୁଣି ବନ୍ଧୁକ ମୁନରେ ଟଙ୍କା ଲୁଟ ହୋଇଛି। କେନ୍ଦୁଝର ଜିଲ୍ଲାର ସିଲଦା ଅଞ୍ଚଳର ହେମନ୍ତ ସେଠୀ ଲୁଟର ଶିକାର ହୋଇଥିବା ନେଇ ରରୁଆଁ ଥାନାରେ ଅଭିଯୋଗ କରିଛନ୍ତି। ସେ ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରନ୍ତି। ଟଙ୍କା କଲେକ୍ସନ କରି ଫେରୁଥିବାବେଳେ ଉତ୍ତରପୋଷି ଛକ ନିକଟରେ ଦୁର୍ବୃତ୍ତ ଲୁଟ କରିଥିଲେ। ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଧକ୍କା ମାରି ପକାଇ ଦେଇଥିଲେ। ପରେ ତାଙ୍କ ମୁଣ୍ଡରେ ଲଗାଇ ବନ୍ଧୁକ ଲଗାଇ ଭୟଭୀତ କରି ଲୁଟ କରିଥିଲେ। ତାଙ୍କ ନିକଟରୁ ୫୫, ୦୦୦ରୁ ଅଧିକ ଟଙ୍କା ଓ ମେସିନ ଆଦି ଲୁଟ କରି ଚମ୍ପଟ ମାରିଥିଲେ। ଅଭିଯୋଗକୁ ଆଧାର କରି ଥାନାରେ ଏକ ମାମଲା ରୁଜୁ କରାଯିବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସ୍କୁଟି ଡିକି ଭାଙ୍ଗି ଚୋରି

**ରାଇରଙ୍ଗପୁର/କରଞ୍ଜିଆ, ୫।୩ (ସମିସ):** ପାର୍କିଂ ଥିବା ସ୍କୁଟି ଡିକି ଭାଙ୍ଗି ଟଙ୍କା ଚୋରି ହୋଇଛି। ଏ ନେଇ ୱାର୍ଡ ନମ୍ବର ୧୨ ଅଞ୍ଚଳର ଦିବ୍ୟରଞ୍ଜନ ରାୟ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ବଜାରକୁ ଯାଇଥିବାବେଳେ ଡିକିରେ ୪୦ ହଜାର ଟଙ୍କା, ମୋବାଇଲ, ଏଟିଏମ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିଲା। ଘରକୁ ଫେରି ଡିକି ଯାଞ୍ଚ କରିବାରୁ ଟଙ୍କା ଓ ଅନ୍ୟ ସାମଗ୍ରୀ ନ ଥିଲା। ଦୁର୍ବୃତ୍ତମାନେ ସୁଯୋଗ ପାଇ ଚୋରି କରିଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ଟ୍ରକ୍ ଧକ୍କାରେ ଜଣେ ମୃତ

**ରାଇରଙ୍ଗପୁର/କରଞ୍ଜିଆ, ୫।୩(ସମିସ):** ଯଶିପୁରରେ ଅଜଣା ଟ୍ରକ ଧକ୍କାରେ ଜଣକ ମୃତ ହୋଇଛି। ମୃତକ ଜଣକ ଯଶିପୁର ଥାନା ଅନ୍ତର୍ଗତ ମାଟିଆଗଡ଼ ଗ୍ରାମର ବାବାଜୀ। ସେ ମାନସିକ ବିକାରଗ୍ରସ୍ତ ଅଟନ୍ତି। ସାପ୍ତାହିକ ହାଟକୁ ଆସିଥିବାବେଳେ ରାସ୍ତା କଡ଼ରେ ବସିଥିଲେ ସନ୍ଧ୍ୟାରେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୁଳିଅଣା, ୫।୩(ସମିସ):** କୁଳିଅଣା ଥାନା ଅନ୍ତର୍ଗତ ଶୁଖୁଆପୋଡ଼ା ଗ୍ରାମର ଆମ୍ବତୋଟାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପରିଆକୁଲି ଗ୍ରାମର ଶୁଭମ ମୁଖି (୧୯)ଙ୍କ ଝୁଲନ୍ତା ମୃତଦେହ ଏକ କଇମ ଗଛ ଡାଳରେ ଗାମୁଛା ସାହାଯ୍ୟରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଶୁଭମଙ୍କ ଆଣ୍ଠୁ ଭୂମିରେ ଲାଗିଥିବାବେଳେ ପେଟରେ କିଛି କ୍ଷତ ଚିହ୍ନ ଥିବା ଜଣାଯାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ପ୍ରକାଶ ପାଇଛି। ଖବର ପାଇ କୁଳିଅଣା ପୁଲିସ, ବାରିପଦା ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ଘଟଣାରେ କୁଳିଅଣା ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଥାନା ଆଇଆଇସି ସୁଦୀପ ମହାପାତ୍ରଙ୍କ ଦ୍ୱାରା ପଞ୍ଚନାମା କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ପଠାଯାଇ ତଦନ୍ତ ଆରମ୍ଭ ହୋଇଛି।

# ଚୈତ୍ର ପର୍ବ ପାଇଁ ପ୍ରସ୍ତୁତି ବୈଠକ



**ବାରିପଦା, ୫।୩(ସମିସ):** ଆସନ୍ତା ଚୈତ୍ର ପର୍ବକୁ ଶାନ୍ତିପୂର୍ଣ୍ଣ, ଆଡମ୍ବରପୂର୍ଣ୍ଣ ତଥା ଯୋଜନାବଦ୍ଧ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଭାତ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଲି, ଜିଲ୍ଲା ସଂସ୍କୃତି ଅଧିକାରୀ ଡ. ଶୁଭାଶିଷ ନାୟକ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ପ୍ରତିଷ୍ଠାନର କର୍ମକର୍ତ୍ତା ଆସି ଚୈତ୍ର ପର୍ବକୁ ଅଧିକ ଲୋକାଭିମୁଖୀ ତଥା ସଫଳତାର ସହ ଆୟୋଜନ କରିବା ପାଇଁ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଚୈତ୍ର ପର୍ବର ଐତିହ୍ୟ, ପାରମ୍ପରିକ ଗୁରୁତ୍ୱ ଓ ଜନସାଧାରଣଙ୍କ ଭାବନା ସହ ଏହାର ଗଭୀର ସମ୍ପର୍କ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ପର୍ବ ପାଳନ ସମୟରେ ସମସ୍ତ ବ୍ୟବସ୍ଥା ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭିନ୍ନ ଦିଗରେ ପ୍ରାଥମିକତା ଦିଆଯାଇଥିଲା। ଚୈତ୍ର ପର୍ବ ଅବସରରେ ପାରମ୍ପରିକ ନୃତ୍ୟ, ଲୋକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। ଜିଲ୍ଲାର ପ୍ରତିଭାଶାଳୀ କଳାକାରମାନଙ୍କୁ ମଞ୍ଚ ପ୍ରଦାନ କରି ସ୍ଥାନୀୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକର ଶେଷରେ ଆସନ୍ତା ଚୈତ୍ର ପର୍ବକୁ ଜିଲ୍ଲାର ଏକ ସଫଳ ଓ ସ୍ମରଣୀୟ ଆୟୋଜନ ଭାବେ ପାଳନ କରିବାକୁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ରାଇରଙ୍ଗପୁର, ୫।୩(ସମିସ):** ରାଇରଙ୍ଗପୁର ସହରକୁ ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ଜାତୀୟ ରାଜପଥରେ ବେଆଇନ ଭାବେ ଭାରିଯାନ ପାର୍କିଂ ଜନସାଧାରଣଙ୍କ ନିମନ୍ତେ ବିପଦର କାରଣ ସାଜିଛି। ପୁଣି ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ନୋ ଏଣ୍ଟ୍ରି ପାଇଁ ପୁରୁଣାଘାଟି ନୋ' ପାର୍କିଂରେ ଟ୍ରକ୍ ରାସ୍ତାରେ ଛିଡା ହୋଇଥିଲା ବେଳେ ଉକ୍ତ ଟ୍ରକକୁ ବାଇକ ଆରୋହୀ ଧକ୍କା ଦେଇଥିଲା। ଉଭୟ ଗୁରୁତର ହୋଇଥିବାବେଳେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରଶାସନିକ ଅବହେଳା ପାଇଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି। ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟି ଚାଲିଥିବାବେଳେ ପୂର୍ବରୁ ଜୀବନ ଯିବାର ନଜିର ରହିଛି। ବେଆଇନ ପାର୍କିଂ ନିକଟସ୍ଥ ଖୋଲା ସ୍ଥାନ କିମ୍ବା ଅନ୍ୟତ୍ର ପାର୍କିଂ କରିବାର ଆବଶ୍ୟକତା ରହିଛି ବୋଲି ଦାବି ହୋଇଛି।

# କପ୍ତିପଦା ବନଖଣ୍ଡ ସଂରକ୍ଷିତ ଜଙ୍ଗଲରେ ନିଆଁ

**କପ୍ତିପଦା, ୫।୩(ସମିସ):** କପ୍ତିପଦା ବନାଞ୍ଚଳ ଶାଣଦେଇ ଜଙ୍ଗଲରେ ଲାଗିଛି ନିଆଁ। ଜଳି ନଷ୍ଟ ହୋଇଯାଉଛି ଔଷଧୀୟ ଗୁଳ୍ମ ସହିତ ମୂଲ୍ୟବାନ ଗଛ। ନିଆଁ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ବ୍ୟାପିବାରେ ଲାଗିଛି। ଗତକାଲି ସକାଳେ ଜଡିଦା ପଞ୍ଚାୟତ ବାଘମୁଣ୍ଡା ଜଙ୍ଗଲରେ ନିଆଁ ଲାଗିଥିଲା। କେହି ବନ କର୍ମଚାରୀ ନ ଆସିବାରୁ ନିଆଁ ଧିରେ ଶାଣଦେଇ ଅଞ୍ଚଳକୁ ବ୍ୟାପିଥିଲା। ଶରତ-କପ୍ତିପଦା ରାସ୍ତା ପାର୍ଶ୍ୱରେ ଥିବା ସଂଗୃହିତ ଜଙ୍ଗଲରେ ନିଆଁ ଲାଗିଥିଲା। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ କେହି ବନ କର୍ମଚାରୀ ପହଞ୍ଚି ନଥିବାବେଳେ ନିଆଁ ଶିମିଳିପାଳ ପାଦଦେଶରେ ପହଞ୍ଚିଥିବା ସ୍ଥାନୀୟ ଲୋକେ ଅନୁମାନ କରିଛନ୍ତି। ବନ କର୍ମଚାରୀଙ୍କ ବେପରୁଆ ମନୋଭାବ ପାଇଁ ଆଗକୁ ଏହି ନିଆଁ ବଢ଼ିବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ବନ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରି ନ ଥିଲା।



# ଗଛରୁ ପଡ଼ି କଟାଳିଙ୍କ ମୃତ୍ୟୁ; କ୍ଷତିପୂରଣ ଦାବିରେ ରାସ୍ତାରୋକ



**ମହୁଲଡିହା, ୫।୩(ସମିସ)**

**ସରପଞ୍ଚ କ୍ଷତିପୂରଣ ଦେବା ପରେ ରାସ୍ତାରୋକ ହଟିଲା**

ମହୁଲଡିହା ପଞ୍ଚାୟତରେ ଥିବା ଏକ ତାଳ ଗଛକୁ ୩ ତାରିଖ କାଟିବା ବେଳେ ଗଛ କଟାଳିର ମୃତ୍ୟୁକୁ ନେଇ ଉପୁଜିଥିବା ଉତ୍ତେଜନାର ଅନ୍ତଘଟିଛି। କୋଇଲିପାଳ ଗ୍ରାମର ସାଲୁକା କାଣ୍ଡେୟାଙ୍ଗଙ୍କ ପୁଅ ରାଜୁ (୨୮)କୁ ମହୁଲଡିହା ସରପଞ୍ଚ ପଞ୍ଚାୟତ ପରିସରରେ ଥିବା ତାଳ ଗଛ କାଟିବା ପାଇଁ କହିଥିଲେ। ଗଛ କାଟୁଥିବା ସମୟରେ ପବନ ହେବାରୁ ଗଛଟି ବୁଲି ପଡ଼ି ଲାଗିଥିବା ଏକ ସାହାଡ଼ା ଗଛରେ ରାଜୁକୁ ଜାକି ରଖିଥିଲା। ପାଖରେ ଥିବା ଲୋକ ଦୁଇ ଗଛ ଉପରେ ଜାକି ହୋଇ ରହିଥିବା ରାଜୁକୁ ଜେସିବି ଆଣି ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ରାଜୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡାକ୍ତର କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। କଟକ ନେବା ବାଟରେ ରଗଡ଼ି ନିକଟରେ ରାଜୁଙ୍କ ମୃତ୍ୟୁ ହୋଇଯାଇଥିଲା। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଶବ ବ୍ୟବଚ୍ଛେଦ ପରେ ୪ ତାରିଖ ମହୁଲଡିହା ଆଣିଥିଲେ। ଶବକୁ କୋଇଲିପାଳ ଗ୍ରାମକୁ ନ ନେଇ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ରଖି ୫୩ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ମୃତକ ୭ ମାସ ଆଗରୁ ବିବାହ କରିଥିବାବେଳେ ତା ସ୍ତ୍ରୀ ଆଶାୟୀ ୩ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ଘରେ ବାପାମାଆ ବୃଦ୍ଧ ଓ ବାପା ପକ୍ଷାଘାତ ରୋଗୀ। ଗ୍ରାମବାସୀ ମୃତକଙ୍କୁ ସମବେଦନା ଜଣାଇ ସରପଞ୍ଚ କାମରେ ଲଗାଇଥିବାରୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ମହୁଲଡିହା ଆଇଆଇସି ତୁଷାର ନାୟକ ସ୍ଥିତି ଅନୁଧ୍ୟାନ କରିଥିବାବେଳେ ହୋଲି ଥିବାରୁ ପରିସ୍ଥିତି ଦେଖି ବିଧାୟକ ପଦ୍ମ ଚରଣ ହାଇବ୍ରୁ, ତହସିଲଦାର ସମ୍ବିତ କର, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ସରପଞ୍ଚ ଥାନା ଅଧିକାରୀଙ୍କ ସମ୍ମୁଖରେ ମୃତକଙ୍କ ବାପା ସାଲୁକାଙ୍କୁ ନଗଦ ୭୩ ହଜାର ଟଙ୍କା ଓ ଶୁଦ୍ଧି କ୍ରିୟା ପୂର୍ବରୁ ୪୦ ହଜାର ସହିତ ଅନ୍ତୋଦୟ ଯୋଜନାରେ କାର୍ଡ ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା।

### ହୋଲି ଖେଳକୁ ନେଇ ଅଘଟଣ

## ବଚସାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

**ରାଇରଙ୍ଗପୁର, ୫।୩(ସମିସ):** ହୋଲି ଖେଳ ମଧ୍ୟରେ ଅଘଟଣ ଘଟିଛି। ହୋଲିକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ ହେଇଛି। ଏହି ଅଘଟଣ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗଣ୍ଡିଦା ଗ୍ରାମରେ ଘଟିଛି। ରାଜେଶ ମହାକୁଡ଼ ଓ ସୋନୁ ମହାନ୍ତଙ୍କ ଉକ୍ତ ଗ୍ରାମର ଅଜଣା ଯୁବକଙ୍କ ସହ ଝଗଡ଼ା ହୋଇଥିଲା। ଯାହାକୁ ନେଇ ବଚସା ହୋଇଥିଲା। ଯୁବକ ଜଣକ ପ୍ରତିଶୋଧ ପରାୟଣ ହୋଇ ରାତିରେ ଦୁଇଜଣଙ୍କୁ ଏକୁଟିଆ ପାଇ ଆକ୍ରମଣ କରିଥିଲା। ଧାରୁଆ କାତିରେ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲା। ଉଭୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାଜେଶ ଆହତ ହୋଇଥିବାବେଳେ ସୋନୁ ମହାନ୍ତ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ତୁରନ୍ତ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୋନୁ ମହାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦାସ୍ଥ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ଜଙ୍ଗଲରେ ନିଆଁ ଲଗାଇବା, ପେଚା ମାରିବା ଅଭିଯୋଗରେ ଯୁବକ ଗିରଫ




**ମହୁଲଡିହା, ୫।୩(ସମିସ):** କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ କାଳିଆଜିଆଣି ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଓ ପେଚା ମାରିବା ଅପରାଧରେ ଜଣେ ଯୁବକକୁ ଗିରଫ କରିଛି ବନ ବିଭାଗ। କାଳିଆଜିଆଣି ଗ୍ରାମର ରାଜନ ହେମ୍ବ୍ରମ (୨୨) କାଳିଆଜିଆଣି ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ଏକ ବିଲୁପ୍ତ ପ୍ରଜାତିର ପେଚା ମାରି ତା'ର ପ୍ୟାଣ୍ଟ ପକେଟରେ ରଖି ଜଙ୍ଗଲରେ ବୁଲୁଥିଲା। ଏହି ସମୟରେ କେନ୍ଦୁଜିଆଣୀ ବନପାଳ ନଳିନୀକାନ୍ତ ମହାନ୍ତ ଓ ବନରକ୍ଷୀ କିଶୋର ପାତ୍ର ନିଆଁ ଲିଭାଇବାକୁ ଯାଇଥିବାବେଳେ ରାଜନକୁ ପାଇ ତଲାସୀ କରିଥିଲେ। ତଲାସୀ ସମୟରେ ତା'ର ପ୍ୟାଣ୍ଟ ପକେଟରେ ଏକ ମୃତ ପେଚା ସହିତ ଦିଆସିଲି ମିଳିଥିଲା। ବନପାଳ ରାଜନକୁ ଠାକୁରମୁଣ୍ଡା ବନବିଭାଗ କାର୍ଯ୍ୟାଳୟକୁ ଆଣି ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ପଚରାଉଚରା କରିବାରୁ ନିଜ ଦୋଷ ସ୍ୱୀକାର କରିଥିଲା। ୪ ତାରିଖ ଠାକୁରମୁଣ୍ଡା ବନାଞ୍ଚଳ କେଶ୍ ନଂ ଓଆର ୧୬୪/୨୬ ବନ୍ୟପ୍ରାଣୀ ଆଇନ ୧୯୭୨ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ସିଜିଏମ୍ କୋର୍ଟ ବାରିପଦା ପଠାଇ ବନ ବିଭାଗ ତଦନ୍ତ ଜାରି ରଖିଛି।

## ଖେତ, ଖଳାରେ ଲାଗୁଛି ନିଆଁ: ଲୋକେ ଅଣନିଃଶ୍ୱାସୀ



ପାଇକମାଳ, ୫।୩(ସମିସ): ବିଲରେ ଚାଷୀ ଅମଳ ସରିବା ପରେ ଫେବୃଆରୀ ତଥା ମାର୍ଚ୍ଚ ମାସରେ ବିଲରେ ନିଆଁ ଲଗାଇ ଦେଉଥିବାରୁ ବିଲ ଗୁଡିକରେ ଥିବା ଲତା ଜାତୀୟ ଉଦ୍ଭିଦ, ନଡା, ନିଆଁ ଲାଗି ପୋଡି ଛାରଖାର ହେଉଛି। ଫଳରେ ଜମିରେ ଥିବା ଉପକାରୀ ଜୀବ, ଗଛଲତା, ଛୋଟ ଛୋଟ ଗଛ ପୋଡି ଯାଉଛି। ଏହାସହ ନିଆଁ ଲାଗିବା ଦ୍ୱାରା ତାପମାତ୍ରା ବୃଦ୍ଧି ହେଉଛି। ଜମି ଗୁଡିକରେ ନିଆଁ ଲାଗିବା ଦ୍ୱାରା ଜମିର ଉର୍ବରତା କମୁଛି। ନିଆଁ ଲାଗିବା ବେଳେ ପରିବେଶ ପ୍ରଦୂଷଣ ହେବା ସହ ବାୟୁମଣ୍ଡଳ ଧୂଆଁମୟ ହେଉଛି। ଫଳରେ ଯାତାୟାତ କରୁଥିବା ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଘାସ ଲତା, ଧାନ ନଡା ଜଳିପୋଡି ନଷ୍ଟ ହୋଇଯାଉଥିବାରୁ ଗୋଈଗୋରୁଙ୍କ ଖାଇବା ପାଇଁ ଅଭାବ ଦେଖାଦେଉଛି। ବ୍ଲକରେ ଅନେକ ଗାଁ ଗୁଡିକରେ ଏମିତି ନିଆଁ ଲଗାଯାଉଥିବା ଦୃଷ୍ଟିଗୋଚର ହେଉଛି। ଏଥିପ୍ରତି ପ୍ରଶାସନ ଲୋକଙ୍କୁ ସଚେତନ କରି ନିଆଁ ଲଗାଇବାରୁ ବାରଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ଏଯାଏଁ ପଞ୍ଜୀକରଣରୁ ବାଦ୍ ଚାଷୀ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାନ ପକାଇ ଧାରଣା

ବରଗଡ଼, ୫।୩(ସମିସ)

ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀ ଜିଲ୍ଲାପାଳ ଅଫିସରେ ଧାନ ପକାଇ ଅଭିନବ ପ୍ରତିବାଦ କରିଛନ୍ତି। ଜିଲ୍ଲାରେ ଗତ ନଭେମ୍ବର ୨୮ରୁ ଧାନ କିଣା ଆରମ୍ଭ ହୋଇଥିଲେ ମଧ୍ୟ ଏଥିରେ ଭୀଷଣ ଅବ୍ୟବସ୍ଥା ଦେଖା ଦେଉଛି। ଜିଲ୍ଲାରେ ମୋଟ ୧ ଲକ୍ଷ ୬୪ ହଜାର ଚାଷୀ ପଞ୍ଜିକୃତ ହୋଇଥିଲେ। କିନ୍ତୁ ସମସ୍ତ କାଗଜପତ୍ର ଦେଇ ୪୮୦୪ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିଥିଲେ। ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀ ଦୀର୍ଘ ୧୧ ଦିନ ଅହୋରାତ୍ର ଆନ୍ଦୋଳନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମତି କ୍ରମେ ଅତାବିରା ବିଧାୟକ ନିହାର ମହାନନ୍ଦ ଆନ୍ଦୋଳନ ସ୍ଥଳକୁ ଆସି ସମସ୍ତ ଚାଷୀଙ୍କୁ ଟୋକନ ଦିଆଯିବ ଏବଂ ସମସ୍ତ ଧାନ କିଣା ଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। କିଛି ଚାଷଙ୍କ ଟୋକନ ଆସିଲା ଓ ସେମାନେ ଧାନ ବିକ୍ରି କରି ପାରିଲେ। ତେବେ ଏବେ



ମଧ୍ୟ ଅନେକ ଚାଷୀଙ୍କ ଟୋକନ ଆସିନାହିଁ। ସେମାନେ ବିଭିନ୍ନ ମଣ୍ଡିରେ ଧାନ ପକାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଅତାବିରାରେ ୧୬୪ ପ୍ୟାକେଟ, ବରଗଡ଼ରେ ୧୦, ୫୫୯ ପ୍ୟାକେଟ ଏବଂ ପଦ୍ମପୁର ଆରଏମସିରେ ୨ ଲକ୍ଷ ୯୮ ହାଜର ୭୪୯ ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ପଞ୍ଜୀକରଣରୁ ବାଦ ପଡ଼ିଥିବା ଭେଡେନ ବ୍ଲକ ସହରାଟିକ୍ରା ମଣ୍ଡିରେ ୨୫/୩୦ ହଜାର ପ୍ୟାକେଟ ଧାନ ପଡ଼ିଛି। ଜନ ଶୁଣାଣିରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ଟୋକନ କେବେ ଆସିବ ବା ଧାନ କେବେ କିଣା ହେବ ବୋଲି ପ୍ରଶ୍ନ କରାଯାଇଥିଲା। କିନ୍ତୁ ସେ କୌଣସି ଉତ୍ତର ଦେଲେ ନାହିଁ। ସେଥିପାଇଁ ଆଜି ଅସନ୍ତୁଷ୍ଟ ଚାଷୀ ଧାନ ଧରି ଜିଲ୍ଲାପାଳ ଅଫିସରେ ପକାଇ ଧାରଣାରେ ବସିଛନ୍ତି। ଠିକ ସେହିପରି ମାଣ୍ଡୋସିଲ ଅଞ୍ଚଳର ଚାଷୀ ପାଇକମାଲ ତହସିଲ ଅଫିସରେ ଧାନରଖି ଧାରଣାରେ ବସିଛନ୍ତି। ଘେଁସ ପଞ୍ଚାୟତର ଝାଙ୍କରପାଳି ଗାଁରେ ଜଣଙ୍କ ନାଁରେ ପଟ୍ଟା ଅଛି। ସେହି ପଟ୍ଟାରେ ୨୭ ଜଣ ଧାନକାର୍ଡ କରିବା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୩ ଜଣଙ୍କ ଟୋକନ ଆସିଛି। ତେଣୁ ବାକି ୨୪ ଜଣ ଜିଲ୍ଲାପାଳ ଅଫିସ ସମ୍ମୁଖ ଧାରଣାରେ ସାମିଲ ହୋଇଛନ୍ତି। ଏହି ଧାରଣାକୁ ସଂଯୁକ୍ତ କୃଷକ ସଂଗଠନର କର୍ମକର୍ତ୍ତା ପୂର୍ଣ୍ଣ ମାତ୍ରାରେ ସମର୍ଥନ କରୁଥିବା ରମେଶ ମହାପାତ୍ର କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ କଳାକାର ଦେହେରୀ, କୁନା ଦେହେରୀ, ଡାକ୍ତର ପାତ୍ର, ନାରାୟଣ ଦେହେରୀ, ଶ୍ରଦ୍ଧାକର କର୍ମୀ, ଗୋପାଳ ବରିହା ଏବଂ ମୋତିଲାଲ ବରିହା ନେତୃତ୍ୱ ନେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପ୍ରତିଶ୍ରୁତି ମିଳିନି ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।

## ଡକାୟତି ମାମଲାରେ ଯୁବକ କୋର୍ଟ ଚାଲାଣ

ପାଇକମାଳ, ୫।୩(ସମିସ): ପାଇକମାଳ ଥାନା ବଇଦପାଲି ନିକଟରେ ଡକାୟତି ମାମଲାରେ ପାଇକମାଳ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ପାଇକମାଳ ଥାନା କୋକନାରା ଗାଁର ଲୋକନାଥ ବାରିକଙ୍କ ପୁଅ ସୋନୁ ବାରିକ (୨୭) ବୋଲି ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି। ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଦରୋମୁଣ୍ଡା ଗାଁର ଧନଞ୍ଜୟ ଗୈରୀ କୌଣସି କାମ ପାଇଁ କୁତ୍ରାମାଲ ଯାଉଥିଲେ। ପାଇକମାଳ ଛକରୁ କୁତ୍ରାମାଲ ପଟକୁ ଚାଲି ଚାଲି ଯାଉଥିବା ସମୟରେ ବଇଦପାଲି ନିକଟରେ ଜଣେ ଅଜଣା ଯୁବକ ବାଇକରେ ଛିଡା ହୋଇଥିଲା। ହଠାତ୍ ସେହି ଯୁବକ ଧନଞ୍ଜୟଙ୍କ ପାଖକୁ ଆସି ଗାଳିଗୁଲଜ ଓ ମାରପିଟ୍ କରିଥିଲା। ପୁଣି ଧମକ ଦେଇ ତାଙ୍କ ଠାରୁ ମୋବାଇଲ ଛଡାଇ ନେଇ ପଳାଇଥିଲା। ଏନେଇ ଧନଞ୍ଜୟ ପାଇକମାଳ ଥାନାକୁ ଆସି ଅଭିଯୋଗ କରିଥିଲେ। ପାଇକମାଳ ପୁଲିସ ତଦନ୍ତ କରି ଯୁବକକୁ ଗିରଫ କରିଥିଲା। ଯୁବକ ଠାରୁ ଦୁଇଟି ମୋବାଇଲ, ଏକ ବିନା ନମ୍ବର ବାଇକ୍ ଓ ଗୋଟିଏ ଖେଳଣା ବନ୍ଧୁକ ଜବତ ହୋଇଛି। ଯୁବକଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇ ପଦ୍ମପୁର କୋର୍ଟ ଚାଲାଣ କରାଯାଇଛି।

## ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟୀକାକରଣ

ବିଜେପୁର, ୫।୩(ସମିସ): ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମିଳନୀ କକ୍ଷରେ ଜାତୀୟ ହ୍ୟୁମାନ ପାପିଲୋମା ଭାଇରସ (ଏଚ୍‌ପିଭି) ଟୀକାକରଣ ଅଭିଯାନର ଶୁଭାରମ୍ଭ ହୋଇଛି। କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପାଇଁ ଆରମ୍ଭ ହୋଇଥିବା ଅଭିଯାନକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ସୁଶାନ୍ତ ମେହେର ଶୁଭାରମ୍ଭ କରିଥିଲେ। ମହିଳାମାନଙ୍କ ମଧ୍ୟରେ ବ୍ୟାପକ ଭାବେ ଦେଖାଯାଉଥିବା ଗର୍ଭାଶୟ କ୍ୟାନ୍‌ସରକୁ ରୋକିବା ପାଇଁ ଏହା ଉପଯୋଗୀ ବୋଲି କହିଥିଲେ। ଜିଲ୍ଲାରେ ଏହି ଅଭିଯାନରେ ମୋଟ ୧, ୨୮୪ ଜଣ ୧୪ ବର୍ଷ ବୟସର କିଶୋରୀଙ୍କୁ ଟୀକା ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ବ୍ଲକ ଓ ଗାଁ ସ୍ତରରେ ସ୍ୱାସ୍ଥ୍ୟ କର୍ମଚାରୀ, ଆଶାଦିଦି ଓ ଅଙ୍ଗନବାଡି କର୍ମୀମାନେ ଘରେ ଘରେ ଯାଇ ସଚେତନତା ସୃଷ୍ଟି କରୁଛନ୍ତି। ଅଭିଭାବକ ମାନଙ୍କୁ ଟୀକାର ଲାଭ, ସୁରକ୍ଷା ଓ ଏହାର ଆବଶ୍ୟକତା ବିଷୟରେ ସଚେତନ କରାଯାଉଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଏବିଇଓ ପୂର୍ଣ୍ଣଚନ୍ଦ୍ର ପଧାନ ଓ ସରକାରୀ ହାଇସ୍କୁଲ ବିଜେପୁରର ପ୍ରଧାନଶିକ୍ଷକ ମନୋଜ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟି ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୁଦ୍ରଦେବ ଡନସନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ କବିତାଞ୍ଜଳୀ ଦାଶ, ବିଜୟ ସରାପ, ନାରାୟଣ ପାଢ଼ୀ, କ୍ଷିରୋଦ୍ର ସାହୁ, ଦେବାଶିଷ ଦେବତା, ଅମିତ ସାହୁ, ନବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୂଚନା ଅଧିକାର ଅଧିନିୟମ କର୍ମଶାଳା ଓ ବକ୍ତୃତା ପ୍ରତିଯୋଗିତା

ବରଗଡ଼, ୫।୩(ସମିସ): ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଜିଲ୍ଲାର ବିଭିନ୍ନ ବିଭାଗ ତଥା କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ସହ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ମାଇ ଭାରତ ଭଲ୍ୟୁଣ୍ଟିୟରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୂଚନା ଅଧିକାର ଅଧିନିୟମ-୨୦୦୫ର ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଏହାର ଉଦ୍ଦେଶ୍ୟ ରହିଛି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବରଗଡ଼ଙ୍କ ଜରିଆରେ



କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲୋକଙ୍କୁ ସଠିକ ତଥ୍ୟ ନିୟମ ଅନୁଯାୟୀ ପ୍ରଦାନ କରିବା ପାଇଁ କହିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭୁବନେଶ୍ୱର ଲୁମିନଶ ପ୍ରାଇଭେଟ ଲିମିଟେଡରୁ ରଶ୍ମି ରଞ୍ଜନ ରାଉତ ବିଷୟ ବିଶାରଦ ଯୋଗ ଦେଇ (ଡିସ୍‌କ୍ଲୋଜରର ଅପଡେସନ୍) ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ସ୍ୱତଃପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ ଉତ୍ତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା, କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ନିମିତ୍ତ ଆବଶ୍ୟକ ରେଜିଷ୍ଟର ଲିପିବଦ୍ଧ କରିବା, କାର୍ଯ୍ୟାଳୟରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ନାମ ଯୋଗାଯୋଗ ନାମର ଆଦି ପ୍ରଦର୍ଶିତ କରିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ। ପ୍ରଶ୍ନୋତ୍ତର ଅଧିବେସନରେ ଅଧିକାରୀ ମାନେ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସନ୍ଦେହ ମୋଚନ କରିଥିଲେ।

## ପିଲା ଚୋରି ଅଭିଯୋଗରେ ଯୁବକ ଅଟକ



ଭେଡେନ, ୫।୩(ସମିସ): ଭେଡେନ ଥାନା ରକ୍ଷୁଡା ଫାଣ୍ଡି ଭାଲୁପାଲି ଗାଁରେ ଗୁରୁବାର ପିଲା ଚୋରି ଅଭିଯୋଗରେ ଜଣେ ବ୍ୟକ୍ତିକୁ ଗ୍ରାମବାସୀ ଅଟକ ରଖି ପୁଲିସକୁ ଖବର ଦେବାପରେ ପୁଲିସ ପହଞ୍ଚିବା ବିଳମ୍ବ ହେବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଡେରିରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଜଣକ ପପଙ୍ଗା ଗାଁର କାଠୁ ସୁରୁଜାଳ ବୋଲି ଜଣାପଡ଼ିଛି। ଗୁରୁବାର ଅଭିଯୁକ୍ତ ଜଣକ ଭାଲୁପାଲି ଯାଇ ଜଣେ ବ୍ୟକ୍ତିଙ୍କ ଘରକୁ ପଶିଥିଲା। ପରିବାର ଲୋକେ ଏହା ଜାଣି ଗାଁ ଲୋକଙ୍କୁ କହିବାରୁ ସମସ୍ତେ ଗୋଡ଼ାଇ ଚୋରକୁ କାବୁ କରିଥିଲେ। ଏହାପରେ ୫ ଜଣ ମିଶି ପିଲା ଚୋରି କରିବା ଉଦ୍ଦେଶ୍ୟରେ ଆସିଥିଲେ ଏବଂ ୪ ଜଣ ବାହାରେ ଥିବା ବେଳେ ଅଭିଯୁକ୍ତ ଘରକୁ ପଶିଥିବା ସ୍ୱୀକାର କରିଥିଲା। ତେବେ ଅନ୍ୟ ମାନେ ଖସି ପଳାଇଥିବା କଥା କହିଥିଲା। ପିଲାଚୋରି କରି ସମ୍ବଲପୁରର ଜଣେ ଲୋକକୁ ସେମାନେ ପିଲାଙ୍କୁ ଜଣକା ୫୦ ହଜାର ଟଙ୍କାରେ ବିକ୍ରି କରିଥାନ୍ତି ବୋଲି ପ୍ରକାଶ କରିଥିଲା। ପରେ ଅଭିଯୁକ୍ତ ଗଣମାଧ୍ୟମ ସାମ୍ନାରେ ମଧ୍ୟ ଦୋଷ ସ୍ୱୀକାର କରିଛି। ଅଭିଯୁକ୍ତକୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ ମରାଯାଉଥିବା ଭିଡିଓ ଭାଇରାଲ ହୋଇଥିବାରୁ କିଛି ଗ୍ରାମବାସୀଙ୍କୁ ମଧ୍ୟ ପୁଲିସ ଅଟକ ରଖି ପଚରାଉଚରା କରିଛି।

## କୁର୍ମାରେ ବନାଗ୍ନି ନିରାକରଣ ସଚେତନତା

ଝାରବନ୍ଧ, ୫।୩(ସମିସ): ଝାରବନ୍ଧ ବ୍ଲକର ଗୌଡମାଳ କ୍ଲଷ୍ଟର ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁର୍ମା ଠାରେ ବନାଗ୍ନୀ ନିରାକରଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ସିଆରସିସି ପୁରନ୍ଦର କୁମ୍ଭାରଙ୍କ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ କ୍ୟାବିନେଟର ପରିବେଶ ମନ୍ତ୍ରୀମାନେ ଭାଗ ନେଇଥିଲେ। ପ୍ରଥମ ଅଧିବେଶନରେ ବନାଗ୍ନୀର ମୂଳ କାରଣ, ତାହାର କୁପ୍ରଭାବ ଓ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଜଙ୍ଗଲ ସୁରକ୍ଷା ଓ ପରିବେଶ ସଂରକ୍ଷଣକୁ ଭବିଷ୍ୟତ ପିଢ଼ିର ଦାୟିତ୍ୱ ବୋଲି ଉଲ୍ଲେଖ କରାଯାଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ ଓ ୱାର୍ଡ ସଭ୍ୟ ପବିତ୍ର ଭୁଏ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସମସ୍ତେ ବନାଗ୍ନୀ ନିରାକରଣ ଓ ପରିବେଶ ସୁରକ୍ଷା ପାଇଁ ସମୂହ ସଙ୍କଳ୍ପ ଗ୍ରହଣ କରିଥିଲେ।

## ନୃସିଂହନାଥ ମନ୍ଦିରର ୱେବସାଇଟ୍ ଉନ୍ମୋଚିତ

ପାଇକମାଳ, ୫।୩(ସମିସ): ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର ସମଗ୍ର ଭାରତ ବର୍ଷରେ ଏକ ବିରଳ ଓ ପ୍ରସିଦ୍ଧ ତୀର୍ଥକ୍ଷେତ୍ର। ଏହାର ତଥ୍ୟ, ତତ୍ତ୍ୱ, କଥା, କିମ୍ବଦନ୍ତୀ ସ୍ୱତନ୍ତ୍ର ଓ ନିଆରା ଅଟେ। ପ୍ରତିଦିନ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଏହି ପବିତ୍ର ତୀର୍ଥର ବିବରଣୀ ପୃଥିବୀ ସାରା ଲୋକେ ଜାଣିବା ଆବଶ୍ୟକ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିରର ଅଫିସିଆଲ ୱେବସାଇଟ ଉନ୍ମୋଚନ ଅବସରରେ ଅତିଥି ବୃନ୍ଦ ମତ ପ୍ରକାଶ କରିଛନ୍ତି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୱେବସାଇଟର ଉନ୍ମୋଚନ କରିଥିଲେ। www.nrusinghanathtemple.in ୱେବସାଇଟରେ ମନ୍ଦିରର ସମସ୍ତ ବିବରଣୀ ଉପଲବ୍ଧ ହୋଇଛି ବୋଲି ସୂଚନା ଦିଆଯାଇଥିଲା। ପର୍ଯ୍ୟଟକ ମାନେ ମନ୍ଦିର ଅବସ୍ଥିତି, ଯାତାୟାତ ସୁବିଧା, ଦର୍ଶନ ସମୟ, ଆଗତୁରା ଭୋଗ ତଥା ରହିବା ବ୍ୟବସ୍ଥା ବୁକିଂ କରିବା ଆଦି ସୁବିଧା ପାଇପାରିବେ ବୋଲି ସୂଚନା ଦିଆଯାଇଥିଲା। ସମ୍ମାନିତ ଅତିଥି ପିଡବ୍ଲ୍ୟୁଡିର ଇଞ୍ଜିନିୟର ଅରୁଣ ପାଣ୍ଡେ ଓ ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ସଭାପତି ବଡ ଶତପଥୀ ତୀର୍ଥକ୍ଷେତ୍ରର ବିକାଶ ପାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଅଧ୍ୟାପକ ସୁଶାନ୍ତ ମିଶ୍ର ଓ ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ ଲିଟୁ ମହାନ୍ତି ଯୋଗଦାନ କରି ଏହି ପୀଠର ତଥ୍ୟ ଓ ତତ୍ତ୍ୱ ସଂରକ୍ଷଣ ପାଇଁ ଆଗକୁ ଆହୁରି ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ୱେବସାଇଟର ନିର୍ମାତା ଶଶିକାନ୍ତ ସାହୁଙ୍କୁ ଉପଢୌକନ ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସଫଳତା

ପଦ୍ମପୁର, ୫।୩(ସମିସ): ଇନସ୍ପାୟାର ଆୱାର୍ଡ ପାଇଁ ଚଳିତ ବର୍ଷର ଫଳ ପ୍ରକାଶିତ ହୋଇଛି। ଏଥିରେ ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରର ୩ ଜଣ ଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ସେମାନେ ହେଲେ ଶ୍ରାବଣୀ ମିଶ୍ର, ଶୁଭଶ୍ରୀ ସୁନା ପ୍ରିୟଙ୍କା ବରିହା। ବିଦ୍ୟାଳୟର ଏହି କୃତିତ୍ୱ ପାଇଁ ଛାତ୍ରୀ ମାନଙ୍କୁ ତଥା ତାଙ୍କର ଦିଗଦର୍ଶକ ଶିକ୍ଷକ ମାନସରଞ୍ଜନ ଶତପଥୀ ଓ ମନୀଷା ଭୋଇଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପହଣ୍ଡି ବିଜୟ ମେହେର, ବରିଷ୍ଠ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜ୍ୟୋସ୍ନାରାଣୀ ସାହୁ ଅଭିନନ୍ଦନ ଜଣାଇଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ତଥା ଅଭିଭାବକ ସଂଘ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିଶ୍ରମ ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି।







## ୬ରୁ ମାଷ୍ଟର୍ସ ଚାମ୍ପିଅନସିପ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ

ବରଗଡ଼, ୫।୩(ସମିସ): ବରଗଡ଼ର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ମାର୍ଚ୍ଚ ୬ରୁ ୮ ପର୍ଯ୍ୟନ୍ତ ମାଷ୍ଟର୍ସ ଚାମ୍ପିଅନସିପ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ସହାୟତାରେ ବରଗଡ଼ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ଦ୍ୱାରା ଚାମ୍ପିଅନସିପ୍ ଆୟୋଜିତ ହେଉଛି। ପ୍ରତିଯୋଗିତାରେ ଓଡ଼ିଶାର ୨୨ଟି ଜିଲ୍ଲାରୁ ମୋଟ ୯୦ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଚାମ୍ପିଅନସିପରେ ୩୫+, ୪୦+, ୪୫+, ୫୦+, ୫୫+, ୬୦+, ୬୫+, ୭୦+ ଏବଂ ୭୫+ ଭଳି ବିଭିନ୍ନ ବୟସ ବର୍ଗ ଅଂଶଗ୍ରହଣ କରିବେ। ଏହା ରାଜ୍ୟର ବ୍ୟାଡମିଣ୍ଟନ ଖେଳାଳିଙ୍କୁ ପ୍ରତିଯୋଗିତାମୂଳକ ପ୍ଲାଟଫର୍ମ ପ୍ରଦାନ କରିବ। ପ୍ରତିଦିନ ସକାଳ ୯:୩୦ରୁ ରାତି ୮:୩୦ ପର୍ଯ୍ୟନ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦାବି







ବରଗଡ଼, ୫।୩(ସମିସ)

ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ବରଗଡ଼ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ପାଳିତ ହୋଇଛି। ପୂର୍ବତନ ବିଧାୟକ ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଜେଡି କର୍ମୀ ଓ ନେତୃ ମଣ୍ଡଳୀ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବିଜେଡି ଜିଲ୍ଲା ଉପସଭାପତି କିଶୋର ମିଶ୍ର, ଟାଉନ ବିଜେଡି ସଭାପତି ଅନୁପ ଶତପଥୀ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ମହିଳା ସଭାପତି କଳ୍ପନା ମାଝୀ, ଛାତ୍ର ଜିଲ୍ଲା ଛାତ୍ର ସଭାପତି କରନ ସିକନ୍ଦର, ରାଜ୍ୟ ମହିଳା ସମ୍ପାଦିକା ଅନୁରାଧା ଅଗ୍ରୱାଲ ଉପାଧ୍ୟକ୍ଷ ରାଜେଶ ଅଗୱାଲ, ଉମା ଚରଣରାଉତ, ଅକୃର ବାରିକ, ଜ୍ୟୋତ୍ସ୍ନା ପାଇକ, ନିତୁ ମହାନ୍ନା, ରାଜୁ ଦାଶ, ରୋଶନ ପଧାନ, ଜମିର ମହମ୍ମଦ, ସଞ୍ଜୀବ କୋହଲି, ଭରତ ମହାନ୍ତି, ତୁଷାର ମହନ୍ତି, ପିକୁନ ମହାନ୍ତି, ଅଶ୍ୱିନୀ ସରାଫ ଓ ସତ୍ୟ ପଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଏବଂ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ବିଜୁ ବାବୁ ଭାରତର ଗର୍ବ ଓ ଗୌରବ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ତେବେ ଏହି ଅବସରରେ ବିଜୁ ବାବୁଙ୍କୁ ଭାରତ ସରକାର 'ଭାରତରତ୍ନ' ସମ୍ମାନ ପ୍ରଦାନ କରନ୍ତୁ ବୋଲି ଜିଲ୍ଲା ବିଜେଡି ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା।

**ପଦ୍ମପୁର:** ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ମହାନ୍ ଜନ ନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଟାଉନ ସଭାପତି ନବ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଜିଲ୍ଲାପରିଷଦ ସଭ୍ୟ ସୁଶିଲ ମରେଇ, ରାଜବୋଡାସମ୍ବର ବ୍ଲକ ବିଜେଡି ସଭାପତି ଦୁଷ୍ମନ୍ତ ପଟେଲ, ଝାରବନ୍ଧ ବ୍ଲକ ବିଜେଡି ସଭାପତି ଯତୀନ୍ଦ୍ର ହାତୀ, ସିଦ୍ଧାର୍ଥ ମିଶ୍ର, ରାଜୁ ଘିବେଲା ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରଶାନ୍ତ ମହାନ୍ତି, ଶଙ୍କର୍ଷଣ ନାଗ, ଧନମାଲି ହାତୀଙ୍କ ସମେତ ସମସ୍ତ କାଉନସିଲର, ପଞ୍ଚାୟତ ସଭାପତି ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ଅତାବିରା:** ଲାଦରପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର କଲ୍ୟାଣମଣ୍ଡପରେ ଅତାବିରା ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ତତ୍ତ୍ୱାବଧାନରେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏ ସରକାର ଅମଳରେ ଧାନ କିଣାରେ ଚାଷୀ ବହୁ ହଇରାଣ ହୋଇଛନ୍ତି। କିଛି ଚାଷୀଙ୍କ ଟୋକନ ଆସି ନାହିଁ, ଆସିବ କି ନାହିଁ ଅନିଶ୍ଚିତତାରେ ସେମାନେ ରହିଛନ୍ତି। ରାଜ୍ୟ ସରକାର ଚାଷୀ ବିରୋଧି ବୋଲି କହି ନେତୃ ମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିଲେ। ଏନଏସି ଯୁବ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ମଞ୍ଚ ପରିଚାଳନାରେ ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳୀ ନାଏକ, ଏନଏସି ଅଧ୍ୟକ୍ଷ ବନମାଳୀ ବରିହା, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଆରଏମସି ଉପାଧ୍ୟକ୍ଷ ସୁବାଷ ହୋତା, ଏସଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟରଞ୍ଜିତ ସାହୁ, ସତ୍ୟଜିତ ପୁରୋହିତ, ମମତା ପ୍ରଧାନ, ପଦ୍ମିନୀ ଗଡ଼ତିଆ, ଏନଏସି ବିଜେଡି ସଭାପତି ଟଙ୍କ ଦାଶ, ବରିଷ୍ଠ ନେତା ଉର୍କୁଲୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜୁ ବାବୁଙ୍କ ସାହସିକତା ଓ ଜନହିତକର କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିଲେ। ବିଜେଡିର ଭେଡେନ ବ୍ଲକ ସଭାପତି ହରିଶଙ୍କର ବେହେରା ଧନ୍ୟବାଦ ଦେଇଥିଲେ।

**ଅମ୍ବାଭୋନା:** ଅମ୍ବାଭୋନା କେଦାରନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ଭଟଲି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ମହାନ ଜନନାୟକ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ସୋହେଲା ବ୍ଲକର ବରିଷ୍ଠ କର୍ମୀ ଓ ଦଳର ସଭାପତି ଗଣତନ୍ତ୍ର ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ସୁଶାନ୍ତ ସିଂହ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ସୁବ୍ରତ ସିଂହ, ବରିଷ୍ଠ ନେତା ସୁଶାନ୍ତ ମିଶ୍ର, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟା ନୀଳ ନାୟକ, ଭଟଲି ବ୍ଲକ ବିଜେଡି ସଭାପତି ହୃଦାନନ୍ଦ ଖମାରୀ, ଅମ୍ବାଭୋନା ବ୍ଲକ ବିଜେଡି ସଭାପତି ବିଷ୍ଣୁ ପଧାନ, ବ୍ଲକ ଅଧ୍ୟକ୍ଷ କିର୍ତ୍ତିଚନ୍ଦ୍ର ଦୁଆନ, ସୋହେଲା ବ୍ଲକ ଅଧ୍ୟକ୍ଷ ବବି ପଧାନ, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଉତ୍ତମ ପଞ୍ଚାୟତ ସରପଞ୍ଚ ହୀରାଧର ସାହୁ, ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ, ସନ୍ତୋଷ ସେଠ, ରଘୁନାଥ ପଟେଲ ଓ ସୁବ୍ରତ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଜୁ ପଟ୍ଟନାୟକଙ୍କ ଜୀବନୀ ଓ ତାଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ସଭାକୁ ପଞ୍ଚାନନ ପୁରୋହିତ ପରିଚାଳନା କରିଥିଲେ। ଶେଷରେ ଅମ୍ବାଭୋନା ବ୍ଲକ ବିଜେଡି ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୁବ ନେତା ପୂର୍ଣ୍ଣାନନ୍ଦ ବଡ଼େଇ, ସତ୍ୟନାରାୟଣ ଗରିଆ, ଗୌରୀଶଙ୍କର ଅଗ୍ରୱାଲ, ଢୋଲାମଣି ପଟେଲ, ଖେଟବ୍ରତ ସାହୁ ସମେତ ଭଟଲି, ଅମ୍ବାଭୋନା ଓ ସୋହେଲା ବ୍ଲକର ସମସ୍ତ ବିଜେଡିର କର୍ମୀ ଉପସ୍ଥିତ ଥିଲେ।

ସକାଳ THE SAKALA



# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ





ପ୍ରଦ୍ୟୁତ କୁମାର ମହାନ୍ତି, ଗଣେଶ ଅଗ୍ରୱାଲ, ବରଦା ଶର୍ମା, କାଉନସିଲର ନବୀନ ହୋତା, ଶୁଶିଲ ନାୟକ, ପ୍ରଶାନ୍ତ ସାହୁ, ରାକେଶ ସାହୁ, ବିଶ୍ୱଜିତ ଦେବଙ୍କ ସହ ଅନ୍ୟ କର୍ମୀମାନେ ଉପସ୍ଥିତ ରହି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥି ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ବିଜୁ ବାବୁ ଦେଖିଥିବା ସ୍ୱାଭିମାନ ଓଡ଼ିଶା, ନବୀନ ଓଡ଼ିଶା ସ୍ୱପ୍ନକୁ ଦେଖିଥିବା ନବୀନ ପଟ୍ଟନାୟକ ସଫଳ କରିବା ପାଇଁ ଆହ୍ୱାନ ଦେଇ ଏହାକୁ ସଫଳ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଛନ୍ତି।

**ରେଢ଼ାଖୋଲ**

**ରେଢ଼ାଖୋଲ, ୫।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଜେଡ଼ି କାର୍ଯ୍ୟାଳୟରେ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଦଳୀୟ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଉପସଭାପତି ଅନାଦି ସାହୁ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବଶଙ୍କୁ ନନ୍ଦ, କାଉନସିଲର ସୁଧାଂଶୁ ଅମାତ, ବରିଷ୍ଠ ନେତା ଖିରୋଦ ଖିଲାରୀ, ବିରିଞ୍ଚ ବହାଦୁର, ସୁରେନ୍ଦ୍ର ବିଶାଳ, ଶତ୍ରୁପ୍ରସାଦ ପ୍ରଧାନ, ଘନ ପ୍ରଧାନ, ପ୍ରଦୀପ ଚାଉଳିଆ, ରାଜୀବ ଲୋଚନ ପ୍ରଧାନ, ବଶିଷ୍ଠ ରାଉତ, ରାଜୁ ମୁଖି, ଜିତେନ୍ଦ୍ର ବେହେରା, ଟିନା ପ୍ରଧାନ, ଆଲୋକ ପ୍ରଧାନ, ଦଉ ବିଶାଳ, ନିରଞ୍ଜନ ମହାକୁଡ଼ ପ୍ରମୁଖ ସମେତ ଦଳର ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।

**ସମ୍ବଲପୁର ବିଜେଡି**

**ସମ୍ବଲପୁର, ୫।୩ (ସମିସ)**






ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ରେମେଡ ଛକସ୍ଥିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଡ଼ଃ ରୋହିତ ପୂଜାରୀଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମାଲ୍ୟାର୍ପଣ କରାଯାଇଥିଲା। ସୋଠାରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯାଇ, ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ତପରେ ସମସ୍ତ ନେତୃମଣ୍ଡଳୀ ଏବଂ କର୍ମୀ ଡ଼ଃ ପୂଜାରୀଙ୍କ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଭିମୁଖେ ଯାଇଥିଲେ ଏବଂ ସେଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ବସନ୍ତ ମିଶ୍ର, ବେଣୁଧର ଦାସ, ଆନନ୍ଦ ବଡଗ୍ୟାନ୍, ସୁରୁବାବୁ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ଧର୍ମରାଜ ମେହେର, ସତ୍ୟେନ୍ଦ୍ର ଦାସ, ଯୁବ ବିଜେଡି ଜିଲ୍ଲା ସଭାପତି ପ୍ରତୋଷ ମହାନ୍ତି, ଛାତ୍ର ବିଜେଡି ସଭାପତି ଶୁଭାଂଶୁ ଶେଖର ପାଢ଼ୀ, ମହିଳା ବିଜେଡି ସଭାନେତ୍ରୀ ସଂଯୁକ୍ତା ମେହେର, ଅବିନାଶ ପଟେଲ, ଅନମୋଲ ଦାସ, ସୁରେନ୍ଦ୍ର ବିଶାଳ, ଭାସ୍କର ଦାସ, ବବି ସିଂ, ପ୍ରହ୍ଲାଦ ଗୁରୁ, ଶୁକେଶ ସିଂ, ଦୁଲାଳ ରାୟ, ଭାବେଶ ଚାନ୍ଦ, ରବୀନ୍ଦ୍ର ସିଂ, ହିମାଂଶୁ ପ୍ରଧାନ, ଓଁକାର ନାୟକ, ବିକାଶ ଛେତ୍ରି, ପ୍ରଶାନ୍ତ ନାୟକ, ଜିନୁ ମଲ୍ଲ, ବ୍ରମଦେବ ମହାନ୍ତି ଏବଂ ବିଜୁ ମହିଳା ଜନତା ଦଳର ବରିଷ୍ଠ ନେତ୍ରୀ ଉଷା ପ୍ରଧାନ, ଲିଲିମା ମଲ୍ଲିକ, ରୂପାଞ୍ଜଳି ରଣବିରା, ପଦ୍ମା ମହାନନ୍ଦ, କୁଶ୍ରୀ ସିଂ, ପାରୋ ମୁଣ୍ଡା, ସ୍ୱର୍ଣଲତା ସାହୁ, ପ୍ରମିଳା ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହାସହିତ ବୁଲା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପରୋକ୍ତ ନେତୃମଣ୍ଡଳୀ ଏବଂ କର୍ମୀଙ୍କ ସମେତ ସଞ୍ଜୟ ଗୌଡ଼, ପ୍ରଦୀପ କୁମାର ମିଶ୍ର, ଦେବେନ୍ଦ୍ର କୁମାର ପ୍ରଧାନ, ଶିବ କୁମାର, ଟିଟୁ ସାମଲ, ଅନିତା ନାଏକ, କଳ୍ପନା ବେହେରା, ଶାନ୍ତିଲତା ସ୍ୱାଇଁ, ବିଶାଖଣ ଭିସାର, ସୂର୍ଯ୍ୟକାନ୍ତ ସ୍ୱାଇଁ, କେଶବ ମେହେର, ଶଙ୍କର ପ୍ରସାଦ, ଦୀପ୍ତି ରଞ୍ଜନ ମଲ୍ଲିକ, ଗୌତମ ବେହେରା, ରୁବେନ ଛତ୍ରିଆ, ଦୀପକ ବେଟୀ, ନରେନ୍ଦ୍ର ଭୂସାଗର ପ୍ରମୁଖ ଉପସ୍ଥିତ ଥିଲେ।

**କୁଚିଣ୍ଡା**

**କୁଚିଣ୍ଡା, ୫।୩(ସମିସ):** କୁଚିଣ୍ଡା ବିଜୁ ପାଠାଗାରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୁଚିଣ୍ଡା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ କୁଚିଣ୍ଡା ଏନ୍‌ଏସି ଚେୟାରମ୍ୟାନ

# ସମ୍ବଲପୁର ପ୍ରେସ୍ କ୍ଲବ୍ ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

**ସମ୍ବଲପୁର, ୫।୩ (ସମିସ) :** ସମ୍ବଲପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତା ଆଗାମୀ ଦୁଇବର୍ଷ ପାଇଁ ସଦସ୍ୟ ଏବଂ କ୍ଲବର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ପ୍ରେସ କ୍ଲବ ପରିଚାଳନା କମିଟିର ପ୍ରଥମ ବୈଠକରେ ପରିଚାଳନା କମିଟିରେ ଖାଲି ରହିଥିବା ଦୁଇଟି ସଦସ୍ୟ ପଦବୀ ପାଇଁ ବାଦଶାହ ଜୁସମନ କୁମାର ରଣା ଏବଂ ଶ୍ରବଣ ପତିଙ୍କୁ ସଦସ୍ୟ ଭାବେ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ସହରରେ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବଲପୁର ପ୍ରେସ କ୍ଲବ ପରିସରରେ ୨ ଶହ ସିଟ ବିଶିଷ୍ଟ ସମ୍ମିଳନୀ କକ୍ଷ ନିର୍ମାଣ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଦୁଇ ଉପସଭାପତି ନରେଶ ଚନ୍ଦ୍ର ସେଠ ଓ ବିରାଜ କୁମାର ମିଶ୍ର, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଭୋଇ, ଦୁଇ ଯୁଗ୍ମ ସମ୍ପାଦକ ଅମଲେନ୍ଦୁ ନାୟକ ଓ ଅନିଲ ଶ୍ରୀରାମକା, କୋଷାଧ୍ୟକ୍ଷ ସୁବ୍ରତ କୁମାର ମିଶ୍ର, ସଦସ୍ୟ ଦେବେନ୍ଦ୍ର କୁମାର ମିଶ୍ର, ଜସବୀର ସିଂହ, ଶ୍ରବଣ କୁମାର ପତି ଓ ବାଦସାହା ଜୁସମନ ରଣା ଉପସ୍ଥିତ ଥିଲେ।

# ଜିଏମ୍‌ୟୁରେ ‘ଶବ୍ଦଗଙ୍ଗା’ ଲୋକାର୍ପିତ

**ସମ୍ବଲପୁର, ୫।୩ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନ୍‌ଲାଇନ୍ ମାସିକ ମୁଖପତ୍ର ‘ଶବ୍ଦଗଙ୍ଗା’ର ୬୯ତମ ସଂଖ୍ୟା ଗୁରୁବାର ସନ୍ଧ୍ୟାରେ ମୁଖ୍ୟ ସମ୍ପାଦକ ଡଃ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ସଭାରେ ଅତିଥିକବି ଭାବେ ଡଃ ସୁନୀତି ଦେବତା ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା ‘ମୁହୂର୍ତ୍ତ’ ଆବୃତ୍ତି କରିବା ସହ ସାହିତ୍ୟ କିପରି ଆମକୁ ଜୀବନକୁ ଚିହ୍ନାଏ, ବଞ୍ଚିବାର ପ୍ରେରଣା ଯୋଗାଏ ଖୁବ୍ ସୁନ୍ଦର ଭାବେ ବିଶ୍ଳେଷଣ କରିବା ସହ ଯୁବପିଢି ଲେଖନୀକୁ ଚଳଚଞ୍ଚଳ କରିବା ସହ ଅଧିକରୁ ଅଧିକ ପଢ଼ିବା ପାଇଁ ବାର୍ତ୍ତା ଦେଇଥିଲେ। ‘ଶବ୍ଦଗଙ୍ଗା’ର ସହଯୋଗୀ ଛାତ୍ର ସମ୍ପାଦିକା ବର୍ଷାରାଣୀ ନନ୍ଦ ସ୍ୱାଗତ ଭାଷଣ ଏବଂ ଛାତ୍ର ସମ୍ପାଦିକା ଲିପ୍ସା ମେହେର ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବ ପ୍ରତିଭା ମଧୁସ୍ମିତା ଧଳ, ଛାତ୍ରୀ ତୃଷ୍ଣା ଦାଶ ପ୍ରମୁଖ ‘ଶବ୍ଦଗଙ୍ଗା’ ସମ୍ପର୍କରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସହଯୋଗୀ ସମ୍ପାଦିକା ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ସହ-ସମ୍ପାଦକ ଜଗନ୍ନାଥ ମେହେର ଯାନ୍ତ୍ରିକ ସହଯୋଗ କରିଥିଲେ।

# ପାଇପ ଲାଇନ କାର୍ଯ୍ୟ ବନ୍ଦ କରିବାକୁ ଦାବି



**ସମ୍ବଲପୁର, ୫।୩ (ସମିସ):** ଆଦିତ୍ୟ ବିର୍ଲା ଗ୍ରୁପ ହିଣ୍ଡାଲକୋ ହୀରାକୁଦ ପ୍ଲାଣ୍ଟକୁ ୩ ନମ୍ବର ପାଇପ ଲାଇନ ସଂଯୋଗ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ସକାଶେ ହସ୍ତକ୍ଷେପ କରିବାପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଯଦି ପାଇପ ଲାଇନ କାର୍ଯ୍ୟ ଆଗକୁ ବନ୍ଦ କରା ନ ଗଲା ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଇଂ. ଦିଲିପ କୁମାର ଦୁରିଆଙ୍କ ନେତୃତ୍ୱରେ, ଅନୁସୂଚିତ ଜାତି କଂଗ୍ରେସ ରାଜ୍ୟ ସମ୍ପାଦକ ତାପସ କୁମାର, ରମେଶ ଷଣ୍ଢ, ଆଶିଷ ଚୌଧୁରୀ, କୃଷ୍ଣ ନାୟକ, ଦୁବରାଜ ଛୁରିଆ ପ୍ରମୁଖ ବହୁସଂଖ୍ୟକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏନେଇ ଗୁରୁତ୍ୱ ସହିତ ବିଚାର କରି ସମାଧାନ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ନିନ୍ଦା

**ସମ୍ବଲପୁର, ୫।୩ (ସମିସ):** ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିଷୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭେଟି ଅବଗତ ହେଲେ ପୂର୍ବତନ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ଼ଃ ରୋହିତ ପୂଜାରୀ। ସୂଚନାନୁଯାୟୀ କିଛିଦିନ ପୂର୍ବରୁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ରାଜ୍ୟ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିଲା, ଯେଉଁଠି ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଖାଦ୍ୟପେୟ ଠିକ୍ ଭାବରେ ମିଳୁ ନ ଥିଲା, ଏପରିକି ମଧ୍ୟାହ୍ନ ଭୋଜନରେ କ୍ରୀଡାବିତ୍‌ଙ୍କୁ ମୁଢ଼ି ଏବଂ ତରକାରୀ ଖାଇବାକୁ ଦିଆଯାଇଥିବାର କଥା ସାମ୍ନାକୁ ଆସିଥିଲା। କ୍ରୀଡ଼ା ପ୍ରତିଯୋଗିତାରେ ହେଉଥିବା ମ୍ୟାଚ୍ ଗୁଡ଼ିକର ଫିକ୍ସଚର୍ ଗୁଡ଼ିକୁ ମଧ୍ୟ ମନମୁଖୀ ଭାବରେ ପରିବର୍ତ୍ତନ କରାଯାଉଥିବାର ଘଟଣା କଥା ମଧ୍ୟ ସାମ୍ନାକୁ ଆସିଥିଲା। ଅପରପକ୍ଷରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୯ଟି ପଦକ ହାସଲ କରି ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଉତ୍କଳ ବିଶ୍ୱବଦ୍ୟାଳୟ ୫ଟି ପଦକ ହାସଲକରି ତାଙ୍କୁ ଚାମ୍ପିଅନ ଘୋଷଣା କରିଥିବା ଅଭିଯୋଗ ହୋଇଛି। ଏଥିରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହିତ ହୋଇଥିବା ପାତରଅନ୍ତର ନୀତି ସ୍ପଷ୍ଟ ଜଣାପଡୁଛି। ଏହି ଘଟଣା ବିରୋଧରେ ଅଭିଯୋଗ କରିବାରୁ ସମାଧାନ ବଦଳରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର କରି, ଧମକ ଦେଇଥିଲେ। ବିଳମ୍ବିତ ରାତ୍ରିରେ ବିଶ୍ୱବିଦ୍ୟାଳୟ ପରିସରରୁ ବିତାଡିତ କରିଥିଲେ ବୋଲି ଅଭିଯୋଗ ହୋଇଛି।ଅନ୍ୟପଟେ ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟ ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ମଧ୍ୟ ଅନ୍ୟାୟ ଏବଂ ଅବିଚାର ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା। ବିଳମ୍ବିତ ରାତ୍ରିରେ କେବଳ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ କରି ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାହାର କରିଦେବା ଘଟଣାକୁ ଡ଼ଃ ପୂଜାରୀ ଅମାନବିକ ଘଟଣା କହିବା ସହ ସମଗ୍ର ଘଟଣାକ୍ରମକୁ ଦୃଢ଼ ଭାବରେ ନିନ୍ଦା କରିଛନ୍ତି।



ଉପରୋକ୍ତ ଘଟଣାକ୍ରମ ବିଷୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି, କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀଙ୍କ ସହ ଡ଼ଃ ରୋହିତ ପୂଜାରୀ ଆଲୋଚନା କରିଥିଲେ। ଉଚ୍ଚ ଶିକ୍ଷା ବିଭାଗ ଏବଂ ରାଜ୍ୟ ସରକାରଙ୍କୁ ଏହି ସମ୍ବେଦନଶୀଳ ବିଷୟ ପ୍ରତି ବିଶେଷ ଦୃଷ୍ଟି ଦେଇ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# ଦିବଂଗତ ଶିକ୍ଷୟିତ୍ରୀଙ୍କ ପରିବାରକୁ ପ୍ରାଥମିକ ଶିକ୍ଷକ ସଂଘର ଆର୍ଥିକ ସହାୟତା



**ସମ୍ବଲପୁର, ୫।୩ (ସମିସ) :** କୁଚିଣ୍ଡା ବ୍ଲକ ଟାଇଁସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇଲିଶାବା ଓରାମ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ କିଡ୍‌ନୀ ରୋଗରେ ପିଡ଼ିତ ହୋଇ ଗତ ଜାନୁଆରୀ ୨୩ ତାରିଖ ମୃତ୍ୟୁବରଣ କରିଥିଲେ। କୁଚିଣ୍ଡା ବ୍ଲକ ପ୍ରଥମିକ ଶିକ୍ଷକ ସଂଘ ତରଫରୁ ଦିବଂଗତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ପାତ୍ରାସ ଲାକ୍ରାଙ୍କୁ ୨୫, ୩୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିବାସହ ଆତ୍ମାର ସଦ୍‌ଗତି କାମନା କରିଥିଲେ ଏବଂ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଏହି ସମୟରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ଦାଶ, ଅରୁଣ କୁମାର ନାଏକ, ଭୋଜରାଜ କିସାନ, ଦୁଃଖବନ୍ଧୁ ସାହୁ, ଅନିଲ କୁମାର ନାୟକ, ନବ କିଶୋର ଜୟପୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର ପ୍ରତିଷ୍ଠା ପାଇଁ ମା’ ଘଣ୍ଟେଶ୍ୱରୀଙ୍କୁ ନିମନ୍ତ୍ରଣ

**ସମ୍ବଲପୁର, ୫।୩ (ସମିସ) :** ସମ୍ବଲପୁର ସହରର ଚାଉଁରପୁରରେ ଅବସ୍ଥିତ ମା’ ବୁଢ଼ୀ ସମଲେଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଆଜି ଗ୍ରାମବାସୀ ଓ କମିଟି ମା’ ଘଣ୍ଟେଶ୍ୱରୀଙ୍କ ମନ୍ଦିରକୁ ପହଞ୍ଚି ନିମନ୍ତ୍ରଣ ଦେବାସହ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି ମା’ ବୁଢ଼ୀ ସମଲେଇଙ୍କ ଏହି ମନ୍ଦିର ପାଟଣା ରାଜା ବଳରାମ ଦେବ ୧୫୩୫ ଖ୍ରୀଷ୍ଟାବ୍ଦ ପୂର୍ବରୁ ସ୍ଥାପନା କରିଥିଲେ। ଘଣ୍ଟେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ପୂଜାରୀ ଗ୍ରାମବାସୀଙ୍କୁ ସହଯୋଗ କରିଥିଲେ। ଏହି ଅବସରରେ ହାରାଧାନ ପାଣ୍ଡେ, କିଶୋର ମାଝୀ, ଶତ୍ରୁଘନ ସେଠ, ସୁଶାନ୍ତ ସେଠ, ବୃନ୍ଦାବନ ସେଠ, ନାରାୟଣ ବାଘ, ଆଦିତ୍ୟ ନାଏକ, ଭୀମ ପାଣ୍ଡେ, ସୁଧୀର ପାଣ୍ଡେ, ପୂର୍ଣ୍ଣଚନ୍ଦ୍ର ବାଗ, ପ୍ରମୋଦ ମାଝୀ, ରଙ୍କ ସେଠ, ତ୍ରିଲୋଚନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



# ୮ରୁ ଜାତୀୟସ୍ତରୀୟ ମହିଳା କଳା ପ୍ରଦର୍ଶନୀ ‘ସ୍ତ୍ରୀ କଳା-୨୦୨୬’

**ସମ୍ବଲପୁର, ୫।୩ (ସମିସ) :** ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆସନ୍ତା ୮ ତାରିଖ ଉଦ୍‌ଘାଟିତ ହେବ ସମ୍ବଲପୁରର ଲଳିତ କଳା ଏକାଡେମୀର ଆଞ୍ଚଳିକ କଳା ଗ୍ୟାଲେରୀରେ ଜାତୀୟ ସ୍ତରୀୟ ମହିଳା କଳା ପ୍ରଦର୍ଶନୀ ‘ସ୍ତ୍ରୀ କଳା ୨୦୨୬’। ଯାହା ମହିଳାଙ୍କ ସୃଜନଶୀଳତା ଏବଂ କଳାତ୍ମକ ଉତ୍କର୍ଷତାକୁ ପାଳନ କରୁଛି। ‘ସ୍କିଲ୍ ଟ୍ରି’ର ପ୍ରତିଷ୍ଠାତା ନିବେଦିତା ଦାଶ ଏବଂ ‘ଆର୍ଟ ଅନୁରେଖା’ର ପ୍ରତିଷ୍ଠାତା ଅନୁରେଖା ଜେନାଙ୍କ ଦ୍ୱାରା ସଂଯୋଜିତ, ଏହି ପ୍ରଦର୍ଶନୀକୁ ସମଗ୍ର ଭାରତରୁ ମହିଳା କଳାକାରମାନଙ୍କୁ ଚିହ୍ନଟ ଏବଂ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି। ଏହି ପ୍ରଦର୍ଶନୀ ରବିବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁରର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ସହକାରୀ ନିର୍ଦ୍ଦେଶକ, ବୟନ ମନ୍ତ୍ରଣାଳୟ କୁମାରୀ ଶୈଳଜା, ବିଶିଷ୍ଟ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରାଣା, ବିଜେପି ରାଜ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ସବିତା ନନ୍ଦ, ବରିଷ୍ଠ ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ଶିକ୍ଷକ ଓ ସମାଜକର୍ମୀ ସୁସ୍ମିତା ହୋତା ପୁରୋହିତ ପ୍ରମୁଖ ଯୋଗଦେବେ। ଏହି ପ୍ରଦର୍ଶନୀରେ ଓଡ଼ିଶା, କର୍ଣ୍ଣାଟକ (ବାଙ୍ଗାଲୋର), ଉତ୍ତର ପ୍ରଦେଶ (ବାରାଣସୀ) ଏବଂ ସମ୍ବଲପୁର, ବରଗଡ଼, ଭବାନୀପାଟଣା, ହୀରାକୁଦ, ପାଟଣାଗଡ଼, ବଲାଙ୍ଗିର ଏବଂ ରାଉରକେଲା ଭଳି ସହରରୁ ୪୦ରୁ ଉର୍ଦ୍ଧ୍ୱ ମହିଳା ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।



**ଧରାପଡ଼ିଲେ ଆନ୍ତଃ ରାଜ୍ୟ ମହିଳା ଚୋର ଗ୍ୟାଙ୍ଗ୍**

# ଚୋରି ସାମଗ୍ରୀ ଜବତ, ୬ ଗିରଫ

**ସମ୍ବଲପୁର, ୫।୩ (ସମିସ)**

ସମ୍ବଲପୁର ପୁଲିସ ହାତରେ ଧରାପଡ଼ିଛନ୍ତି ଆନ୍ତଃରାଜ୍ୟ ମହିଳା ଚୋର ଗ୍ୟାଙ୍ଗ୍। ସେମାନେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ମେଳା ମହୋତ୍ସବ ତଥା ଜନଗହଳିପୂର୍ଣ୍ଣ ସ୍ଥାନକୁ ଟାର୍ଗେଟ୍ କରି ଚେନ୍ ଲୁଟ୍ କରୁଥିଲେ। ଗତ ଜାନୁଆରୀ ୨୨ ତାରିଖ ସମଲେଶ୍ୱରୀ ଘାଟରେ ଏକ ଧାର୍ମିକ କାର୍ଯ୍ୟକ୍ରମ ସମୟରେ, ପ୍ରବଳ ଭିଡ଼ର ସୁଯୋଗ ନେଇ ସେହି ଗ୍ୟାଙ୍ଗ ଚାରି ଜଣ ମହିଳା ଭକ୍ତଙ୍କଠାରୁ ପାଞ୍ଚଟି ସୁନା ଚେନ୍ ଛିଣ୍ଡାଇ ନେଇଥିଲେ। ଏହି ଘଟଣା ପରେ, ଏକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇ, ସିସିଟିଭି ଫଟୋଗ୍ରାଫ୍ ଏବଂ ଭିଡିଓ ଫୁଟେଜ୍ ବିଶ୍ଳେଷଣ କରି, ଅପରାଧୀମାନଙ୍କୁ ଚିହ୍ନଟ କରାଯାଇଥିଲା। ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଓଡ଼ିଶାରେ ସେମାନଙ୍କୁ ଖୋଜିବା ପାଇଁ ପୁଲିସ ଦଳ ନିୟୋଜିତ କରାଯାଇଥିଲା। ଗତକାଲି ପୁଲିସ ଦଳ ଭୁବନେଶ୍ୱରରୁ ଏହି ଗ୍ୟାଙ୍ଗ୍‌କୁ ଗିରଫ କରିଥିଲା। ଗିରଫ ହୋଇଥିବା ମହିଳାମାନେ ହେଲେ ପଶ୍ଚିମବଙ୍ଗର ଜି. ଭାନୁମତୀ, ପ୍ରିୟା ଦାସ, ଏସ. ଥାରା, ପୂଜା ସିଂହ ଏବଂ ଓଡ଼ିଶାର ଦୀପା ଦାସ ଓ କଲ୍ୟାଣୀ ଦାସ। ସେମାନଙ୍କ ପାଖରୁ ପ୍ରାୟ ୫୨ ଗ୍ରାମର ତରଳା ଯାଇଥିବା ସୁନା ପ୍ଲେଟ୍, ନଗଦ ୬୨, ୪୦୦ ଟଙ୍କା, ୩ଟି ମୋବାଇଲ ଫୋନ, ଚେନ୍ କାଟିବା ପାଇଁ ବ୍ୟବହୃତ କଟର୍ ଏବଂ ଏକାଧିକ ଜାଲ୍ ଭୋଟର ପରିଚୟ ପତ୍ର ଜବତ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ରିମାଣ୍ଡରେ ଆଣି ପୁଣି ତାଙ୍କ ପ୍ରକୃତ ପରିଚୟ, ମୋଡସ୍ ଅପରେଣ୍ଡି ଏବଂ ଆଉ କିଏ କିଏ ସାମିଲ ଅଛନ୍ତି ତାହା ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ପୁଲିସ ସେବା ଶିକ୍ଷାନବିସ କୋମଳ ଗର୍ଗ ଉପସ୍ଥିତ ଥିଲେ।

ପୁଲିସର ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ପଶ୍ଚିମବଙ୍ଗ ହୁଗୁଳି ଥାନା ଲୋକୋପଡ଼ାର ଜି ଭାନୁମତୀ ଓରଫ୍ ଗାୟତ୍ରୀ ନାଏକ ଓରଫ୍ କବିତା (୫୨), ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ପଟିଆସାହି, ରାଜାବଜାରର ଦୀପା ଦାସ (୫୭), କଟକ ରେଲୱେ ଷ୍ଟେସନ ଝୁପୁଡ଼ିବସ୍ତିର କଲ୍ୟାଣୀ ଦାସ (୩୯), ପଶ୍ଚିମବଙ୍ଗ ହୁଗୁଳି ଥାନା ଲୋକୋପଡ଼ାର ପ୍ରିୟା ଦାସ (୪୫), ପଶ୍ଚିମବଙ୍ଗ ହୁଗୁଳି ଥାନା ଲୋକୋପଡ଼ାର ଏସ୍ ତାରା (୪୦ ଏବଂ ହୁଗୁଳି ଥାନା ଲୋକୋପଡ଼ାର ପୂଜା ସିଂହ (୩୮)। ସେମାନଙ୍କଠାରୁ ଜବତ କରାଯାଇଥିବା ସାମଗ୍ରୀ ମଧ୍ୟରେ - ସୁନା (ତରଳାଇ ସୁନା ପ୍ଲେଟ)-୫ ଖଣ୍ଡ (୫୧.୭୫ ଗ୍ରାମ), ନଗଦ ଟଙ୍କା ୬୨, ୪୦୦/-, ୩ଟି ମୋବାଇଲ ଫୋନ, ଗୋଟିଏ ଛୋଟ ଚେନ୍ କଟର୍, ନକଲି ଭୋଟର ପରିଚୟ ପତ୍ର, ୩୩ଟି ନାଲି ରଙ୍ଗ, ୩୯ଟି ମାଟିଆ ର. ୧୮ଟି ସବୁଜ ରଙ୍ଗ, ୨୦ଟି ହାଲୁକା ନୀଳ ରଙ୍ଗ, ୨୦ଟି ଗାଢ଼ ନୀଳ ରଙ୍ଗ ଓ ୬ଟି ଧଳା ରଙ୍ଗର ରିଙ୍ଗ୍ ପଥର, ୯ ଯୋଡ଼ି ଫ୍ୟାନ୍ସି କାନ ଝୁମୁକା, ୩ଟି ନକଲି ମଙ୍ଗଳସୂତ୍ର, ୪ଟି ଧଳା ଶଙ୍ଖା, ୩୦ଟି ବିଭିନ୍ନ ହୋଟେଲର ଭିଜିଟିଂ କାର୍ଡ ଏବଂ ବିଭିନ୍ନ ତଥ୍ୟ ଉଲ୍ଲେଖ ଥିବା ଗୋଟିଏ ପକେଟ ଡାଏରୀ ଓ ୧୬ଟି ବିଭିନ୍ନ କାଗଜ ଚିଟ୍ ଆଦି ଜବତ କରାଯାଇଛି।

ଗତ ୧୨ ବର୍ଷ ଧରି ଓଡ଼ିଶାର ବିଭିନ୍ନ ଜିଲ୍ଲା ସହିତ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ରାଜ୍ୟରେ ଚେନ୍ ଲୁଟିଆମାନେ କାର୍ଯ୍ୟ କରୁଥିଲେ। ଏହି ଗ୍ୟାଙ୍ଗ ବରଗଡ଼, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ସମ୍ବଲପୁର, ରାଉରକେଲା, ପୁରୀ, କଟକ, ଅନୁଗୁଳ, ଖୋର୍ଦ୍ଧା, ଭୁବନେଶ୍ୱର, ଭଦ୍ରକ ଏବଂ ବ୍ରହ୍ମପୁର ଭଳି ଜିଲ୍ଲାରେ ସକ୍ରିୟ ଥିଲା। ଅଭିଯୁକ୍ତମାନେ ସେମାନଙ୍କ ପ୍ରକୃତ ପରିଚୟ ଲୁଚାଇବା ପାଇଁ ଓଡ଼ିଶାରେ ନକଲି ନାମ ଏବଂ ଠିକଣା ଦେଖାଇ ଜାଲ୍ ଭୋଟର ପରିଚୟପତ୍ର ପ୍ରସ୍ତୁତ କରିଥିଲେ। ଜାନୁଆରୀରେ ସମଲେଶ୍ୱରୀ ଘାଟ ନିକଟରେ ଧାର୍ମିକ କାର୍ଯ୍ୟକ୍ରମ ସମୟରେ, ମହିଳା ଭକ୍ତଙ୍କଠାରୁ ଚେନ୍ ଲୁଟିନେବାପରେ କ୍ଷେତରାଜପୁର ଥାନାରେ ମାମଲା ନଂ. ୧୮ / ୨୨.୧.୨୦୨୬, ଦଫା ୩୦୪(୨), ୧୧୧ (୨) ୬୧(୨), ୩୩୬(୩), ୩୩୮, ୩୪୦, ଏବଂ ୩(୫) ବିଏନ୍‌ଏସ୍‌ରେ ମାମଲା ରୁଜୁ କରାଯାଇଥିଲା। ସମ୍ବଲପୁର ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇ ଅପରାଧୀମାନଙ୍କୁ ଚିହ୍ନଟ କରାଯାଇଥିଲା। ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଓଡ଼ିଶାରେ ସେମାନଙ୍କୁ ଖୋଜିବା ପାଇଁ ପୁଲିସ ଦଳ ନିୟୋଜିତ କରାଯାଇଥିଲା। ପଚରାଉଚରା ସମୟରେ, ଅଭିଯୁକ୍ତମାନେ ପ୍ରକାଶ କରିଥିଲେ ଯେ ସେମାନେ ପ୍ରମୁଖ ଧାର୍ମିକ ପର୍ବ ପାଳନ ଅନୁଯାୟୀ ସେମାନଙ୍କର କାର୍ଯ୍ୟକଳାପ ଯୋଜନା କରୁଥିଲେ। ସେମାନେ ପଥର ଏବଂ ସୌଖୀନ ଅଳଙ୍କାର ବିକ୍ରେତା ଭାବରେ ନିଜକୁ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଧନୁଯାତ୍ରା, ବାଲିଯାତ୍ରା, ମାଘ ପଞ୍ଚମୀ, ଦୋଳ ପୂର୍ଣ୍ଣିମା ଇତ୍ୟାଦି ଉତ୍ସବସ୍ଥଳ ପରିଦର୍ଶନ କରୁଥିଲେ। ପ୍ରବଳ ଭିଡ଼ର ସୁଯୋଗ ନେଇ ସେମାନେ ଚେନ୍ ଛିଣ୍ଡାଇ ନେଉଥିଲେ। ସେମାନଙ୍କ ନାମରେ ପୂର୍ବରୁ ଛେଣ୍ଡିପଦା ଥାନା ମାମଲା ନଂ. ୩୮୮ / ୧୩.୮.୨୦୨୨, ଧାରା ୩୭୯/୩୪ ଆଇପିସି ଏବଂ ଖୁଣ୍ଟୁଣୀ ଥାନା ମାମଲା ନଂ. ୫୪ / ୧୯.୦୩.୨୦୨୩, ଧାରା ୩୯୨/୩୪ ଆଇପିସିରେ ମାମଲା ରହିଛି।





## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

# ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ



**ବଣାଇଁ, ୫ ।୩ (ସମିସ)**

ବିଜୁ ଜନତା ଦଳ ବଣାଇ ନିର୍ବାଚନ ମଣ୍ଡଳୀ ପକ୍ଷରୁ ମହାନ୍ ଜନ ନାୟକ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ପାଳିତ ହୋଇଯାଇଛି । ସକାଳେ ବିଜୁ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ୧୦ଟାରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱ ରେ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରଞ୍ଜିତ କିସାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ପୂର୍ବତନ ବଣାଇଗଡ଼ ବ୍ଲକ ସଭାପତି ରଘୁନାଥ ସାହୁ, ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ, ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁ ଚରଣ ସ୍ୱାଇଁ, କୋଇଡା ବ୍ଲକ ସଭାପତି କରୁଣାକର ପାତ୍ର, ବଣାଇଁଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ସରପଞ୍ଚ ସୁମିତ୍ରା ଚାରଦିଆ, କେନ୍ଦ୍ରିକଳା ସରପଞ୍ଚ ଲବଙ୍ଗ ପାତ୍ର, ରଜାମୁଣ୍ଡା ସରପଞ୍ଚ ମାଳତୀ କିସାନ, ଜିଲ୍ଲା ପରିଷଦ ସଭ୍ୟ ରାମ ଚନ୍ଦ୍ରସାହୁ, ଅଜୟ ନାଏକ, ଲକ୍ଷ୍ମୀ କିସାନ, ଦ୍ରୌପଦୀ କିସାନ, ବାସୁଦେବ ଛଦିଆ, କୁଳମଣି ପ୍ରଧାନ, ସଞ୍ଜୟ ଦାଶ, ନିର୍ମଳ ପାତ୍ର, ଯୁବ ନେତା ରୋହିତାଶ ମିଶ୍ର, ସିପୁନ ମିଶ୍ର, ସୁରଜ୍ ସେଠ୍, ଅଭିଷେକ ବେହେରା, କେଦାର ମହାନ୍ତଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ କର୍ମୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଯୋଗ ଦେଇଥିଲେ ।

### ଧାମରା ସଂଘ

**ରାଉରକେଲା:** କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଧାମରା ସଂଘ ପକ୍ଷରୁ ପାଳିତ ହୋଇଛି । ଉପସଭାପତି ନିତ୍ୟାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ଅନ୍ୟତମ ଉପସଭାପତି ଶ୍ରୀବତ୍ସ କୁଅଁର ବିଜୁ ପଟ୍ଟନାୟକଙ୍କୁ ଜଣେ ଦୁଃସାହାସୀ ରାଜନେତା ଓ ଗରିବ ଓଡ଼ିଆର ପ୍ରକୃତ ବନ୍ଧୁ ଭାବେ ଅଭିହିତ କରିଥିଲେ । ସାଧାରଣ ସମ୍ପାଦକ ଭଗବାନ ରାଉତ ବିଜୁ ବାବୁ ଜଣେ ନିର୍ଭୀକ, ସ୍ପଷ୍ଟବାଦୀ, ନିଷ୍ଠାବାନ, ଗଭୀର ଆତ୍ମବିଶ୍ୱାସୀ ଓ ଜାତି ପ୍ରତି ସ୍ୱାଭିମାନୀ ଓଡ଼ିଆ ଜାତିର ପ୍ରତୀକ ଥିଲେ । ତାଙ୍କ ସମୟରେ ରାଉରକେଲା ଇଞ୍ଜିନିୟରିଂ କଲେଜ, ବୁର୍ଲା ମେଡିକାଲ୍ କଲେଜ୍, ସୈନିକ ସ୍କୁଲ ଓଡ଼ିଆ ଟେକ୍ସଟାଇଲ, କଟକ, ପାରାଦୀପ, ଦୈତାରି ରାଜପଥ, କଳିଙ୍ଗ ଟ୍ୟୁବ୍, କଳିଙ୍ଗ ଷ୍ଟାଡିୟମ୍, କଳିଙ୍ଗ ବାଲିଯାତ୍ରା, କଳିଙ୍ଗ କପ୍ ପୁରସ୍କାର, ମାଛ କୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ଆଦି ବହୁବିଧ କାର୍ଯ୍ୟ ଓଡ଼ିଶାର ଭାଗ୍ୟରେ ପରିବର୍ତ୍ତନ କରାଇ ପାରିଥିଲେ ବୋଲି ସେ କହିଥିଲେ । ଓଡ଼ିଶାର ୧୩ଟି ଜିଲ୍ଲାରୁ ୩୦ଟି ଜିଲ୍ଲା ଘୋଷଣା, ୬ ଟଙ୍କା ମଜୁରୀରୁ ୨୫ ଟଙ୍କାକୁ ବୃଦ୍ଧି, ୩ ହଜାର ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟକୁ ସରକାରୀ ବିଦ୍ୟାଳୟକୁ ଘୋଷଣା ପରି ବିକାଶ ମୂଳକ ନିଷ୍ପତ୍ତି ହେଉ କିମ୍ବା ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ଉଦ୍ଧାର ହେଉ ତାହା ତାଙ୍କ ଦୁଃସାହସିକ ବୀରତ୍ୱକୁ ପ୍ରତିପଦକର ବୋଲି ଶ୍ରୀ ରାଉତ କହିଥିଲେ । ଅମୂଲ୍ୟ କୁମାର ସେଠୀ, କୁଳମଣି ଓଝା ଓ ଚନ୍ଦ୍ରଶେଖର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



### ରାଉରକେଲା ବିଜେଡି



**ରାଉରକେଲା:** ଓଡ଼ିଶାର ବରପୁତ୍ର, ପ୍ରବାଦ ପୁରୁଷ, ବିଜୁବାବୁଙ୍କର ରାଉରକେଲା ବିଜୁ ଜନତା ଦଳ ତରଫରୁ ୧୧୦ତମ ଜୟନ୍ତୀ ପାଳନ କରାଯାଇଛି । ଛେଣ୍ଡ କଲୋନୀ କଳିଙ୍ଗ ବିହାର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳର ବରିଷ୍ଠ ନେତା, ମହିଳା, ଯୁବ ଓ ଛାତ୍ର ନେତା ତଥା କର୍ମୀ ମାନଙ୍କ ଦ୍ୱାରା ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ଛେଣ୍ଡ କଲୋନୀର ବରିଷ୍ଠ ବିଜେଡି ନେତା କାଶୀନାଥ ଲେଙ୍କାଙ୍କ ବିୟୋଗ ଯୋଗୁଁ ତାଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ହୋଇଥିଲା । ନଗର ସଭାପତି ଗଗନ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଅକ୍ଷୟ କୁମାର ଦାସ, ରାଜେନ୍ଦ୍ର କୁଜୁର, ଆଲୋକ କୁମାର ବୋଷ, ଶିବସ୍ୱ କୁଅଁର, ବରିଷ୍ଠ ଆଇନିଜୀବୀ ସନ୍ତୋଷ ନାୟକ, ନାରିନେତ୍ରୀ ଜୋସ୍ନା ନାୟକ, ବିଜୁ ମହିଳା ସମିତିର ସଭାପତି ତାରିଣୀ ସେଠୀ, ଅଗଣି ଦାସ ପ୍ରମୁଖ ବିଜୁବାବୁଙ୍କ ଜୀବନୀ ତଥା ଓଡ଼ିଶା ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ । ବିରେନ ସେନାପତି, ଅକ୍ଷୟ ନାୟକ, କମଳି ସ୍ୱାଇଁ, ଆର.କେ ମିଶ୍ର, ବରିଷ୍ଠ ଆଇନିଜୀବୀ ହାଡିବନ୍ଧୁ ପରିଡ଼ା, ଗୋବିନ୍ଦ ଚନ୍ଦ୍ର ଅଗ୍ରୱାଲ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁଶାନ୍ତ ଦାସ, ପିନକୁ ଜୟସ୍ୱାଲ, ରଞ୍ଜନ ନାୟକ, ଡି. ଅଭିକ କୁମାର, ସୁଧାଂଶୁ ସାମଲ, ସୁଶାନ୍ତ ରାଉତ, ସଞ୍ଜିତ ଛୋଟରାୟ, ପ୍ରଣୟ ନାୟକ, ନଳିନ ରାଉତ, ରଞ୍ଜନ ସାମଲ, ତରେନିସେନ ବାରିକ, ଅମରେଶ ପାନିଗ୍ରାହୀ, ପ୍ରମୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ନେତା ଜୟନ୍ତ କୁମାର ମିଶ୍ର ଧନ୍ୟବାଦ ଜଣାଇଥିଲେ ।

## ଦୁଇବସ୍ତି ମଧ୍ୟରେ ଗୋଷ୍ଠୀ ସଂଘର୍ଷ

# ୭ ଆହତ;୧୨ ଗିରଫ

**ରାଉରକେଲା, ୫।୩(ସମିସ):** ହୋଲିରେ ୨ ବସ୍ତି ମଧ୍ୟରେ ଖଣ୍ଡଯୁଦ୍ଧ ହୋଇ ଗୋଷ୍ଠୀ ସଂଘର୍ଷ ହୋଇଛି । ଏଥିରେ ୭ ଜଣ ଆହତ ହୋଇଥିବା ବେଳେ ଶିଶୁ କନ୍ୟା ଗୁରୁତର ହୋଇଥିବା ଜଣାପଡ଼ିଛି । ବୁଧବାର ସନ୍ଧ୍ୟାରେ ସେକ୍ଟର -୬ ସ୍ଥିତ ଆନନ୍ଦ ମାର୍ଗ ବସ୍ତି ଓ ଜାମଟୋଲି ବସ୍ତି ମଧ୍ୟରେ ଏହି ଘଟଣା ଘଟିଥିଲା । ସେକ୍ଟର -୭ ଥାନା ପୁଲିସ ଘଟଣାରେ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନା ମୁତାବକ, କିଶୁନ ଲାଖୁଆ ଓ ନଟବର ନାୟକଙ୍କ ମଧ୍ୟରେ ପୂର୍ବ ଦିନରେ ପାଟିତୁଣ୍ଡ ହୋଇ ମାରପିଟ ହୋଇଥିଲା । କିଶୁନର ସମ୍ପର୍କୀୟ ଅନିଲ ନାୟକ ଓ ପାଣ୍ଡୁ ନାୟକ ଉକ୍ତ ଘଟଣାରେ ୪ ମାସ ପୂର୍ବେ ଜେଲ ଯାଇଥିଲେ । କିଛିଦିନ ପୂର୍ବରୁ ଦୁହେଁ ଜେଲରୁ ବାହାରି ଥିଲେ । ପୂର୍ବ ଶତ୍ରୁତାକୁ ନେଇ ପ୍ରାୟ ସମୟରେ ପାଟିତୁଣ୍ଡ ହେଉଥିଲା । ବୁଧବାର ପାଟିତୁଣ୍ଡ ଉଗ୍ରରୂପ ନେଇଥିଲା । ଦେଖୁ ଦେଖୁ ଦୁଇ ଗୋଷ୍ଠୀ ମଧ୍ୟରେ ଖଣ୍ଡା ଓ ଟେକାପଥର ମାଡ଼ ହୋଇଥିଲା । ଏଥିରେ କିଛି ଗାଡ଼ି ମଧ୍ୟ ଭଙ୍ଗାରୁଜା ହୋଇଥିଲା । ଏଥିରେ ଗୁରୁତର ଥିବା ୫ ବର୍ଷିୟା ଶିଶୁ କନ୍ୟା ଲକ୍ଷ୍ମୀ ନାୟକକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ପୁଲିସ କିଶୁନର ଅଭିଯୋଗ କ୍ରମେ ୭ ଓ ନଟବର ଅଭିଯୋଗ କ୍ରମେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

## ୨୮ ରେ ଓକିଲ ସଂଘ ନିର୍ବାଚନ

# ସରୋଜ ନାରାୟଣ ମହାପାତ୍ର ନିର୍ବାଚନ ଅଧିକାରୀ ନିଯୁକ୍ତ



**ରାଉରକେଲା, ୫।୩(ସମିସ):** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ଓଏସ୍‌ବିସି) ନିର୍ଦ୍ଦେଶ କ୍ରମେ ଓଡ଼ିଶାର ସମସ୍ତ ଓକିଲ ସଂଘର ୨୦୨୬-୨୭ ବର୍ଷ ପାଇଁ କର୍ମକର୍ତ୍ତା ଓ କାର୍ଯକାରୀ କମିଟି ନିର୍ବାଚନ ଆଗମୀ ୨୮ ତାରିଖ ଦିନ ଧାର୍ଯ୍ୟ କରାଯାଇଛି । ଏହି ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ରାଉରକେଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ସଂଘର ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ସରୋଜ ନାରାୟଣ ମହାପାତ୍ରଙ୍କୁ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି । ଶ୍ରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କଲା ପରେ ଓଏସବିସି ନୋଟିଫିକେସନ ଅନୁଯାୟୀ ଆଗାମୀ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି । ବିଜ୍ଞପ୍ତି ଅନୁଯାୟୀ ୭ ତାରିଖରୁ ୯ ଯାଏଁ ନାମାଙ୍କନ ପତ୍ର ଦାଖଲ, ୧୦ରେ ପ୍ରାର୍ଥୀପତ୍ର ପ୍ରକାଶ, ୧୧ରେ ନାମାଙ୍କନ ପତ୍ର ଯାଞ୍ଚ, ୧୨ରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ, ୧୩ରେ ନାମାଙ୍କନ ପତ୍ର ପ୍ରତ୍ୟାହାର, ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ସହିତ ୨୮ ତାରିଖ ସକାଳ ସାଢେ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଓ ଅପରାହ୍ନ ୪ଟା ପରେ ଭୋଟ ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ମହାପାତ୍ର ଜଣାଇବା ସହିତ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି ।

## ଗଛକୁ ଧକ୍କାଦେଲା କାର୍

# ସ୍ୱାମୀ ମୃତ; ସ୍ତ୍ରୀ ଓ ଝିଅ ଗୁରୁତର

**ବଣାଇଁ, ୫ ।୩ (ସମିସ):** ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅଧୀନ ଫୁଲଝର ରାସ୍ତା କଡ଼ରେ ଥିବା ଗଛରେ ବାଡେଇ ହୋଇ କାର୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ତ୍ରୀ ଓ ଝିଅ ଗୁରୁତର ହୋଇଛନ୍ତି ।

ମୃତ ଯୁବକ ଜଣକ ଗୁରୁଣ୍ଡିଆ ଶିଶୁ ବିକାଶ ଅଧିକାରୀଣି ଅନୁପମା ଗୋଛାୟତଙ୍କ ସ୍ୱାମୀ ରୂପେଶ କୁମାର ସାହୁ (୫୫) । ଆହତ ହୋଇଥିବା ତାଙ୍କ ଝିଅ ଗୁଡି ସାହୁ ( ୨୨) ବୋଲି ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ କେନ୍ଦୁଝର ପଟୁ ଗୁରୁଣ୍ଡିଆ ଆଡ଼କୁ ଏକ ବୋଲେରୋରେ ସ୍ୱାମୀ, ସ୍ତ୍ରୀ ଏବଂ ଝିଅ ଆସୁଥିବା ବେଳେ ଫୁଲଝର ରାସ୍ତା କଡ଼ରେ ଥିବା ଶୁଖିଲା ଗଛରେ ବୋଲେରୋଟି



ଭାରସାମ୍ୟ ହରାଇ ବାଡେଇ ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଗାଡି ଚାଳକଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ଗାଡ଼ିରେ ବସିଥିବା ସ୍ତ୍ରୀ ଓ ଝିଅ ଗୁରୁତର ଆହତ ହୋଇଛନ୍ତି । ଲୋକେ ଦେଖି ମାଆ ଓ ଝିଅଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଉଭୟ ଉଭୟଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ମହୁଲପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

## ଛୁରା ମାଡ଼ରେ ଦୁଇ ଯୁବକ ଗୁରୁତର

**ରାଉରକେଲା, ୫।୩(ସମିସ):** ଛୁରାରେ ୨ ଯୁବକଙ୍କୁ ଆକ୍ରମଣ ହୋଇଥିବା ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦନ୍ତ ଚଳାଇଛି । ସୂଚନା ମୁତାବକ, ବୁଧବାର ଅପରାହ୍ନ ପ୍ରାୟ ୩ଟାରୁ ୪ଟା ମଧ୍ୟରେ ପାୱାର ହାଉସ ରୋଡ୍ ଅଞ୍ଚଳର ଅନୀଲ ପାତ୍ର ଘରକୁ ଫେରୁଥିଲେ । ହଠାତ୍ ପାୱାର ହାଉସ ପାର୍କ ନିକଟସ୍ଥ ଏକ ହୋଟେଲ ସମ୍ମୁଖରେ ନିର୍ମାଲ୍ୟ ରାଉତ ଓ କୁମାରୀ ରାଉତ ଛୁରୀ ସାହାଯ୍ୟରେ ଅନିଲଙ୍କୁ ଆକ୍ରମଣ କରିଥିଲେ । ଘଟଣାକୁ ଦେଖି ହିମାଂଶୁ ନାମକ ଯୁବକ ପହଞ୍ଚି ଅନିଲଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ହେଲେ ଦୁର୍ବୃତ୍ତ ଦ୍ୱୟ ତାଙ୍କୁ ମଧ୍ୟ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ଫଳରେ ଅନିଲ ଓ ହିମାଂଶୁ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ସରକାରୀ ଡାକ୍ତରଖାନାକୁ ପଠାଇ ଥିଲେ । ସେଠାରେ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଅନ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ହେଲେ କେଉଁ କାରଣରୁ ଏହି ଘଟଣା ଘଟିଲା ତାହା ସ୍ପଷ୍ଟ ଜଣାପଡ଼ି ନାହିଁ । ଏନେଇ ଗୁରୁତର ଅନିଲଙ୍କ ଭାଇ ଆଲୋକ ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ପାରିବାରିକ କଳହରୁ ଆତ୍ମହତ୍ୟା ଅଭିଯୋଗ

**ଲହୁଣୀପଡ଼ା, ୫।୩(ସମିସ):** ଲହୁଣୀପଡ଼ା ଥାନା ଗୈତମଡ଼ିହ ଗ୍ରାମରେ ଜଣେ ବ୍ୟକ୍ତି ଘର ଭିତରେ ସିଲିଂ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମୃତ ବ୍ୟକ୍ତି ହେଉଛନ୍ତି ଟୁକୁରୁ ସାମାସୀ(୫୫) । ସୂଚନା ଅନୁଯାୟୀ ଟୁକୁରୁ ସାମାସୀଙ୍କ ଦୁଇ ପୁଅ ସଞ୍ଜୟ ସାମାସୀ ଓ ବିଷ୍ଣୁ ସାମାସୀଙ୍କ ମଧ୍ୟରେ ପାରିବାରିକ କଥାକୁ ନେଇ ମନାନ୍ତର ରହି ଆସିଥିଲା । ଗତକାଲି ହୋଲି ଉତ୍ସବ ଥିବାବେଳେ ସେ ଦୁହେଁ ପରସ୍ପର ମଧ୍ୟରେ ମାରପିଟ କରୁଥିବା ଦେଖି ପିତା ଟୁକୁରୁ ସହ୍ୟକରି ପାରିନଥିଲେ । ଏହାପରେ ସେ ଘର ଭିତରକୁ ଯାଇ ସିଲିଂ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି । ସୂଚନାଯୋଗ୍ୟ ଯେ ସାନ ପୁଅ ବିଷ୍ଣୁ ମହୁଲଡିପା ଗ୍ରାମର ଜଣେ ଭିନ୍ନ ଜାତିର ଝିଅକୁ ଆଣି ଘରେ ରଖିବାରୁ ପିତା ଗତ ସୋମବାର ଦିନ ଜାତି ସମାଜକୁ ଭୋଜି ମଧ ଦେଇ ଥିବା ଜଣାପଡ଼ିଛି । ହେଲେ ବଡ଼ ପୁଅ ସଞ୍ଜୟ କିନ୍ତୁ ଏଥିରେ ବିରକ୍ତି ପ୍ରକାଶ କରିବା ସହ ଏହାକୁ ବିରୋଧ କରି ବୁଧବାର ଦିନ ପାଖାପାଖି ୧୨ ଟା ବେଳେ ବିଷ୍ଣୁକୁ ଗାଳି ଦେବାରୁ ଏହାକୁ କେନ୍ଦ୍ର କରି ଦୁଇ ଭାଇ ମଧ୍ୟରେ ମାରପିଟ ହୋଇଥିଲା । ଯାହାକୁ ନେଇ ପିତା ଟିକୁରୁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି । ଏନେଇ ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ମର୍ଗ ହାଉସରେ ରଖି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ରଙ୍ଗରେ ଭିଜିଲା ସ୍ମାର୍ଟ ସିଟି

# କାଦୁଅରେ ହୋଲି ଖେଳିଲେ ଏନ୍‌ଆଇଟି ଛାତ୍ରଛାତ୍ରୀ

**ରାଉରକେଲା, ୫।୩(ସମିସ)**

ରଙ୍ଗରେ ରଙ୍ଗୀନ ହୋଇଛନ୍ତି ସ୍ମାର୍ଟ ସିଟି ରାଉରକେଲା ବାସିନ୍ଦା । ଧୁମ୍‌ଧାମରେ ସହରର କୋଣଅନୁକୋଣରେ ପାଳିତ ହୋଇଯାଇଛି ରଙ୍ଗର ପର୍ବ ହୋଲି । କିଛି ସ୍ଥାନରେ ଦହି ହାଣ୍ଡି ଭଙ୍ଗା ଖେଳ ଅନୁଷ୍ଠିତ ହୋଇଥିଲା । ସବୁଠାରୁ ମଜାର ଦୃଶ୍ୟ ହେଉଛି ରାଉରକେଲା ଏନ୍‌ଆଇଟିର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ରାସାୟନିକ ରଙ୍ଗଠାରୁ ଦୂରରେ ରହି କେବଳ କାଦୁଅରେ ହୋଲି ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଥିଲା । ଏନ୍‌ଆଇଟି ପରିସରରେ ଏଥିପାଇଁ ୩ ଦିନ ଆଗରୁ ପ୍ରସ୍ତୁତି କରି ଏକ କୃତିମ ପୋଖରୀ କରି ଚିକିଟା କାଦୁଅ ପ୍ରସ୍ତୁତ କରିଥିଲେ । ଏହାପରେ ସମସ୍ତେ ଉକ୍ତ ପୋଖରୀରେ ପଶି ପରସ୍ପରକୁ କାଦୁଅ ବୋଳି ରଙ୍ଗର ପର୍ବକୁ ପାଳନ କରିଥିବାର ଦେଖିବାକୁ ମିଳିଥିଲା । ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି



କାଦୁଅରେ ପଶି ନିଆରା ଢଙ୍ଗରେ ହୋଲି ମନାଇଥିଲେ । ଏତଦ୍‌ବ୍ୟତୀତ ରାଉରକେଲା ସହରର ବିଭିନ୍ନ ଅଞ୍ଚଳରେ ରଙ୍ଗର ପର୍ବ ହୋଲି ଧୁମଧାମରେ ପାଳିତ ହୋଇଥିବା ପରିପ୍ରେକ୍ଷୀରେ ବିଭିନ୍ନ ସଂଗଠନ ଦ୍ୱାରା ସରବତ, ପକୁଡି ଏବଂ ସ୍ନାକ୍ସ ସହିତ ହୋଲି ପାଳନ କରାଯାଇଥିଲା । ବିଶ୍ରା ଡାହାର ରୋଡରେ ଯୁବକମାନେ ହୋଲି ପାଳନ କରିଥିଲେ । ପାୱାର ହାଉସ୍ ଛକ, ଜନତା ନିବାସ୍ ଗଳି, ମଧୁସୂଦନ ଛକରେ ଛୋଟ ପିଲାମାନଙ୍କ ମଧ୍ୟରେ ହୋଲିରେ ଉତ୍ସାହ ଦେଖିବାକୁ ମିଳିଥିଲା । ସେହିପରି ପାନପୋଷ, ଆଇଟିଆଇ, ସିଭିଲ ଟାଉନସିପ, ଉଦିତନଗର, ଏସଟିଆଇ, ବାସନ୍ତୀ କଲୋନୀ, ପାୱାର ହାଉସ ରୋଡ୍, ଡେଲି ମାର୍କେଟ, ଛେଣ୍ଡ, କଳିଙ୍ଗ ବିହାର, ବନ୍ଧମୁଣ୍ଡା ସମେତ ସେକ୍ଟର ଅଞ୍ଚଳରେ ହୋଲି ପାଳିତ ହୋଇଯାଇଛି । ସୂଚନା ମୁତାବକ, ଗ୍ରାହକଙ୍କ ମନ ପସନ୍ଦର ରଙ୍ଗ ଓ ପିଚକାରୀର ଚାହିଦାକୁ ନେଇ ବ୍ୟବସାୟୀ ମାନେ ହକି ସାମଗ୍ରୀ ରଖିଥିଲେ । ଶାନ୍ତି ଶୃଙ୍ଖଳାର ସହ ହୋଲି ଖେଳିବା ପାଇଁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପୁରା ସହରରେ ୮ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଏତଦବ୍ୟତୀତ ୩ ଜଣ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପିଙ୍କ ସମେତ ସମସ୍ତ ଥାନାର ଇନିସପେକ୍ଟର, ସବ୍‌ଇନିସପେକ୍ଟର, ଏଏସଆଇ ମାନେ ନିୟୋଜିତ ହୋଇଥିଲେ ।



# ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ଝାରସୁଗୁଡ଼ା, ୫।୩(ସମିସ)







ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଝାରସୁଗୁଡ଼ା ବିଜୁ ଜନତା ଦଳ ତରଫରୁ ଗୁରୁବାର ବଡମାଳ ସ୍ଥିତ ବିଜୁ ପଟ୍ଟନାୟକ ଛକ ଠାରେ ପାଳିତ ହୋଇଯାଇଛି। ବଡମାଳ ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ବିଜେଡିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଜେଡିର କର୍ମକର୍ତ୍ତା ମାନେ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ, କଳିଙ୍ଗ ବୀର, ବିଜୁ ବାବୁ ସବୁବେଳେ ଓଡ଼ିଶା ସହିତ ସାରା ବିଶ୍ୱର ଜଣେ ଅଦ୍ୱିତୀୟ ନେତା ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ପୂର୍ବତନ ଜିଲ୍ଲା ସଭାପତି ରବି ସିଂ, ଉପସଭାପତି ଅଶୋକ ଦାସ, ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୁଭାଶିଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ପୱନ୍ ସିଂ ଯାଦବ ପୱନ୍ ଶର୍ମା, ଭବାନୀ ସାହା, କାହ୍ନା ପୋଦ୍ଦାର, କୁଶ ସେହ୍ଗଲ୍, ସତନ୍ତ୍ର ଶର୍ମା, ଅବିର ମିଶ୍ର, ସୁବାସ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ।

**ବ୍ରଜରାଜନଗର:** ବ୍ରଜରାଜନଗର ବିଜୁ ପଟ୍ଟନାୟକ ଛକରେ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ନୃପ ତାଣ୍ଡିଆ, ଚିନ୍ତାମଣି ଦାସ, ଗୋବିନ୍ଦ ସାହୁ, ରାମନାରାୟଣ ରାଏ, ଶଙ୍କର ତାଣ୍ଡି, ଅୱତାର ସିଂ, ସୂରଜ କର୍ଣ୍ଣ, କୃଷ୍ଣ ତ୍ରିପାଠୀ, ବିଜେଡି ମହିଳା ସଭାପତି ନଳିନୀ ପ୍ରଧାନ, ଖିରୋଦିନି ସେନାପତି, ମନୋରମା ସାହୁ, କୁମୁଦିନୀ ଜେନା ଗରୁଡ, ରୁକ୍ମିଣୀ ସୁନା, ଦମୟନ୍ତୀ ମହାକୁଡ, ଭୂମିସୁତା ତନ୍ତୀ, ଜିତେନ୍ଦ୍ର ରାଏ, କିଶୋର ଖର୍ସେଲ, ଦାମ ସାଗର, ଗିରିଧାରୀ ଗରୁଡ, ବିକ୍ରମ ଦାସ, ଅନନ୍ତକୁମ୍ଭାର, ମନ୍ଟୁକୁମ୍ଭାର, ସୁରୁ ସେନାପତି, ହୃଷିକେଶ ପ୍ରଧାନ ଓ ଅନେକ କର୍ମୀ ଯୋଗ ଦେଇଥିଲେ। ପ୍ରଥମେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଗୋଟିଏ ସଭା କରି ବିଜୁ ବାବୁଙ୍କ ସ୍ମୃତିଚାରଣ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ।

**ଦେବଗଡ଼:** ଦେବଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ଗୁରୁବାର ପ୍ରଧାନପାଟ ଶିଶୁ ଉଦ୍ୟାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦେବଗଡ଼ ଜିଲ୍ଲାର ସ୍ରଷ୍ଟା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ଜିଲ୍ଲା ମହିଳା, ଯୁବ ଓ ଛାତ୍ର ବିଜେଡିର ନେତୃ ମଣ୍ଡଳୀଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଦଳୀୟକର୍ମୀ ମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜୁ ବାବୁଙ୍କ ଆମ୍ ଜୀବନୀ ସମ୍ପର୍କରେ ଉଦବୋଧନ ଦେବା ସହ ଦେବଗଡ଼ ଜିଲ୍ଲା ଗଠନରେ ବିଜୁ ବାବୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ଜିଲ୍ଲାର ବିକାଶଧାରାରେ ରାଜ୍ୟରେ ଶାସକ ବିଜେପି ସରକାର ପ୍ରତିବନ୍ଧକ ସାଜିଥିବା ଆଲୋଚନା ହୋଇଥିଲା। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ବରିଷ୍ଠ ବିଭୁତି ଗଙ୍ଗଦେବ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଅରୁଣି ପ୍ରଧାନଙ୍କ ସମେତ ବହୁ ନେତା ଓ କର୍ମୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଚନ୍ଦ୍ରଶେଖର ଭୁକ୍ତା, ରୁନା ପଣ୍ଡା, ରାଜକିଶୋର ସାହୁ, ସଞ୍ଜୀବ ଶତପଥୀ, ପ୍ରଦୀପ ମୁଣ୍ଡା, ସୂର୍ଯ୍ୟମଣି ମହନ୍ତ, କତାର୍ଥ ସାହୁ, ବାବୁଲାଲ ପୃସେଠ, ରୂପକ ମାଝୀ, ମାନସ ପ୍ରଧାନ, ଭବାନୀ ଶଙ୍କର ସାହୁ, ମନୋଜ ପ୍ରଧାନ, ସମୀର ପ୍ରଧାନ, ପ୍ରଶାନ୍ତ ଭଞ୍ଜ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ବାରକୋଟ ବ୍ଲକ ସଭାନେତ୍ରୀ ଝରଣା ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌରାଧ୍ୟକ୍ଷା ଅନିତା ପାତ୍ର, ଅର୍ଚ୍ଚନା ପ୍ରଧାନ ସୁଜାତା ପ୍ରଧାନ, ପାର୍ବତୀ ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ ଧନ୍ୟବାଦ ଅର୍ପଣ କରିଥିଲେ।

## ସେକ୍ଟର-୩ ଥାନାରେ ଆମ ପୁଲିସ ବୈଠକ

ରାଉରକେଲା, ୫।୩(ସମିସ): ସେକ୍ଟର-୩ ଥାନାରେ ଆମ ପୁଲିସ ବୈଠକ ସବ୍ ଇନ୍ସପେକ୍ଟର ରବୀନ୍ଦ୍ର କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମ୍ୟୁଲ୍ ଆକାଉଣ୍ଟ ବାବଦରେ ଉପସ୍ଥିତ ସମସ୍ତ ସମିତି ସଦସ୍ୟଙ୍କୁ ଅବଗତ କରାଇ କାହାରି କଥାରେ ପଡ଼ି ନିଜର ଆବଶ୍ୟକୀୟ କାଗଜପତ୍ର ନ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଆମ ପୁଲିସର ସଦସ୍ୟ ସଞ୍ଜୀବ କୁମାର ନାୟକ ଥାନାଞ୍ଚଳରେ ବଢୁଥିବା ଚୋରିକୁ ରୋକିବା ଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। କମ୍ୟୁନିଷ୍ଟ ଗୌଡ ସେକ୍ଟର- ୧ ଏଚ୍‌ବ୍ଲକ ସମ୍ମୁଖ ପାର୍କରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବାରୁ ଦୁର୍ଗା ଛକଠାରେ ଜଣେ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରିବାକୁ କହିଥିଲେ। ଲୀନା ନାୟକ ଛିନତାଇ ପ୍ରସଙ୍ଗ ଉଠାଇଥିଲେ। ବାସନ୍ତୀ ପରିଷଦର ସଭାପତି ରାମଚନ୍ଦ୍ର ଗୌଡ ବାସନ୍ତୀ ପୂଜା ପାଇଁ ପୁଲିସ ପ୍ରଶାସନର ସହଯୋଗ ପାଇଁ ନିବେଦନ କରିଥିଲେ। ଏଏସଆଇ ମଙ୍ଗୁଳି ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ମହିଳା ଏଏସଆଇ ବି. ଖିଲାର ଉପସ୍ଥିତ ଥିଲେ।

## ଅଭିନବ ଗୌରାଙ୍ଗ ମନ୍ଦିରରେ ଅଷ୍ଟମ ପ୍ରହର ନାମଯଜ୍ଞ

ଝାରସୁଗୁଡ଼ା, ୫।୩(ସମିସ): ଝାରସୁଗୁଡ଼ା ସହର ବିଜୁ ନଗର ସ୍ଥିତ ଅଭିନବ ଗୌରାଙ୍ଗ ମନ୍ଦିରରେ ୨୭ ତମ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଦ୍ୱାରା ନାମଯଜ୍ଞ ଆୟୋଜିତ ହୋଇଥିଲା। ଜଗଦୀଶ ପାଣିଗ୍ରାହୀ ଓ ଆଲ୍‌ହାଦିନୀ ଦୀକ୍ଷିତ କର୍ତ୍ତା ଏବଂ ସହଦେବ ମିଶ୍ର ପଣ୍ଡିତ କାର୍ଯ୍ୟ ତୁଲାଇଥିଲେ। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ନାମଯଜ୍ଞରେ ଯୋଗଦ ଦେଇ ମନ୍ଦିରର ଉନ୍ନତି ପାଇଁ ବିଜୁନଗର ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚସଖା କୀର୍ତ୍ତନ ମଣ୍ଡଳୀ, ଛୁଆଲିବେର୍ଣ୍ଣା, ତାଲମାଳ, ଠାକୁରପଡ଼ା, ବାଲିଜୋରୀ, ରଘୁନାଥପାଲି ସହିତ ୧୨ଟି କୀର୍ତ୍ତନ ଦଳ ନାମଯଜ୍ଞରେ ଅଂଶ ଗ୍ରହଣ କରିଥିଲେ। ପରିଚାଳନା କମିଟିର ଚନ୍ଦ୍ରଶେଖର ମେହେର, ସୁନୀଲ ପଣ୍ଡା, ଜଗଦିଶ ନାୟକ, ଶତ୍ରୁଘ୍ନ ମେହେର, ଆଶାରାଣୀ ପଟେଲ, କଲ୍ୟାଣୀ ନାୟକଙ୍କ ସହିତ ବିଜୁ ନଗରବାସୀ ସହଯୋଗ କରିଥିଲେ।

## ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା, ୫।୩(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଲୋଇସିଂହ ପଞ୍ଚାୟତ ଅଧୀନ ଠରକଶପୁର ଗାଁରେ ମାର୍ଚ୍ଚ ୧ରୁ ଆରମ୍ଭ ହୋଇଥିବା ୨୪ପ୍ରହର ଅଖଣ୍ଡ ଅହୋରାତ୍ର ନାମଯଜ୍ଞ ଗୁରୁବାର ନଗର ଭ୍ରମଣ, ଦଧିଭାଣ୍ଡଭଞ୍ଜନ ସହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞ ପାଇଁ ରବିବାର କଳସ ଶୋଭାଯାତ୍ରା ପରେ ଶୁଭ ଅଧିବାସ ସହିତ ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ସୋମବାରରୁ ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଗୁଞ୍ଜନ ହୋଇଥିଲା। ଗୁରୁବାର ପୂର୍ଣ୍ଣାହୁତି ସହିତ ନଗର ଭ୍ରମଣ, ଦଧିଭାଣ୍ଡଭଞ୍ଜନ ପରେ ନାମଯଜ୍ଞ ସମାପନ ହୋଇଥିଲା। ନାମଯଜ୍ଞରେ ସପତ୍ନୀକ ସୁଦୀପ ମରେଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞ ଅବସରରେ ମଙ୍ଗଳବାର ଗୌରାଙ୍ଗ ଜନ୍ମ ଏବଂ ଚୈତନ୍ୟ ଜନ୍ମ ପାଳିତ ହୋଇଥିଲା। ଗୌରାଙ୍ଗ ମହାପ୍ରଭୁ ଓ ଶ୍ରୀ ଚୈତନ୍ୟଙ୍କୁ ବିମାନରେ ବସାଇ ମହିଳା ମାନେ କୀର୍ତ୍ତନ ମଣ୍ଡପକୁ ଆଣିଥିଲେ। ବୁଧବାର ଛପନ ଭୋଗ ଅର୍ପଣ କରାଯାଇଥିଲା। ଠରକଶପୁର ଗ୍ରାମବାସୀଙ୍କ ତରଫରୁ ସମସ୍ତ ଭକ୍ତବୃନ୍ଦଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## ଆର୍‌ଏସ୍‌ପିରେ ଜାତୀୟ ସୁରକ୍ଷା ସପ୍ତାହ



ରାଉରକେଲା, ୫।୩(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ରେ ୫୫ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା 'ଶିଳ୍ପ କୋଣାର୍କ' ସ୍ମାରକୀ ପରିସରରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଏମ୍‌ଡିସିଏମ୍ ଏଲଓର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ମାଇନ୍ସ ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍‌ପାଲ ଚୌଧୁରୀ, ବିତ୍ତ ଏବଂ ଲେଖା ବିଭାଗର ସିଜିଏମ, ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ଅନ୍ୟ ବହୁ ସି ଜି ଏମ, ବିଭାଗୀୟ ମୁଖ୍ୟ, ସୁରକ୍ଷା ଅଧିକାରୀ, କେନ୍ଦ୍ରୀୟ ସୁରକ୍ଷା କମିଟିର ସଦସ୍ୟ ତଥା ଅନ୍ୟ କେତେକ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଏନ୍‌ପିଏମ୍ ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ୍ ଆର.କେ ମୁଦୁଲି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର ଏବଂ ମାଇନ୍ସ ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି ଶପଥ କରାଇ ଥିଲେ।

## ବ୍ରଜରାଜନଗରରେ ବିଭିନ୍ନ କାର୍ଯ୍ୟର ଜିଲ୍ଲାପାଳଙ୍କ ସମୀକ୍ଷା

ଝାରସୁଗୁଡ଼ା, ୫।୩(ସମିସ): ସହରର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁବାର ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ଗ୍ରସ୍ତ କରିଛନ୍ତି। ଜିଲ୍ଲାପାଳ ବିଭିନ୍ନ ପ୍ରସ୍ତାବିତ ଓ ନିର୍ମାଣଧୀନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କ୍ରୀଡା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଇଣ୍ଡୋର ଷ୍ଟାଡିୟମ୍ ଏବଂ ସାଂସ୍କୃତିକ ବିକାଶ ପାଇଁ ନିର୍ମାଣଧୀନ ଡ୍ରାମା ପେଣ୍ଡାଲର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗୋଲ ଛକ ପଡ଼ିଆର ଉନ୍ନତିକରଣ ଓ ସ୍ଥାନୀୟ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ଆଲୋଚନା କରିଛନ୍ତି। ସହରର ପରିବେଶ ଓ ପର୍ଯ୍ୟଟନର ବିକାଶ ପାଇଁ ଇବ୍ ନଦୀ କୂଳରେ ଥିବା ପିକନିକ୍ ସ୍ପଟ୍‌ର ପୁନରୁଦ୍ଧାର ଏବଂ ନଦୀ ତଟର ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏଥିସହ ଇକୋ ପାର୍କ ଏବଂ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଆଧୁନିକ ଶ୍ମଶାନ ନିର୍ମାଣ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ଗୋଟିଏ ଅତ୍ୟାଧୁନିକ ବୃଦ୍ଧାଶ୍ରମ ପ୍ରତିଷ୍ଠା ପାଇଁ ଜିଲ୍ଲାପାଳ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ଗମନାଗମନ ଓ ସ୍ୱଚ୍ଛତା ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲାପାଳ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜାତୀୟରାଜପଥ କଡରେ ଥିବା ସମସ୍ତ ବେଆଇନ ଅବରୋଧ ଉଚ୍ଛେଦ କରିବା ସହ ରାସ୍ତାକୁ ସଫାସୁତୁରା ରଖିବା ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ରଥର ଶୁଭାରମ୍ଭ

ବଣାଇଁ, ୫।୩(ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶକ୍ରମେ ବଣାଇ ବନଖଣ୍ଡ କାର୍ଯ୍ୟାଳୟ ପରିସରରୁ ଜଙ୍ଗଲ ନିଆଁ ନିରାକରଣ ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ



ହୋଇଛି। ବଣାଇଁର ୟୋଥ୍ କ୍ଲବ୍ ଯୁବଗୋଷ୍ଠୀଙ୍କୁ ନେଇ ଏକ ସଚେତନତା ବାଇକ୍ ରାଲିର ଆୟୋଜନ ହୋଇଯାଇଛି। ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଆଗକୁ ଗ୍ରୀଷ୍ମପ୍ରବାହ ମାଡ଼ି ଆସୁଥିବା ବେଳେ ବିଭିନ୍ନ ସ୍ଥାନରେ ମନୁଷ୍ୟ କୃତ୍ୟ ନିଆଁ ଲାଗିଯିବାରୁ ଜଙ୍ଗଲ ସହିତ ବନ୍ୟଜନ୍ତୁ ମଧ୍ୟ ବିପଦରେ ପଡ଼ିଥାନ୍ତି। ଏଣୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତାର ବାର୍ତ୍ତା ନେଇ ଏହିରଥ ପ୍ରତ୍ୟେକ ଗାଁ କୁ ଗାଁ ସହ ପ୍ରତ୍ୟେକ ବନ ସଂରକ୍ଷଣ ସମିତି ଏବଂ ବିଭିନ୍ନ ଅନୁଷ୍ଠାନକୁ ବୁଲିବ ଓ ଏହା ବଣାଇ ବନଖଣ୍ଡ ର ସାତ ଗୋଟି ବନାଞ୍ଚଳ ସୋଲ, ଜର୍ଡା, ତାମଡା, ବଣାଇଁ କୁଲିପୋଷ ବରସୁଆଁ କୋଇଡା ଇତ୍ୟାଦି ର ବିଭିନ୍ନ ଗାଁ ବୁଲି ଜଙ୍ଗଲ ସହ ଜୀବଜନ୍ତୁ ଏବଂ ପରିବେଶ ର ସୁରକ୍ଷା ବାର୍ତ୍ତା ପ୍ରଚାର କରିବ। ଏହି କାର୍ଯ୍ୟକ୍ରମରେ ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ଫରେଷ୍ଟର ମାନସ ରଞ୍ଜନ ସାହୁଙ୍କ ସମେତ ୟୋଥ କ୍ଲବ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ବାଇକ୍ ରାଲି ବଣାଇଁ ବନଖଣ୍ଡ କାର୍ଯ୍ୟାଳୟରୁ ବାହାରି ଲଲେଇ ଛକ ଦେଇ କୁଲିପୋଷ ରେଞ୍ଜର ବିଭିନ୍ନ ଗ୍ରାମ ପରିକ୍ରମା କରି ଡଲେଇସରାରେ ପହଞ୍ଚିବା ପରେ ସେଠାରେ ଏକ ସଚେତନତା ସଭା ଦ୍ୱାରା ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ପ୍ରଧାନପାଟ ସମନ୍ୱିତ ଇକୋ ଟୁରିଜିମ ସର୍କିଟର ଉନ୍ନୟନ ଦାବି

### ● ପିସିସିଏଫଙ୍କୁ ବିଧାୟକଙ୍କ ଦାବିପତ୍ର

ଦେବଗଡ଼, ୫।୩(ସମିସ): ପ୍ରଧାନପାଟ ସମନ୍ୱିତ ଇକୋ ଟୁରିଜିମ ସର୍କିଟର ଉନ୍ନୟନ ନିମନ୍ତେ ଅନୁମତି ପ୍ରଦାନ ପାଇଁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଗୁରୁବାର ବନ ବିଭାଗର ପିସିସିଏଫ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ବିଶ୍ୱାଳ ଆଜି ଭୁବନେଶ୍ୱରର ଅରଣ୍ୟ ଭବନରେ ପିସିସିଏଫ୍‌ଙ୍କୁ ସାକ୍ଷାତ କରିଥିବା ଜଣାପଡ଼ିଛି। ଦେବଗଡ଼ ସ୍ଥିତ ରାଜ୍ୟର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟ ଜଳପ୍ରପାତ ଓ ଏହାର ଚତୁଃପାର୍ଶ୍ୱର ବିକାଶ ଓ ସୌନ୍ଦର୍ଯ୍ୟୀକରଣ ନିମନ୍ତେ (ପ୍ରଧାନପାଟ ସମନ୍ୱିତ ଉନ୍ନୟନ ସର୍କିଟ) ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଇତିମଧ୍ୟରେ ୧୬ କୋଟି ୬୬ ଲକ୍ଷ ୭୫ ହଜାର ୭୦୦ ଟଙ୍କାର ଆର୍ଥିକ ଅନୁଦାନକୁ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମାତ୍ର ପର୍ଯ୍ୟଟନସ୍ଥଳଟି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବାରୁ ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ ବିଭାଗୀୟ ଅନୁମତି ବାଧକ ସାଜିଛି। ଫଳରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଉପରୋକ୍ତ ଅନୁଦାନ ଅର୍ଥ ଫେରିଯିବା ନେଇ ମଧ୍ୟ ଆଶଙ୍କା ହୋଇଛି। ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ଆର୍ଥିକ ଉନ୍ନତି ହେବା ସହ ସ୍ଥାନୀୟ ଲୋକଙ୍କ ନିମନ୍ତେ ଜୀବିକା ସୃଷ୍ଟି କରିବାର ଉଜ୍ଜ୍ୱଳ ସମ୍ଭାବନା ରହିଛି। ଏଣୁ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ଅନୁମତି ପ୍ରଦାନ ନିମନ୍ତେ ବିଧାୟକ ଶ୍ରୀ ବିଶ୍ୱାଳ ପିସିସିଏଫ୍‌ଙ୍କୁ ଦାବିପତ୍ର ଜଣାଇଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୫।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସକୁ ପାଳନ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏନେଇ ସୂଚନା ଦେଇଛନ୍ତି। ଜିଲ୍ଲା କ୍ରୀଡା ଓ ଯୁବସେବା ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ମାର୍ଚ୍ଚ ୬ରୁ ୮ ପର୍ଯ୍ୟନ୍ତ ଜିଲ୍ଲାରେ ମହିଳାମାନଙ୍କ ପାଇଁ ତିନି ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିରେ ପ୍ରତିଦିନ ଭିନ୍ନ ଭିନ୍ନ ଆଧାର (ଥିମ) ରଖାଯାଇଛି। ପ୍ରଥମ ଦିନ ଅର୍ଥାତ୍ ମାର୍ଚ୍ଚ ୬ର ଥିମ୍ 'ଶକ୍ତି ସ୍ୱରୂପିଣୀ' (ହର୍ ବଡି ହର୍ ପାୱାର) ରହିଛି। ମହିଳାମାନଙ୍କ ପାଇଁ 'ଜୁମ୍ବା' କାର୍ଯ୍ୟକ୍ରମ ଏବଂ କିଶୋରୀ ତଥା ବାଳିକାମାନଙ୍କ ପାଇଁ କ୍ୟାରିୟର କାଉନସେଲିଂର ବ୍ୟବସ୍ଥା କରାଯାଇଛି। ମାର୍ଚ୍ଚ ୭ର ଥିମ୍ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ରଖାଯାଇଛି। ଏହି ଦିନ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ ଆତ୍ମରକ୍ଷା ପାଇଁ କରାଟେ ଟ୍ରେନିଂ ଆୟୋଜନ କରାଯିବ। ସେହିପରି ମାର୍ଚ୍ଚ ୮ର ଅନ୍ତର୍ଜାତୀୟ ମହିଳା ଦିବସର ଥିମ୍ ରହିଛି 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' (ହ୍ୱେନ୍ ସି ମୁଭ୍‌ସ, ଇଣ୍ଡିଆ ମୁଭ୍‌ସ)। ଏହିଦିନ କାଳୀ ମନ୍ଦିରରୁ ଝାରସୁଗୁଡ଼ା ଇଞ୍ଜିନୟରିଂ ସ୍କୁଲ ପର୍ଯ୍ୟନ୍ତ 'ୱାକାଥନ' ଅନୁଷ୍ଠିତ ହେବ। ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ମହିଳାମାନଙ୍କୁ ସମ୍ମାନିତ ଓ ସଚେତନ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଛନ୍ତି। ଜିଲ୍ଲାର ସମସ୍ତ ଏସ୍‌ଏଚ୍‌ଜି ମହିଳା, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ ସମସ୍ତ ମହିଳାଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି।

## ୧୨ ଏମ୍‌ଭିଏ କନଭର୍ଟର ଟ୍ରାନ୍ସଫର୍ମରର ସଫଳ ମରାମତି

ରାଉରକେଲା, ୫।୩(ସମିସ): ବୈଷୟିକ ଉତ୍କର୍ଷତା ଏବଂ ଦଳଗତ କାର୍ଯ୍ୟର ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସହକାରେ ସେଲ୍, ରାଉରକେଲା ଇସ୍ପାତ କାରଖାନାର କେନ୍ଦ୍ରୀୟ ବୈଦ୍ୟୁତିକ ରକ୍ଷଣାବେକ୍ଷଣ-ମରାମତି ସପ୍ ଇଲେକ୍ଟ୍ରିକାଲ୍ (ସିଇଏମ-ଆରଏସଇ) ଦଳ ମାତ୍ର ୬୭ ଘଣ୍ଟା (ପ୍ରାୟ ୨.୮ ଦିନ) ରେକର୍ଡ ସମୟରେ ଏକ ୧୨ ଏମଭିଏ କନଭର୍ଟର ଟ୍ରାନ୍ସଫର୍ମର ସଫଳତାର ସହ ମରାମତି ଏବଂ ସମ୍ପୂର୍ଣ୍ଣ ଓଭରହଲ୍ କରିଛି। ଉକ୍ତ କାର୍ଯ୍ୟଟି ନିରବଚ୍ଛିନ୍ନ ପ୍ରୟାସ ସହିତ ସଟଡାଉନ ସୀମା ମଧ୍ୟରେ ସମ୍ପନ୍ନ କରାଯାଇଥିଲା। ଏକାଧିକ ଦଳ ଦ୍ୱାରା ଶୃଙ୍ଖଳା ଏବଂ ସମାନ୍ତରାଳ କାର୍ଯ୍ୟକଳାପର ସତର୍କ ସମନ୍ୱୟ ସର୍ବନିମ୍ନ ସମୟରେ ଟ୍ରାନ୍ସଫର୍ମରକୁ ଏକ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟକ୍ଷମ ଅବସ୍ଥାରେ ପୁନଃସ୍ଥାପନ କରିବା ସୁନିଶ୍ଚିତ କରିଥିଲା। ବ୍ରେକଡାଉନ୍ ସମୟ ମଧ୍ୟରେ, ଉପଭୋକ୍ତା ବିଭାଗର ଉତ୍ପାଦନ ପ୍ରାୟ ୫୦ ପ୍ରତିଶତ କ୍ଷମତାକୁ ହ୍ରାସ ପାଇଥିଲା, ଯାହା ଫଳରେ ଦୈନିକ ପ୍ରାୟ ୫୫୦୦ ଟନ୍ ସିଣ୍ଟର କ୍ଷତି ହୋଇଥିଲା ଏବଂ ସିଣ୍ଟର ଗୁଣବତ୍ତା ଉପରେ ପ୍ରଭାବ ପଡ଼ିଥିଲା, ଯାହା ବ୍ଲାଷ୍ଟ ଫର୍ଣ୍ଣେସରେ ଉତ୍ତପ୍ତ ଧାତୁ ଉତ୍ପାଦନକୁ ପ୍ରାୟ ୪୦୦୦ ଟନ୍ ପ୍ରତିକୂଳ ପ୍ରଭାବିତ କରିପାରିଥାନ୍ତା। ଟ୍ରାନ୍ସଫର୍ମରର ତ୍ୱରିତ ପୁନରୁଦ୍ଧାର ସମୟୋଚିତ ଭାବରେ ଉତ୍ପାଦନକୁ ସ୍ୱାଭାବିକ କରିବା ପାଇଁ ସକ୍ଷମ ହୋଇଥିଲା, ଯାହା ଫଳରେ ପ୍ରତିଦିନ କୋଟି କୋଟି ଟଙ୍କାର ଯଥେଷ୍ଟ ଆର୍ଥିକ ସଞ୍ଚୟ ସମ୍ଭବପର ହୋଇଥିଲା। ସମ୍ପୂର୍ଣ୍ଣ ମରାମତି ଏବଂ ଓଭରହାଲିଂ କାର୍ଯ୍ୟକଳାପ ସିଇଏମ ଆରଏସଇ ଦଳ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏସଏସ ରାୟ ଚୌଧୁରୀ କାର୍ଯ୍ୟର ସୁରକ୍ଷିତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାରେ ସହଯୋଗ ପ୍ରଦାନ କରିଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ବ୍ୟକ୍ତିଗତ ରୂପେ ଏହି କାର୍ଯ୍ୟର ତଦାରଖ ଓ



କାର୍ଯ୍ୟାନ୍ୱୟନରେ ସହଯୋଗ କରିଥିଲେ। ବିଦ୍ୟୁତ୍ ବଣ୍ଟନ ବିଭାଗ ଏବଂ ସିଣ୍ଟରିଂ ପ୍ଲାଣ୍ଟ-୩ ପୁନଃନିର୍ଦ୍ଦେଶନ କାର୍ଯ୍ୟ ପାଇଁ ଆହୋରାତ୍ର ସମ୍ବଳ ସହାୟତା ପ୍ରଦାନ କରିଥିଲେ। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସକ୍ରିୟ ମାର୍ଗଦର୍ଶନ ଏବଂ ସମର୍ଥନରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। କାର୍ଯ୍ୟନିର୍ବାହୀ ନେତୃତ୍ୱ ବ୍ୟତୀତ, ସିଇଏମ-ଆରଏସଇ ବିଭାଗର କର୍ମଚାରୀମାନେ ନିରନ୍ତର ରୂପେ ନିରବଚ୍ଛିନ୍ନ ଶିଫ୍ଟରେ କାର୍ଯ୍ୟ କରି ଏବଂ କଠୋର ସମୟ ସୀମା ସତ୍ତ୍ୱେ ଗୁଣବତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରି ଅସାଧାରଣ ସମର୍ପଣଭାବ ପ୍ରଦର୍ଶନ କରିଥିଲେ।

### ଇସ୍ପାତ ସିନର୍ଜି କ୍ରିକେଟ୍ ଚାମ୍ପିଅନସିପ୍

## ଆର୍‌ଏସ୍‌ପି ଏସ୍‌ଏମ୍‌ଏସ୍-୨ ଆଭେଞ୍ଜର୍ସ ବିଜୟୀ

ରାଉରକେଲା, ୫।୩(ସମିସ)



୧୬ ତମ ଇସ୍ପାତ ସିନର୍ଜି କ୍ରିକେଟ୍ ଚାମ୍ପିଅନସିପ୍ - ୨୦୨୬ରେ ଆରଏସପି ଏସ୍‌ଏମ୍‌ଏସ୍-୨ ଆଭେଞ୍ଜର୍ସ ଦଳ ଚାମ୍ପିଅନ ହୋଇଛି। ଏହି ପ୍ରତିଯୋଗୀତା ଗତ ମାର୍ଚ୍ଚ ୩ ତାରିଖରେ ଇସ୍ପାତ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍‌ରେ ଇଲେକ୍ଟ୍ରିକାଲ୍ ଇଗଲ୍ସ ଦଳକୁ ଆର୍‌ଏସ୍‌ପି ଏସ୍‌ଏମ୍‌ଏସ୍-୨ ଆଭେଞ୍ଜର୍ସ ଦଳ ୮ ୱିକେଟରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ଆର୍‌ଏସ୍‌ପି ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର ଉକ୍ତ ଇଭେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଏବଂ ରନର୍ସ-ଅପ୍ ଦଳଗୁଡ଼ିକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଆରଏସପିର ଅନେକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚରେ ଏସଏମଏସ-୨ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି, ଦଳ ଇଲେକ୍ଟ୍ରିକ୍ ଇଗଲ୍ସ ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୦୪ ରନ୍ କରିଥିଲା। ଏସ୍‌ଏମ୍‌ଏସ୍-୨ ଦଳ ଗୋଟିଏ ବଲ ଏବଂ ୮ ୱିକେଟ ବାକି ଥାଇ ଲକ୍ଷ୍ୟ ହାସଲ କରିଥିଲା। ଏସ୍‌ଏମ୍‌ଏସ୍-୨ ଆଭେଞ୍ଜର୍ସର ନିହାର ରଞ୍ଜନ ନାୟକଙ୍କୁ ନଟ୍‌ଆଉଟ୍ ୫୨ ରନ୍ ଏବଂ ୧ ୱିକେଟ ପାଇଁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଫାଇନାଲ ମ୍ୟାଚରେ ପ୍ରସାଦ ରଥ ଏବଂ ପ୍ରଶାନ୍ତ ମହାନ୍ତି ଅମ୍ପାୟାର ଥିଲେ। କର୍ପୋରେଟ୍ ଟାଇଟାନ୍ସ ଦଳର ଜ୍ୟୋତିର୍ମୟ ଜ୍ଞାନ ଶ୍ରେଷ୍ଠ ବ୍ୟାଟର ପୁରସ୍କାର ଜିତିଥିଲେ। ବୋଲାନି ବ୍ଲେଜର୍ସ ଦଳର ମାନସ କୁମାର ପ୍ରଧାନ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ସମ୍ମାନିତ ଅତିଥିମାନେ ମ୍ୟାଚ୍ ଅଧିକାରୀ, ସମସ୍ତ ୧୬ ମ୍ୟାଚର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବ୍ୟାଟସମ୍ୟାନ, ଶ୍ରେଷ୍ଠ ବୋଲର ଏବଂ ବିଜୟୀ ଏବଂ ରନର୍ସ ଅପ୍ ଦଳର ସଦସ୍ୟମାନଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରିଥିଲେ। ଆସିଷ୍ଟାଣ୍ଟ ମେନେଜର ଦିବ୍ୟା ସାହୁ ଧନ୍ୟବାଦ ଦେଇଥିଲେ। ଆର୍‌ଏସ୍‌ପି ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ବୁଧୁ ସିଂ ସମଗ୍ର ଟୁର୍ଣ୍ଣାମେଣ୍ଟର ସଂଯୋଜନା କରିଥିଲେ।

## ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ

**ଭବାନୀପାଟଣା, ୫ ।୩ (ସମିସ)**

ଭବାନୀପାଟଣା ସହରରେହୋଲି ଖେଳ ଚାଲୁଥିବା ବେଳେ ପୋଖରୀରେ ବୁଡି ଛାତ୍ର ମୃତ୍ୟୁ ଘଟିବା ଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଥିଲା। ହୋଲି ଖେଳି ସାରି ସାଙ୍ଗମାନଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବା ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତ ଛାତ୍ରଙ୍କ ନାମ ସୌମ୍ୟ ରଞ୍ଜନ ସାହୁ (୧୪) ଓ ସେ କଳାହାଣ୍ଡି ଜିଲ୍ଲା କୋକସରା ଥାନା ଝରିଗୁଡ଼ା ଗାଁର ବୋଲି ଜଣାପଡ଼ିଛି। ଭବାନୀପାଟଣା ସହର ନିକଟସ୍ଥ ମେଦିନୀପୁରରେ ସ୍ୱାମୀ ଶିକ୍ଷା ନିକେତନରେ ସେ ନବମ ଶ୍ରେଣୀରେ ପଢୁଥିଲା ବେଳେ ସେଠାରେ ହଷ୍ଟେଲରେ ରହୁଥିଲା। ମଙ୍ଗଳବାର ମଧ୍ୟାହ୍ନରେ ହୋଲି ଖେଳ ସରିବା ପରେ ସ୍କୁଲ ସାଙ୍ଗମାନଙ୍କ ସହ ହଷ୍ଟେଲ ଠାରୁ ପ୍ରାୟ ଅଧ କିଲୋମିଟର ଦୂର ନିକଟସ୍ଥ ମେଦିନୀପୁର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ତାଙ୍କର ସବୁ ସାଙ୍ଗ ସ୍କୁଲକୁ ଚାଲି ଆସିଥିବା ବେଳେ ସେ ଆସିନଥିଲେ। ଖାଇବା ସମୟରେ ଏହା ଜଣାପଡ଼ିବା ପରେ ସ୍କୁଲ କର୍ମଚାରୀ ଶୀଘ୍ର ଉକ୍ତ ପୋଖରୀକୁ ଖୋଜିବାକୁ ଯାଇଥିଲେ। ତେବେ ସେଠାରେ ଛାତ୍ର ଜଣକ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଛାତ୍ର ଜଣକୁ ସେଠାରୁ ଉଦ୍ଧାର କରି ସ୍କୁଲ କର୍ମଚାରୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ତେବେ ସବୁ ସରିଯାଇଥିବା ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ମୃତ୍ୟୁର ଦଉଣ୍ଡା ପରେ ସ୍କୁଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଖବର ଦେଇଥିବା ପ୍ରକାଶ। ପରିବାର ସଦସ୍ୟମାନେ ଘଟଣା ସ୍ଥଳକୁ



### ପରିବାର ପକ୍ଷରୁ ଥାନାରେ ଅଭିଯୋଗ

ପହଞ୍ଚିଥିଲେ। ପରିବାର ଲୋକେ ପାଣିରେ ବୁଡି ସୌମ୍ୟଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରୁ ନ ଥିବାବେଳେ ଏହା ସମ୍ପୂର୍ଣ୍ଣ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନ କାରଣରୁ ଘଟିଛି ଏବଂ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାରବର୍ଗ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ ଆଣିଛନ୍ତି। ତତ୍ ସହିତ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ହଷ୍ଟେଲରୁ ଦୂର ପୋଖରୀକୁ ଗାଧୋଇବାକୁ ଗଲାବେଳେ ଛାତ୍ର ସଂଖ୍ୟା ଗଣା ହୋଇଥିଲା ଫେରିବା ବେଳେ କେମିତି କେହି ଅନୁମାନ କଲେନାହିଁ। ଖାଇବା ସମୟରେ ମୃତ ଛାତ୍ର ସୌମ୍ୟ ରଞ୍ଜନ ପୋଖରୀରୁ ଫେରିନଥିବା ଜାଣିପାରିଲେ ତାହାହିଁ ବଡ଼ ପ୍ରଶ୍ନ ହୋଇଛି। ସଦର ଥାନା ପୁଲିସ କେସ୍ ନଂ (୯୯/୨୬) ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସଦର ଥାନା ଆଇଆଇସି ସୂଚନା ଦେଇଛନ୍ତି। ଏପଟେ ଗୁରୁବାର ପୂର୍ବାହ୍ନରେ ଛାତ୍ରଙ୍କ ମୃତ ଦହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ଇନ୍ଦ୍ରାବତୀରେ ଡଙ୍ଗା ବୁଡ଼ି ଘଟଣା

# ୬ଦିନ ପରେ ମଧ୍ୟ ନିଖୋଜ ବ୍ୟକ୍ତିଙ୍କ ପତ୍ତା ନାହିଁ

**ଥୁଆମୂଳରାମପୁର, ୫ ।୩(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଅଞ୍ଚଳର ଇନ୍ଦ୍ରାବତୀ ଜଳଭଣ୍ଡାର ମଝିଭାଗରେ ଗତ ୨୮ ତାରିଖ ଦିନ ଡଙ୍ଗା ବୁଡି ଘଟଣାରେ ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳିପାରିନି। ମାଛ ଧରିବା ପାଇଁ ବେଶୀ ଡଙ୍ଗାରେ ଜଳଭଣ୍ଡାରକୁ ଯାଇଥିବା ବେଳେ ଡଙ୍ଗା ହଠାତ୍ ଓଲଟି ପଡ଼ିଥିବା ସୂଚନା ମିଳିଛି। ଏହି ଅଘଟଣରେ ଜଣେ ବ୍ୟକ୍ତି ନିଖୋଜ ହୋଇଥିବା ବେଳେ ୬ଦିନ ବିତିଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ସୂଚନା ଅନୁଯାୟୀ, ଯେଉଁ ସ୍ଥାନରେ ଡଙ୍ଗା ବୁଡିଯାଇଛି ସେଠାରେ ପ୍ରାୟ ୩୦୦ ରୁ ୪୦୦ ଫୁଟ୍ ପର୍ଯ୍ୟନ୍ତ ପାଣିର ଗଭୀରତା ରହିଛି। ଏପରି ଗଭୀର ଜଳରେ ଉଦ୍ଧାର କାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି। ଥୁଆମୂଳରାମପୁର ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ ଇତିମଧ୍ୟରେ ତିନି ଦିନ ଲଗାତାର ଖୋଜାଖୋଜି କରିଥିବା ସତ୍ତ୍ୱେ କୌଣସି ସଫଳତା ମିଳି ପାରିନାହିଁ। ପରିସ୍ଥିତି ଜଟିଳ ହୋଇଥିବାରୁ ଦଳକୁ ବାରମ୍ବାର ନିରାଶ ହୋଇ ଫେରିବାକୁ ପଡୁଛି। ଏପଟେ ନିଖୋଜ ବ୍ୟକ୍ତିଙ୍କ ପରିବାର ଓ ଗ୍ରାମବାସୀ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଜଳଭଣ୍ଡାର କୂଳରେ ଅପେକ୍ଷାରେ ବସିରହିଛନ୍ତି। ଏପରିକି ଗ୍ରାମବାସୀ ମଧ୍ୟ ଡଙ୍ଗା ଧରି ଧରି ଜଳଭଣ୍ଡାର ମଧ୍ୟରେ ଖୋଜାଖୋଜି କରିବାର ପ୍ରୟାସ କରୁଛନ୍ତି। ଅସହାୟ ପରିବାରରେ ଦୁଃଖ ଓ ଆଶା-ନିରାଶାର ମିଶ୍ରିତ ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଧିକ ସହାୟତା ଓ ପ୍ରୟୋଜନୀୟ ସାଜସଜ୍ଜା ଯୋଗାଇ ଦେବାକୁ ଦାବି ଉଠିଛି। ଉଦ୍ଧାର କାର୍ଯ୍ୟ ଚାଲୁଥିବା ବେଳେ ସମସ୍ତଙ୍କ ଦୃଷ୍ଟି ଏବେ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ।

# ସାଇବର୍ ଠକେଇ ମାମଲାରେ ୪ ଗିରଫ

**ଜୁନାଗଡ଼, ୫ ।୩(ସମିସ):** ଜୁନାଗଡ଼ ପୁଲିସକୁ ସାଇବର ଠକେଇ ମାମଲାରେ ମଙ୍ଗଳବାର ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ଜୁନାଗଡ଼ ଥାନା ବୁଢ଼ାପଦର ଗ୍ରାମର ସଚିନ ମେହେର(୨୨), ଖୁନବାହାଲ ଗ୍ରାମର ବବଲୁ ଓରଫ ସମୀର କୁମାର ମେହେର(୨୭), ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ହାତିବନ୍ଧା ଗ୍ରାମର ଜିତୁ ଓରଫ ଜୟନ୍ତ ମେହେର(୧୯) ଓ ଖଡ଼ିଆଳର ସିଦ୍ଧାନ୍ତ ମେହେର (୨୦)ବୋଲି ଜଣାପଡ଼ିଛି। ଏ ନେଇ ଜୁନାଗଡ଼ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ଠାରୁ ଗୋଟିଏ ପାସବୁକ, ଏଟିଏମ କାର୍ଡ ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ସେମାନେ ଲୋକଙ୍କ ଠାରୁ ୧୪ ଲକ୍ଷ ୫୫ ହଜାର ସାଇବର ଠକେଇ କରିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରାଙ୍କ ପ୍ରକାଶ କରିଛନ୍ତି।

## ଶିକ୍ଷକଙ୍କ ନିଆରା ବିଦାୟ

# ମଧୁ ବର୍ଣ୍ଣବୋଧ ବାଣ୍ଟିଲେ ବିଦାୟୀ ଶିକ୍ଷକ



**ନୂଆପଡ଼ା, ୫ ।୩ (ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ତୁର୍କାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଏକ ନିଆରା ଶୈଳୀରେ ବଦଳି ହୋଇଥିବା ସହକାରୀ ଶିକ୍ଷକ ବିଦ୍ୟାଳୟରୁ ବିଦାୟ ନେଇଛନ୍ତି। ପିଲାଙ୍କର ଅତି ପ୍ରିୟ, ଆପଣାର ଶିକ୍ଷକ ଥିଲେ ସହକାରୀ ଶିକ୍ଷକ ପିତାମ୍ବର ଦୀପ। ତାଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ବଦଳି ହୋଇଯାଇଛି। ଖବର ଜାଣିବା ପରେ ତୁର୍କାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପିଲାଙ୍କ ଭାଷା ଜ୍ଞାନ ବୃଦ୍ଧି ଓ ସୁନ୍ଦର ହସ୍ତାକ୍ଷର ପାଇଁ ବିଦାୟୀ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ଓ ହସ୍ତାକ୍ଷର ଖାତା ପ୍ରଦାନ କରିଥିଲେ।

# ଦୋଳ ଉତ୍ସବ ଓ ହୋଲି ପର୍ବ





## କୋମନା ଅଞ୍ଚଳରେ ହୋଲି ପର୍ବ

**କୋମନା, ୫ ।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଲି ପର୍ବ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଭେଦଭାବ ଭୁଲି ସମସ୍ତେ ଏକାଠି ହୋଇ ପରସ୍ପରକୁ ରଙ୍ଗ ଓ ଅବିର ଲଗାଇ ଭାଇଚାରାର ବାର୍ତ୍ତା ବାଣ୍ଟିଛନ୍ତି। ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ରଙ୍ଗର ଖେଳରେ ମାତିଥିଲେ। ଡିଜେ ଗୀତର ତାଳେ ତାଳେ ଯୁବପିଢ଼ି ନାଚଗୀତ କରି ହୋଲିର ଭରପୂର ମଜା ନେଇଥିଲେ। କୋମନା ସହରରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ଛକ ସ୍ଥାନରେ ପୁଲିସ ମୁତୟନ ରହିବା ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା। ଲୋକମାନେ ମଧ୍ୟ ଶୃଙ୍ଖଳିତ ଭାବେ ଶାନ୍ତିପୂର୍ଣ୍ଣ ହୋଲି ଖେଳିଥିବାର ଦେଖିବାକୁ ମିଳିଛି। ହିନ୍ଦୁ-ମୁସଲିମ ସମସ୍ତେ ଏକାଠି ହୋଇ ପର୍ବ ପାଳନ କରିଥିଲେ। ରଙ୍ଗର ପର୍ବ କୋମନା ଅଞ୍ଚଳରେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି।

## ପୁରୁଣାପଡ଼ାରେ ଦୋଳ ଉତ୍ସବ

**ଭବାନୀପାଟଣା:** ସ୍ଥାନୀୟ ପୁରୁଣାପଡ଼ାରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଦଶମୀ ତିଥି ଠାରୁ ନଗର ପରିକ୍ରମା, ହୋଲିକା ଦହନ, ପୂର୍ଣ୍ଣିମା, ଦୋଳଗୋବିନ୍ଦଙ୍କ ଦହି ଖିଆ, ହେବା ପରେ ହୋଲିରେ ଉଦ୍‌ଯାପନ ହୋଇଯାଇଛି। ତ୍ରୟୋଦଶୀ ତିଥିରେ ପୁରୁଣାପଡ଼ା ଗଙ୍ଗାଦେବୀ ମନ୍ଦିର ନିକଟରେ କମିଟି ସଭାପତି ଇନ୍ଦ୍ରଜିତ୍ ମହାକୁଡଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ଅଜୟ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ପୁରୁଣାପଡ଼ା ସ୍କୁଲ ଛକ କମିଟି ପକ୍ଷରୁ ଛାତ୍ରଛାତ୍ରୀ, ପୁରୁଷ, ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ସମ୍ମାନିତ ଅତିଥି ଭାବେ ୧୫ ନଂ ୱାର୍ଡ଼ର କାଉନସିଲର ମାନସୀ ଜେନା, କେନ୍ଦ୍ର ଗୃହ ବିଭଗର ତଦନ୍ତକାରୀ ସଂସ୍ଥା, ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ରଜତ କୁମାର ପ୍ରଧାନ, ଦୋଳ ଉତ୍ସବ କମିଟିର କେନ୍ଦ୍ରୀୟ ସଭାପତି ଇନ୍ଦ୍ରଜିତ ମହାକୁଡ, ସଚ୍ଚିଦାନନ୍ଦ ମହାକୁଡ, ଆଶ୍ୱିନ ପ୍ରଧାନ, ଉମା ଚରଣ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରମୁଖ ଉପସ୍ଥିତ ଥିଲେ।ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ଭାବେ ପୁରୁଣାପଡ଼ା ଜ୍ୟୋତି ସମ୍ମାନରେ ସ୍ୱର୍ଗତ ନିରଞ୍ଜନ ବିଦ୍ରୋହୀ (ପ୍ରଧାନ), ବଳରାମ ଡାକୁଆ, ତ୍ରିନାଥ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଦୋଳ ଯାତ୍ରାରେ ନିଜର ଅମ୍ଳାନ ସ୍ୱାକ୍ଷର ଛାଡିଥିବା ବାସୁ ଚନ୍ଦନ, ଇନ୍ଦ୍ରମଣି ଡାକୁଆ, ରାମଚନ୍ଦ୍ର ସ୍ୱାଇଁ, ଗଜିନ୍ଦ୍ର ଡାକୁଆଙ୍କୁ ମଧ୍ୟ ପୁରୁଣାପଡ଼ା ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ତୋଷ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲକ୍ଷ୍ମୀନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କର୍ମଭୂମି ପାଣି ପରିଛା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାଧାକୃଷ୍ଣ ମନ୍ଦିର ଦୋଳ ଉତ୍ସବ

**ଭବାନୀପାଟଣା:** ଭବାନୀପାଟଣା ସହର ଅନ୍ତର୍ଗତ ପୁରୁଣାପଡ଼ା ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ଦୋଳ ଉତ୍ସବ ଅବସରରେ ପୁରୁଣା ପଡ଼ା ଗଙ୍ଗା ଦେବୀ ମନ୍ଦିର ଛକରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି। କମିଟି ସଭାପତି ଇନ୍ଦ୍ରଜିତ ମହାଖୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ଅଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ସଂସ୍କୃତି ଗବେଷକ ଧ୍ୟାନାନନ୍ଦ ପଣ୍ଡା, ଇଞ୍ଜିନିୟର ନିରଞ୍ଜନ ପ୍ରଧାନ, ୧୪ ୱାର୍ଡ ର କାଉନସିଲର ଶ୍ରୀମତୀ ରଞ୍ଜୁକ୍ତା ପ୍ରଧାନ, ମନମୋହନ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ନାୟକ ଯୋଗଦେଇଥିଲେ। ଆକାଶବାଣୀ ଉଦଘୋଷକ ଆଲୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। କୁନି କୁନି ଶିଶୁ ମାନଙ୍କ ମଧ୍ୟରେ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଗୀତିନାଟ୍ୟ 'ରାଧା ମାଜିଷ୍ଟ୍ରେଟ କୃଷ୍ଣ ମୁଦାଲା' ପରିବେଷିତ ହୋଇଥିଲା। ସକ୍ଷମ ନୃତ୍ୟ ଏକାଡେମୀର କଳାକାରଙ୍କ ଦ୍?ାରା ପରିବେଷିତ ଏହି ଗୀତିନାଟ୍ୟକୁ ନିର୍ଦ୍ଦେଶନା ଦେଇଥିଲେ ଲିପ୍ସାରାଣୀ ବାରିକ।ଶେଷରେ ଆଲୋକ କୁମାର ସାହୁ ଧନ୍ୟବାଦ୍ ଅର୍ପଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ, ପରୀକ୍ଷିତ ବିଶ୍?ାଳ, ଦୀପକ ସାହୁ, ମନୋଜ ଡାକୁଆ, ତିରୁପତି ପ୍ରଧାନ, ଟୁନା ପ୍ରଧାନ, ସଞ୍ଜୟ ମହାରଣା, ଶଙ୍କର ମହାରଣା, ଭବେନ୍ଦ୍ର ଡାକୁଆ, ଆୟୁଷ ସ୍ୱାଇଁ, ରୁପେଶ ପ୍ରଧାନ, ପ୍ରମୂଖ ସହଯୋଗ କରିଥିଲେ।

# ଧର୍ମଗଡ଼ରେ ନୂତନ ଡିଏସ୍‌ପିଙ୍କ ଯୋଗଦାନ

**ଧର୍ମଗଡ଼, ୫ ।୩(ସମିସ):** ଧର୍ମଗଡ଼ ଉପଖଣ୍ଡର ନୂତନ ତଥା ପ୍ରଥମ ମହିଳା ଡିଏସପି ଭାବେ ସୁଶ୍ରୀ ଭର୍ଷିଥା



ଅଡେପୁ(ଆଇପିଏସ) କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ କାର୍ଯ୍ୟରତ ଡିଏସପି ଡୋଳାମଣି ଭୋଇ ପଦୋନ୍ନତି ପାଇ ଭବାନୀପାଟଣା ହେଡକ୍ୱାଟରକୁ ଅତିରିକ୍ତ ଏସ୍‌ପି ଭାବେ ବଦଳି ହେବା ପରେ ସୁଶ୍ରୀ ଭର୍ଷିଥା ଅଡେପୁ, ଆଇପିଏସ ଗତ ୨୩ ଫେବୃଆରୀରେ ଧର୍ମଗଡ଼ରେ ଯୋଗ ଦେଇଛନ୍ତି। ତେଲେଙ୍ଗାନା ରାଜ୍ୟର ୨୦୨୧ ବ୍ୟାଚ ଓଡ଼ିଶା କ୍ୟାଡରର ଆଇପିଏସ ସୁଶ୍ରୀ ଅଡେପୁ ଏଥି ପୂର୍ବରୁ ଅନୁଗୁଳ ଜିଲ୍ଲାରେ ପ୍ରୋବେସନରେ କାର୍ଯ୍ୟରତ ଥିଲେ। ନିକଟରେ ନୂଆପଡ଼ା ଉପ ନିର୍ବାଚନରେ ଦାୟିତ୍ୱ ମଧ୍ୟ ତୁଲାଇଥିଲେ।

# ନାବାଳିକାକୁ ଅପହରଣ ଅଭିଯୋଗ

**କଲମପୁର, ୫ ।୩(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ନୂଆଗାଁର ଜଣେ ଯୁବକ ଜନୈକା ନାବାଳିକାକୁ ନେଇ ଫେରାର ହୋଇଥିବା ଅଭିଯୋଗ ହୋଇଥିଲା। ଦୀର୍ଘଦିନର ଲୁଚକାଳି ଖେଳ ପରେ ସମ୍ପୃକ୍ତ ଯୁବକ ଓ ନାବାଳିକାଙ୍କୁ ପୁଲିସ ହାଇଦ୍ରାବାଦରୁ ଉଦ୍ଧାର କରିଥିଲେ। ନାବାଳିକାକୁ ସ୍ୱଧାର ଗୃହକୁ ପଠାଇବା ସହିତ ସମ୍ପୃକ୍ତ ଯୁବକଙ୍କୁ ପୋକ୍‌ସୋ କୋର୍ଟକୁ ଚାଲାଣ କରିଥିଲେ।ପୁଣି ଅନୁରୂପ ଘଟଣା ସମ୍ପୃକ୍ତ ଗ୍ରାମରେ ଘଟିଛି। ଗ୍ରାମର ଜନୈକ ଯୁବକ ଜନୈକା ନାବାଳିକାକୁ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗର ଦଶଦିନ ପରେ ମଧ୍ୟ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇନାହିଁ। ଏନେଇ କଲମପୁର ଥାନା ଅଧିକାରୀ ବିଶ୍ୱମ୍ବର କହଁର ତଦନ୍ତ ଚାଲିଛି। ଏପର୍ଯ୍ୟନ୍ତ ସେମାନଙ୍କର କୌଣସି ସନ୍ଧାନ ମିଳିନାହିଁ ବୋଲି କହିଛନ୍ତି।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ



**ଭବାନୀପାଟଣା, ୫ ।୩(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଅସହାୟ ଓ ଭିନ୍ନକ୍ଷମଙ୍କୁ ଛତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ମାଁ ମାଣିକେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ ବସୁଥିବା ଅସହାୟ ଓ ଭିନ୍ନକ୍ଷମ ଭିକ୍ଷୁକଙ୍କୁ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଛତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ଜୋନ ମହିଳା ସଭାନେତ୍ରୀ ଲଳିତା ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ବରିଷ୍ଠ ବିଜେଡି ନେତା ଧର୍ମେନ୍ଦ୍ର ନାଏକ, ପ୍ରଶାନ୍ତ ନାଏକ, କାଉନସିଲର କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ମହେନ୍ଦ୍ର ରାଉତ, ଯୁବ ନେତା ତ୍ରିଲୋଚନ ପାଣିଗ୍ରାହୀ, ଭୋଳାନାଥ ନାଗ, ଗଣେଶ ବାଗ, ମାନସ ସିନ୍ଦୂର, ନିମସ ତାଣ୍ଡି, ମିଳନ ମୁଣ୍ଡ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅମ୍ପାୟାର, ଭାଷ୍ୟକାରଙ୍କ କ୍ରିକ୍ ମିଳନ କାର୍ଯ୍ୟକ୍ରମ




**ସିନାପାଲି, ୫ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି କାପସିସ୍ଥିତ ମଣ୍ଡି ପଡ଼ିଆରେ ଅମ୍ପାୟର ଏବଂ ଭାଷ୍ୟକାରଙ୍କ କ୍ରିକ୍ ମିଳନ-୨ କାର୍ଯ୍ୟକ୍ରମ ସଭାପତି ଥବିର ଦୀପଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଡ଼ିଆଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡି ଉପସ୍ଥିତ ରହି ସଂଗଠନର ଉଜ୍ଜଳ ଭବିଷ୍ୟତ କାମନା ସହ ସଦାସର୍ବଦା ସେ ଏହାକୁ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ସାଗର ସମ୍ମାନିତ ଅତିଥି ଭାବେ ତଥା ଓସିଏ ପେନାଲ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ତେଜନ ଦୁର୍ଗା, ବରିଷ୍ଠ ଅମ୍ପାୟର ବସନ୍ତ ଶବର, ଭାଷ୍ୟକାର ବିନୟ ସାହୁ, ସମ୍ପାଦକ ସହ ସମ୍ପାଦକ ସୌରି ସାହୁ ଏବଂ ସଞ୍ଜୟ ମେହେର, ବରିଷ୍ଠ କ୍ରିକେଟ ବିଶେଷଜ୍ଞ ପଦ୍ମନ ବିଶି ମଞ୍ଚାସୀନ ଥିବା ବେଳେ ସରପଞ୍ଚ ପ୍ରତିନିଧି ବୁଦ୍ଧଦେବ ମେହେର ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା ସହ ପଡୋଶୀ ଛତିଶଗଡ଼ରୁ ଶତାଧିକ ଅମ୍ପାୟାର ଏବଂ ଭାଷ୍ୟକାର ଉପସ୍ଥିତ ଥିଲେ। ଭାଷ୍ୟକାର ତଥା ଉପସଭାପତି ନରେନ୍ଦ୍ର ନାଏକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପରେ ଉଭୟ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା ଭାଷ୍ୟକାର ଦଳ ୧୧ ରନରେ ଅମ୍ପାୟାର ଦଳକୁ ପରାସ୍ତ କରିଥିଲେ। ଅତିଥିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆୟୋଜକ ସିନାପାଲିରୁ ନରେଶ ମାଝୀ, ପୟୋଜ କଶ୍ୟପ, ବିନ୍ଦୁସାଗର ମେହେର, ବିକାଶ କଶ୍ୟପ ଗୁରୁ ଦାୟିତ୍ୱ ବହନ କରିଥିବା ବେଳେ ଅଜୟ ବାଗ, ଧନଞ୍ଜୟ ମେହେର, ମଦନ ଘିଭେଲା, ପରମେଶ୍ୱର ମେହେର, ବିଦ୍ୟାଧର ସା ପ୍ରମୁଖ ବିଶେଷ ସହଯୋଗ ପ୍ରଦାନ କରିଥିଲେ।

# ନଙ୍ଗଲବୋଡ଼ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସିନାପାଲି, ୫ ।୩ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନଙ୍ଗଲବୋଡ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବରେ ଖରିଆର ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଶିକ୍ଷାର ଗୁରୁତ୍ୱ, ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ଜିଲ୍ଲା ଶିକ୍ଷା ବିଭାଗର ଡିଆଇ ଉଦୟ ସିଂହ ମାଝୀ ଉପସ୍ଥିତ ରହି ବିଦ୍ୟାଳୟର ଶିକ୍ଷାଗତ ଉନ୍ନତି ଓ ସଫଳତାକୁ ପ୍ରଶଂସା କରିଥିଲେ। ସହ ଶିକ୍ଷକ ସୁନିଲ ହେର୍ଣ୍ଣ। ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ଅନ୍ୟତମ ସହ ଶିକ୍ଷକ ହରେକୃଷ୍ଣ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ଶିକ୍ଷା, କ୍ରୀଡା ଓ ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ




ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଡବ୍ଲୁଇଓ ସୁନିଲ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ଜଗଦୀଶ ମାଝୀ, ସିଆରସିସି ତରୁଣ କୁମାର ମେହେର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ହଳଧର ମାଝୀ, ଗିରିରାଜ୍ ମାଝୀ ଏବଂ ଖଇରପଦର୍ ଆଶ୍ରମ ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସହ ଶତାଧିକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହ ଶିକ୍ଷକ ଡିଗ୍ରେ ରାଜ ସା, ଡିଙ୍ଗର ସୁନାନି, ସହଦେବ ମାଝୀ, ଅଣ ଶୈକ୍ଷିକ କର୍ମଚାରୀ ପାଦୁକା ଜଗତ, ଶୋଭା ମାଝୀ, ଓଁକାର ମାଝୀ, ଅନୁସୂୟା ମାଝୀ, ଦୂର୍ମିଳା ମାଝୀ, ହେମଙ୍ଗିନି ବାଗ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଖଗେଶ୍ୱର ମାଝି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କେନାଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୋକସରା, ୫ ।୩(ସମିସ):** କୋକସରା ଥାନା ଲଡୁଗାଁ ନିକଟ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ବୁଧବାର ସକାଳେ ଜୟପାଟଣା ବ୍ଲକ ଅଁଳାଭଟା ପଞ୍ଚାୟତ ଶାଗଯୋର ଗ୍ରାମର ସୁବାସ ଚନ୍ଦ୍ର ଦାସ (୬୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ଗାଁ ନିକଟସ୍ଥ କେନାଲକୁ ବୃଦ୍ଧ ସୁବାସ ଗାଧେଇବାକୁ ଯାଇ କେନାଲର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ତେବେ ତାଙ୍କର ମୃତଦେହ ଲଡୁଗାଁ ନିକଟ କେନାଲରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ କେନାଲ କର୍ମଚାରୀଙ୍କୁ କହିବା ପରେ ସେମାନେ କୋକସରା ଥାନା ପୁଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଏହା ପରେ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗର ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ କେନାଲ ପାଣିରୁ ବୃଦ୍ଧଙ୍କ ଶବକୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିଲେ।ପୁଲିସ ଶବ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲେ।କୋକସରା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ଜୟପାଟଣାରେ ବିପର୍ଯ୍ୟସ୍ତ ରବି ଚାଷ

# ଦାଦନ ସମସ୍ୟା ଓ ଚାଷୀଙ୍କ ଦୁର୍ଦ୍ଦଶା

**ଜୟପାଟଣା, ୫ ।୩(ସମିସ)**

କଳାହାଣ୍ଡି ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଜୟପାଟଣା ଅଞ୍ଚଳରେ ଚଳିତ ରବି ଚାଷ ଗମ୍ଭୀର ସଙ୍କଟ ଦେଇ ଗତି କରୁଛି। ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ଶେଷ ହେବାକୁ ବସିଥିଲେ ମଧ୍ୟ ଏବେ ସୁଦ୍ଧା ୪୦ ପ୍ରତିଶତ ଜମିରେ ଧାନ ରୁଆ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏହାର ମୁଖ୍ୟ କାରଣ ସାଜିଛି 'ଶ୍ରମିକ ଅଭାବ'। ଗୋଟିଏ ପଟେ କାମ ନପାଇ ଜିଲ୍ଲାର ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁମୁଖରେ ପଡୁଥିବା ବେଳେ, ଅନ୍ୟପଟେ ନିଜ ଅଞ୍ଚଳର ଚାଷ ଜମିରେ କାମ କରିବାକୁ ସ୍ଥାନୀୟ ଶ୍ରମିକ ଅନିଚ୍ଛା ପ୍ରକାଶ କରିବା ଏକ ବଡ଼ ବିଡ଼ମ୍ବନା ସୃଷ୍ଟି କରିଛି। ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ଟୋକନ ବିଳମ୍ବରେ ମିଳିବା ଏବଂ ମଣ୍ଡି ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ରବି ଚାଷ କାର୍ଯ୍ୟ ଡେରିରେ ଆରମ୍ଭ କରିଥିଲେ। ଯଦିଓ ଜାନୁଆରୀ ୭ ତାରିଖରୁ ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳଯୋଗାଣ ଆରମ୍ଭ ହୋଇଥିଲା, କିନ୍ତୁ ଶ୍ରମିକ ସଙ୍କଟ ଯୋଗୁଁ ରୁଆ କାର୍ଯ୍ୟ ଆଗେଇ ପାରୁନାହିଁ। ସାଧାରଣତଃ ଫେବୃଆରୀ ସୁଦ୍ଧା ଶେଷ ହେଉଥିବା



ଚାଷ କାର୍ଯ୍ୟ ମାର୍ଚ୍ଚରେ ପହଞ୍ଚିଥିବାରୁ, ଆଗାମୀ ଦିନରେଧାନଅମଳପ୍ରଭାବିତହେବାସହପୁଣିଥରେ ମଣ୍ଡି ସମସ୍ୟା ଉପୁଜିବା ଆଶଙ୍କା କରାଯାଉଛି। କଳାହାଣ୍ଡିରୁ ହାଇଦ୍ରାବାଦ, ତେଲେଙ୍ଗାନା ଏବଂ ଗୁଜୁରାଟ ଭଳି ସ୍ଥାନକୁ କାମ ସନ୍ଧାନରେ ଯାଇ ଶ୍ରମିକଙ୍କ ଶବ ଫେରିବା ଏବେ ନିତିଦିନିଆ ଘଟଣା ହୋଇଗଲାଣି। ଏହି ଦାଦନ ସମସ୍ୟାକୁ ନେଇ ରାଜନେତାମାନେ ସରକାରଙ୍କୁ ସମାଲୋଚନା କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ।ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ପ୍ରାୟ ଏକ ଲକ୍ଷ ଏକରରୁ ଉର୍ଦ୍ଧ୍ୱ ଜମିରେ ଚାଷ ହେଉଛି। ଜଣେ ଶ୍ରମିକ ଚାଷ ଜମିରେ କାମ କଲେ ଦୈନିକ ୩୦୦ ରୁ ୪୦୦ ଟଙ୍କା ପାଉଛନ୍ତି। ଏପରିକି ଚାଷୀ ଏକର ପିଛା ୫୦୦୦ ଟଙ୍କା ଦେବାକୁ ରାଜି ଥିଲେ ମଧ୍ୟ ଶ୍ରମିକ ମିଳୁନାହାନ୍ତି। ଯେଉଁ ଜିଲ୍ଲାରେ ବର୍ଷ ସାରା ଚାଷ କାର୍ଯ୍ୟ ପାଇଁ ଶ୍ରମିକ ଆବଶ୍ୟକ ହୁଏ, ସେଠାରେ ଲୋକେ କାମ ନପାଇ ବାହାରକୁ ଯାଉଛନ୍ତି ବୋଲି କହିବା କେତେଦୂର ଯୁକ୍ତିଯୁକ୍ତ? ସ୍ଥାନୀୟ ଶ୍ରମିକମାନେ ନିଜ ଭିଟାମାଟିରେ ଚାଷ କାର୍ଯ୍ୟ କରିବାକୁ ଲାଜ କରୁଛନ୍ତି ନା ଅନ୍ୟ କୌଣସି କାରଣ ରହିଛି, ତାହା ଏବେ ଚର୍ଚ୍ଚାର ବିଷୟ। ଶ୍ରମିକଙ୍କ ଏହି ବିମୁଖତା ଯୋଗୁଁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି ଏବଂ ଅଞ୍ଚଳର ଅର୍ଥନୀତି ପ୍ରଭାବିତ ହେଉଛି। ଯଦି ଏହି ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ କଳାହାଣ୍ଡିର କୃଷି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବାର ଭୟ ରହିଛି। ସରକାର ଓ ପ୍ରଶାସନ ଏହି ଶ୍ରମିକ ସମସ୍ୟା ଏବଂ ଦାଦନ ସଙ୍କଟର ସ୍ଥାୟୀ ସମାଧାନ ପାଇଁ ତୃଣମୂଳସ୍ତରରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

## ଅପହରଣ ପରେ ଯୁବତୀଙ୍କୁ ବିକ୍ରି ଅଭିଯୋଗ

# ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

**ବଲାଙ୍ଗିର, ୫।୩(ସମିସ):** ବଲାଙ୍ଗିର ଜିଲ୍ଲାରେ ଜଣେ ଯୁବତୀ କଲେଜରୁ ଫେରିବା ଖଛଖଗ ଉଠାଇ ନେଇ ନିଶାସକ୍ତ ଅବସ୍ଥାରେ ରାଜ୍ୟ ବାହାରକୁ ନେଇ ବିକ୍ରି କରିବା ଭଳି ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି। କିଛି ମାସ ପୂର୍ବରୁ ଘଟିଥିବା ଏହି ଘଟଣାକୁ ନେଇ ପୀଡିତା ଯୁବତୀ ସହ ପରିବାର ଲୋକେ ଥାନା, ଏସ୍‌ପି କାର୍ଯ୍ୟାଳୟ ଧାଉଁଛନ୍ତି। କେହି ତାଙ୍କ ଦୁଃଖ ଶୁଣୁ ନ ଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଜରାସିଂହା ଅଞ୍ଚଳର ଜଣେ ଯୁବତୀ ୨୦୨୫ ମସିହା ଅକ୍ଟୋବର ୧୦ ତାରିଖରେ ଅପହୃତ ହୋଇଥିବା ଅଭିଯୋଗ ହୋଇଛି। ସେହିଦିନ ସକାଳୁ ଯୁବତୀ ଜଣକ କଲେଜରୁ ଫେରୁଥିବା ବାଟରେ ହରିଜନପଡ଼ାର ଜଣେ ଯୁବକ ଘରେ ଛାଡିଦେବାକୁ କହିଥିଲେ; କିନ୍ତୁ ସେ ମନା କରିଥିଲେ। ତାଙ୍କ ପେଟ ଯନ୍ତ୍ରଣା ହେଉଥିବାରୁ ସେ ଘରକୁ ଯିବେ ବୋଲି କହିଥିଲେ। ପରେ ସମ୍ପୃକ୍ତ ଯୁବକ ଜଣକ ଚକଲେଟ ଖାଇବା ପାଇଁ ଦେଇଥିଲେ। ପରେ ସେ ଆଉ କିଛି ଜାଣିପାରି ନ ଥିବା ବେଳେ ତାଙ୍କୁ ଏକ ବସଷ୍ଟାଣ୍ଡକୁ ନେଇଥିଲେ। ସେଠାରେ ଜରାସିଂହା କଲେଜର କିଛି ଯୁବକ ଉପସ୍ଥିତ ଥିଲେ। ତାଙ୍କୁ ପାଣି ମାଗିବାରୁ ସମ୍ପୃକ୍ତ ଯୁବକ ଜଣକ ଆମ୍ବରସ ଆଣି ପିଇବାକୁ ଦେଇଥିଲା; ଯାହାକୁ ପିଇ ଛାତ୍ରୀ ଜଣକ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ତାଙ୍କ ଚେତା ଫେରିବା ପରେ ସେ ଗାନ୍ଧୀପୁରମ ନାମକ ଏକ ସ୍ଥାନରେ ରହିଥିବା ଜାଣିବାକୁ ପାଇଥିଲେ। ସେଠାରେ ୫ଜଣ ଯୁବକ ଥିବା ବେଳେ ତାଙ୍କୁ ସମ୍ପୃକ୍ତ ଯୁବକ ୨ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିବା କହିଥିଲେ। ସେମାନଙ୍କ ପରିଚୟ ମାଗିବାରୁ ଜଣେ ଯୁବକ ନିଜକୁ ବରଗଡ଼ ଜିଲ୍ଲା ତୋରା ଗାଁର ରାଜା ପଧାନ ବୋଲି କହିଥିବା ପୀଡିତା ଅଭିଯୋଗ କରିଛନ୍ତି। କିଛି ମାସ ଧରି ତାଙ୍କୁ ଏକ ବନ୍ଦ କୋଠରିରେ ରଖାଯାଇଥିଲା। ମଦ ପିଇବାକୁ ବାଧ୍ୟ କରାଯାଇଥିଲା। ସେ ନ ପିଇବାରୁ ଆକ୍ରମଣ କରାଯାଇଥିଲା। ଡାକ୍ତରଖାନାରେ ଥିବା ଜଣେ ଯୁବତୀଙ୍କ ସହାୟତା କ୍ରମେ ସେ ଘରକୁ ଫେରିଥିବା ଅଭିଯୋଗ କରିଛନ୍ତି। ତେବେ ତାଙ୍କ ଅଭିଯୋଗକୁ ଦେଓଗାଁ ଥାନା ପୁଲିସ ଗ୍ରହଣ କରୁଦି। ଗୁରୁବାର ସେମାନେ ଏସପିଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି।

## ■ ବିଦ୍ୟାଳୟର ଜମି ହଡ଼ପ ମାମଲା

# ଜିଲ୍ଲାପାଳଙ୍କ ଅଫିସ ଘେରିଲେ ଛାତ୍ରଛାତ୍ରୀ, ଅଭିଭାବକ

**ନୂଆପଡ଼ା, ୫।୩(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଜୁନାନୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଖେଳ ପଡ଼ିଆକୁ ଜନୈକ ଗାଁ ବାହାର ଲୋକ ଜାଲିଆତି କରି ପଟ୍ଟା କର ନେଇଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମ ଶିକ୍ଷା କମିଟୀ ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଛାତ୍ରଛାତ୍ରୀଙ୍କୁ ନେଇ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ଏହିବିଦ୍ୟାଳୟ ସଂଲଗ୍ନ ଏକ ଖେଳ ପଡ଼ିଆ ବିଦ୍ୟାଳୟ ପଟ୍ଟାରେ ଥିଲେ ମଧ୍ୟ ଜଣେ ବ୍ୟକ୍ତି ଜାଲିଆତି କରି ନିଜ ନାଁରେ ରେଜେଷ୍ଟ୍ରି କରି ପଟ୍ଟା କରିନେଇଥିବା ଅଭିଯୋଗ ହୋଇଛି। ଘଟଣା ଅବଗତ ହେବାପରେ ବିଦ୍ୟାଳୟ ତରଫରୁ ପରିଚାଳନା କମିଟୀ ନୂଆପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସୋମବାର ଦିନ କୌଣସି ଅଭିଭାବକ ପିଲାଙ୍କୁ ଆଉ ସ୍କୁଲକୁ ଛାଡିନଥିଲେ। ସେମାନଙ୍କୁ ଧରି ନୂଆପଡ଼ା ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।




# ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରା

**କେସିଙ୍ଗା, ୫।୩(ସମିସ):** ରାଜ୍ୟରେ ଥିବା ଖଣିଜ ସମ୍ପଦର ହରିଲୁଟ ଓ ତାହାଦ୍ୱାରା ପରିବେଶକୁ ହେଉଥିବା କ୍ଷୟକ୍ଷତିକୁ ବନ୍ଦ କରିବା ପାଇଁ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱରେ ଗତ ଫେବୃଆରୀ ୨୫ ତାରିଖ ଦିନ କଟକ ଜିଲ୍ଲା ସତ୍ୟଭାମାପୁର ଆରମ୍ଭ ହୋଇ ଥିବା ଲୋକ ଅଧିକାର ଯାତ୍ରା ନବମ ଦିନରେ କଳାହାଣ୍ଡିର ଦ୍ୱାର କେସିଙ୍ଗା ସହରରେ ପହଞ୍ଚିଛି। କେସିଙ୍ଗା ଆମ୍ବେଦକର ଭବନ ଠାରେ ସଭାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ସାମିଲ ଥିବା ଚାଷୀ ନେତା ଲିଙ୍ଗରାଜ ପ୍ରଧାନ ଅଭିଭାଷଣରେ ବିଜେପି ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରି ଧାନର ସବସିଡି ଇନପୁଟ୍ ଟଙ୍କା ଦେବାରେ ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରି ଓଡ଼ିଶାର ଖଣିଜ ସମ୍ପଦକୁ ସରକାର କର୍ପୋରେଟର ମାନଙ୍କ ହାତକୁ ଟେକି ଦେଇ ଖଣିଜ ସମ୍ପଦକୁ ହରିଲୁଟ କରୁଥିବା ଅଭିଯୋଗ କରିଥିଲେ। ସେହିପରି ଅଧିକାର ଯାତ୍ରାର ନେତୃତ୍ୱ ନେଇଥିବା ପରିବେଶବିତ୍ ଶ୍ରୀ ସାମନ୍ତରା ମଧ୍ୟ ସରକାରଙ୍କ ଖଣି ନୀତିକୁ ଆଲୋଚନା କରି ରାଜ୍ୟର ଖଣିଜ ସମ୍ପଦକୁ ବିକ୍ରି କରିବାରେ ଲାଗିଛନ୍ତି ବୋଲି କହି ଆଉ ୨୦ରୁ ୩୦ ବର୍ଷ ପରେ ରାଜ୍ୟର ଖଣିଜ ସମ୍ପଦ ସରିଗଲେ ସରକାର କଣ କରିବେ ବୋଲି ପ୍ରଶ୍ନ କରିଥିଲେ। ୨୦ ରୁ ୩୦ ବର୍ଷ ପରେ ରାଜ୍ୟ ର ବିକାଶ ହେବ ଭଲ ରାସ୍ତା ସାଙ୍ଗକୁ ସୁଉଚ୍ଚ କୋଠା ସବୁ ଥିବ ହେଲେ ପରିବେଶ ଦୂଷିତ ହୋଇ ଯାଇଥିବ ଚିରସ୍ରୋତା ନଦୀ ସବୁ ଶୁଖି ଯାଇଥିବ ସେତେ ବେଳେ ସରକାର କଣ କରିବେ ବୋଲି ସରକାରଙ୍କୁ ଟାର୍ଗେଟ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଖ ପାଖ ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଅଞ୍ଚଳର ବୁଦ୍ଧିଜିବୀଙ୍କ ସମେତ ଶ୍ରମିକ ନେତା ଲିଙ୍ଗରାଜ ଆଜାଦ, କେସିଙ୍ଗା ବ୍ରାସ ସଂଗଠନର ସଭାପତି ସୁରେଶ ମହାନନ୍ଦ, ଆଦିବାସୀ ସଂଘର ସଞ୍ଜୀବ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ କେସିଙ୍ଗାର ଯୁବ ସଂଗଠକ ସୁରେଶ ରାଓ।



# ବିଜୁବାବୁ ଥିଲେ ଓଡ଼ିଆଙ୍କ ପ୍ରେରଣାର ସ୍ୱର

**ଭବାନୀପାଟଣା, ୫।୩ (ସମିସ)**

ଓଡ଼ିଶାର ଭାଗ୍ୟ ନିର୍ଣ୍ଣୟରେ ଉଚ୍ଚ ଶକ୍ତିସମ୍ପନ୍ନ, କ୍ରିୟାଶୀଳ ଏବଂ ନବସର୍ଜନାର ନିର୍ମାତା ଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ସେ ଥିଲେ ଓଡ଼ିଆଙ୍କ ଅନ୍ତସ୍ୱରକୁ ଶାଣିତ କରିବାରେ ସୁଦକ୍ଷ ବିନ୍ଧାଣି। କେବଳ ତାହା ନୁହେଁ ସାଂସ୍କୃତିକ ଏବଂ ରାଜନୈତିକ ଜୀବନର ପୁନର୍ବିନ୍ୟାସ ଓ ଚିନ୍ତା ଚେତନାରେ ବୈପ୍ଳବିକ ପରିବର୍ତ୍ତନର ଗୁରୁ ଦାୟିତ୍ୱ ମଧ୍ୟ ବହନ କରି ଆଜି ବି କୋଟି ଓଡ଼ିଆଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ସ୍ମୃତିଚାରଣ କରାଯାଇଛି। ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ରହିଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ସଭା ପରିଚାଳନା କରିଥିଲେ। ବିଜୁ ବାବୁଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇ ସଭା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଜିଲ୍ଲା ଉପସଭାପତି ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ନାରାୟଣ ସିଂହଦେଓ, ଟିକେଲାଲ ସାହୁ, ଗିରୀଶ ବେହେରା, ବରିଷ୍ଠ ନେତା ଭବାନୀ ଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ମୌଷଧି ବାଗ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ଯୁବ ସଭାପତି ଅବିନାଶ ଠାକୁର, ରାଜ୍ୟଯୁବ ଉପସଭାପତି ମଣ୍ଟୁ ନାଏକ, ମନୀନ୍ଦ୍ର ମହାନ୍ତି, ରାଜ୍ୟ ମହିଳା ଉପସଭାପତି ସଙ୍ଗୀତା ଖରସେଲ୍‌ଫ, ଆଦିବାସୀ ନେତା, ପରମାନନ୍ଦ ମାଝୀ, ରୁତୁରାଜ ମାଝୀ, ସାମନ୍ତ ଖମାରି, ନଗର ସଭାପତି ଧବଳେଶ୍ୱର ମହାପାତ୍ର, ପ୍ରଦୀପ ପ୍ରଧାନ, ଦିନେଶ ସାହୁ, ତ୍ରିଲୋଚନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ଟୁନି ଖୋସଲା, ପୁଷ୍ପଲତା ନାଏକ, ନମ୍ରତା ସାହୁ, ପରୀକ୍ଷିତ ନାଏକ, ବ୍ଲକ ସଭାପତି ଡାକେଶ୍ୱର ଲହଜାଲ, ପ୍ରେମ ରଞ୍ଜନ ପାଣିଗ୍ରାହୀ, ଅଭିମନ୍ୟୁ ବାଗ, ସୁଶାନ୍ତ ବେହେରା, ବିଜୟ ମାଝୀ, ରମେଶ ଦାସ, ହୃଷୀକେଶ ସାହୁ ସମେତ ଦୁଇ ଶହ କର୍ମକର୍ତ୍ତା ଆୟୋଜିତ ସମ୍ମିଳନୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଜିଲ୍ଲା ବରିଷ୍ଠ ଉପ ସଭାପତି ଧର୍ମେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



**ନୂଆପଡ଼ା/ଖଡ଼ିଆଳ, ୫।୩(ସମିସ):** ବିଜେଡି ତରଫରୁ ନୂଆପଡ଼ା ଜିଲ୍ଲା ସଦର ମହକୁମା ସହ ଖଡ଼ିଆଳରେ ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନୂଆପଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ନେତୃମଣ୍ଡଳୀଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ସାଧାରଣ ସମ୍ପାଦକ ରାଜେଶ ନିଗମ, ହରିଶ୍ଚନ୍ଦ୍ର ପଣ୍ଡା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ, କାର୍ତ୍ତିକ ଦୀପ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଘାଟିପଡ଼ାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିଭଳି ନୂଆପଡ଼ା ଜିଲ୍ଲା ଖଡିଆଳସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେଡ଼ି ଖଡିଆଳ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଓଡ଼ିଶା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ମହିଳା ନେତ୍ରୀ ସନ୍ତୋଷିନି ସଳମା, ୟାସିନ ମହମ୍ମଦ, ମନୋଜ ଦୀପ, ରାଜ୍ୟ ଉପସଭାପତି ସରସ୍ୱତୀ ବାଗ, ସହିଦ ଖାନ, ମନୋଜ ସୁନାନୀ, ଅନୀତା ବାରିକ, ସାଧବି ସିଂ ଦେଓ, ସଞ୍ଜୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ।






# କେଫ୍ୟୁ ପକ୍ଷରୁ ବନ୍ୟପ୍ରାଣୀ ଦିବସ ପାଳିତ

**ଭବାନୀପାଟଣା/ଥୁଆମୂଳରାମପୁର, ୫।୩ (ସମିସ):** କଳାହାଣ୍ଡି ଏଜେନ୍ସି ଫର ଏନଭାରମେଣ୍ଟ ଏଣ୍ଡ ୱାଇଲଡ଼ ଲାଇଫ (କେଫ୍ୟୁ) ପକ୍ଷରୁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳରାମପୁର ସାଇସୁରନି ରେଞ୍ଜର ସିଆଳିପଦର ଠାରେ ବନ୍ୟପ୍ରାଣୀ ଦିବସ ଓ ବନାଗ୍ନି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କେଫ୍ୟୁ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷକବିତ୍, ଡ଼. ଅଜୟ ମିଶ୍ର, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ବାବୁ, କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘର ନବ ନିର୍ବାଚିତ ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ କେଫ୍ୟୁ ସଂଗଠନର ପ୍ରତିଷ୍ଠାତା ସଦସ୍ୟ ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ, ଗୁଣପୁର ସରପଞ୍ଚ ପ୍ରତିନିଧି ପବିତ୍ର ମାଝୀ, ଥୁଆମୂଳରାମପୁର ଦକ୍ଷିଣ ବନାଞ୍ଚଳ ସାଇସୁରନି ବିଟର ବନରକ୍ଷୀ ସୁଶାନ୍ତ କୁମାର ଦାସ, ସିଆଳିପଦର ମହିଳା ସବୁଜ ବାହିନୀ ର ଅଧକ୍ଷ୍ୟା ନମିତା ମାଝୀ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ନାୟକ ଓ ଗଣ୍ୟମାନ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇ ବିଶ୍ୱ ବନ୍ୟପ୍ରାଣୀ ଦିବସ ଓ ବନାଗ୍ନି ସଚେତନତା ସଭା ଉପରେ ଆଲୋଚନା କରିଥିଲେ। ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ଲାଗି ସରକାର ଆଣିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ସ୍ଥାନୀୟ ଜଙ୍ଗଲର ରକ୍ଷଣ ବେକ୍ଷଣ କରିବା ପାଇଁ ଗ୍ରାମବାସୀ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ ପରିଚାଳନା କରିଥିବା ବେଳେ ଡୋଳାମଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟପାଟଣା ବ୍ଲକ୍‌ରେ ଭୀମଭୋଇ ସାମର୍ଥ୍ୟ ଶିବିର

**ଜୟପାଟଣା, ୫।୩ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ପରିସରରେ ଭିନ୍ନକ୍ଷମମାନଙ୍କ ସହାୟତା ପାଇଁ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦୨ ଜଣ ହିତାଧିକାରୀ ଯୋଗ ଦେଇଥିଲେ। ଶିବିରରେ ଉପସ୍ଥିତ ଥିବା ହିତାଧିକାରୀଙ୍କୁ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ପରୀକ୍ଷା କରିଥିଲେ। ଡାକ୍ତରୀ ଦଳରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରମଥେଶ କଶ୍ୟପ ପଣ୍ଡା, ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଚେତୁରାମ ମେହେର, ଇଏନ୍‌ଟି (କାନ, ନାକ, ଗଳା) ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁମ୍ନ କିଶୋର ପଣ୍ଡା ଏବଂ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଲୋପାମୁଦ୍ରା ବିଶି ପ୍ରମୁଖ ସାମିଲ ଥିଲେ। ଏଥିସହ ଅଡିଓଲୋଜିଷ୍ଟ ଆରାଧନା ବେହୁରା, ଫିଜିଓଥେରାପିଷ୍ଟ ଡାକ୍ତର ସମ୍ବିତ ସ୍ୱରୂପ ପଣ୍ଡା ଓ ଅନ୍ୟାନ୍ୟ ସହାୟକ କର୍ମଚାରୀମାନେ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ। ହିତାଧିକାରୀମାନଙ୍କୁ ପରୀକ୍ଷା କରାଯିବା ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ପରବର୍ତ୍ତୀ ସମୟରେ ପେନସନ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ତିନି ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର ମଧ୍ୟ ପ୍ରଦାନ କରାଯାଇଛି। ଶିବିରରେ ବ୍ଲକ ପ୍ରଶାସନର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ମିଳିଲା ହଜି ଯାଇଥିବା ମୋବାଇଲ



**ସଇଁତଲା, ୫।୩(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ପୁଲିସ ଚୋରି ଯାଇଥିବା ୮ଟି ମୋବାଇଲ ଫୋନ୍‌କୁ ଫେରାଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପଧାନି ଏହା ସୂଚନା ଦେଇଛନ୍ତି। ପୁଲିସ ବିଭିନ୍ନ ସ୍ଥାନରୁ ଏହି ମୋବାଇଲ ଫୋନ ଉଦ୍ଧାର କରିଥିଲା। ମୋବାଇଲଗୁଡ଼ିକୁ ସଇଁତଲା ଥାନାରେ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏସଆଇ ଆଲୋକ ଭୋଇ, ଏସଆଇ ପୂର୍ଣ୍ଣିମା ଦେହୁରୀ, କନେଷ୍ଟବଳ ପାର୍ଥ ସାହୁ, କନେଷ୍ଟବଳ ବୀଣା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ନେତାଙ୍କ ଦେହାନ୍ତ

**ବଲାଙ୍ଗିର, ୫।୩(ସମିସ):** ବଲାଙ୍ଗିର ସହରର ଟିକ୍ରାପଡ଼ା ନିବାସୀ କଂଗ୍ରେସର ଯୁବନେତା ସନୋଜ ପଟ୍ଟନାୟକ ଆଉ ନାହାନ୍ତି। ତାଙ୍କ ପରଲୋକ ଘଟିଛି। ବଲାଙ୍ଗିର କଂଗ୍ରେସ କାର୍ଯ୍ୟାଳୟରେ ଏକ ଶୋକସଭା ଆୟୋଜନ ହୋଇଥିଲା। ଏଥିରେ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ସାନନ୍ଦ ମିଶ୍ର, କୈଳାସ ମିଶ୍ର, ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରନ୍ଦର ତରିଆଙ୍କ ପରଲୋକ

**ମୁରିବାହାଲ, ୫।୩ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରନ୍ଦର ତରିଆ (୭୨)ଙ୍କ ନିଜ ବାସଭବନରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ମୁରିବାହାଲ ସାର୍ବଜନୀନ ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଦସ୍ୟ ଥିଲେ। ବଡ଼ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ।

## ଦୋଳ ଉତ୍ସବରେ ମାର୍‌ପିଟ୍

**ଦେଓଗାଁ, ୫।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଲୁହାଖାନରେ ଦୋଳଉତ୍ସବ ଦିନ ମାରପିଟ୍ ହୋଇଛି। ଏହି ଘଟଣାରେ ପୁଲିସ ଲୁହାଖାନ ଗାଁର ଶୁଭମ ମେହେର (୨୨) ଓ ମାଟୁପାଲି ଗାଁର ନକୁଳ ଭୋଇ (୨୦)ଙ୍କୁ ଗିରଫ କରିଛି। ଗାଁରେ କିଛି ଯୁବକ ରଙ୍ଗ ଖେଳିବା ପରେ ନିଶାଶକ୍ତ ହୋଇ ଝାମେଲା ସୃଷ୍ଟି କରିଥିଲେ। ଶୁଭମ୍ ଓ ନକୁଳ ଶମ୍ଭୁ ଭାଟିଙ୍କୁ ଅନଲାଇନରେ ମଗାଇଥିବା ଏକ ବନ୍ଧୁକରେ ଆକ୍ରମଣ କରିଥିଲେ। ଶମ୍ଭୁ ଗୁରୁତର ହୋଇଥିଲେ। ଖବର ପାଇ ଶମ୍ଭୁକୁ ପରିବାର ଲୋକେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲକୁ ନେଇଥିଲେ। ଖବର ପାଇ ଏସଆଇ ଦୀପକ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ପୁଲିସ ଟିମ୍ ପହଞ୍ଚି ଶୁଭମ୍ ଓ ନକୁଳକୁ ଗିରଫ କରିଥିଲା। ପୁଲିସ ତା ପାଖରୁ ବନ୍ଧୁକ ଜବତ କରିଛି। ଅନ୍ୟପକ୍ଷେ ଶମ୍ଭୁଙ୍କ ପରିବାର ଓ ସହଯୋଗୀ ଶୁଭମ୍ ଘରକୁ ଆସି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ୨ଟି ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ଥାନା ଅଧିକାରୀ ସବିତା ଠେମରିଆ ସୂଚନା ଦେଇଛନ୍ତି।

# ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ କର୍ମଶାଳା

**ଜୁନାଗଡ଼, ୫।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମହିଳା ଅଧିକାର ଉପରେ କର୍ମଶାଳା ଜୁନାଗଡ଼ ବ୍ଲକ ବଣ୍ଡାକୁଟ୍ରା ସ୍ଥିତ କର୍ତ୍ତବ୍ୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର, ଜିଲ୍ଲା ପ୍ରଶାସନ, କଳାହାଣ୍ଡି ଓ ସ୍ୱେଚ୍ଛାସେବୀ ସଂଗଠନ 'କର୍ତ୍ତବ୍ୟ'ଦ୍ୱାରା ଆୟୋଜିତ ହୋଇଯାଇଛି। ନାରୀ ଯେତେବେଳେ ସଂକଳ୍ପ ନିଏ ସେତେବେଳ ସବୁକିଛି ସମ୍ଭବ ହେଇଯାଏ। ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏବେ ଏହା ବାସ୍ତବତା ଆଡ଼କୁ ଗତି କରୁଛି ବୋଲି ମଞ୍ଚାସିନ ଅତିଥିମାନେ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଜୁନାଗଡ଼ ଓ ଧର୍ମଗଡ଼ ବ୍ଲକର ୫୨ ଜଣ ମହିଳା ଯୋଗଦେଇଥିଲେ। ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ମଶାଳାରେ, ଜିଲ୍ଲା ସମାଜ ମଙ୍ଗଳ ଅଫିସର ମୋହନ ନାଏକ ଜେଣ୍ଡର ସ୍ପେସିଆଲିଷ୍ଟ, ଦେବେନ୍ଦ୍ର ପଟେଲ ଜିଲ୍ଲା ପ୍ରକଳ୍ପ ପରିଚାଳକ ରିଲାଏନ୍ସ ଫାଉଣ୍ଡେସନ, ଆଶୋକ ପଟ୍ଟନାକ ମୁଖ୍ୟ ନିର୍ବାହୀ କର୍ତ୍ତବ୍ୟ ପ୍ରମୁଖ ମଞ୍ଚାସିନ ଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନର ଟେକ୍ନିକାଲ ଲିଡ ସୁଶ୍ରୀ ରାଧା ଠାକୁର, ସୁଶିଲ କୁମାର ବେହେରା ଅନଲାଇନରେ ଯୋଗ ଦେଇଥିଲେ। କର୍ମଶାଳାରେ ଡିଜିଟାଲ କୌଶଳ ଏବଂ ପ୍ରଯୁକ୍ତି ଜ୍ଞାନ, ମହିଳାଙ୍କ ଆଇନଗତ ଅଧିକାର ଓ ସଚେତନତା, ମହିଳା ଉଦ୍ୟମିଙ୍କ ବଜାର ସୁବିଧା ପ୍ରାପ୍ତି ତଥା ଆର୍ଥିକ ସାକ୍ଷରତା ଓ ସଶକ୍ତିକରଣ ଉପରେ ଅତିଥିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

## ଶିଶୁସେବିକା ନିଯୁକ୍ତିରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

# ଦେପୁର, ପାତ୍ରବସା ଓ କସାବାହି ବିଦ୍ୟାଳୟରେ ତୀବ୍ର ଅସନ୍ତୋଷ

**କଳମପୁର, ୫।୩(ସମିସ)**

ଶିଶୁ ସେବିକା ନିଯୁକ୍ତିକୁ ନେଇ ବିଭିନ୍ନ ବିଦ୍ୟାଳୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। କଳାହାଣ୍ଡି ଜିଲ୍ଲା କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନସ୍ତ ଦେପୁର, ପାତ୍ରବସା, କସାବାହି ସରକାରୀ ବିଦ୍ୟାଳୟ ଗୁଡିକ ଅନ୍ୟତମ। ମିଳିଥିବା ସୂଚନା ଅନୁସାରେ ଦେପୁର ପାଇଁ ଦୁଇ ଜଣ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ମଧ୍ୟରେ ଜଣେ ପ୍ରାର୍ଥିନୀଙ୍କୁ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ମନୋନୀତ କରିଥିବା ବେଳେ ପ୍ରଧାନଶିକ୍ଷକ ଏକତରଫା ଭାବେ ଅନ୍ୟ ଜଣେ ପ୍ରାର୍ଥିନୀଙ୍କୁ ଚୟନ ଲାଗି ଚେଷ୍ଟା କରିବାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ପ୍ରଧାନଶିକ୍ଷକ ସ୍କୁଲ ପରିଚାଳନା କମିଟି ମନୋନୀତ କରିଥିବା ପ୍ରାର୍ଥୀନୀଙ୍କୁ ନୀୟମ ଦେଖାଇ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସମ୍ପର୍କିୟ ବୋଲି ଦର୍ଶାଇଛନ୍ତି। ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ କହିବା କଥା ଝିଅକୁ ଛାଡ଼ି ମାଆ ପରପୁରୁଷକୁ ନେଇ ଘର କଲା, ସେହି ପରପୁରୁଷ କିପରି ପ୍ରାର୍ଥନୀଙ୍କ ସମ୍ପର୍କିୟ ହେଲା। ଯେଉଁ ପ୍ରାର୍ଥନୀଙ୍କ ପାଇଁ ପ୍ରଧାନଶିକ୍ଷକ ବାଟ ହୁଡିଛନ୍ତି, ସେହି ପ୍ରାର୍ଥନୀ ଓ ସମ୍ପୃକ୍ତ ପ୍ରଧାନଶିକ୍ଷକ ସମ୍ପର୍କରେ ଭାଇ ଭାଉଣୀ ହେବେ। ପ୍ରଧାନଶିକ୍ଷକଙ୍କ ମାଉସୀ ଝିଅ ହେଉଛନ୍ତି ପ୍ରାର୍ଥନୀ। ଏନେଇ ଦେପୁର ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକଙ୍କୁ ଅଭିଯୋଗ କରିଛନ୍ତି। ହେଲେ ଏଯାଏଁ କୌଣସି ନିର୍ଦ୍ଦିଷ୍ଟ ନିଷ୍କର୍ଷ ବାହାରି ନାହିଁ। ସେହିପରି କସାବାହି ବିଦ୍ୟାଳୟରେ ମଧ୍ୟ ଅନୁରୂପ ଅଭିଯୋଗ ହୋଇଛି। ଏଠାରେ ମଧ୍ୟ ଦୁଇ ଜଣ ପ୍ରାର୍ଥୀନୀଙ୍କ ଲାଗି ଅସନ୍ତୋଷ ଦେଖାଦେଇଛି। ଜଣେ ପ୍ରାର୍ଥନୀ ଅନୁସୂଚିତ ଜନଜାତିର ହୋଇଥିବା ବେଳେ ସମ୍ପୃକ୍ତ ପ୍ରାର୍ଥୀନୀଙ୍କ ସମ୍ପର୍କିୟ ସ୍କୁଲ ପରିଚାଳନା କମିଟି ସଦସ୍ୟ ବୋଲି ଜଣାପଡ଼ିଛି। ଅନ୍ୟ ଜଣେ ପ୍ରାର୍ଥନୀ ସ୍ୱାମୀ ପରିତ୍ୟକ୍ତା ବୋଲି ଦାବି କରିଥିବା ବେଳେ ତାଙ୍କ ନିକଟରେ ଯାଞ୍ଚିତ ପ୍ରମାଣପତ୍ର ନାହିଁ। ଏନେଇ ପ୍ରଧାନଶିକ୍ଷକ ଦ୍ୱିବିଧାରେ ପଡ଼ି ଯାଇଛନ୍ତି। ଏପଟେ ଅନୁସୂଚିତ ଜନଜାତିର ପ୍ରାର୍ଥନୀଙ୍କ ସମ୍ପର୍କିୟ ସ୍କୁଲ ପରିଚାଳନା କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବେଳେ କୋର୍ଟ ଦ୍ୱାରା ପ୍ରଦତ୍ତ ଛାଡ଼ପତ୍ର ପ୍ରମାଣପତ୍ର ହିଁ ଗ୍ରହଣ ଯୋଗ୍ୟ ବୋଲି କୁହାଯାଉଛି। ତେବେ ବିଦ୍ୟାଳୟ ପକ୍ଷରୁ ପୁଣିଥରେ ଶିଶୁ ସେବିକା ନିଯୁକ୍ତି ବିଜ୍ଞାପନ ପ୍ରକାଶିତ ହେବାକୁ ସ୍ଥିର ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ପାତ୍ରବସା ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏଥିପାଇଁ ଜନୈକା ପ୍ରାର୍ଥନୀ ଗ୍ରାମର ୱାର୍ଡ ସଦସ୍ୟାଙ୍କ ସହିତ ପହଞ୍ଚି ଅସ୍ପୃଶ୍ୟତା ମନୋଭାବ ରଖି ମୋତେ ଏହି ନିଯୁକ୍ତିରୁ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ କରି କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ନାଏକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ପ୍ରଧାନଶିକ୍ଷକ ଦୁଇଜଣ ପ୍ରାର୍ଥନୀ ଆବେଦନ କରିଥିଲେ ବୋଲି ବାହାରେ କହୁଥିବା ବେଳେ ଅଫିସ ରିପୋର୍ଟ ଅନୁସାରେ ଜଣେ ମାତ୍ର ପ୍ରାର୍ଥନୀ ଆବେଦନ କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ଅଭିଯୋଗ କାରିଣୀ ମୁଁ ଆବେଦନ କରିବା ସମୟରେ ୱାର୍ଡ ସଦସ୍ୟ ଉପସ୍ଥିତ ରହିଥିଲେ। ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତତା ଓ ନିର୍ଦ୍ଦେଶ କ୍ରମେ ଅନ୍ୟ ଜଣେ ଶିକ୍ଷକ ମୋ ଆବେଦନ ପତ୍ର ଗ୍ରହଣ କରିଥିଲେ ବୋଲି କହିଛନ୍ତି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମଧ୍ୟରେ ମୁଁ ଜଣେ ମାତ୍ର ପ୍ରାର୍ଥନୀ ଆବେଦନ କରିଥିବା ବେଳେ ପଛୁଆବର୍ଗର ପ୍ରାର୍ଥନୀଙ୍କୁ ଚୟନ କରାଯାଇଛି। ସମ୍ପୃକ୍ତ ପ୍ରାର୍ଥନୀ ଦୁଇଟି ସନ୍ତାନ ସହିତ ବାପ ମାଆ ଘରେ ରହି ଆସୁଥିବା ବେଳେ କୋର୍ଟରେ ଛାଡ଼ପତ୍ର ହୋଇଥିବା ପ୍ରମାଣ ନାହିଁ, ଏବେ ମଧ୍ୟ କେତେକ କାଗଜପତ୍ରରେ ତାଙ୍କ ସ୍ୱାମୀଙ୍କ ନାମ ଉଲ୍ଲେଖ ଅଛି। ତାଙ୍କୁ କିପରି ଚୟନ କରାଗଲା ବୋଲି ଗ୍ରାମବାସୀମାନେ ପାଲଟା ପ୍ରଶ୍ନ କରିଛନ୍ତି, ଆହୁରି ମଧ୍ୟ ପ୍ରାର୍ଥନୀ ଅଭିଯୋଗ କରିଛନ୍ତି ଯେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶୁ ସେବିକା ନିଯୁକ୍ତି ବିଜ୍ଞାପନ ସର୍ବସାଧାରଣରେ ପ୍ରକାଶିତ କରି ନାହାନ୍ତି। ଗୋପନରେ ଏସବୁ କାମ ତୁଲାଇଛନ୍ତି, ମୁଁ ପରସ୍ପରରେ ଖବର ପାଇ ସମ୍ପୃକ୍ତ ପ୍ରଧାନଶିକ୍ଷକ ପାଖକୁ ଆବେଦନ ପତ୍ର ଦାଖଲ କରିବାକୁ ଗଲି, ସେ କହିଲେ ମୋ ପାଖକୁ ଏଭଳି କିଛି ଚିଠି ଆସି ନାହିଁ, ଏଣୁ ମୁଁ ଆବେଦନ ପତ୍ର ରଖି ପାରିବି ନାହିଁ, ପରେ କହିଲେ ବିଇଓ ଅଫିସକୁ ଯାଅ ଓ ବିଇଓଙ୍କ ଠାରେ ଆବେଦନ ପତ୍ର ଦାଖଲ କର। ଶେଷରେ ବାଧ ହୋଇ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପରେ ମୋର ଆବେଦନ ପତ୍ର ଗ୍ରହଣ ହୋଇଥିଲା। ଚୟନ ସମୟରେ ପ୍ରାର୍ଥନୀ ଗ୍ରାମରେ ଥିବା ସରପଞ୍ଚ, ୱାର୍ଡ ସଦସ୍ୟ ଓ ବୁଦ୍ଧିଜୀବିମାନଙ୍କୁ ସାମିଲ ନ କରି କାହିଁକି ଗୋପନରେ ଚୟନ କାମ ସାରି ଦିଆଗଲା ତାହା ହିଁ ତଦନ୍ତ ସାପେକ୍ଷ। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ନାହିଁ।

# କୁଲିଆବନ୍ଧା ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ନୂଆପଡ଼ା, ୫।୩ (ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ କୁଲିଆବନ୍ଧା ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନ ଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡ. ଧନେଶ୍ୱର ସେଠୀ, ବିଡ଼ିଓ ରୋହିତ ଭୋଇ, ନୂଆପଡ଼ା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ସରପଞ୍ଚ ଶାନ୍ତାରାମ ଓ ସମିତି ସଭ୍ୟ କେଶରୀ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ବିଲୋପ ପାଇଁ ଲୋକଙ୍କ ସହଯୋଗିତା ଓ ସହଭାଗିତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଯେଉଁମାନେ ଆଗରୁ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଇଥିଲେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ବନଖଣ୍ଡ ଅଧିକାରୀ ଅଜିଜ ଖାନ ଜଙ୍ଗଲ ନିଆଁର ଭୟାବହତା ଓ ବାୟୁ ପ୍ରଦୂଷଣ ଭଳି ପରିବେଶ ଉପରେ ବିଭିନ୍ନ କୁପ୍ରଭାବ ଉପରେ ଆଲକପାତ କରି ଲୋକଙ୍କୁ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଅତିଥିଙ୍କ ଦ୍ୱାରା ଏକ ବର୍ତ୍ତନ ବ୍ୟାଙ୍କର ଉଦ୍‌ଘାଟନ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଭିବିଜି ରାମଜୀରେ ୧୦୦ ଦିନରୁ ଉର୍ଦ୍ଧ୍ୱ କାମ କରିଥିବା ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛେରିଲେଣ୍ଡି ଗ୍ରାମର ୧୦ ଜଣ ପ୍ରଜାଙ୍କୁ ଆଇଏଫ୍ ଆର୍ ଦ୍ୱାରା ଘରଡିହ ଓ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ସେହିପରି ମାସନକୁଣ୍ଡା ଗ୍ରାମବାସୀଙ୍କୁ ୧୨.୫ ହେକ୍ଟର ଜଙ୍ଗଲ ଜମି ଅଧିକାର ପ୍ରଦାନ କରାଯାଇଥିଲା।



# ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ଜୟନ୍ତୀ














**ଜୟପୁର, ୫।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଠାରେ ବିଜୁବାବୁଙ୍କ ଜୟନ୍ତୀ ସ୍ଥାନୀୟ ଟାଉନଥାନା ନିକଟସ୍ଥ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଥିଲା । ବିଜେଡିର ବରିଷ୍ଠ ନେତା ବାଲା ରାୟଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ଜନନାୟକ, ସ୍ୱାଧିନତା ସଂଗ୍ରାମୀ ବିଜୁ ବାବୁ ଭାରତ ରତ୍ନ ପ୍ରଦାନ କରିବାକୁ ସମସ୍ତେ ଦାବି କରିଥିଲେ । ଏହି ଜୟନ୍ତୀ ଉତ୍ସବରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀ, ନେତା ଏବଂ ବିଜୁ ପ୍ରେମୀ ମାନେ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ପ୍ରଦର୍ଶନ କରାଯାଇଥିଲା । ବରିଷ୍ଠ ବିଜେଡି ନେତା ବାଲା ରାୟଙ୍କ ଅଧ୍ୟକ୍ଷତାରେ ବିଜୁବାବୁଙ୍କ ଜୟନ୍ତୀରେ ଜୟପୁର, ବୋରିଗୁମ୍ମା ବ୍ଲକ ଏବଂ ଜୟପୁର ପୌରାଞ୍ଚଳର ନେତା ଓ କର୍ମୀ ମାନେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟ ନାକାୟଣ ରଥ, ବରିଷ୍ଠ ନେତା ଅନୁପ ପାତ୍ର, ନାଗରାଜ ଦୋରା ବ୍ଲକ ଉପାଧ୍ୟକ୍ଷ ଗଣେଷ ପାଢୀ, ପୌର ଉପାଧ୍ୟକ୍ଷା ବି.ସୁନିତା. ଟାଉନସଭାପତି ଏ.ଶ୍ରୀନିବାସ ରାଓ, ହରପ୍ରସାଦ ମିଶ୍ର. ଶିବ ପଟ୍ଟନାୟକ, ବାଲିଙ୍କି ରାଓ, ଧନ ଖରା, ଲିଙ୍ଗାରାଜ ପାତ୍ର, ରାଜା ପାଢୀ, କାଉନସିଲର ଯଶପାଲ ସିଂ, ପାର୍ଥ ସାରଥୀ ମଲ୍ଲିକ, ଅଜୟ ବେହେରା, ସୁଷମା ମହାପାତ୍ର, ଶିଳ୍ପା ପାଣି ଏବଂ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

**ସେମିଳିଗୁଡା :** କୋରାପୁଟ ଜିଲ୍ଲାର ସୁନାବେଡା ନଗର ଓ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।ସୁନାବେଡା ପୌର ପରିଷଦ ଅନ୍ତର୍ଗତ ୱାଇ ଜୋନସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପରିସରରେ ଏକ ଶ୍ରଦ୍ଧାଞ୍ଜଳି ତଥା ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । କୋରାପୁଟ ପୂର୍ବତନ ବିଧାୟକ ରଘୁ ରାମ ପାଡ଼ାଲ , ଉପ ନାଗରପାଲ୍ ରିତୁ କଣ୍ଟା, ନେତା ଭରତ ମଲ୍ଲିକ, ଯୁବ ନେତା ଅଶୋକ ପ୍ରଦାନ, ନେତା ବିଜୟ ପଣ୍ଡା, ଧନୁର୍ଜୟ କଣ୍ଟା, କାଉନସିଲର ମିନତୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେହିପରି ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ପକ୍ଷରୁ ଦାମନଯୋଡି ନାଲକୋ ଟାଉନସିପରେ ସେକ୍ଟର -୨ ରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ ଓ ପ୍ରିତମ ପାଢ଼ୀଙ୍କ ନେତୃତ୍ୱରେ ନେତା ରାମ, ମହିଳା ନେତ୍ରୀ ଲାତା ରାୟ ,ବିଜେଡି ସଭାପତି ରାମ ଅଣ୍ଟା ବିରିଆ, ନେତା ଜୟସେନ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ନାଲକୋ ପକ୍ଷରୁ କାର୍ଯନିର୍ବାହ ନିର୍ଦ୍ଦେଶନା ଅମରେନ୍ଦ୍ର ମିଶ୍ର ଓ ଜେନେରାଲ ମ୍ୟାନେଜର, ଅଧିକାରୀ,କର୍ମଚାରୀ ମାନେ ମଧ୍ୟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

**ସୁନାବେଡା :** ସୁନାବେଡ଼ା ପୌରପରିଷଦ ଅର୍ନ୍ତଗତ ୱାଇ ଜୋନ ନିକଟରେ ଥିବା ବିଜୁ ପଟ୍ଟନାୟକ ଉଦ୍ୟାନରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଜେଡି ଯୁବନେତା ଅଶୋକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ସୁନାବେଡା ପୌର ପରିଷଦ ର ଉପାଧ୍ୟକ୍ଷା ରତୁ କଣ୍ଟା ବରିଷ୍ଠ କାଉନସିଲର ମିନତି ମିଶ୍ର, ମନୋଜ ସୁନା, ରାମ ବେନିଆ, ରବୀନ୍ଦ୍ର ପ୍ରଧାନ, ବିଜୟ ଲକ୍ଷ୍ମୀ ବିଷୋୟୀ, କିରଣ ଡଙ୍ଗ୍ରୀଙ୍କ ସମେତ ଯୁବ ନେତା ଭରତ ମଲ୍ଲିକ , ବିଦୁ ଭାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ରଘୁରାମ ପଡାଲ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ସାହସିକତା ଏବଂ ତାଙ୍କ ରାଜନୈତିକ ଉପଲବ୍‌ଠିଧ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।

**ଚନ୍ଦାହାଣ୍ଡି :** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ସ୍ଥିତ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ବାସଭବନ ଠାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଗୌରହରି ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନବରଙ୍ଗପୁର ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଝରୀଗାଁ ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ମାଝୀ,ବରିଷ୍ଠ ନେତା ପ୍ରମୋଦ କୁମାର ପାଢ଼ୀ,ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଜୋନ-୧ଜିଲ୍ଲାପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ରଷୁ ଚନ୍ଦ୍ର ବାଗ ,ଝୁମୁକଲାଲ ସାହୁ, କଦମ ପୂଜାରୀ ପ୍ରମୁଖ ମଞ୍ଚାସୀନ ରହିଥିଲେ । ମଞ୍ଚାସୀନ ଅତିଥି ସମସ୍ତେ ବିଜୁ ବାବୁଙ୍କ ସ୍ମୃତି ଚାରଣ ସହ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଜୋନ ସଭାପତି ବଳରାମ ପଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଯୁବରାଜ ଜଗତ,ହର ପୂଜାରୀ, ତ୍ରିନାଥ ଦାଶ,ପ୍ରଶାନ୍ତ ପାରି, ଭୋଜରାଜ ସିହ୍ନା,ଲିଙ୍ଗରାଜ ଚୌହାନ, ଲୋକନାଥ ପୂଜାରୀ, ନୀଳମଣି ଗୌଡ଼, କୃଷ୍ଣ ଜାନି, କମଲୁ ମନହିରା, ଯୁଗେଶ୍ୱର ନାଗ, ନିଁଳେନ୍ଦ୍ରି ପାଣ୍ଡେ,ଭୀମସେନ ଡ଼ଙ୍ଗରି, ଲୋଚନ ନାୟକ, ପ୍ରମୁଖଙ୍କ ସମେତ ଅଂଚଳର ସମସ୍ତ ସମିତି ସଭ୍ୟ ସଭ୍ୟା, ସରପଞ୍ଚ, ୱାର୍ଡ ମେମ୍ବର ଏବଂ ବିଜୁ ଜନତା ଦଳର ବରିଷ୍ଠ, ଯୁବ, ଛାତ୍ର ଓ ମହିଳା ସଭାପତି, ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

**ଲକ୍ଷ୍ମୀପୁର :** କୋରାପୁଟ୍ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀପୁର ସ୍ଥିତ ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବ୍ଲକର ନୂତନ ସଭାପତି ବିପିନ ମାଣ୍ଡିଙ୍ଗାଙ୍କ ସଭାପତିତ୍ୱ ରେ ବିଜୁ ବାବୁଙ୍କ ଫୋଟ ଚିତ୍ର ରେ ସମସ୍ତ ବିଜେଡ଼ିର ନେତା ପୁଷ୍ପ ମାଲ୍ୟ ଅର୍ପଣ କରି ଦୀପ ଜାଳି ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଝିନ ହିକକା ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା , ଜିଲ୍ଲା ଉପସଭାପତି ନାରାୟଣ ବିଷୋୟୀ, ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ପୂର୍ବତନ ଅଧ୍ୟକ୍ଷ ତଥା ଜିଲ୍ଲା ସାଧାରଣ ସମ୍ପାଦକ କୁମୁଦ ଚନ୍ଦ୍ର ସାଉଁନ୍ତା, ରାଜ୍ୟ ସାଧାରଣ ସମ୍ପାଦକ ଶଙ୍କର ସାଉଁନ୍ତା, ଦଶମନ୍ତପୁର ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପ, ନାରାୟଣପାଟଣା , ବନ୍ଧୁଗାଁ ବ୍ଲକ ସଭାପତି ସମେତ ୪ଟି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ନେତା କର୍ମୀ ଯୋଗ ଦେଇ ବିଜେଡି ପୁଣି କିପରି ଶାସନ କୁ ଆସିବ ସେ ନେଇ ସମସ୍ତେ ଏକତ୍ରିତ ଭାବେ ସଙ୍ଗଠିତ ହୋଇ କାମ କରିବାକୁ ମଞ୍ଚାସିନ ଅତିଥି ଭାବେ ନିଜ ନିଜର ଅଭିଭାଷଣ ରଖିଥିଲେ । ଓଡ଼ିଶାର ବରପୁତ୍ର ବିଜୁ ବାବୁଙ୍କ ନାମରେ କେଟ୍ କାଟି ଖୁସି ମନାଇ ଥିଲେ । ସଭାକୁ ବ୍ଲକ ସଭାପତି ଶ୍ରୀ ମାଣ୍ଡିଙ୍ଗା ପରିଚାଳନା ମଧ୍ୟ କରିଥିଲେ ।

**ପଦ୍ମପୁର :** ବିଜୁ ଜନତା ଦଳ ପଦ୍ମପୁର ବ୍ଲକ୍ ସଭାପତି କରୁଣାକର ଶବରଙ୍କ ନେତୃତ୍ୱରେ ପଦ୍ମପୁର ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ପ୍ରଥମେ ଗାୟତ୍ରୀ ମନ୍ଦିର ଠାରେ ବିଜୁ ବାବୁ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପଦ୍ମପୁର ସ୍ୱାସ୍ଥ୍ୟ କେନ୍ଦ୍ର ଯାଇ ଚିକିତ୍ସାଧିନ ରୋଗୀଙ୍କୁ ଫଳ, କଦଳୀ, ବ୍ରେଡ୍, ଫ୍ରୁଟି ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ବରିଷ୍ଠ ନେତା ଦୁର୍ଗା ପ୍ରସାଦ ସାହୁ, ଦେବେନ୍ଦ୍ର ପାଢ଼ୀ, ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ଗୋଦାବରୀ ରାଉତ, ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ହୁରୁବୁଲା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ରବି ନାରାୟଣ ଆଚାର୍ଯ୍ୟ, ଡରଗିନ୍ ଶବର, ପଦ୍ମପୁର ବ୍ଲକ୍ ଉପାଧ୍ୟକ୍ଷ ରମେଶ ସାହୁ, ପଦ୍ମପୁର ବ୍ଲକ୍ ବିଜୁ ଯୁବ ଜନତା ଦଳ ସଭାପତି ପ୍ରଶାନ୍ତ କୁମାର ଦଳେଇ, ଯୁବ ନେତା ସନ୍ତୋଷ ପାଣଗ୍ରାହୀ , ବିଜୁ ମହିଳା ଜନତା ଦଳ ନେତ୍ରୀ ଶ୍ରୀମତୀ ସୁପ୍ରିୟା ରାଉତଙ୍କ ସମେତ ସମସ୍ତ ପଞ୍ଚାୟତ ବିଜୁ ଜନତା ଦଳ କର୍ମକର୍ତ୍ତା ଯୋଗ ଦେଇଥିଲେ ।

**ମାଲକାନଗିରି :** ମାଲକାନଗିରି ଜିଲ୍ଲା ସଦ ମହକୁମାଠାରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତିରେ ଦଳର ବହୁ ନେତୃବୃନ୍ଧ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଦଳୀୟ କାର୍ଯ୍ୟଳୟ ଭବନଠାରେ ଆୟୋଜିତ ସ୍ମୃତି ସଭାରେ ଜିଲ୍ଲା ସଭାପତି ମାନସ ମାଡକାମୀ ସଭାପତିତ୍ୱ କରିଥିଲେ । ଏଥିରେ ବିଜୁ ଜନତା ଦଳର ବହୁ ନେତା ଓ ଦଳୀୟ କର୍ମୀ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିଚାଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ଉପସଭାପତି ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟା ତଥା ଜିଲ୍ଲା ମହିଳା ସଭାନେତ୍ରୀ ଶମାରୀ ତାଙ୍ଗୁଲ, ବରିଷ୍ଟ ନେତା ଗୋପାଳ କୃଷ୍ଣ ପଣ୍ଡା, ଜିଲ୍ଲା ଯୁବ ନେତା ଶ୍ରୀନିବାସ ମୁଦୁଲି, ବିଭିନ୍ନ ବ୍ଲକ ଅଧ୍ୟକ୍ଷ/ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ସଭାପତି, ସରପଞ୍ଚ, ସମିତିସଭ୍ୟ ଏବଂ କର୍ମକର୍ତା ଗଣ ଯୋଗଦାନ କରିଥିଲେ ।

**ବିଷମକଟକ :** ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ବିଷମ କଟକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଷମ କଟକ ବ୍ଲକ୍ ସଭାପତି ଜୟରାମ ହିକକାଙ୍କ ନେତୃ୍ତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଦଳୟୀ କର୍ମୀ ଓ ନେତା ମାନେ ପୁଷ୍ପାମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଦଳୀୟ କାର୍ଯ୍ୟାଳୟ ପରିଷରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ସାଧାରଣ ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ସୁଧିର କୁମାର ଦାଶ ଯୋଗ ଦେଇ ସମୃଦ୍ଧ ଓଡିଶା ଗଠନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ସାଧାରଣ ସଭାରେ ବରିଷ୍ଟ ବିଡେଡି ନେତା ପୃଥ୍ୱୀରାଜ ସାହୁ, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, କୁର୍ଲୀ ସରପଞ୍ଚ ସୁବର୍ଦ୍ଧନି ୱାଡକା, ହାଜାରିଡାଙ୍ଗ ସମିତି ସଭ୍ୟ ସୁକାନ୍ତ ବେନିଆ, କାଙ୍କୁବାଡି ସରପଞ୍ଚ ଦୟା କୁଲସିକ. ଡି.ଶିବ ପ୍ରସଦା, ରବିନ୍ଦ୍ର ନାଥ ପଣ୍ଡା, ଏନ୍. ଚିନା ପଟ୍ଟନାୟକ,ଲକ୍ଷ୍ମଣ ବେହେରା, ଡମ୍ବରୁ ହିଆଲଙ୍କ ସମେତ ବହୁଦଳୀୟ କର୍ମୀ ଯୋଗ ଦେଇଥିଲେ । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା

**ଉମରକୋଟ :** ଉମରକୋଟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଠାରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲା ଉମରକୋଟ ମୁନିସିପାଲିଟି ଠାରେ ମଧ୍ୟ ଏହି ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ନବରଙ୍ଗପୁର ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୁ ବାବୁଙ୍କ ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷା ରାଧା ଭତ୍ରା, ପୂର୍ବତନ ରାଇଘର ପଞ୍ଚାୟତ ସମିତି ଅଧ୍ୟକ୍ଷା ନବୀନା ନାୟକ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ବରିଷ୍ଠ ଓକିଲ ତଥା ବିଜେଡି ନେତା ଝାଡେଶ୍ୱର ମହାନ୍ତି,ବରିଷ୍ଠ ଓକିଲ ବିଜେଡି ନେତା ତଥା ଓକିଲ ତପନ ଦେବନାଥ, ବରିଷ୍ଠ ବିଜେଡ଼ି ନେତା ଦେବିସିଂମାଝୀ , ବ୍ଲକ ଅଧ୍ୟକ୍ଷା ଶୁଶିଳା ମାଝୀ , ସମସ୍ତ ୱାର୍ଡର କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ ।

**ଉମରକୋଟ :** ଉମରକୋଟ ବ୍ଲକ୍ ଅନ୍ତର୍ଗତ ବୁର୍ଜା ପଞ୍ଚାୟତଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ଜନତା ଦଳର ପ୍ରତିଷ୍ଠାତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ଠାରେ ମଧ୍ୟ ଏହି ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁବାସ ଗଣ୍ଡ , ରାଇଘରର ପୂର୍ବତନ ଅଧ୍ୟକ୍ଷା ନବୀନା ନାୟକ, ଉମରକୋଟ ପୌର ପରିଷଦ ଅଧ୍ୟକ୍ଷା ରାଧାଭତ୍ରା, କାଜାମ ମାଦାନୀ , ବ୍ଲକ ସଭାପତି ଶୋଭାରାମ ମାଝୀ, ବିରସିଂ ମାଝୀ, ଜୁମେରା ସାନ୍ତା, ପୁରସ୍ତମ ମାଝୀ, ପୂର୍ବତନ ଅଧ୍ୟକ୍ଷ ଫାଇବନ ଭକ୍ତ ଓ ୧୧ ପଞ୍ଚାୟତର ସମିତି ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ରହିଥିଲେ ।

**ରାୟଗଡ଼ା :** ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଦଳୀୟ କର୍ମୀ ଓ ନେତାମାନେ ରାୟଗଡ଼ା ସହରର ବସଷ୍ଟାଣ୍ଡ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁବାବୁ ଅମର ରହେ ନାରା ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ଜଣାଇଥିଲେ । ରାଜ୍ୟର ଉନ୍ନତି ପାଇଁ ତାଙ୍କର ଅବଦାନ ସମ୍ବନ୍ଧରେ ସ୍ମୃତିଚାରଣ ଏବଂ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ବିଷୟରେ ଆଲୋଚନା ଚକ୍ର ତଥା ଏକ ସଭା ଆୟୋଜନ କରିଥିଲେ । ପୁଷ୍ପମାଲ୍ୟର୍ପଣ କାର୍ଯ୍ୟକ୍ରମ ପରେ ଦଳ ପକ୍ଷରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ତେବାସୀ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଫଳ ବଣ୍ଟନ କରାଯାଇଥଲା । ତୁମ୍ବିଗୁଡା ସ୍ଥିତ ମାତୃଶକ୍ତି ବୃଦ୍ଧାଶ୍ରମ ଓ ଶକ୍ତି ସଦନରେ ମଧ୍ୟ ଫଳ ବଣ୍ଟନ କରାଯାଇ ସମାଜସେବା ମୂଳକ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ରାୟଗଡ଼ା ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପି.ଗୌରୀଶଙ୍କର ରାଓ,ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, କାଉନସିଲର ଶୁଭ୍ରା ପଣ୍ଡା,ଜିଲ୍ଲା ପରିଷଦ ସଭ୍ୟ ଧବଳେଶ୍ୱର ନାଇଡୁ,ବରିଷ୍ଠ ନେତା ବ୍ରଜସୁନ୍ଦର ନାୟକ,କିଶୋର ଚନ୍ଦ୍ର ପଣ୍ଡା,ସନ୍ତୋଷ ପାତ୍ର,ଅଶୋକ ପଣ୍ଡା,ଟିଟୁ ରଥ,ଜିଲ୍ଲା ଉପସଭାପତି ସତ୍ୟ ନାରାୟଣ ପାଢୀ, ରାୟଗଡ଼ା ନଗର ସଭାପତି ସାରଥୀ ପଟ୍ଟନାୟକ,ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସଂପାଦକ ବିନାୟକ ପଲେଇ,ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ଉଦୟ କୁମାର ହିମିରିକା ଓ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

**ଗୁଣୁପୁର :** ଗୁଣୁପୁର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ଙ୍କ ଜୟନ୍ତୀ ପାଳନ ହୋଇଯାଇଛି । ନୂତନ ବସ୍‌ଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ କର୍ମୀ ଓ ବିଜୁ ପ୍ରେମୀ ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଗୁଣୁପୁରର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଉପସ୍ଥିତ ନେତାମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନ ଓ ସ୍ମୃତିକୁ ସ୍ମରଣକରି ବିଜୁ ବାବୁଙ୍କ ଆଦର୍ଶ ଓ ଜୀବନ କାହାଣୀ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ଗୁଣୁପୁର ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଅଶ୍ୱିନୀ ଗମାଙ୍ଗ, ପୌରପରିଷଦ କାଉନ୍ସିଲର ଦେବୀ ଆଚାର୍ଯ୍ୟ, ନଗର ସଭାପତି ସାନ ବାଉରୀ, ମୁନା ପାଣି, ବିଜେଡି ନେତା ରାମ ପଣ୍ଡା, ବିଜୁ ଛାତ୍ର ଜନତାଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପଣ୍ଡା, କାଉନ୍ସିଲର ଭାଗୀରଥୀ ବିଶୋଇ, ଶିବ ପାଢ଼ୀ, ବରିଷ୍ଠ ଆଇନଜୀବୀ ରାଜୁ ସାହୁ, ଜିଲ୍ଲା ସମ୍ପାଦକ ଏସ୍. ବାବା ପ୍ରସାଦ, ପୂର୍ବତନ କାଉନ୍‌ସିଲର ପୁଣ୍ଡ ବାଉରୀ,ଜିତୁ ପଣ୍ଡା, ନିରଞ୍ଜନ ଦାସ ଓ ଆଇନଜୀବୀ ସୁରଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**କୁନ୍ଦୁରା :** କୁନ୍ଦୁରା ସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ କୁନ୍ଦୁରା ବ୍ଲକ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ କରାଯାଉଛି । ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, କୁନ୍ଦୁରା ସରପଞ୍ଚ ଲବ ପରଜା, ଆଜା ଅଧ୍ୟକ୍ଷ ବଳଭଦ୍ର ଆଚାର୍ଯ୍ୟ, ଲ୍ୟାମ୍ପ୍‌ସ ଅଧ୍ୟକ୍ଷା ସୁଭଦ୍ରା ଭୂମିଆ, ବରିଷ୍ଠ ନେତା ରମାକାନ୍ତ ମିଶ୍ର, ଯୁବ ସଭାପତି ବିକ୍ରମ କୁମାର ବେହେରା, ପୂର୍ବତନ କୁନ୍ଦୁରା ସରପଞ୍ଚ ପାର୍ବତୀ ଫାମ୍ପୁଣିଆ, ମହିଳା ନେତ୍ରୀ ଦମୟନ୍ତୀ ମଲ୍ଲିକ, ବରିଷ୍ଠ ନେତା ପ୍ରଦୀପ କୁମାର ନାୟକ, ପଞ୍ଚାୟତ ସଭାପତି ଅଜୟ କୁମାର ସାହୁ,ଗୌରାଙ୍ଗ ଚରଣ ପ୍ରଧାନ, ମୁନା ଦାସଙ୍କ ସମେତ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ ।

**କୋରାପୁଟ :** ଜିଲ୍ଲା ସଦର ମହକୁମାରେ କୋରାପୁଟ ବିଧାନସଭା କ୍ଷେତ୍ର ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କ ଅଧ୍ୟକ୍ଷତାରେ ବିଜୁ ପାଠାଗାରରେ ଆୟୋଜିତ ସମାରୋହରେ ଜିଲ୍ଲା ବିଜେଡି ସଭାପତି ଝିନ ହିକକା, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାଶ, ପୂର୍ବତନ ଜିଲ୍ଲା ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡ଼ିକା, ଯୁବ ବିଜେଡ଼ି ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ତ୍ରିନାଥ ପାତ୍ର, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି ,ରାଜ୍ୟ ଉପ ସଭାନେତ୍ରୀ ରୀତା ପାଣିଗ୍ରାହୀ, ଜୋନାଲ କାର୍ଯ୍ୟକାରୀ ସଭାନେତ୍ରୀ ଲତା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଘୁ ଜାନି, କାଉନ୍‌ସିଲର କାଦମ୍ବିନୀ ସେଠୀ, ନଗର ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, ବ୍ଲକ ସଭାନେତ୍ରୀ ଚନ୍ଦ୍ରମଣି ଜାନି, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଉର୍ମିଳା ମୁଦୁଲି,ବ୍ଲକ ସଭାପତି ମଣ୍ଟୁ ବେନିଆ, ଜିଲ୍ଲା ସମ୍ପାଦକ ରାଜୁ ଖରା , ଜିଲ୍ଲା ଉପ ସଭାପତି ଉତ୍କଳ ରଂଜନ ନାୟକ ପ୍ରମୁଖ ଯୋଗ ଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶାସନ ସମୟରେ କୋରାପୁଟ ଜିଲ୍ଲାରେ ଅନେକ ଶିଳ୍ପ ଅନୁଷ୍ଠାନ ଗଢି ଉଠିଥିଲା ଏବଂ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରିଥିଲେ ବୋଲି ପୂର୍ବତନ ବିଧାୟକ ରଘୁରାମ ପଡାଲ କହିଥିଲେ । ତାଙ୍କ ସୁପୁତ୍ର ରାଜ୍ୟର ପୁର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅନେକ ଉନ୍ନତି ହୋଇପାରିଛି ବୋଲି ସେ କହିଥିଲେ । ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାଉନସିଲର ମାଲେଶ୍ୱର ରାଓ, ପ୍ରଫୁଲ୍ଲ କୁମାର ମହାପାତ୍ର, ରବି ପରଜା, ମଧୁସୂଦନ ମାଝୀ, କୃଷ୍ଣ ଖେମୂଣ୍ଡୁ, କମଳା ନାୟକ,ରବି ପରଜା ପ୍ରମୁଖ ଉପସ୍ଥିତ ଥିଲେ । ଏଥି ପୂର୍ବରୁ ବିଜେଡି ନେତା ଓ କର୍ମୀମାନେ ବିଜୁ ପଟନାୟକ ପାର୍କ ଠାରେ ସ୍ଥାପିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

**ବୈପାରୀଗୁଡା :** ବୈପାରୀଗୁଡା ଠାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ବିଜେଡି ପାର୍ଟି କାର୍ଯ୍ୟାଳୟଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଜେଡି କର୍ମକର୍ତ୍ତା ମାନେ ବୈପାରୀଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବାଣ୍ଟିଛନ୍ତି । ବିଜୁ ବାବୁଙ୍କୁ ନେଇ ଆଜି ବି ପ୍ରତ୍ୟେକ ଓଡ଼ିଆ ଗର୍ବିତ ।ଆଗାମୀ ଦିନରେ ମଧ୍ୟ ଜନ ସ୍ୱାର୍ଥରେ ଠିଆ ହୋଇ ରହିବ ଏବଂ ବର୍ତମାନର ଡବଲଇଂଜିନ ସରକାରଙ୍କ ମନମୁଖୀ କାର୍ଯ୍ୟକୁ ନିନ୍ଦା କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

**ରାୟଗଡ଼ା :** ରାୟଗଡ଼ା ବିଜୁ ସ୍ୱାଭିମାନ ମଞ୍ଚ ପାର୍ଟି କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ମଞ୍ଚର ଆବାହକ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁବାବୁଙ୍କ ଅନୁଗତ ଭାସ୍କର ରାଓଙ୍କ ଆବାହକତ୍ୱରେ ଆଜି ବିଜୁବାବୁଙ୍କ ଜୟନ୍ତି ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା,ରାୟଗଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା,ଉପାଧ୍ୟକ୍ଷ ହରପ୍ରସାଦ ହେପୃକା,ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା,ପ୍ରଶାନ୍ତ କୁଲେସିକା,କାଉନସିଲର ଶ୍ରୀମତି ଶର୍ମିତା ପାଢୀ ମଞ୍ଚାସୀନ ହୋଇଥିବା ବେଳେ ବରିଷ୍ଠ ସଦସ୍ୟ ବିନାୟକ କର ମଞ୍ଚ ପରିଚାଳନା କରିଥିଲେ । ଆଜିର କାର୍ଯ୍ୟକ୍ରମରେ ମଞ୍ଚ ଆବାହକ ଶ୍ରୀ ରାଓ ଅନୁପସ୍ଥିତ ରହିଥିବା ବେଳେ ଭିଡିଓ କଲ ମାଧ୍ୟମରେ ଉପସ୍ଥିତ ମଞ୍ଚର ସମର୍ଥକମାନଙ୍କୁ ବିଜୁବାବୁଙ୍କ ଓଡିଶା ପ୍ରତି ଥିବା ଅବଦାନ, ତାଙ୍କର ନୀତି ଓ ଆଦର୍ଶକୁ ନେଇ ଅନୁସରଣ କରି ଲୋକଙ୍କ ପାଇଁ ସେବା କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରକାନ୍ତ ସାମଲ,ଡୁଡୁଲା ଶ୍ରୀନିବାସ,କାଉନସିଲର ସନ୍ତୋଷ ଦଳେଇ,ବି.ଜଗନ,ଗୋପୀନାଥ ଗୌଡ,ସରପଞ୍ଚ ତାମାରାଓ ବିଡିକାଙ୍କ ସମେତ ପ୍ରବୀଣ କୁମାର, ଶ୍ରୀକାନ୍ତ ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।






# ମଙ୍ଗଳ ବିଭାଗ ହଷ୍ଟେଲରେ ଛାତ୍ରୀ ମୃତ

## ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ

ମୁନିଗୁଡା, ୫ ।୩(ସମିସ): ରାୟଗଡ଼ା ଜିଲ୍ଲା ମଙ୍ଗଳ ବିଭାଗୀୟ ଅଧିନସ୍ଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅମ୍ବୋଦଳାରେ ଜଣେ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ପ୍ରଧାନ ଶିକ୍ଷକଙ୍କ ଅବହେଳା ପାଇଁ ଏଭଳି ଅଭାବନୀୟ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ରାୟଗଡା ଜିଲ୍ଲା ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ଛାତ୍ରୀଙ୍କର ସୋମବାର ରାତି ପ୍ରାୟ ୯.୩୦ ରେ ମୃତ୍ୟୁ ହୋଇଥିଲା।ମୃତ ଛାତ୍ରୀ ଜଣଙ୍କ ହେଲେ ଅମ୍ବାଦଳା ଥାନା ଅନ୍ତର୍ଗତ ରାଣୀପିଣ୍ଡା ପଞ୍ଚାୟତ କନ୍ଧ ବାଲିଯୋଡ଼ି ଗ୍ରାମର ଗୀତା ମାଝୀ। ରାତିରେ ହଠାତ ଗୀତାର ଦେହ ଅସୁସ୍ଥ ହେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଆମ୍ବଦଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା କହୁଥିବା ବେଳେ ମେଡିକାଲରେ ଭର୍ତ୍ତି କରିବା ପୂର୍ବରୁ ଗୀତାର ମୃତ୍ୟୁହୋଇଥିବା ଡାକ୍ତର ପ୍ରକାଶ କରିଛନ୍ତି। କେଉଁ ପରିସ୍ଥିତିରେ ଛାତ୍ରୀଙ୍କ ମୃତ୍ୟୁ ଘଟିଲା ସନ୍ଦେହ ଉପୁଜିଥିବା ବେଳେ ପରିବାରବର୍ଗ ବିଦ୍ୟାଳୟର ପ୍ରଧାନଶିକ୍ଷକ କୋଲା ବାମନମୂର୍ତ୍ତି ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଗୀତାର ମୃତ୍ୟୁ ହୋଇଥିବା ଅଭିଯୋଗ କରିବା ସହ ମେଡିକାଲ ନିକଟରେ ମୃତ ଶରୀର ରଖି ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତିଙ୍କ ନିଲମ୍ବନ ସହ କ୍ଷତି ପୂରଣ ଦାବି କରିଥିଲେ। ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଅନିୟମିତତା ଏବଂ ବହୁ ଅଭିଯୋଗ ହେଉଥିଲେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପ୍ରଧାନଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେପଟେ ଛାତ୍ରୀ ଜଣଙ୍କ ଘର ବିଦ୍ୟାଳୟ ହଷ୍ଟେଲ ଠାରୁ ମାତ୍ର ତିନି କିଲୋମିଟର ହୋଇଥିବା ବେଳେ ଝିଅର ଅସୁସ୍ଥତା ସମ୍ପର୍କରେ ପରିବାରବର୍ଗଙ୍କୁ ପ୍ରଧାନଶିକ୍ଷକ କୌଣସି ସୂଚନାଦେଇନଥିବା ପରିବାରବର୍ଗ ପ୍ରକାଶ କରିଛନ୍ତି। ଝିଅ ମୃତ୍ୟୁବରଣ କରିବା ପରେ ମତ୍ୟୁ ସମ୍ପର୍କରେ ସୂଚନା ଦିଆଯାଇଥିଲା ବୋଲି ପରିବାର ପ୍ରକାଶ କରିଛନ୍ତି। ଏମିତିକି ମୃତ ଝିଅର ଅସୁସ୍ଥତା ଖବର ଶୁଣିବା ପରେ ଝିଅର ବାପା ମା ଝିଅକୁ ଦେଖିବାକୁ ଯାଇଥିବା ବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ସାକ୍ଷାତ କରିବାକୁ ଦେଇ ନଥିବା ଅଭିଯୋଗ କରିଥିଲେ ମୃତ ଗୀତାଙ୍କ ବାପା। ତେବେ ଦୀର୍ଘସମୟଧରି ଧାରଣାରେ ବସିବା ପରେ ବିଷମ କଟକ ଏସଡିପୀଓ ସନ୍ତୋଷିନୀ ଓରାମ, ଆମ୍ବାଦଲା ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ, ମୁନିଗୁଡା ବ୍ଲକ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝା ଶୁଝା କରିଥିଲେ।ପରେ ପ୍ରଧାନ ଶିକ୍ଷକଙ୍କ ଅବହେଳା ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ଯୋଗୁ ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ଗ୍ରାମବାଷୀଙ୍କ ସହାୟତା ରେ ନିଜସ୍ୱ ଅର୍ଥ ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ୍ୟ ଟଙ୍କା ଦେବା ପରେ ହୋଲି ଛୁଟି ପରେ ଉକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯିବା ପାଇଁ ପ୍ରତିଶୃତି ଦେବା ପରେ ଧାରଣାରୁ ଉଠିଥିଲେ ମୃତକଙ୍କ ପରିବାର ଓ ଗ୍ରାମବାସୀ। ପ୍ରକାଶ ଥାଉକି ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତିଙ୍କ ନାଁରେ ଦୀର୍ଘ ଦିନ ଧରି ବିଭିନ୍ନ ଅଭିଯୋଗ ହୋଇ ଆସୁଥବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀଣୀ ଅସୀମା ରାଓ ତାଙ୍କୁ ଘଣ୍ଟ ଘୋଡାଇ ଆସୁଥିଲେ। ତେଣୁ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ହୀନତା ଓ ଅବହେଳା ଯୋଗୁଁ ଯାହାର ପରିଣାମ ଆଜି ଏକ ଛାତ୍ରୀର ଜୀବନ ଚାଲିଯାଇଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି। ଆସନ୍ତା ହୋଲି ଛୁଟି ପରେ ଉକ୍ତ ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନରେ ପରିସ୍ଥିତି ଭୟଭୟ ହେବା ସହ ରାଜରାସ୍ତା ଅବରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ଉକ୍ତ ଘଟଣାକୁ ନେଇ ବିଜୁ ଜନତା ଦଳର ରାଜ୍ୟ ବିଜେଡି ସମ୍ପାଦକ ସୁଧୀର ଦାସ ଓ କଂଗ୍ରେସ ଦଳ ପକ୍ଷରୁ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡ଼ାଲ ସରକାରଙ୍କୁ ନିନ୍ଦା କରିଛନ୍ତି।

# ମାଓବାଦୀ ନିହତ, ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୫ ।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଦନ୍ତେୱାଡା ଜିଲ୍ଲାରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଯବାନଙ୍କୁ ବଡ଼ ସଫଳତା ମିଳିଛି। ଯବାନଙ୍କ ଗୁଳିରେ ଜଣେ ହାଡକୋର ମାଓବାଦୀ ନିହତ ହୋଇଥିବା ବେଳେ ଘଟଣା ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ପୁଲିସ ନିକଟରୁ ମିଳିଥିବା ତଥ୍ୟ ଅନୁଯାୟୀ, ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ବିଷୟରେ ସୂଚନା ପାଇବା ପରେ ଜିଲ୍ଲାର ଗିଦାମ ଥାନା ଅନ୍ତର୍ଗତ ଗୁମଲାନାର, ଗିରସାପାରା ଏବଂ ନେଲଗୋଡା ଗ୍ରାମ ମଧ୍ୟରେ ଥିବା ଜଙ୍ଗଲରେ ଜବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଯବାନଙ୍କୁ ଦେଖି ମାଓବାଦୀ ମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଯାହାର ପାଲଟା ଜବାବ ଦେଇଥିଲେ ଯବାନ ମାନେ। ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ମାଓବାଦୀ ମାନେ ଛତ୍ର ଭଙ୍ଗ ଦେଇଥିଲେ। ଏହାପରେ ଅଞ୍ଚଳରେ ଯବାନ ମାନେ ପୁନଃ ସର୍ଚ୍ଚ ଅପରେସନ କରିବା ବେଳେ ଘଟଣା ସ୍ଥଳରୁ ଜଣେ ସଶସ୍ତ୍ର ମାଓବାଦୀଙ୍କ ମୃତଦେହ ଠାବ କରିବା ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଉଦ୍ଧାର କରିଥିଲେ। ମୃତ ମାଓବାଦୀ ବିଜାପୁର ଜିଲ୍ଲାର ଭୈରମଗଡ଼ ଏରିଆ କମିଟିର ଏସିଏମ୍ ରାଜେଶ ପୁନେମ ବୋଲି ଜଣାପଡିଛି। ରାଜେଶ ମୁଣ୍ଡ ଉପରେ ପୁର୍ବରୁ ଛତିଶଗଡ ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଏହା ସହ ଘଟଣା ସ୍ଥଳରୁ ଏକେ ୪୭, ଏସଏଲ ଆର, ଇନ୍ସାସ, ଦେଶୀ ବନ୍ଧୁକ ଭଳି ବହୁ ଅସ୍ତ୍ର ସହ ବିସ୍ଫୋରକ ସାମଗ୍ରୀ ଓ ମାଓ ସମଗ୍ରୀ ଜବତ କରାଯାଇଛି। ଏହାପରେ ମଧ୍ୟ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଆହୁରି ବଢାଇ ଦିଆଯାଇଥିବା ନେଇ ଦନ୍ତେୱାଡା ଏସପି ଗୌରବ ରାୟ ସୂଚନା ଦେଇଛନ୍ତି।



# ମାରିୱାଡ଼ାରେ ମା’ ମାଉଳିଙ୍କ ପୂଜା

କୋରୁକୋଣ୍ଡା, ୫ ।୩(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମାରିୱାଡା ସଦର ପଞ୍ଚାୟତରେ ମା’ମାଉଳିଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଶତାଧିକଙ୍କ ଭକ୍ତଙ୍କ ଭିଡ଼ ପ୍ରତ୍ୟେକ ୨ ବର୍ଷକୁ ଥରେ ଏଠାରେ ଜମିଥାଏ। ଏହି ପୂଜା ୩ ଦିନ ଧରି ବହୁ ଆଡମ୍ବର ସହକାରେ ପାଳିତ ହେଉଥିବା ବେଳେ ମା ମାଉଳି ଙ୍କ ଆଶୀର୍ବାଦ ନିମନ୍ତେ ଆଜି ୩ୟ ଦିନରେ ପହଞ୍ଚିଥିଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ। ବିଧାୟକ ଶ୍ରୀ ଖିଲ ପହଞ୍ଚି ମା ମାଉଳି ଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ଦିର ନିମନ୍ତେ ରାସ୍ତା ଏବଂ କମ୍ୟୁନିଟି ସେଣ୍ଟର ପରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ରହିଥିବା ପୂଜା କମିଟି ପକ୍ଷରୁ ବିଧାୟକ ଶ୍ରୀ ଖିଲଙ୍କୁ ଅବଗତ କରାଯାଇଥିଲା। ବିଧାୟକ ମନ୍ଦିର ପରିଦର୍ଶନ କରିବା ସହ କଣ କଣ ମନ୍ଦିରର ଆବଶ୍ୟକତା ରହିଛି ତାର ଅନୁଧ୍ୟାନ କରିଥିଲେ। ତୁରନ୍ତ ମା’ଙ୍କ ମନ୍ଦିରରେ କମ୍ୟୁନିଟି ସେଣ୍ଟର ଏବଂ ରାସ୍ତା ନିର୍ମାଣ କରାଯିବ ବୋଲି ବିଧାୟକ ଶ୍ରୀ ଖିଲ ପ୍ରତିଶ୍ରୁତି ଦେଇଥିଲେ। ମା’ମାଉଳିଙ୍କ ପୂଜା ଏହି ଗ୍ରାମବାସୀ ଆଜିକୁ ୧୦୦ ବର୍ଷରୁ ଅଧିକ ସମୟ ହେବ କରି ଆସୁଥିବା କହିଥିଲେ। ପୂଜା ନିମନ୍ତେ ମେଳା ର ଆୟୋଜନ ହୋଇଥିବା ବେଳେ ମେଳା ବୁଲି ଦେଖିଥିଲେ ବିଧାୟକ। ଗ୍ରାମର ମୁକା ପୂଜାରୀ, ଜଗନ୍ନାଥ ଗଣ୍ଡ, ଗ୍ରାମ ପେଦା ସେନା ପୂଜାରୀ, ୱାଗା ପଡ଼ିଆମୀ, କଂଗ୍ରେସ ବ୍ଲକ ସଭାପତି ମୁକୁନ୍ଦ ମାଡକାମୀ, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପାତ୍ର, ବାଲିମେଳା ବିଧାୟକ ପ୍ରତିନିଧି ଇସାକ୍ ଖୋସଲାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଇଙ୍ଗା ଥେରୁବାଲିରେ ଜାତୀୟ ସୁରକ୍ଷା ସପ୍ତାହ



କୋଲନରା, ୫।୩(ସମିସ): ଇଙ୍ଗା ଥେରୁବାଲି ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ୟୁନିଟ୍ ମୁଖ୍ୟ ତଥା ଇଆଇସି ଜି.ଭି. ରାକେଶଙ୍କ ରଣନୈତିକ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମ କାରଖାନାର “ସୁରକ୍ଷା ସର୍ବାଗ୍ରେ” ସଂସ୍କୃତି ଏବଂ କର୍ମଚାରୀଙ୍କ କଲ୍ୟାଣ ପ୍ରତି ଥିବା ଅତୁଟ ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି। ଏହି ସମାରୋହରେ ଇଂ ଚିତ୍ତରଞ୍ଜନ ବେଉରା,ଉପ ନିର୍ଦ୍ଦେଶକ କାରଖାନା ଏବଂ ବାଷ୍ପୀୟ ବିଭାଗ ରାୟଗଡା ମଣ୍ଡଳ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସୁରକ୍ଷା ପତାକା ଉତ୍ତୋଳନ ପରେ ସମସ୍ତେ ସମ୍ମିଳିତ ଭାବେ ସୁରକ୍ଷା ଶପଥ ପାଠ କରିଥିଲେ। ଇଙ୍ଗା ଥେରୁବାଲିର ୟୁନିଟ୍ ମୁଖ୍ୟ ଶ୍ରୀ ରାକେଶ ଚଳିତ ବର୍ଷର ଆଭିମୁଖ୍ୟ “ସୁରକ୍ଷା ବୃଦ୍ଧି ପାଇଁ ଲୋକଙ୍କୁ ନିୟୋଜିତ କରନ୍ତୁ, ଶିକ୍ଷିତ ହୁଅନ୍ତୁ ଏବଂ ସଶକ୍ତ କରନ୍ତୁ” ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସୁରକ୍ଷା କମିଟି ସଦସ୍ୟମାନଙ୍କ ସକ୍ରିୟ ଯୋଗଦାନକୁ ସମ୍ମାନ ଜଣାଇ ପୁରସ୍କାର ବିତରଣ କରାଯାଇଥିଲା। ବିପଦମୁକ୍ତ ପରିବେଶ ବଜାୟ ରଖିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଉପେନ୍ଦ୍ରନାଥ ମହାନ୍ତି, କୌଶର ଅଲି, ମଦନ ମୋହନ ମହାନ୍ତି, ରୀତା ପ୍ରିବାକା, ତିରୁପତି ନୀଳଗିରି, ଇ. କିରଣ କୁମାର, ସନ୍ତୋଷ ପାଣିଗ୍ରାହୀ, ଉପେନ୍ଦ୍ର ନାଥ ଦାଶ, ବିଜୟ କୁମାର ଗରାଡ଼ିଆ ଏବଂ ଗିରିଧାରୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ବରିଷ୍ଠ ପରିଚାଳକ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ଉପ ମହା ପ୍ରବନ୍ଧକ କ୍ଷିତିଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୁରକ୍ଷା ବିଭାଗର ଅଧିକାରୀ ତିରୁପତି ପଣ୍ଡା କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ସଂଗଠିତ କରିଥିଲେ।

## ● ସାମ୍ବାଦିକଙ୍କ ନାଁରେ ପ୍ରଧାନ ଶିକ୍ଷକଙ୍କ ଏତଲା ଘଟଣା

# ଥାନା ଅଧିକାରୀଙ୍କ ସହ ପ୍ରେସ୍ ଆଣ୍ଡ ମିଡ଼ିଆ ଆସୋସିଏସନ୍‌ର ଆଲୋଚନା



ମୁନିଗୁଡା /ଅମ୍ବାଦଳା,୫।୩(ସମିସ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବୋଦଳା ସ୍ଥିତ କଲ୍ୟାଣ ବିଭାଗର ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ୪-୫ ମାସ ଧରି ହୋଇ ଆସୁଥିବା ବିଭିନ୍ନ ଅନିୟମିତତାକୁ ନେଇ ସ୍ଥାନୀୟ ସାମ୍ବାଦିକ ମାନେ ଖବର ପ୍ରସାରଣ କରିଥିଲେ। ଖବର ପ୍ରସାରଣ ପରେ ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ଉତ୍ତ୍ୟକ୍ତ ହେବା ସହ ୭ ଜଣ ସାମ୍ବାଦିକ ନାଁରେ ଅମ୍ବାଦଳା ଥାନାରେ ବିଭିନ୍ନ ମିଥ୍ୟା ଅଭିଯୋଗ ଆଣି ଏତଲା ଦେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସାମ୍ବାଦିକ ମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ରାୟଗଡା ଜିଲ୍ଲା ପ୍ରେସ ଆଣ୍ଡ ମିଡ଼ିଆ ୱେଲଫେର ଆସୋସିଏସନର ସମସ୍ତ ସଦସ୍ୟ ତଥା ଜିଲ୍ଲାର ସାମ୍ବାଦିକ ମାନେ ଅମ୍ବାଦଳା ଥାନାରେ ପପହଞ୍ଚି ଥାନା ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଏକ ଲିଖିତ ପତ୍ର ଦେଇଥିଲେ। ଖୁବ ଶୀଘ୍ର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଜେକେ କାଗଜ କଳରେ ରାଷ୍ଟ୍ରୀୟ ସୁରକ୍ଷା ଦିବସ




ରାୟଗଡା/ଜେକେପୁର, ୫।୩(ସମିସ): ରାୟଗଡ଼ା ଜିଲ୍ଲାର ଅଗ୍ରଣୀ ଶିଳ୍ପାନୁଷ୍ଠାନ ଜେକେ କାଗଜ କଳ ପରିସରରେ ଆଜି ରାଷ୍ଟ୍ରୀୟ ସୁରକ୍ଷା ଦିବସ ଓ ସପ୍ତାହ ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱଜିତ ଦ୍ୱିବେଦୀ, ଉପସଭାପତି ବାଣିଜ୍ୟ ଓ ସମ୍ମାନିତ ଅତିଥି ଭାବେ ସନ୍ଦୀପ ପାଣ୍ଡେ, ମହାପ୍ରବନ୍ଧକ, ମାନବ ସମ୍ବଳ ଓ ଶିଳ୍ପ ସମ୍ବନ୍ଧୀୟ, ଯୋଗଦାନ କରିଥିଲେ। ସର୍ବ ପ୍ରଥମେ ମୁଖ୍ୟ ଅତିଥି ସେଫ୍ଟି ଫ୍ଲାଗ୍ ଉତ୍ତୋଳନ କରିଥିଲେ ଓ ସେଠାରେ ଉପସ୍ଥିତ ଥିବା କର୍ମଚାରୀ ମାନଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ। ଜେକେ କାଗଜ କଳ କିପରି ଉତ୍ପାଦନ ଅପେକ୍ଷା ସୁରକ୍ଷାକୁ ପ୍ରାଧାନ୍ୟ ଦିଏ ତାହା ଅବଗତ କରାଇଥିଲେ।ଏହି ସୁରକ୍ଷା ସପ୍ତାହରେ ବିଭିନ୍ନ ପ୍ରକାରର ସୁରକ୍ଷା ପ୍ରତିଯୋଗିତା ଯଥା ରଚନା, କୁଇଜ, ପୋଷ୍ଟର ଅଙ୍କନ, ସ୍ଲୋଗାନ ଓ ସଚେତନତା କର୍ମଶାଳା ର ଆୟୋଜନ କରାଯାଇଛି। ମହାପ୍ରବନ୍ଧକ (ଇଏଚ୍‌ଏସ୍) ସତ୍ୟଜିତ ମହାନ୍ତି ଉଦ୍‌ଘାଟନ ଭାଷଣ ଦେଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଗତ ଦିନରେ ଜେକେ କାଗଜ କଳରେ ଥିବା ଉତ୍କୃଷ୍ଟ ସୁରକ୍ଷା ବ୍ୟବସ୍ଥା ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଯୋଗୁଁ ଶ୍ରୀ ମହାନ୍ତି କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ବରିଷ୍ଠ ପ୍ରବନ୍ଧକ ରମାରଞ୍ଜନ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବରେ ଅରୁଣ ଦାସ, ଉପ ପ୍ରବନ୍ଧକ (ସୁରକ୍ଷା), ଅମିତ୍ ପଟ୍ଟନାୟକ, ସହ ପ୍ରବନ୍ଧକ (ସୁରକ୍ଷା) ହର୍ଷରାଜ ସାହୁ, ଅଫିସର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଗଜ କଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଗଣ ଉପସ୍ଥିତ ଥିଲେ।

# ଫେସ୍‌ବୁକ୍ ପ୍ରେମିକଙ୍କ ସହ ଦୁଇ ପୁଅର ମାଆ ଫେରାର !

କୋରୁକୋଣ୍ଡା, ୫ ।୩(ସମିସ):



ଦୁଇ ପୁଅର ମାଆଙ୍କୁ ଫେସବୁକ୍ ବନ୍ଧୁଙ୍କ ସହ ହେଲା ପ୍ରେମ। ଏହାପରେ ପ୍ରେମିକଙ୍କ ସହ ସେ ଫେରାର ହୋଇଯାଇଥିବା ଜଣାପଡିଛି। ଏଭଳି ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ଏନଏସି ୱାର୍ଡ ନଂ -୨ ପରଜାଗୁଡାରେ ଘଟିଛି। ପରଜାଗୁଡା ବାସିନ୍ଦା ମିଳନ ମିସ୍ତ୍ରୀଙ୍କ ପତ୍ନୀ ଲାଇଲି ମିସ୍ତ୍ରୀ ଘରେ ୧୮ ମାସର ଅସୁସ୍ଥ ପୁଅ(ମଳ ଦ୍ୱାର ନାହିଁ ) ଏବଂ ୯ ବର୍ଷର ପୁଅକୁ ଛାଡି ପଡ଼ୋଶୀ ଘରକୁ ଯାଉଛି କହି କେଉଁ ଆଡେ ପଳାଇଥିଲେ । କିନ୍ତୁ ପରେ ପରିବାର ପକ୍ଷରୁ ନିଖୋଜ ହୋଇଯାଇଥିବା ନେଇ ଓର୍କେଲ ଥାନାରେ ଏକ ଏତଲା ଦିଆଯାଇଥିଲା।
ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମହିଳା ଜଣଙ୍କ ଫେବୃଆରୀ ୨୭ ଠାରୁ ନିଖୋଜ ଥିବା ବେଳେ ଅନେକ ଖୋଜାଖୋଜି ପରେ ପତ୍ନୀଙ୍କ କୌଣସି ଖୋଜଖବର ନମିଳିବାରୁ ସ୍ୱାମୀ ମିଳନ ଏନେଇ ଗତ ଶୁକ୍ରବାର ଦିନ ଓର୍କେଲ ଥାନାର ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ଦୀର୍ଘ ଚାରି ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ହାତ ଖାଲି ରହିଥିବା ବେଳେ ସ୍ୱାମୀ ମିଳନ ଦୁଇ ପୁଅଙ୍କୁ ନେଇ ଏବେ ଚିନ୍ତାରେ ବ୍ୟତିବ୍ୟସ୍ତ ଥିବା କହିଛନ୍ତି। ଆହୁରି ସ୍ୱାମୀ ମିଳନଙ୍କ କହିବାନୁଯାୟୀ ତାଙ୍କ ପତ୍ନୀ ଲାଇଲି ଫେସବୁକ ପ୍ରେମିକଙ୍କ ସହ ଦେଢ଼ ବର୍ଷରୁ ଉର୍ଦ୍ଧର ସମୟ ଧରି ଫେସବୁକ ଏବଂ ହ୍ୱାଟସଆପ୍‌ରେ ଚାଟିଙ୍ଗ କରୁଥିଲେ। ଦିନେ ଚାଟିଙ୍ଗ କରୁଥିବା ବେଳେ ଧରାପଡ଼ିବା ପରେ ପ୍ରେମିକ ଜଣଙ୍କ ଭୁଲରେ ଫୋନ ଲାଗି ଯାଇଥିଲା ବୋଲି କହି ଫୋନ ବନ୍ଦ କରି ଦେଇଥିଲେ। ପତ୍ନୀ ପଳାଇବାର ଦୁଇ ଦିନ ପରେ ଗତ ଦୁଇ ଦିନ ହେବ ପତ୍ନୀ ଲାଇଲି ସ୍ୱାମୀ ମିଳନଙ୍କୁ ଫୋନ୍ କରୁଛନ୍ତି। ମୋର ଭୁଲ ହୋଇଯାଇଛି କହିବା ସହ ମୋତେ ତୁରନ୍ତ ଏଠାରୁ ନେଇଯାଅ ବୋଲି କାନ୍ଦି କାନ୍ଦି ନିବେଦନ କରୁଛନ୍ତି। ଯେଉଁ ମୋବାଇଲ ନମ୍ବରରୁ ଲାଇଲି ଫୋନ କରିଥିଲେ ସେହି ନମ୍ବର ସହ ସମସ୍ତ ଘଟଣା ସମ୍ପର୍କରେ ପୁଲିସକୁ କହିଛନ୍ତି ମିଳନ। ଦୁଇ ପୁଅଙ୍କ ମଧ୍ୟରୁ ଜଣେ ଅସୁସ୍ଥ ପୁଅକୁ ସମ୍ଭାଳିବା କଷ୍ଟକର ହେଉଛି। ଏଣୁ ପତ୍ନୀ ଲାଇଲିଙ୍କୁ ଯଥାଶୀଘ୍ର ପୁଲିସ ଘରକୁ ଫେରାଇ ଆଣନ୍ତୁ ବୋଲି ବିନମ୍ର ଅନୁରୋଧ କରିଛନ୍ତି। ତେବେ ଏ ସମ୍ପର୍କରେ ତଦନ୍ତକାରୀ ପୁଲିସ ଅଧିକାରୀ ଏସଆଇ ମନୋହର ସାହୁଙ୍କୁ ପଚାରିବାରୁ ଏସଡିଆରଙ୍କୁ ସିଡିଆର ରିପୋର୍ଟ ମଗାଯାଇଛି। ରିପୋର୍ଟ ମାଧ୍ୟମରେ ତାଙ୍କର ସଠିକ ସ୍ଥାନ ଜଣାପଡ଼ିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବୈଦିକ ଉତ୍କଳୀୟ ବ୍ରାହ୍ମଣ ସମାଜର ପଞ୍ଜିକା ପଠନ



ମାଥିଲି, ୫ ।୩(ସମିସ): ଶ୍ରୀ ଜଗନ୍ନାଥ ବୈଦିକ ଉତ୍କଳୀୟ ବ୍ରାହ୍ମଣ ସମାଜ ମାଥିଲି ତରଫରୁ ନୂତନ ପଞ୍ଜିକା ପଠନ ସମାଜ ସଭାପତି ଶିବପ୍ରସାଦ ପରିଛାଙ୍କ ନେତୃତ୍ୱରେ ମାଥିଲୀ ଶ୍ରୀରାମଲିଙ୍ଗେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ସମାଜର ବରିଷ୍ଠ ଉପଦେଷ୍ଟା ଶିମାଞ୍ଚଳ ପାତ୍ର ଓ ବସନ୍ତ କୁମାର ପଣ୍ଡା ଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର ଚଳିତ ବର୍ଷର ଶୁଭାଶୁଭ ପଢି ବୁଝାଇ ଥିଲେ। ପର୍ବପର୍ବାଣୀ ପାଳନ ଗ୍ରହ ଚଳନ ବିଶ୍ୱର ତଥା ଭାରତ ବର୍ଷ ଏବଂ ଓଡିଶା ର ଚଳିତ ବର୍ଷର ଫଳାଫଳ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୌତମ ପଣ୍ଡା,.ସହସମ୍ପାଦକ ଶ୍ରୀଧର ପାଢୀ, କୋଷାଧ୍ୟକ୍ଷ ଗୁପ୍ତପ୍ରସାଦ ପଣ୍ଡା, ରଜନୀକାନ୍ତ ପଣ୍ଡା, ଲକ୍ଷ୍ମୀକାନ୍ତ ସାହୁ, ସନ୍ତୋଷ ପୁଜାରୀ, ସତ୍ୟନାରାୟଣ ଦାଶ, ଅଭୟ ଚୌଧୁରୀ, ବିକାଶ ପରିଛା ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ଅଙ୍ଗନବାଡି କର୍ମୀ ନିଯୁକ୍ତି ଦେବା ପାଇଁ ବିଡିଓଙ୍କୁ ଲିଖିତ ପତ୍ର



କଲ୍ୟାଣସିଂହପୁର,୫।୩(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଷାଲି ପଞ୍ଚାୟତର ଲାକପଦାର ଗ୍ରାମରେ ଅଙ୍ଗନବାଡି କର୍ମୀ ଭାବେ ବାସନ୍ତୀ ମାଝୀଙ୍କୁ ନିଯୁକ୍ତି ଦେବା ପାଇ ନିୟମଗିରି ଡଙ୍ଗରିଆ କନ୍ଧ ମାନେ ଅଭିଯୋଗ କରିଛନ୍ତି। ଆଜି ଲାକପଦାର ଗ୍ରାମର ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକାଙ୍କ ନେତୃତ୍ୱରେ ଲାକପଦର, ପଟାଙ୍ଗପଦର, ଲାମ୍ବା ଓ ଗୁମ୍ମାର କିଛି ଡଙ୍ଗରିଆ ମାନେ ଏକତ୍ରିତ ହୋଇ ଲାକପଦର ଗ୍ରାମର ଅରବିନ୍ଦ ଶିକକାଙ୍କ ପତ୍ନୀ ବାସନ୍ତି ମାଝୀଙ୍କୁ ଅଙ୍ଗନବାଡି କର୍ମୀ ଭାବେ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଶିକ୍ଷାଗତ ଯୋଗ୍ୟତା ସହ ସେ ଗ୍ରାମର ବୋହୂ। ଅନ୍ୟ କାହାକୁ ନିଯୁକ୍ତି ଦେଲେ ସ୍ୱାଭାବିକ ଭାବେ ଅପହଞ୍ଚ ହେବା ଆଶଙ୍କା ରହିଥିବା ଯୋଗୁଁ ଗ୍ରହଣୀୟ ହେବ ନାହିଁ। ତେଣୁ ଗ୍ରାମର ବୋ।ହୂ ବାସନ୍ତିଙ୍କୁ ଅଙ୍ଗନବାଡି କର୍ମୀ ଭାବେ ନିଯୁକ୍ତି ଦିଆଯାଉ ବୋଲି ଉପ ଜିଲ୍ଲାପାଳ, ବିଡ଼ିଓ ମନୀଷା ଦାସ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦଧି ଶିକକା, କୁମୁଡାଡ଼ି ୱାଞ୍ଜେଲେକା, ମୁଣ୍ଡି ଶିକକା, କଚାଡି ଶିକକା, ତେଲାଡି ଜାକେଶିକା, ବାଙ୍ଗାରୀ ଶିକକା, ପେଟା ଶିକକା, ସିନ୍ଧି ଶିକକା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଏମଭି-୨୬ ପୋଡ଼ାଜଳା ଘଟଣା

# ସହାୟତା ରାଶି ବୃଦ୍ଧି କଲେ ରାଜ୍ୟ ସରକାର



ମାଲକାନଗିରି/କୋରୁକୋଣ୍ଡା, ୫ ।୩(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ରାଖେଲଗୁଡା ଏବଂ ଏମଭି-୨୬ ଗାଁ ମଧ୍ୟରେ ହୋଇଥିବା ହିଂସାକାଣ୍ଡରେ କ୍ଷତି ପୂରଣ ପାଇଁ ପୂର୍ବ ଘୋଷିତ ଅନୁକମ୍ପା ରାଶିର ପରିମାଣକୁ ବୃଦ୍ଧି କଲେ ରାଜ୍ୟ ସରକାର। ଏମଭି-୨୬ ପୋଡା ଜଳା ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ପୂର୍ବ ଘୋଷିତ ସହାୟତା ରାଶିକୁ ନେଇ ଜନ ଅସନ୍ତୋଷ ପରେ ଜିଲ୍ଲା ବିଜେପିର ଅନୁରୋଧରେ ବାଧ ହୋଇ ଏହାକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏନେଇ ମାଲକାନଗିରି ବିଧାୟକ ନରସିଂହ ମାଡକାମି ନିଜ ସରକାରୀ ବାସଭବନରେ ଏକ ଗଣମାଧ୍ୟମ ସମ୍ମିଳନୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗତ କିଛି ମାସ ପୂର୍ବରୁ ଜିଲ୍ଲାର ରାଖେଲଗୁଡା ଗାଁର ଏକ ଜମିକୁ ନେଇ ଉପୁଜିଥିବା ବିବାଦ ପରବର୍ତ୍ତୀ ମୂହୁର୍ତ୍ତରେ ଜଘନ୍ୟ ହତ୍ୟାକାଣ୍ଡ ଓ ଉତ୍ତେଜନା ମୂଳକ ରୂପ ଧାରଣ କରିଥିଲା। ସେହି ହତ୍ୟାକାଣ୍ଡକୁ କେନ୍ଦ୍ର କରି ଏମଭି-୨୬ ଗାଁରେ ବ୍ୟାପକ ଭଙ୍ଗାରୁଜା ସହ ପୋଡ଼ାଜଳା ହୋଇଥିଲା। ଏଥିରେ ଏମଭି-୨୬ ଗାଁର ପାଖାପାଖି ୧୯୧ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଜନ ପ୍ରତିନିଧି ଏବଂ ବୁଦ୍ଧିଜୀବୀଙ୍କ ଆପୋଷ ବୁଝାମଣା ଓ ଆଲୋଚନା ମାଧ୍ୟମରେ ଉଭୟ ଗାଁରେ ଶାନ୍ତି ଶୃଙ୍ଖଳା ଫେରିବା ସମ୍ଭବ ହୋଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ପ୍ରଶାସନ ଦ୍ୱାରା ଏମଭି - ୨୬ ଗାଁର ସମସ୍ତ କ୍ଷତିଗ୍ରସ୍ତ ଘରକୁ ଅନୁଧ୍ୟାନ କରିବା ପରେ କ୍ଷୟକ୍ଷତିର ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘର ପିଛା ୭୦ ହଜାର ଏବଂ ଦୋକାନ ଘର ପିଛା ୨୦ ହଜାର ଟଙ୍କା ଏବଂ ମୃତ ଲାକେ ପଡିଆମିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିଲେ। କିନ୍ତୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କ୍ଷତିପୂରଣ ରାଶି ୧୯୧ ଘର କ୍ଷତିଗ୍ରସ୍ତ ପରିବାରଙ୍କୁ ଯଥେଷ୍ଟ ନୁହେଁ ବୋଲି ଏମଭି -୨୬ ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଥିଲେ। ଜିଲ୍ଲା ବିଜେପି କର୍ମକର୍ତ୍ତା ମାନେ ମଧ ଏହି ଅନୁକମ୍ପା ରାଶି ଲୋକଙ୍କ ପାଇଁ ଉଚିତ ପରିମାଣର କ୍ଷତିପୂରଣ ନୁହେଁ ବୋଲି ଅନୁଭବ କରି ଏହାକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ଶେଷରେ ରାଜ୍ୟ ସରକାର ତଥା ଏମଭି-୨୬ ଗ୍ରାମବାସୀ ଏବଂ ଜିଲ୍ଲା ବିଜେପି କର୍ମକର୍ତ୍ତାଙ୍କ ଗୁହାରିକୁ ଶୁଣିବା ସହିତ ପୁନର୍ବାର ଅନୁକମ୍ପା ବୃଦ୍ଧିର ଘୋଷଣା କରିଛନ୍ତି। ବର୍ତ୍ତମାନ ଏମଭି-୨୬ ଗାଁର ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ମୋଟ ୪ କୋଟି ୬୫ ଲକ୍ଷ ୪୭ ହଜାର ୨୬୯ ଟଙ୍କା ସହାୟତା ମିଳିବ ବୋଲି ସରକାର ଘୋଷଣା କରିଥିବା ବେଳେ ରାଖେଲଗୁଡା ଗାଁର ମୃତକ ଲାକେ ପଡିଆମିଙ୍କ ପରିବାରକୁ ୧୦ ଲକ୍ଷ ବଦଳରେ ୨୦ ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଛି। ଯାହା ଗତ ଧାର୍ଯ୍ୟ ଅନୁକମ୍ପା ରାଶି ଠାରୁ ୪ ଗୁଣକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ତେବେ ବିଜେପି କର୍ମକର୍ତ୍ତା ଏବଂ ଜିଲ୍ଲା ବାସୀଙ୍କ ନିବେଦନ କ୍ରମେ ଏମଭି-୨୬ ପିଡିତଙ୍କ ସହାୟତା ରାଶି ଚାରି ଗୁଣ ବୃଦ୍ଧି କରିଥିବାରୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଏବଂ ବିଜେପି କର୍ମକର୍ତ୍ତା ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ, ଏମପି ପୌରପାଳିକା ପ୍ରତିନିଧି ବିଜୟ କୁମାର ମହାରଣା, ପୂର୍ବତନ ଜିଲ୍ଲା ବିଜେପି ସଭାପତି ନିମାଇଁ ପାଲ, ବରିଷ୍ଠ ବିଜେପି ନେତା ଗୁରୁଚରଣ ମହାନ୍ତି, ଜିଲ୍ଲା ମିଡିଆ ପ୍ରଭାରୀ ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।